


ବିଧ୍ୱଂସୀ ପାଟିଦାର୍

ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-328 ◆WEDNESDAY ◆27 MAY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୨୮ ◆ବୁଧବାର ◆୨୭ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



JSW Steel

JSW Utkal Steel Limited



**ଶ୍ରୀ ନରେନ୍ଦ୍ର ମୋଦୀ**
ମାନ୍ୟବର ଭାରତର ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡିଶା

## JSW ଉତ୍କଳ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପ ଶୁଭାରମ୍ଭ ସମାରୋହ

### ୧୩.୨ MTPA କ୍ଷମତାସମ୍ପନ୍ନ ମେଗା ଇଣ୍ଟିଗ୍ରେଟେଡ୍ ଗ୍ରୀନଫିଲ୍ଡ ଷ୍ଟିଲ୍ ପ୍ଲାଣ୍ଟ

### ଢିଙ୍କିଆ, ପାରାଦୀପ, ଜିଲ୍ଲା - ଜଗତସିଂହପୁର, ଓଡିଶା

୨୭.୦୫.୨୦୨୬, ବୁଧବାର

ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ **ଶ୍ରୀ ମୋହନ ଚରଣ ମାଝୀଙ୍କ** ଗରିମାମୟ ଉପସ୍ଥିତିରେ, ଆମେ ଗର୍ବର ସହିତ ଢିଙ୍କିଆ, ପାରାଦୀପଠାରେ **JSW ଉତ୍କଳ ଷ୍ଟିଲ୍ ପ୍ଲାଣ୍ଟ** ପ୍ରକଳ୍ପ ର ଶୁଭାରମ୍ଭ କରୁଛୁ ।

ଉପସ୍ଥିତ ଗରିମାମୟ ଅତିଥିବୃନ୍ଦ - ଶ୍ରୀ ବିଭୂତି ଭୂଷଣ ଜେନା, ମାନ୍ୟବର ବିଧାୟକ, ଗୋପାଳପୁର ଏବଂ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ, ଓଡିଶା ସରକାର, ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମାନ୍ୟବର ବିଧାୟକ, ପାରାଦୀପ ଏବଂ ଶିଳ୍ପ ମନ୍ତ୍ରୀ, ଓଡିଶା ସରକାର, ଶ୍ରୀ ବିଭୁ ପ୍ରସାଦ ତରାଇ, ମାନ୍ୟବର ସାଂସଦ, ଜଗତସିଂହପୁର, ଶ୍ରୀ ଶାରଦା ପ୍ରସନ୍ନ ଜେନା, ମାନ୍ୟବର ବିଧାୟକ, ବାଲିକୁଦା-ଏରସମା, ଶ୍ରୀ ଅମରେନ୍ଦ୍ର ଦାସ, ମାନ୍ୟବର ବିଧାୟକ, ଜଗତସିଂହପୁର, ଶ୍ରୀ ରମାକାନ୍ତ ଭୋଇ, ମାନ୍ୟବର ବିଧାୟକ, ତିର୍ତ୍ତୋଲ, ଶ୍ରୀ ଡି. କେ. ସିଂହ, ଉନ୍ନୟନ କମିଶନର, ଓଡିଶା ସରକାର, ଶ୍ରୀ ହେମନ୍ତ ଶର୍ମା, ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଗୃହ, ଶିଳ୍ପ ଓ ଲୋକ ସମ୍ପର୍କ), ଓଡିଶା ସରକାର, ଶ୍ରୀ ସଜ୍ଜନ ଜିନ୍ଦଲ, ଚେୟାରମ୍ୟାନ, JSW ଗ୍ରୁପ୍, ଶ୍ରୀ ଜୟନ୍ତ ଆଚାର୍ଯ୍ୟ, ଜେଏମଡି ଓ ସିଇଓ, JSW ଷ୍ଟିଲ୍ ଏବଂ ଶ୍ରୀ ଅରୁଣ ମାହେଶ୍ୱରୀ, ନିର୍ଦ୍ଦେଶକ - ବାଣିଜ୍ୟ ଓ ବିପଣନ, JSW ଷ୍ଟିଲ୍ ।

ଭାରତର ସର୍ବାଧିକ ଇସ୍ପାତ ଉତ୍ପାଦନକାରୀ ରାଜ୍ୟ ଭାବେ ଓଡିଶାର ଉଦୟ ଏବଂ ଦେଶର **'ମିଶନ ପୂର୍ବୋଦୟ'** ରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟରେ, JSWର ଏହି ନିବେଶ ପୂର୍ବ ଭାରତର ଶିଳ୍ପାୟନ ଓ ଆର୍ଥିକ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପ୍ରତି ଏକ ଦୃଢ଼ ପ୍ରତିବଦ୍ଧତାର ପ୍ରତୀକ ।

**ଓଡିଶାର ଜଗତସିଂହପୁର**ରେ ରଣନୀତିଗତ ଭାବେ ସ୍ଥାପିତ ଏହି ବିଶ୍ୱସ୍ତରୀୟ ଷ୍ଟିଲ୍ ପ୍ଲାଣ୍ଟ, **୧୩.୨ MTPA ଏବଂ ତଦୁର୍ଦ୍ଧ୍ୱ** କ୍ଷମତା ସହ, ହଜାର ହଜାର ରୋଜଗାର ସୁଯୋଗ ସୃଷ୍ଟି କରିବା ସହ ସହଯୋଗୀ ଶିଳ୍ପକୁ ସୁଦୃଢ଼ କରିବ ଏବଂ ଓଡିଶାକୁ ଏକ ଅଗ୍ରଣୀ ଶିଳ୍ପ ଓ ଆର୍ଥିକ ଶକ୍ତିକେନ୍ଦ୍ର ଭାବେ ଆହୁରି ସଶକ୍ତ କରିବ ।

## ଏକ ଶକ୍ତିଶାଳୀ, ଆତ୍ମନିର୍ଭର ଭାରତ ଗଠନ ଦିଗରେ ଆଉ ଏକ ପଦକ୍ଷେପ ।



### ବିବାଦ ଘେରରେ ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ବିଭାଗର ଭୂମିକା

# ହେଉନି ଜିଲ୍ଲା ମହୋତ୍ସବ ସମୀକ୍ଷା ବୈଠକ

ଜଗତସିଂହପୁର,୨୬।୫(ସମିସ)

ଜଗତସିଂହପୁର ଜିଲ୍ଲା ମହୋତ୍ସବ 'କଲ୍ଲୋଳ-୨୦୨୬' ସରିବାର ୨ ମାସ ବିତିବାକୁ ବସିଲାଣି। ହେଲେ ମହୋତ୍ସବ ପାଳନ ବେଳେ ଦେଖା ଦେଇଥିବା ଅବ୍ୟବସ୍ଥା ଏବଂ ଭୂଲତ୍ରୁଟିର ସମୀକ୍ଷା ପାଇଁ କାହିଁକି ବୈଠକ ଡକାଯାଉ ନାହିଁ ତାକୁ ନେଇ ଉଠିଛି ପ୍ରଶ୍ନ। ସେପଟେ କିନ୍ତୁ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସଂସ୍କୃତି ବିଭାଗ ପାଲଟିଛି ନିଦାବିଷ୍ଟୁ। ଗତ ଏପ୍ରିଲ ମାସ ୧ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଆୟୋଜିତ ହୋଇଥିଲା ଜିଲ୍ଲା ଉତ୍ସବ 'କଲ୍ଲୋଳ-୨୦୨୬'। ଇତି ମଧ୍ୟରେ ଉତ୍ସବ ସରିବାର ୧ ମାସ ୨୧ ଦିନ ବିତି ଯାଇଥିବା ବେଳେ ନାନା ବିବାଦ ଓ ଅବ୍ୟବସ୍ଥା ମଧ୍ୟରେ ଆୟୋଜିତ ଏହି ଉତ୍ସବର ସମୀକ୍ଷା ବୈଠକ କାହିଁକି ଡକାଯାଉନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷକରି ଜିଲ୍ଲା ମହୋତ୍ସବ ଆୟୋଜନରେ ହୋଇଥିବା ଆୟବ୍ୟୟ ସାର୍ବଜନୀନ କରିବାରେ ସଂସ୍କୃତି ବିଭାଗର ପଛଘୁଞ୍ଚାକୁ ସାଧାରଣରେ ନାପସନ୍ଦ କରାଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ, ଗତ ୨୦୨୫ ମସିହା ଜିଲ୍ଲା ମହୋତ୍ସବ ପରେ ମଧ୍ୟ ଉତ୍ସବର ଆୟବ୍ୟୟ ସାର୍ବଜନୀନ କରାଯାଇନଥିଲା। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ସମୀକ୍ଷା ବୈଠକ ଡାକିବାକୁ ସେହିବର୍ଷ ଜୁଲାଇ ୧୮ ତାରିଖରେ ଜିଲ୍ଲା ମହୋତ୍ସବ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଜଗତସିଂହପୁର ସଦର ବିଧାୟକ ଅମରେନ୍ଦ୍ର ଦାସ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ। ହେଲେ ଜିଲ୍ଲାପାଳ ବିଧାୟକଙ୍କ ଚିଠିକୁ ଗୁରୁତ୍ୱ ଦେଲେନାହିଁ କିମ୍ବା ବୈଠକ ଡାକିଲେ ନାହିଁ।

**ଗତବର୍ଷ ବିଧାୟକଙ୍କ ଦୁଇଥର ଚିଠି ପରେ ମଧ୍ୟ ହୋଇନଥିଲା**

ପୁଣିଥରେ ୨୦୨୬ ଫେବୃଆରୀ ୨୦ ତାରିଖରେ କ୍ଷୋଭବ୍ୟକ୍ତ କରିବା ସହିତ ତୁରନ୍ତ ସମୀକ୍ଷା ବୈଠକ ଡାକିବାକୁ ଜିଲ୍ଲାପାଳଙ୍କୁ ବିଧାୟକ ଶ୍ରୀ ଦାସ ଚିଠି ଲେଖିଥିଲେ। ହେଲେ ଜିଲ୍ଲାପାଳ କିମ୍ବା ଜିଲ୍ଲା ସଂସ୍କୃତି ବିଭାଗ କୌଣସି ପଦକ୍ଷେପ ଗ୍ରହଣ କଲେନାହିଁ। ବାରମ୍ବାର ଏଭଳି ହେଉଥିବାରୁ ଜିଲ୍ଲା ସଂସ୍କୃତି ବିଭାଗର କାର୍ଯ୍ୟଧାରା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଜିଲ୍ଲା ମହୋତ୍ସବ ସମୀକ୍ଷା ବୈଠକ ଡକାଯାଉ ନଥିବାରୁ ଜିଲ୍ଲା ମହୋତ୍ସବରେ ବ୍ୟାପକ ଅର୍ଥ ହେରଫେର ନେଇ ହେଉଥିବା ଅଭିଯୋଗ ସତ୍ୟ କି ବୋଲି ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ସେପଟେ ଗତବର୍ଷ ଭଳି ଜିଲ୍ଲା ସଂସ୍କୃତି ବିଭାଗ ବିନା ସମୀକ୍ଷାରେ ଉତ୍ସବର ଆୟ ବ୍ୟୟ ବିବରଣୀ ନୋଟିସ ବୋର୍ଡରେ ଝୁଲାଇ ଦେଇ କାମ ସାରିଦେବ ନା ଚଳିତବର୍ଷ ସମୀକ୍ଷା ବୈଠକ ଆୟୋଜନ କରିବ ତାହା ସ୍ପଷ୍ଟ ହୋଇନାହିଁ।

ଏଠାରେ ସୂଚନାଯୋଗ୍ୟ ଯେ, ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଜିଲ୍ଲା ମହୋତ୍ସବ ଆୟୋଜନରେ ଚରମ ବିଶୃଙ୍ଖଳା ଏବଂ ପ୍ରଶାସନିକ ଅଧିକାରୀ ମାନଙ୍କ ମନମାନୀ ପ୍ରତିଫଳିତ ହୋଇଥିବା ପରିଲକ୍ଷିତ ହୋଇଥିଲା। ଏହି ଉତ୍ସବ ପାଇଁ ଗଠିତ ବିଭିନ୍ନ ସବ୍-କମିଟିର ନିଷ୍ପତିକୁ ଉପେକ୍ଷା କରି ମନଇଚ୍ଛା କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିବା ଅଭିଯୋଗ ଉଠିଥିଲା। ସାଂସ୍କୃତିକ ସବ୍-କମିଟିରେ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁସାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର ପରମ୍ପରା ଚାଲି ଆସିଥିବା ବେଳେ ଗତବର୍ଷ ପରି ଚଳିତବର୍ଷ ମଧ୍ୟ ଏଥିରେ ଘୋର ବ୍ୟତିକ୍ରମ ପରିଲକ୍ଷିତ ହୋଇଥିଲା। ଏହାକୁ ନଜରରେ ରଖି ତୁରନ୍ତ ଜିଲ୍ଲା ଉତ୍ସବର ସମୀକ୍ଷା ବୈଠକ ଡକାଇ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପାଇଁ ବିଭିନ୍ନ ମହଲରେ ଦାବୀ କରାଯାଇଛି। ଜିଲ୍ଲାର ନିର୍ବାଚିତ ଲୋକ ପ୍ରତିନିଧି ତଥା ସାଂସଦ ଓ ବିଧାୟକ ମାନେ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରି ବିହିତ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡିଛି।

### ■ ମାଟି ଚାଲାଣ ଉପରେ ଲାଗୁନି ଅଙ୍କୁଶ

# ଭୁତମୁଣ୍ଡାଇ ନିକଟରୁ ପୁଣି ମାଟି ଲୁଟ୍




ପାରାଦୀପ,୨୬।୫(ସମିସ): ଜିଲ୍ଲାରେ ବେଆଇନ୍ ମାଟିଚାଲାଣ ଉପରେ ଜିଲ୍ଲା ପ୍ରଶାସନ ଅଙ୍କୁଶ ଲଗାଇଛନ୍ତି। କିନ୍ତୁ ମାଟି ମାଫିଆ ମାନେ ଦେଖି ଚାହିଁ ମାଟି ଲୁଟ କରୁଛନ୍ତି। ଏଭଳି ଘଟଣା ଆଜି ପୁଣି ଭୁତମୁଣ୍ଡାଇ ଅଞ୍ଚଳରେ ଘଟିଥିବା ଚର୍ଚ୍ଚା ହେଉଛି। ଖୋଦ ସରପଞ୍ଚ ନିଜେ ନେଇଥିବା କାମରେ ମାଟି ଲୁଟ କରି ପକାଉଥିବା ଅଭିଯୋଗ ହୋଇଛି। ତେବେ ଆର୍‌ଆଇ ଅଫିସ ସମ୍ମାରୁ ମାଟି ଜେସିବିରେ ତଡ଼ା ହୋଇ ଟ୍ରାକ୍ଟରରେ ବୁହାହୋଇଥିବା ଆଜି ସାମ୍ନାକୁ ଆସିଛି। ପାଖାପାଖି ୫୦ ଟ୍ରିପ୍ ମାଟି ତଡ଼ା ହୋଇଥିବା କଥା ଚର୍ଚ୍ଚାହେଉଛି। ତେବେ ଏହା କାହା ଅନୁମତିରେ ଏବଂ କାହା ସହସରେ ତଡ଼ା ଯାଉଥିଲା ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଚଳିତ ମାସରେ କୁଜଙ୍ଗ ବ୍ଲକ ଅଞ୍ଚଳରେ ଶହ ଶହ ଟ୍ରିପ ମାଟି ବେଆଇନ ଭାବେ ଚାଲାଣ ହେଉଥିବା ବେଳେ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇ ମେସିନ, ହାଇୱା ଓ କିଛି ଲୋକଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ହେଲେ ଏହାର ମାସେ ନ ପୂରୁଣୁ ପୁଣି ଦିନ ଦ୍ୱିପ୍ରହରରେ ଏଭଳି ମାଟି ଲୁଟ କରିବା ପ୍ରଶାସନର ପରିବା ପାଣିଆକୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ସବୁଆଡେ ଚର୍ଚ୍ଚା ହେଉଛି। ତେଣୁ ଏଭଳି ମାଟି ଲୁଟ କରୁଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଭୁତମୁଣ୍ଡାଇ ଅଞ୍ଚଳବାସୀ ଦାବି କରିଛନ୍ତି।

# ତିର୍ତ୍ତୋଲରେ ମହିଳା କଂଗ୍ରେସର ମଶାଲ ଶୋଭାଯାତ୍ରା



ଜଗତସିଂହପୁର,୨୬।୫(ସମିସ): ତିର୍ତ୍ତୋଲ ବ୍ଲକ କଂଗ୍ରେସ ତରଫରୁ ବ୍ଲକ କଂଗ୍ରେସ ସଭାପତି ସଫି ଆଜମ୍‌ଙ୍କ ନେତୃତ୍ୱରେ ଏବଂ ଜିଲ୍ଲା କଂଗ୍ରେସ ସଭାପତି ଦେବ ପ୍ରସାଦ ନାୟକଙ୍କ ଉପସ୍ଥିତିରେ ସଂସଦରେ ମହିଳାମାନଙ୍କ ପାଇଁ ପାରିତ ହୋଇଥିବା ୩୩ ପ୍ରତିଶତ ସଂରକ୍ଷଣ ବିଲ୍‌କୁ ତୁରନ୍ତ ଲାଗୁକରିବା ଏବଂ ବାରମ୍ବାର ନିଟ୍- ୟୁଜି ପ୍ରଶ୍ନପତ୍ର ଲିକ୍ ଘଟଣାର ପ୍ରତିବାଦ କରି ମହିଳା କଂଗ୍ରେସ କର୍ମକର୍ତ୍ତା ଲକ୍ ଛକ ଠାରୁ ସରଣୀ ଛକ ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା କରିଥିଲେ। ମହିଳା ସଂରକ୍ଷଣ ବିଲ୍‌ରୁ ସୀମା ନିର୍ଦ୍ଧାରଣ ବିଲ୍ ସହିତ ଯୋଡିବା ବିଜେପି ବନ୍ଦ କରୁ ଏବଂ ତୁରନ୍ତ ବିଲ୍ ଲାଗୁ କରୁ ତତସହିତ ନିଟ୍ ପ୍ରଶ୍ନପତ୍ର ଲିକ୍ ହେବା ଦ୍ୱାରା ୧୪ ଜଣ ବିଦ୍ୟାର୍ଥୀ ଆତ୍ମହତ୍ୟା କରିଛନ୍ତି ସେମାନଙ୍କୁ ନ୍ୟାୟ ଓ ଲକ୍ଷ ଲକ୍ଷ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ସହିତ ଖେଳ ଖେଳୁଥିବା କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଥିଲେ। ଏଥିରେ ଜିଲ୍ଲା କଂଗ୍ରେସ ଉପ ସଭାପତି ମହମ୍ମଦ ଅବଦୁଲ ୱାହିଦ, ସାଧାରଣ ସମ୍ପାଦକ ଶୁଭନାରାୟଣ ନାୟକ, ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଦସ୍ୟ ଲକ୍ଷ୍ମୀଧର ଦାଶ, ସମ୍ପାଦକ ଧନଞ୍ଜୟ ସୂତାର, ସରୋଜିନୀ ପରିଜା, ବ୍ଲକ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ, ବ୍ଲକ କଂଗ୍ରେସ କମିଟି ଉପସଭାପତି ଜିତେନ୍ଦ୍ର ମହାନ୍ତି, ଦେବେନ୍ଦ୍ର ମହାନ୍ତି, ସୁଶାନ୍ତ ନାୟକ, ଅନୁସୂୟା ପ୍ରଧାନ, ପିପ୍ପଳମାଧବ ସମିତିସଭ୍ୟା ସୁନିଶ୍ଚିତା ସାହୁ, ସଅଁରା ସମିତିସଭ୍ୟା ସ୍ନିଗ୍ଧାରାଣୀ ଦାଶ, ପ୍ରାଚୀ ଚୟନୀ, ଗରାମ ସରପଞ୍ଚ ପ୍ରଦ୍ୟୁମ୍ନ କିଶୋର ଚୟନୀ, ଅର୍ଚ୍ଚନା ଦାସ , ଲଳିତା ବେହେରା, ପ୍ରଦୀପ୍ତ ଶତପଥୀ, ପ୍ରଶାନ୍ତ ଲେଙ୍କା, ଶୁଭାଶିଷ ସ୍ୱାଇଁ, ନାରାୟଣ ନାୟକ, ମହମ୍ମଦ ଇସମାଇଲି, ପ୍ରଦିପ୍ତ ଦାସଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# କ୍ୟାବିନ୍ ମାର୍କେଟ ଦୋକାନ ଘର କାନ୍ଥ ଭୁଶୁଡ଼ିଲା

ପାରାଦୀପ,୨୬।୫(ସମିସ): ପାରାଦୀପ ବନ୍ଦର ପକ୍ଷରୁ ନିର୍ମାଣ କରାଯାଇଥିବା କ୍ୟାବିନ ମାର୍କେଟର ଦୋକାନ ଘର ଗୁଡିକ ଦିନକୁ ଦିନ ରୁଗ୍ଣ ହେବାରେ ଲାଗିଛି। ଆଜି ମଧ୍ୟାହ୍ନରେ ଏହି ମାର୍କେଟର ଗଣେଶ ମହାରଣା ଓ ଜ୍ଞାନରଞ୍ଜନ ସାହୁଙ୍କ ଦୁଇଟି ଯାକ ଦୋକାନ ଘରର ସମ୍ନାପଟ ତାଜା ଭୁଶୁଡି ପଡିଥିଲା। ହଠାତ ତାଜା ଗଳି ପଡିବାରୁ ସାମ୍ନାରେ ଥୁଆ ହୋଇଥିବା ଏକ ସାଇକଲ ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର ହୋଇଯାଇଛି। ସେ ଜାଗାରେ କେହି ନଥିବାରୁ କାହା ଉପରେ ଏହି କଂକ୍ରିଟ ତାଜା ନପଡ଼ି ତଳେ ପଡିଥିଲା। ବନ୍ଦର ପକ୍ଷରୁ ୧୯୯୨ ମସିହାରୁ ଏହି ମାର୍କେଟ ନିର୍ମାଣ କରାଯାଇଥିଲା। ଏହି ଦୋକାନ ଘର ଗୁଡିକ ଧୀରେ ଧୀରେ ଦୁର୍ବଳ ହୋଇ ଯିବାରୁ ମନକୁ ମନ କାନ୍ଥ, ତାଜା ଆଦି ଗଳି ପଡୁଛି। ଏହାର ତୁରନ୍ତ ରିପ୍ୟାରିଂ କିମ୍ବା ନୂତନ ଗୃହ ନିର୍ମାଣ କରିବାକୁ ବ୍ୟବସାୟୀ ମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଏହି କ୍ୟାବିନ ମାର୍କେଟର ସଭାପତି ତଥା ବରିଷ୍ଠ ଆଇନଜୀବୀ କୈଳାଶ ଚନ୍ଦ୍ର ସାହୁଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲା। ତେବେ ଏ ମାର୍କେଟ ଗୃହ ଗୁଡିକର ଏଭଳି ରୁଗ୍ଣ ଅବସ୍ଥା ସମ୍ପର୍କରେ ବନ୍ଦର କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଯାଇଛି।

ବାରମ୍ବାର ଅଭିଯୋଗ ପରେ ମଧ୍ୟ ବନ୍ଦର ପକ୍ଷରୁ ସେଭଳି କୌଣସି ଆଖିଦୃଶିଆ କାର୍ଯ୍ୟ କରାଯାଉ ନାହିଁ। ଯାହା ଫଳରେ କାନ୍ଥ ଓ ତାଜା ଗୁଡିକ ବାରମ୍ବାର ମନକୁ ଗଳି ପଡୁଛି। ସେହିପରି ଆଉ ଅନେକ ଦୋକାନ ଘରର ଅବସ୍ଥା ମଧ୍ୟ ସଙ୍ଗିନୀ ହେଲାଣି, ଆଗାମୀ ଦିନରେ ଯଦି ଏହାର ରିପାରିଂ ନ ହୁଏ ସେହି ଘର ଗୁଡିକର ଅବସ୍ଥା ମଧ୍ୟ ସେହି ଭଳି ହେବ ବୋଲି ସେ କହିଛନ୍ତି।

### ଗୋଚାଲାଣ ବେଳେ ମାଡ଼ି ବସିଲା ପୁଲିସ

# ଭ୍ୟାନ୍ ସହିତ ୯ ଗୋରୁ ଉଦ୍ଧାର, ଡ୍ରାଇଭର ଗିରଫ



ଜଗତସିଂହପୁର,୨୬।୫(ସମିସ): ଏକ ପିକ୍‌ଅପ୍ ଭ୍ୟାନରେ ଅତି ନିଷ୍ଠୁର ଓ ମାନବିକତା ଶୂନ୍ୟ ଭାବେ ୯ଟି ଗୋରୁଙ୍କୁ ଚାଲାଣ କରାଯାଉଥିବା ବେଳେ କୃଷ୍ଣାନନ୍ଦପୁର ପୁଲିସ ଡ୍ରାଇଭରକୁ ଗିରଫ କରିବା ସହିତ ସମସ୍ତ ଗୋରୁଙ୍କୁ ଉଦ୍ଧାର କରିଛି। ସୂଚନା ଅନୁସାରେ ଜଗତସିଂହପୁର ଜିଲ୍ଲାର କୃଷ୍ଣାନନ୍ଦପୁର ଥାନା ପୁଲିସ ଗତ ୨୫ ତାରିଖ ଭୋର ୫.୩୦ମି. ସମୟରେ ପାଟ୍ରୋଲିଂ କରୁଥିବା ବେଳେ ବିସନପୁର ନିକଟରେ ଏକ ପିକ୍‌ଅପ୍ ଭ୍ୟାନକୁ ସନ୍ଦେହରେ ଅଟକାଇଥିଲା। ଏହି ଭ୍ୟାନରେ କଳା ଜରିପାଲ ଘୋଡ଼ା ଯାଇଥିଲା ଏବଂ ଭିତରେ ୯ଟି ଗୋରୁ ରହିଥିଲେ। ପୁଲିସକୁ ଦେଖି ଗାଡି ଚାଳକ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ତାକୁ କାବୁ କରିଥିଲା। ତେବେ ଗାଡ଼ିରେ ଥିବା ଅନ୍ୟ ଦୁଇଜଣ ଫେରାର ହୋଇଯାଇଥିଲେ। ଏତେ ସଂଖ୍ୟାରେ ଗୋରୁ କୁଆଡେ ନେଉଛ ବୋଲି ପୁଲିସ ପ୍ରଶ୍ନ କରିବାରୁ କୌଣସି ସନ୍ତୋଷ ଜନକ ଉତ୍ତର ମିଳିନଥିଲା। ଡ୍ରାଇଭର ମଧ୍ୟ କୌଣସି କାଗଜପତ୍ର ଦେଖାଇ ପାରିନଥିଲା। ବେଆଇନ ଭାବେ ଏହି ଗୋରୁଙ୍କୁ ଚାଲାଣ କରାଯାଉଥିବା ସ୍ପଷ୍ଟ ହେବା ପରେ ପୁଲିସ ଉକ୍ତ ଡ୍ରାଇଭର କଟକ ଜିଲ୍ଲା ଜଗତପୁର ଥାନା ଅନ୍ତର୍ଗତ ପଦ୍ମପୁର ଗ୍ରାମର ମନୋଜ କୁମାର ସାହୁକୁ ଗିରଫ କରିଥିଲା। ତେବେ ଗାଡ଼ିରୁ ଡେଇଁ ଫେରାର ହୋଇଥିବା ଏହି ଗୋଚାଲାଣ ରାକେଟର ଦୁଇ ପ୍ରମୁଖ ସଦସ୍ୟ ସୟେଦ ମୁବାରକ ଅଲ୍ଲୀ ଏବଂ ମହମ୍ମଦ ଫଜିଲ ହାଫିଜକୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି ଅଙ୍କିତ କୁମାର ବର୍ମା ସୂଚନା ଦେଇଛନ୍ତି। ପୁଲିସ ନଜରରୁ ବର୍ତ୍ତିବା ପାଇଁ ଗୋମାଫିଆମାନେ ହିନ୍ଦୁ ଡ୍ରାଇଭରଙ୍କୁ ନିଯୁକ୍ତ କରୁଥିବା ଏହି ଘଟଣାରୁ ସ୍ପଷ୍ଟ ହୋଇଛି ବୋଲି ଶ୍ରୀ ବର୍ମା କହିଛନ୍ତି। ପୁଲିସ ଉକ୍ତ କଳା ଜରିପାଲ ଏବଂ ପିକ ଅପ ଭ୍ୟାନକୁ ଜବତ କରିଛି। ସେହିପରି ଉଦ୍ଧାର ସମସ୍ତ ଗୋରୁଙ୍କୁ ତିର୍ତ୍ତୋଲ ଥାନା ଅନ୍ତର୍ଗତ ଶୂନ୍ୟବାସୀ ଗୋରେଖ ଗୋଶାଳାରେ ରଖାଯାଇଛି।

# ଆଜି ମୁଖ୍ୟମନ୍ତ୍ରୀଙ୍କ ଜେଏସ୍‌ଡବ୍ଲୁ କମ୍ପାନୀ ଗ୍ରସ୍ତ



ପାରାଦୀପ,୨୬।୫(ସମିସ): ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲୁ କମ୍ପାନୀକୁ ଆସନ୍ତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ। ଏହାପୂର୍ବରୁ ଫାଟକ ନିକଟରେ ଅଧିକାର ପାଇଁ ଚାରି ଦିନ ଧରି ଚାଲିଥିବା ଧାରଣା ସ୍ଥଗିତ ରହିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆଜି ସକାଳେ କମ୍ପାନୀର ଭିପି ମନୋଜ ସିଂଙ୍କ ସହିତ ଅନ୍ୟ ଅଧିକାରୀ ମାନେ, କମ୍ପାନୀ ଦାୟିତ୍ୱରେ ଥିବା ନିମାଇଁ ଚରଣ ସେଠୀ ଓ ଅଭୟଚାନ୍ଦପୁର ଥାନା ଅଧିକାରୀ ସମୀର ରଞ୍ଜନ ଦାଶ ଧାରଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ। ୨୯ ତାରିଖ ଅଭୟଚାନ୍ଦପୁର ଥାନା ଅଧିକାରୀଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକଙ୍କ ସମସ୍ୟାକୁ ନେଇ ଏକ ଆଲୋଚନା ହେବ। ଏହି ଆଲୋଚନାରେ ଗ୍ରାମର ମୁଖିଆମାନେ

**ଫାଟକରେ ଚାଲିଥିବା ଧାରଣା ସ୍ଥଗିତ**

କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ସବୁ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ପାଇବା ପରେ ନୂଆଗାଁ ବାଲିସାହି ପଡାର ଧାରଣା ଦେଇଥିବା ଲୋକେ ପ୍ରଶାସନ ନିଷ୍ପତ୍ତିକୁ ସମ୍ମାନ ଦେଇ ଧାରଣା ସ୍ଥଗିତ ରଖିବାକୁ ସ୍ଥିର କରିଥିଲେ। ଗତ ଶନିବାରଠାରୁ ସ୍ଥାନୀୟ ଗ୍ରାମବାସୀ କମ୍ପାନୀର ୭ ନମ୍ବର ଫାଟକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଗଣଧାରଣା ଦେଇଆସୁଥିଲେ। ଜଙ୍ଗଲ କମିଟି ପଇସା, ନିଯୁକ୍ତି ପ୍ରସଙ୍ଗ ଓ ଅନ୍ୟାନ୍ୟ ସମସ୍ୟା ନେଇ ସେମାନେ ୪ ଦିନ ହେବ ଧାରଣା ଜାରି ରଖିଥିଲେ। ବାଲିସାହି ଜଙ୍ଗଲ କମିଟିର ଦାୟିତ୍ୱରେ ଥିବା କମିଟିର ମୁଖ୍ୟ ସଦସ୍ୟମାନେ କମ୍ପାନୀରୁ ଆଣିଥିବା ଟଙ୍କାର ହିସାବ ଗ୍ରାମରେ କାହାକୁ ଦେଉନାହାନ୍ତି। ହିସାବ ମାଗିଲେ ସିଧା ଧମକ ଦେଉଛନ୍ତି। ବାରମ୍ବାର ଏଭଳି ଅଭିଯୋଗ କଲା ପରେ ନିରାଶ ହେବାରୁ ନୂଆଗାଁ ବାଲିସାହି ପଡ଼ା ଲୋକେ ଧାରଣା ଦେବାକୁ ବାଧ୍ୟ ହୋଇଥିଲେ।

# ମା’ କାଳିକାଇ ମନ୍ଦିରରେ ନଳକୂପ ଅଚଳ



ରାଜକନିକା,୨୬।୫(ସମିସ): ପାଣି ପାଇଁ ହାହାକାର। ସବୁଠି ହା ହୁତାଶ। ଭୂଗର୍ଭ ଜଳସ୍ତର ଦିନକୁ ଦିନ ତଳକୁ ତଳ ଖସି ଏବେ ପାରମ୍ପରିକ ନଳକୂପର ପାଇପ ତଳେ ରହିଛି। ଫଳରେ ରାଜକନିକାର ୭୦ ଭାଗ ନଳକୂପ ଅଚଳ। ପାଣି ବାହାରୁ ନାହିଁ। ଏଭଳି ସମସ୍ୟାରେ ପେଷି ହେଉଛି କନିକାର ଅନ୍ୟତମ ଶକ୍ତିପୀଠ କାଳିକାପୁରର ମା’ କାଳିକାଇଙ୍କ ପୀଠ। ଦୈନିକ ବହୁ ଭକ୍ତଙ୍କ ମାନସିକ ଜନ୍ତାଳ ଭୋଗ ରନ୍ଧା, ଖିଆପିଆ, ମାଜଣା ଭଳି କାର୍ଯ୍ୟ ପାଇଁ ପାଣିର ଆବଶ୍ୟକତା ଥିବାବେଳେ ଏହି ପୀଠର ନଳକୂପ ଅଚଳ ହୋଇପଡ଼ିଛି। ମନ୍ଦିର ପାଖରେ ମା’ଙ୍କ ନୀତିକାନ୍ତି ପାଇଁ ଥିବା କୂଅ ମଧ୍ୟ ଅଳ୍ପ ପାଣି ବାହାରୁଛି। ଭୋଜିଭାତ ପାଇଁ ପାଣିର ଜରୁରୀ ଆବଶ୍ୟକତା ଥିବାବେଳେ ହେଡକ୍ୱାଟରର ଏହି ଶକ୍ତିପୀଠ ପାଣି ବିନା ଏବେ ହାହାକାରରେ। ଏଠାରେ ପାଣିର ଏକମାତ୍ର ଉତ୍ସ ନଳକୂପ ଅଚଳ ଥିବାବେଳେ ବିଭାଗ ମଧ୍ୟ ବେଫିକର ରହିଛି। ଭକ୍ତ ଓ ସାଧାରଣ ଲୋକଙ୍କ ପାନୀୟଜଳ ସମସ୍ୟା ସମାଧାନ କରି ତୁରନ୍ତ ଏହି ଶକ୍ତିପୀଠର ଗାରିମା ରକ୍ଷା ପାଇଁ ଉଦ୍ୟମ ଅପରିହାର୍ଯ୍ୟ ହୋଇପଡ଼ିଛି।

# ପକ୍ଷୀଙ୍କ ପାଇଁ ପାଣି ବ୍ୟବସ୍ଥା



ଡେରାବିଶ, ୨୬।୫(ସମିସ): ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ସାରା ଓଡ଼ିଶାରେ ବଢିବାକୁ ଲାଗିଛି। ଅସହ୍ୟ ଗୁଲୁଗୁଳି ସାଙ୍ଗକୁ ଖରାର ପ୍ରକୋପ ବଢ଼ିଚାଲିଛି। ଏହି ଗ୍ରୀଷ୍ମ ପ୍ରବାହରେ ଜଙ୍ଗଲରେ ରହୁଥିବା ପକ୍ଷୀଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ଜଳର ଅଭାବ ରହିଛି। ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତର ରାଜନଗର ଗ୍ରାମ ନିକଟସ୍ଥ ଜଙ୍ଗଲରେ ବହୁ ପଶୁପକ୍ଷୀ ବସବାସ କରନ୍ତି। ଗ୍ରୀଷ୍ମ ଦିନରେ ପକ୍ଷୀଙ୍କ ପାଇଁ ପାଣି ଅଭାବ ଦେଖାଦେଇଥାଏ। ପକ୍ଷୀଙ୍କ ତୃଷ୍ଣା ନିବାରଣ ପାଇଁ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତା ଜଙ୍ଗଲରେ ଗଛ ଉପର ଛୋଟ ଛୋଟ ମାଟି କୁଣ୍ଡ ଝୁଲାଇବା ସହ ପାଣି ପୂର୍ଣ୍ଣ କରିଥିବା ଜଣାପଡ଼ିଛି।

# ଓଡ଼ିଶା ଟିମ୍ ହ୍ୟୁମାନିଟି ପକ୍ଷରୁ ଥଣ୍ଡା ପାନୀୟଜଳ ମେସିନ୍ ପ୍ରଦାନ



ରାଜକନିକା,୨୬।୫(ସମିସ): ରାଜକନିକା ଅଞ୍ଚଳର ଅଗ୍ରଣୀ ସେବା ସଂସ୍ଥା ଓଡ଼ିଶା ଟିମ୍ ହ୍ୟୁମାନିଟି ପକ୍ଷରୁ ଶୈବପୀଠ କାଟଣାରେ ଥଣ୍ଡା ପାନୀୟଜଳ ମେସିନ ସ୍ଥାପନ କରାଯାଇଛି। ଏହି ଶୈବପୀଠକୁ ଆସୁଥିବା ଭକ୍ତ ଓ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ବିଶୁଦ୍ଧ ଥଣ୍ଡା ପାନୀୟଜଳ ଯୋଗାଇ ଦେବାକୁ ଏହା ଉତ୍ସର୍ଗ କରାଯାଇଛି। କାଟଣାର କପିଳେଶ୍ୱର ମନ୍ଦିର ନିକଟରେ ଏହି ସେବାକୁ ଆଜି ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିବା ସମୟରେ ଅଞ୍ଚଳର ବୟୋଜ୍ୟୋଷ୍ଠ ବ୍ୟକ୍ତି ଶଙ୍କର ଦାସ, ପୂଜକ ଶ୍ରୀକାନ୍ତ ପଣ୍ଡା, ବୃକ୍ଷପ୍ରେମୀ ଗୁଲିଆ ରାଉତ ପ୍ରମୁଖ ଉପସ୍ଥିତ ରହି ଏହି ଥଣ୍ଡା ପାନୀୟ ଜଳ ମେସିନକୁ ଉଦଘାଟନ କରିଥିଲେ। ସେବା ହିଁ ସର୍ବୋତ୍ତମ ଧର୍ମ ବୋଲି ବ୍ରତ କରିଥିବା ଓଡ଼ିଶା ଟିମ୍ ହ୍ୟୁମାନିଟି ପରିବାରର ସମ୍ପାଦକ ସୌମ୍ୟରଞ୍ଜନ ନାୟକ, ସଦସ୍ୟ ମଦନମୋହନ ସେଠୀ, ବିକାଶ ସ୍ୱାଇଁ, ସଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଅଟକି ଯିବ କି ଡାକ୍ତର ହେବାର ସ୍ୱପ୍ନ

# ଅର୍ଥାଭାବରୁ ଆଗକୁ ପଢ଼ିବା ନେଇ ଚିନ୍ତାରେ ମାମାଲି

କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ, ୨୬।୫(ସମିସ)



'ମୁଁ ଡାକ୍ତର ହେବି...।' ଏହା ହେଉଛି ଜଣେ ଗରିବ ଘରର ମେଧାବୀ ଝିଅର ସ୍ୱପ୍ନ। ସେହି ସ୍ୱପ୍ନ ଆଜି ଦରିଦ୍ରତାର କଠୋର ବାସ୍ତବତା ଆଗରେ ମିଳେଇ ଯିବାକୁ ବସିଛି। ପରିବାରର ଅଭାବ ଅନଟନ ଭିତରେ କଷ୍ଟ କରି ପାଠପଢ଼ି +୨ ପରୀକ୍ଷାରେ ଜିଲ୍ଲାରେ କୃତିତ୍ୱ ଅର୍ଜନ କରିଥିବା ମାମାଲି ପରିଡ଼ା ନିଜ ଭବିଷ୍ୟତକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ୍ ଶ୍ରୀରାମପୁର ଗ୍ରାମର ବଳରାମ ପରିଡ଼ାଙ୍କ ଝିଅ ମାମାଲି କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ +୨ ବିଜ୍ଞାନର ଛାତ୍ରୀ ଥିଲେ। ସେ ଚଳିତ ବର୍ଷ ପରୀକ୍ଷାରେ ୫୭୭ ନମ୍ବର ରଖି ଜିଲ୍ଲାରେ ସ୍ୱତନ୍ତ୍ର କୃତିତ୍ୱ ହାସଲ କରିଛନ୍ତି। ଫଳ ପ୍ରକାଶ ପରେ ବହୁ ବୁଦ୍ଧିଜୀବୀ ଓ ସଂଗଠନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। କିନ୍ତୁ ଏହି ସଫଳତା ମଧ୍ୟରେ ମାମାଲିଙ୍କ ଘରେ ଖୁସିଠାରୁ ଚିନ୍ତା ଅଧିକ ଦେଖିବାକୁ ମିଳୁଛି। କାହିଁକି ନା ମାମାଲିଙ୍କ ଡାକ୍ତର ହେବାର ସ୍ୱପ୍ନ ପୂରଣ ପାଇଁ ତାଙ୍କ ପରିବାର ପାଖରେ ଆବଶ୍ୟକ ସମ୍ବଳ ନାହିଁ।

ମାମାଲିଙ୍କ ବାପା ବଳରାମ ପରିଡ଼ା ଗାଁରେ ଏକ ଛୋଟ ପାନ ଦୋକାନ କରି ପରିବାର ଚଳାନ୍ତି। ଦିନକୁ ଯାହା ରୋଜଗାର ହୁଏ, ସେଥିରେ କଷ୍ଟେମଷ୍ଟେ ପରିବାର ଚଳେ। ମା’ ରୂପାଲୀ ପରିଡ଼ା ଜଣେ ଗୃହିଣୀ। ବହୁ ଅଭାବ ଅସୁବିଧା ସତ୍ତ୍ୱେ ବଳରାମ ନିଜ ପେଟରୁ ଦାନା କାଟି ଝିଅକୁ ପଢ଼ାଇଛନ୍ତି। ପିଲାଟି ଦିନୁ ମାମାଲି ଅତ୍ୟନ୍ତ ମେଧାବୀ। ମାଟ୍ରିକ୍‌ରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ସେ ଉଚ୍ଚଶିକ୍ଷା ପାଇଁ କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ +୨ ବିଜ୍ଞାନରେ ନାମ ଲେଖାଇଥିଲେ। ଦିନରାତି ଅଧ୍ୟୟନ କରି ଆଜି ସେ ସଫଳତାର ଶିଖରକୁ ଛୁଇଁଛନ୍ତି। ଏବେ ଆଗକୁ ପାଠପଢ଼ା, ଆଡମିଶନ, ବହିପତ୍ର, ରହିବା ଓ ଯାତାୟାତ ଖର୍ଚ୍ଚ କଥା ଭାବିଲେ ପରିବାର ଆଖିରେ ଲୁହ ଆସିଯାଉଛି। ଝିଅକୁ ବଡ଼ ମଣିଷ କରିବାକୁ ବହୁତ ଇଚ୍ଛା ଅଛି। କିନ୍ତୁ ଆଉ ପଢ଼ାଇବାକୁ ସମ୍ବଳ ନାହିଁ ବୋଲି କହିବା ବେଳେ ବଳରାମଙ୍କ କଣ୍ଠ ଭାରି ହୋଇଯାଉଛି। ଅନ୍ୟପଟେ ମାମାଲି ମଧ୍ୟ ନିଜ ସ୍ୱପ୍ନ ଭାଙ୍ଗିଯିବା ଭୟରେ ମନ ଭିତରେ ଅନେକ କଷ୍ଟ ଲୁଚାଇ ରଖିଛନ୍ତି। ମୋର ଡାକ୍ତର ହେବାକୁ ବହୁତ ଇଚ୍ଛା। କିନ୍ତୁ ଘରର ଅବସ୍ଥା ଦେଖି କିଛି ବୁଝିପାରୁନି ବୋଲି କହିଛନ୍ତି ମାମାଲି। ଏକ ପଟେ ଦୃଢ଼ ଇଚ୍ଛାଶକ୍ତି, ଅନ୍ୟପଟେ ଦାରିଦ୍ର୍ୟତାର କଠିନ ପାଚେରି। ଏହି ଦୁଇର ମଧ୍ୟରେ ଛଟପଟ ହେଉଛି ଜଣେ ମେଧାବୀ ଝିଅର ଭବିଷ୍ୟତ। ଯଦି କୌଣସି ସହୃଦୟ ବ୍ୟକ୍ତି କିମ୍ବା ସଂଗଠନ ମାମାଲିଙ୍କୁ ସହାୟତାର ହାତ ବଢ଼ାନ୍ତି, ତେବେ ଏହି ଗରିବ ଘରର ଝିଅ ଦିନେ ଧଳା କୋଟ ପିନ୍ଧି ଲୋକଙ୍କ ସେବା କରିପାରନ୍ତେ। ଏବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ମାମାଲିଙ୍କ ଡାକ୍ତର ହେବା ସ୍ୱପ୍ନ କ’ଣ ସତରେ ଅଧାରେ ରହିଯିବ।

## ଭାଇ ସାଜିଲା ଭାଇର ହତ୍ୟାକାରୀ

କଙ୍କଡ଼ାହାଡ଼,୨୬।୫ (ସମିସ) : ଭାଇ ସାଜିଲା ଭାଇର ହତ୍ୟାକାରୀ। ଏଭଳି ହୃଦୟ ବିଦାରକ ଘଟଣା ଘଟିଛି ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ଥାନା ଅଧୀନ କେରଜୋଳି ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାସାହି ଗ୍ରାମରେ। ସୂଚନା ମୁତାବକ ଗଲା କାଲି ଦିନ ଦ୍ୱିପ୍ରହରେ ପିଣ୍ଟୁ ନାୟକ ମାଦକ ଦ୍ରବ୍ୟ ସେବନ କରି ତାଙ୍କର ସ୍ତ୍ରୀ ବବି ନାୟକଙ୍କୁ ମାଡ଼ ମାରୁଥିବା ବେଳେ ତାଙ୍କ ଘରକୁ ନରେଶ ଭୋଇ ବୁଲିବାକୁ ଆସି ଥିଲେ। ତେଣୁ ସ୍ୱାମୀ ସ୍ତ୍ରୀଙ୍କ ମାଡ଼ ଦେଖି ନରେଶ ସମ୍ଭାଳି ନ ପାରି ପିଣ୍ଟୁଙ୍କୁ ବିରୋଧ କରି ଥିଲେ। ତେଣୁ ପିଣ୍ଟୁ ରାଗି ଯାଇ ନରେଶ ଉପରେ ଆକ୍ରମଣ କରି ମୁଣ୍ଡରେ ଏକ ଶକ୍ତ ଠେଙ୍ଗା ପ୍ରହାର ମାଡ଼ ମାରି ମୁଣ୍ଡକୁ ଫଟାଇ ଦେଇଥିଲା। ସେଠାରେ ନରେଶ ବେହୋସ ହୋଇ ଯାଇଥିଲେ। ତାଙ୍କୁ କାମାକ୍ଷାନଗର ମେଡିକାଲକୁ ନିଆଯାଇଥିଲା। ସେଠାରେ ନରେଶଙ୍କର ଚିକିତ୍ସା କରାଇ ଘରକୁ ଆଣୁଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପିଣ୍ଟୁ ହେଉଛନ୍ତି ନରେଶଙ୍କ ମାମୁ ପୁଅ ଭାଇ। ଅନ୍ୟପକ୍ଷରେ ପିଣ୍ଟୁ କହିଛି ଯେ ମୁଁ ତାକୁ ମାରିନି। ସେ ତଳେ ପଡି ମୁଣ୍ଡ ମାଡ଼ ହୋଇ ମରିଛି।

## ପଥଚାରୀଙ୍କୁ ଦହି ସରବତ ବଣ୍ଟନ




ଢେଙ୍କାନାଳ,୨୬।୪ (ସମିସ): ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଇଣ୍ଡିଆନ୍ ପଟାସ ଲିମିଟେଡ୍ ହରିପୁର ପକ୍ଷରୁ ଆଜି କୋରିଆଁ ବାଇପାସ୍ ନିକଟସ୍ଥ ଓଭରବ୍ରିଜ୍ ତଳେ ସମସ୍ତ ପଥଚାରୀଙ୍କୁ ପାଣି ଏବଂ ଦହି ସରବତ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କମ୍ପାନୀର ଜେନେରାଲ୍ ମ୍ୟାନେଜର ଏବଂ ୟୁନିଟ୍ ହେଡ୍ ବିକାଶ କୁମାର ଚୌଧୁରୀ ଉଦ୍‌ଘାଟନ କରି ରାସ୍ତାରେ ଯାଉଥିବା ପଥଚାରୀଙ୍କୁ ଦହି ସରବତ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମ ସକାଳ ୧୦ ଘଟିକା ଠାରୁ ଆରମ୍ଭ ହୋଇ ଦିନ ୩ଟା ପର୍ଯ୍ୟନ୍ତ ଚାଲୁ ରହିଥିଲା। ଏହି ପରିପ୍ରେକ୍ଷୀରେ କମ୍ପାନୀର ଉଚ୍ଚପଦାଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

## ପ୍ରାକ୍ତନ ଶିକ୍ଷକ ମହେଶ୍ୱର ସାହୁଙ୍କ ପରଲୋକ



ଗଁଦିଆ,୨୬।୫ (ସମିସ) : ଷଡ଼ଙ୍ଗୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ରେ ଦୀର୍ଘ ଦିନ ଧରି ଶିକ୍ଷକତା କରି ଅବସର ଗ୍ରହଣ କରିଥିବା ଆଦର୍ଶ ଶିକ୍ଷକ ମହେଶ୍ୱର ସାହୁ ବାର୍ଦ୍ଧକ୍ୟ ଜନିତ ରୋଗରେ ୮୦ ବର୍ଷ ବୟସରେ ପ୍ରାଣ ହରାଇଛନ୍ତି। ତାଙ୍କର ଶେଷକୃତ୍ୟ ଗ୍ରାମ ଶ୍ମଶାନରେ ସମ୍ପନ୍ନ କରାଯାଇଛି। ତାଙ୍କର ଜ୍ୟେଷ୍ଠ ପୁତ୍ର ମକର କେତନ ମୁଖାଗ୍ନି ଦେଇଛନ୍ତି। କନିଷ୍ଠ ପୁତ୍ର ମିତ୍ର ବରୁଣ , ମାଧ୍ୟମ ପୁତ୍ର ମିନକେତନ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ସାହୁ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ହରିହର ସାହୁ, ଅକ୍ଷୟ କୁମାର ସାହୁ ଙ୍କ ସହିତ ସ୍ଥାନୀୟ ସରପଞ୍ଚ ସମ୍ବିତ କୁମାର ଓଝା, ଶିକ୍ଷକନେତା ଅଜିତ କୁମାର ରାଉତଙ୍କ ସହିତ ଭୀମନଗରୀ ପୁଟୁଳି ବୈଶ୍ୟ ସମାଜର ସମ୍ପାଦକ ବିଜୟ କୁମାର ପୃଷ୍ଟି ଶିକ୍ଷକ ଅଜିତ କୁମାର ନାୟକ ଶେଷ କୃତ୍ୟ ରେ ଉପସ୍ଥିତ ଥିଲେ।

## କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନର କ୍ଷେତ୍ର ପ୍ରଦର୍ଶନ, ପ୍ରଶିକ୍ଷଣ ଶିବିର

ଢେଙ୍କାନାଳ,୨୬।୫ (ସମିସ) : ଓଡ଼ାପଡ଼ା ବ୍ଲକ୍ ଅନ୍ତର୍ଗତ ଗଦାଶିଳା ଗ୍ରାମର ବାଉଁଶିଆ ପୋଖରୀ ପାଖରେ ଏକ କ୍ଷେତ୍ର ପ୍ରଦର୍ଶନ ଏବଂ କୃଷକ ପ୍ରଶିକ୍ଷଣ ଶିବିର କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ତରଫରୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିମିନଇ, ଗଦାଶିଳା, କାଶିଆଡିହି ଏବଂ ବଳରାମପୁର ଗ୍ରାମପଞ୍ଚାୟତର ପ୍ରାୟ ୫୦ ଜଣ ଅଗ୍ରଣୀ ଚାଷୀ ଭାଇ ଓ ଭଉଣୀମାନେ ଉପସ୍ଥିତ ଥିଲେ। ଏହି କ୍ଷେତ୍ର ପ୍ରଦର୍ଶନ ଉଦ୍ଦେଶ୍ୟ ଥିଲା ସନ୍ତୁଳିତ ରାସାୟନିକ ସାରର ବ୍ୟବହାର ଏବଂ କିପରି ଭାବରେ ରାସାୟନିକ ସାର କମ୍ ମାତ୍ରାରେ ବ୍ୟବହାର କରାଯାଇ ସମାନ ତଥା ଅଧିକା ଧାନ ଅମଳ ହୋଇପାରିବ। ଏଥିରେ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନର ବୈଜ୍ଞାନିକଗଣ ଯଥା ଡଃ ସୁଶାନ୍ତ କୁମାର ଦାଶ ଓ ଡଃ ସୁଶାନ୍ତ କୁମାର ନାୟକ ଜୀବାଣୁ କଲ୍‌ଚର୍ ଯଥା ଏନ୍‌ଆର୍‌ଆର୍‌ଆଇ ଏଣ୍ଡୋଏନ୍ ଏବଂ ଏନ୍‌ଆର୍‌ଆର୍‌ଆଇ ଏଣ୍ଡୋଏନ୍‌ପିକେର ଧାନ କ୍ଷେତରେ କିଭଳି ଭାବରେ ପ୍ରୟୋଗ କରାଯାଏ, ତାହାକୁ ପ୍ରାୟ ଦୁଇଗୁଣ୍ଠ ଚାଷ ଜମିରେ ଧାନ ବିହନ ସହିତ ମିଶାଇ ଛଟାବୁଣା କରି ଦେଖାଇଥିଲେ। ଏତଦ୍ ବ୍ୟତୀତ ସିଆରଆରଆଇ ଉଦ୍ଭାବିତ ଟ୍ରାଇକୋ ଡର୍ମାର ବ୍ୟବହାର ଓ ଧାନ କ୍ଷେତରେ ଉପଯୋଗ ବିଷୟରେ ଡଃ ରେଶମୀ ରାଜ ଆଲୋଚନା କରିଥିଲେ। ଜିଲ୍ଲାର ବ୍ଲକ୍ କୃଷି ଅଧିକାରୀ ମୃତ୍ୟୁଞ୍ଜୟ ମହାରଣା ଚାଷୀମାନଙ୍କୁ ଜୈବିକ ଚାଷ ଓ ଧଣିଚାର ବ୍ୟବହାର ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରି ରାସାୟନିକ ସାରର ହ୍ରାସ ଉପରେ ଆଲୋକପାତ କରିଥିଲେ। ଏଥିରେ ପ୍ରହଲ୍ଲାଦ ସାହୁ ଓ ବାସୁଦେବ ପ୍ରଧାନ ପ୍ରମୁଖ ଅଗ୍ରଣୀ କୃଷକମାନେ କ୍ଷେତ୍ର ପ୍ରଦର୍ଶନରେ ଆୟୋଜନ ଓ ସହଯୋଗିତା କରିଥିଲେ ଏବଂ ଚାଷୀମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।





## ଜଳସଙ୍କଟରେ ସାପକେରା ଗ୍ରାମବାସୀ

# ବାଲ୍‌ଟିଏ ପାଣି ପାଇଁ ଧାଡ଼ିରେ ଘଣ୍ଟାଏ

ହିନ୍ଦୋଳ,୨୬।୫(ସମିସ) :





ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳର ବିକାଶନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାର ମାଳ ମାଳ ଯୋଜନା ପ୍ରଣୟନ କରୁଛନ୍ତ । ଏଠି ପ୍ରଶାସନ ଇଚ୍ଛାଶକ୍ତି ଅଭାବ ଓ ଅବହେଳା ଯୋଗୁଁ ଆଜି ପର୍ଯ୍ୟନ୍ତ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି ବୋଲି ଅଭିଯୋଗ କରନ୍ତି ସାପକେରା ଗ୍ରାମବାସୀ। ଜନସାଧାରଣଙ୍କ ବିକାଶ ନିମନ୍ତେ ବାର୍ଷିକ କୋଟି କୋଟି ଟଙ୍କା ସରକାର ବ୍ୟୟବରାଦ କରୁଛନ୍ତି, ତଥାପି ଉପାନ୍ତ ଅଞ୍ଚଳରେ ବିକାଶ ସାତସପନ ପାଲଟିଛି, ଏପରିକି ହିନ୍ଦୋଳ ଉପଖଣ୍ଡର ଅନେକ ଗ୍ରାମ ଅଛି ଯାହା ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଉପଖଣ୍ଡର ଦୂରୁକୋଟ ପଞ୍ଚାୟତ ସାପକେରା ଗ୍ରାମରେ ୩୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଥିବା ବେଳେ ସମସ୍ତେ ହେଉଛନ୍ତି ଅନୁସୂଚିତ ଜାତିର। ଜଙ୍ଗଲ ଘେରା ଏହି ଗ୍ରାମବାସୀ ଜଙ୍ଗଲରେ ସଂଘର୍ଷ କରି ନିଜର ଜୀବନ ଜାପନ କରୁଛନ୍ତି। ପରିତାପର ବିଷୟ ଏହିଗ୍ରାମକୁ ଖଣ୍ଡିଏ ଭଲ ରାସ୍ତା ନଥିବା ବେଳେ ଏମାନଙ୍କ ପାଇଁ ଏବେ ଜଳ ସମସ୍ୟା ଉତ୍କଟ ହୋଇପଡ଼ିଛି। ଗ୍ରାମରେ ୨ ଟି ନଳକୂପ ଥିବା ବେଳେ ଗୋଟିଏ ଘଣ୍ଟା ପରିଶ୍ରମ କଲେ ନଳକୂଅରୁ ୫ ବାଲ୍‌ଟି ପାଣି ବାହାରୁଛି। ସେହି ପାଣିକୁ ଗ୍ରାମବାସୀ ଭାଗବାଣ୍ଟି ନେଉଥିବା ଦେଖିବାକୁ ମିଳୁଛି। ଗୋଟିଏ ନଳକୂପ ଅଚଳ ହୋଇପଡିଥିବା ବେଳେ ଏ ସମ୍ପର୍କରେ ଗ୍ରାମବାସୀ ମାନେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଲେ ମଧ୍ୟ ଅଧିକାରୀଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭଙ୍ଗ ହେଉନଥିବା ଦେଖିବାକୁ ମିଳୁଛି। ଗ୍ରାମବାସୀ ପାଣି ଟୋପାଏ ପାଇଁ ଡହଳ ବିକଳ ହେଉଥିବା ଦେଖିବାକୁ ମିଳିଛ । ଗ୍ରାମର ଅଧିବାସୀ ଗାଧୋଇବା ପାଇଁ ଭଲ ପୋଖରୀ ଟିଏ ନାହିଁ ଏପରିକି ଘରୁ ବାହାରିଲେ ହାତୀ ଭୟ ଥିବାରୁ ଜଙ୍ଗଲ ମଝିରେ ଚୁଆ ଖୋଲି ଗ୍ରାମବାସୀ ଗାଧୋଉ ଥିବା ବେଳେ ଜଙ୍ଗଲ ଭିତରକୁ ଯିବା ପାଇଁ ହାତୀ ଭୟ ଥିବାରୁ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାଣି ଟୋପାଏ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ରାଜନୈତିକ ନେତାଙ୍କୁ ବାରମ୍ବାର ଗୁହାରି କଲେ ମଧ୍ୟ ଏହାର ସୁଫଳ ସେମାନେ ପାଇପାରୁନାହାନ୍ତି। ଗ୍ରାମବାସୀ ମାନେ କୋହର ସାହିତ କୁହନ୍ତି ନିର୍ବାଚନ ସମୟରେ ମାଳ ମାଳ ନେତା ଆସି ପ୍ରତିଶ୍ରୁତି ଦେଇ ଯାଇଛନ୍ତି ହେଲେ ନିର୍ବାଚନ ପରେ ସେ ସବୁକୁ ଭୁଲିଯାନ୍ତି ନିର୍ବାଚିତ ପ୍ରତିନିଧି। ଗ୍ରାମର ମୌଳିକ ସମସ୍ୟାର ସମାଧାନ ନେଇ ପଞ୍ଚାୟତ ଠାରୁ ଆରମ୍ଭକରି ରାଜ୍ୟ ସରକାର ପର୍ଯ୍ୟନ୍ତ ଅନେକ ଥର ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁବିଧା ମିଳୁନଥିବା କହିଛନ୍ତି ଗ୍ରାମବାସୀ। ନାଁ ଅଛି ଗାଁ କୁ ଖଣ୍ଡିଏ ରାସ୍ତା ନାଁ ଅଛି ଗୋଟିଏ ଭଲ କୋଠାଘର। ନାଁ ପାଣି ପାଇବାର ସୁବିଧା। ହିନ୍ଦୋଳ ଉପଖଣ୍ଡରେ ବସୁଧା ଯୋଜନା ମାଧ୍ୟମରେ ସମସ୍ତ ଗ୍ରାମକୁ ପାଣି ଯୋଗାଇ ଦେବାକୁ ତତ୍କାଳୀନ ସରକାର ୫ଶହ କୋଟିର ଯୋଜନା ପ୍ରଣୟନ କରି ବିଭିନ୍ନ ଗ୍ରାମରେ ପାଇପ ଦ୍ୱାରା ପାଣି ଯୋଗଣ ଆରମ୍ଭ ହୋଇଥିବା ବେଳେ ସାପକେରା ଗ୍ରାମକୁ ଭୁଲିଯାଇଛନ୍ତି ବିଭାଗୀୟ ଅଧିକାରୀ। ତୁରନ୍ତ ବିଭିନ୍ନ ସମସ୍ୟା ସହିତ ମୁଖ୍ୟତଃ ପାଣି ସମସ୍ୟାକୁ ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ହିନ୍ଦୋଳ ଜଳଯୋଗାଣ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି ସେହିଗ୍ରାମରେ ଜଳସଙ୍କଟ ହେଉଥିବା ନେଇ ଆମେ ଖବର ପାଇଛୁ। ଖୁବ୍‌ଶୀଘ୍ର ଏହାର ସୁବିଧା କରାଯାଇ ଗ୍ରାମବାସୀଙ୍କୁ ପାଣି ଯୋଗାଇ ଦିଆଯିବାର ବନ୍ଦୋବସ୍ତ କରାଯିବ।

## ପଞ୍ଚାୟତ ସ୍ତରୀୟ ଶିଶୁସୁରକ୍ଷା ବୈଠକ

# ପଞ୍ଚାୟତସ୍ତରୀୟ ଶିଶୁସୁରକ୍ଷା ବୈଠକ




ଢେଙ୍କାନାଳ,୨୬।୫(ସମିସ) : ଢେଙ୍କାନାଳ ଜିଲ୍ଲାରେ ବାଲ୍ୟ ବିବାହ ନିରାକରଣ ଓ ଶିଶୁ ଅଧିକାର ଉଲଂଘନ ଉପରେ ସଚେତନତା ନିମନ୍ତେ ଓଡ଼ାପଡ଼ା ବ୍ଲକର ବଳରାମପ୍ରସାଦ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ ପ୍ରକଳ୍ପ ଆକ୍ସେସ ଟୁ ଜଷ୍ଟିସ ଫର ଚିଲଡ୍ରେନ୍ସ ସହଯୋଗରେ ପଞ୍ଚାୟତ ସ୍ତରୀୟ ଶିଶୁ ସୁରକ୍ଷା ସମିତିର ବୈଠକ ସରପଞ୍ଚ କାଞ୍ଚନବାଳା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ କାର୍ଯ୍ୟ ନିର୍ବାହୀ ଅଧିକାରୀ ବା ସିଏମ ପିଇଓ ବିଶ୍ୱନାଥ ପାଣି ଓ ସ୍ମରଣିକା ସାହୁ ଏଡିଇଓ ସୁମନ୍ତ କୁମାର ବେହେରା ନାଏବ ସରପଞ୍ଚ ଲିଦୃଷ କୁମାର ନାୟକ, ଅଙ୍ଗନବାଡି, ୱାର୍ଡ ମେମ୍ବର ଯୋଗ ଦେଇଥିଲେ। ମନସ୍ମିତା ନାୟକ ସମସ୍ତଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ବୈଠକରେ ଶିଶୁ ଶ୍ରମିକ, ଶିଶୁ ଚାଲାଣ ଓ ଶିଶୁମାନଙ୍କ ଉପରେ ହେଉଥିବା ଯୌନ ନିର୍ଯ୍ୟାତନା ଆଇନ ପୋକ୍ସୋ ଉପରେ ଆଲୋଚନା ହୋଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ନିଷ୍ପତି ନିଆଯାଇଥିଲା। ଏହି ଅବସରରେ କୌଣସି ଶିଶୁ ଅଧିକାର ଉଲ୍ଲଙ୍ଘନ ଦେଖିଲେ ଚାଇଲ୍ଡ ହେଲ୍ପ ଲାଇନର ଦେୟମୁକ୍ତ ନମ୍ବର ୧୦୯୮କୁ ଫୋନ୍ କରି ଜଣାଇବାକୁ ପରାମର୍ଶ ଦିଆଯାଇଥିଲା। ବିଶ୍ୱନାଥ ପାଣି ପଞ୍ଚାୟତରେ ବାଲ୍ୟ ବିବାହକୁ ଅନୁଧ୍ୟାନ କରିବାକୁ ପାଇଁ ଏକ ବିବାହ ରେଜିଷ୍ଟର କାର୍ଯ୍ୟକାରୀ କରିବା ନିମନ୍ତେ ସହଯୋଗ ପାଇଁ ଆହ୍ୱାନ ଦେଇଥିଲେଏବଂ ପଞ୍ଚାୟତ ରେ ବାଲ୍ୟ ବିବାହ କିପରି ମୁକ୍ତ କରାଯିବ ଏ ଥିପ୍ରତି ପଂଚାୟତ ର ସମସ୍ତ ସଦସ୍ୟ ଦାୟିତ୍ୱ ସହକାରେ ସଚେତନ ଅବଲମ୍ବନ କଲେ ସମସ୍ତେ ସୁରକ୍ଷିତ ହେଇପାରିବା ବୋଲି ଆହ୍ୱାନ ଦେଇଥିଲେ। ସ୍ମରଣିକା ସାହୁ ଉତ୍ତମ ସ୍ୱାସ୍ଥ୍ୟ ପାଇଁ କଣ କଣ କରାଯିବ ସେହି ବିଷୟରେ ଆଲୋଚନା କରିଥିଲେ। ଶେଷରେ ସୁମନ୍ତ କୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ‘ଏକ୍ସ ମ୍ୟାନ୍’ ସତ୍ୟଜିତଙ୍କୁ ସମ୍ବର୍ଦ୍ଧନା



ପରଜଙ୍ଗ,୨୬।୫ (ସମିସ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ କଙ୍କିଳି ଗ୍ରାମପଞ୍ଚାୟତର ସ୍ୱର୍ଗତ ଆର୍ତ୍ତତ୍ରାଣ ବିଶ୍ୱାଳଙ୍କ ପୁଅ ସତ୍ୟଜିତ ବିଶ୍ୱାଳ। ସେ ସାଧାରଣ ଲୋକଙ୍କ ପାଇଁ ପାଲିଟିଛନ୍ତ ଏକ୍ସ ମ୍ୟାନ। ଏ ଅବସରେ ତାଙ୍କୁ ଭୁବନେଶ୍ୱର ପାନ୍ଥନିବାସଠାରେ ଅୟୋଜିତ ଆସୋସିଏସନ ଅଫ୍ ଟ୍ୱିଟର ଆକ୍ଟିଭିଷ୍ଟି ସଂସ୍ଥା ଆଟାର ରାଜ୍ୟସ୍ତରୀୟ ପଞ୍ଚମ ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। ସୋସିଆଲ ମିଡିଆ ‘ଏକ୍ସ’ ମାଧ୍ୟମରେ ନିଜ ଅଞ୍ଚଳ ସମସ୍ୟା ତଥା ଜିଲ୍ଲା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହେଲେ ସାଙ୍ଗେ ସାଙ୍ଗେ ଖବର ସଂଗ୍ରହ କରି ଟ୍ୱିଟ୍ କରି ସମସ୍ୟା ବିଷୟରେ ଅବଗତ କରନ୍ତି। ଆଜିର ଯୁବପିଢ଼ି ଅଧିକାଂଶ ସମୟରେ ନିଜର ମନୋରଞ୍ଜନ ନିମନ୍ତେ ସୋସିଆଲ ମିଡିଆକୁ ବ୍ୟବହାର କରୁଥିବା ବେଳେ ଯୁବ ସମାଜସେବୀ ସତ୍ୟଜିତ ଏହାକୁ ସମାଜ ସେବା ନିମନ୍ତେ ଉପଯୋଗ କରୁଛନ୍ତ। ଚାରି ବର୍ଷରେ ୧୫ ଶହରୁ ଅଧିକ ସମସ୍ୟା ସମାଧାନ କରିସାରିଲେଣି। ସେ ସମାଜ ସେବାକୁ ବ୍ରତ କରିଛନ୍ତି।

# ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ପରିଚାଳନା ପ୍ରସ୍ତୁତି ବୈଠକ



ଢେଙ୍କାନାଳ, ୬।୫ (ସମିସ) : ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ବ୍ଲକ ଏବଂ ଉପଖଣ୍ଡ ସ୍ତରରେ ସୁଚାରୁରୂପେ ପରିଚାଳନା କରିବା ନିମନ୍ତେ ଆଜି ହିନ୍ଦୋଳ ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜିକରଣ ଅଧିକାରୀ ପ୍ରଭାସ କୁମାର ବେହୁରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନେ ସାମିଲ ହୋଇଥିଲେ। ବୈଠକରେ ଶ୍ରୀ ବେହୁରା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ସମାବେଶୀତା ଉପରେ ଗୁରୁତ୍ୱାରୋପ କରିଥିଲେ। ଭୋଟରମାନଙ୍କୁ ସଠିକ୍ ସୂଚନା ପ୍ରଦାନ କରିବାରେ ବୁଥ୍‌ସ୍ତରୀୟ ପ୍ରତିନିଧି ଏବଂ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ବେହୁରା କହିଥିଲେ। ସ୍ୱତନ୍ତ୍ର ସଘନ ସଂଶୋଧନ ଅଧୀନରେ କରାଯିବାକୁ ଥିବା କାର୍ଯ୍ୟକଳାପଗୁଡ଼ିକ ମଧ୍ୟରେ ୩୦ ମଇ ୨୦୨୬ ରୁ ୨୮ ଜୁନ୍ ୨୦୨୬ ପର୍ଯ୍ୟନ୍ତ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ଦ୍ୱାରା ଘରକୁ ଘର ବୁଲି ପରିଦର୍ଶନ, ୫ ଜୁଲାଇ ୨୦୨୬ ରେ ଚିଠା ନିର୍ବାଚନ ତାଲିକା ପ୍ରକାଶନ, ୫ ଜୁଲାଇ ୨୦୨୬ ରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଏବଂ ଆପତି ଦାଖଲ ସମୟସୀମା, ୫ ଜୁଲାଇ ୨୦୨୬ ରୁ ୨ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଦାବି ଏବଂ ଆପତ୍ତିର ସମାଧାନ, ଏବଂ ୬ ସେପ୍ଟେମ୍ବର ୨୦୨୬ ରେ ଚୂଡ଼ାନ୍ତ ନିର୍ବାଚନ ତାଲିକା ପ୍ରକାଶନ ଅନ୍ତର୍ଭୁକ୍ତ। ବୈଠକରେ ହିନ୍ଦୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ କଲ୍ୟାଣ ସୌରଭ ଦାସ, ଓଡାପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲୀପ କୁମାର ଷଡ଼ଙ୍ଗୀ, ଡେପୁଟି କଲେକ୍ଟର ଦୁର୍ଯ୍ୟୋଧନ ସାହୁଙ୍କ ସମେତ ସମସ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧି ଉପସ୍ଥିତ ଥିଲେ।

## ଜିଲ୍ଲା ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ




ଢେଙ୍କାନାଳ, ୨୬।୫ (ସମିସ) : ଜିଲା ସାମ୍ବାଦିକ ସଂଘ ଢେଙ୍କାନାଳ ପକ୍ଷରୁ ରବିବାର ପୁରୁଣା ଜିଲ୍ଲା ପରିଷଦ ହଲଠାରେ ସଂଘର ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ କାର୍ଯ୍ୟକ୍ରମକୁ ଉଦଘାଟନ କରି କହିଲେ ଯେ, ସରକାର, ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରିବାରେ ଗଣମାଧ୍ୟମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ ପରସ୍ପର ମଧ୍ୟରେ ସମନ୍ୱୟର ଏକାନ୍ତ ଜରୁରୀ। ଖବରଦାତା ମାନେ ଖବର ପରିବେଷଣ କରିବା ବେଳେ ନୀତି ଓ ଆଦର୍ଶକୁ ନେଇ ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ଏସ୍‌ପି ଅଭିନବ ସୋନକର କହିଲେ ଯେ, ଗଣମାଧ୍ୟମ ହିଁ ବିଭିନ୍ନ ଖବରକୁ ଲୋକ ଲୋଚନକୁ ଆଣିଥାଏ। ସମାଜର ବିଭିନ୍ନ ସମସ୍ୟାକୁ ଗଣମାଧ୍ୟମର ପ୍ରତିନିଧିମାନେ ସରକାର, ପୋଲିସ ଓ ପ୍ରଶାସନର ଦୃଷ୍ଟିକୁ ଆଣିଥାନ୍ତି ବୋଲି ଏସ୍ପି କହିଥିଲେ। ଏହି ଅବସରରେ ସଂଘର ନିର୍ବାଚନ ଅଧିକାରୀ ସୁକାନ୍ତ ମିଶ୍ର ୪ବର୍ଷ ପାଇଁ ସଂଘର କର୍ମକର୍ତା ନିର୍ବାଚନ ବିବରଣୀ ପ୍ରଦାନ କରିଥିଲେ। ସବର୍ସମ୍ମତି କ୍ରମେ ସଭାପତି ଭାବେ ପୁଣିଥରେ ବରିଷ୍ଠ ଖବରଦାତା ପ୍ରସନ୍ନ କୁମାର ପଟ୍ଟନାୟକ, ସମ୍ପାଦକ ଭାବେ ସତ୍ୟ ସ୍ୱରୁପ ଦାସ ଓ କୋଷାଧକ୍ଷ ଭାବେ ବିନୋଦ ମହାନ୍ତି ଦ୍ୱିତୀୟଥର ପାଇଁ ନନିର୍ବାଚିତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଯୁବସମାଜସେବୀ ଡା. ଅବିନାଶ ସାମଲ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଜିଲ୍ଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର, ପୂର୍ବତନ ସଭାପତି ଶିବସାଈ ମହାପାତ୍ର, ସମାଜସେବୀ ରାଜକିଶୋର ବେହେରା ଓ କୁଳଦୀପ ରଥ ପ୍ରମୁଖ ମଂଚାସୀନ ଥିଲେ । ଅରବିନ୍ଦ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଖବରଦାତା କବି ଅଥୟ କୁମାର ସାହୁ ପରିଚାଳନା କରିଥିଲେ। ପରବର୍ତ୍ତୀ କାର୍ଯ୍ୟକାରୀ କମିଟି ବୈଠକ ଜୁନ୍ ୧୦ତାରିଖରେ ଭୁବନ ବ୍ଲକରେ ଅନୁଷ୍ଠିତ ହୋଇ ଅନ୍ୟ ସମସ୍ତ କର୍ମକର୍ତାଙ୍କ ନାମ ତାଲିକା ଘୋଷଣା କରାଯିବ ବୋଲି ସୂଚନା ଦିଆଯାଇଥିଲା।

## ୯୫ ପ୍ରତିଶତ ନମ୍ବର ରଖିଲେ ଶୁଭଲକ୍ଷ୍ମୀ



ଗଁଦିଆ, ୨୬।୫ (ସମିସ) : ଚଳିତ ବର୍ଷର ସିଏଚଏସଇ ପରୀକ୍ଷାରେ ଗଁଦିଆ ବ୍ଲକ କାବରା ଗ୍ରାମର ଛାତ୍ରୀ ଶୁଭଲକ୍ଷ୍ମୀ ମହାରଣା ଅସାଧାରଣ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ସେ ୬୦୦ ରୁ ୫୭୦ ନମ୍ବର ରଖି ୯୫ ପ୍ରତିଶତ ସହ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି । ଶୁଭଲକ୍ଷ୍ମୀ ଢେଙ୍କାନାଳ ମଙ୍ଗଳପୁରସ୍ଥିତ ଇ ଟେକ୍ ହାୟର ସେକେଣ୍ଡାରି ବିଦ୍ୟାଳୟରେ +୨ ବିଜ୍ଞାନ ବିଭାଗରେ ଅଧ୍ୟୟନ କରୁଥିଲେ । ସେ କାବରା ଗ୍ରାମର ରମେଶ ମହାରଣାଙ୍କ କନ୍ୟା । ଛୋଟ ବେଳୁ ପାଠପଢ଼ା ପ୍ରତି ଆଗ୍ରହୀ ଥିବା ଶୁଭଲକ୍ଷ୍ମୀ ନିୟମିତ ପରିଶ୍ରମ ଓ ଅଧ୍ୟବସାୟ ବଳରେ ଏହି ସଫଳତା ହାସଲ କରିଥିବା କହିଛନ୍ତି । କାବରା ଗ୍ରାମ ପରିଚାଳନା କମିଟି ଓ ବ୍ରଜନାଥ ବଡ଼ଜେନା ଯୁବକ ସଂଘ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଆଗାମୀ ଦିନରେ ଡାକ୍ତରୀ ସେବାରେ ଉଚ୍ଚ ଶିକ୍ଷା ଗ୍ରହଣ କରି ସମାଜ ପାଇଁ କାମ କରିବା ତାଙ୍କ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି ।

## ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ପ୍ରକୃତ ଅଭିଯୁକ୍ତକୁ ଗିରଫ ଦାବିରେ ଗଣବିକ୍ଷୋଭ

ଢେଙ୍କାନାଳ,୨୬।୫ (ସମିସ)







ସଦର ବ୍ଲକ ଅନ୍ତର୍ଗତ ଭାପୁର ଗ୍ରାମ ପଞ୍ଚାୟତର ବଣିଆସାହି ବାସିନ୍ଦା ଅଶାନ୍ତି ନାଏକଙ୍କୁ ମାରଣାନ୍ତକ ଆକ୍ରମଣ ଘଟଣାର ପ୍ରକୃତ ଅଭିଯୁକ୍ତକୁ ଗିରଫ ନକରି ନିର୍ଦ୍ଦୋଷ ସୁକୁଟା ନାଏକକୁ ପୁଲିସ ଗିରଫ କରିଥିବା ପ୍ରତିବାଦରେ ପରିବାର ସଦସ୍ୟଙ୍କ ସମେତ ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ କରିଥିବାର ଜଣାପଡ଼ିଛି । ଅଶାନ୍ତି ନାଏକଙ୍କୁ କିଏ ଆକ୍ରମଣ କରିଛି ତାହାର ପ୍ରମାଣ ପୁଲିସ ପାଖରେ ନାହିଁ। ବିଭିନ୍ନ ସାମାଜିକ ସଂଗଠନ ଓ ରାଜନୈତିକ ଦଳ ବାରମ୍ବାର ବିଦ୍ରୋହ ଓ ବିକ୍ଷୋଭ ଫଳରେ ପୁଲିସ ଚାପଗ୍ରସ୍ତ ହୋଇ ଓ ନିଜର ଦାୟିତ୍ୱ ତୁଲାଇବାକୁ ଯାଇ ସୁକୁଟା ନାଏକକୁ ଗିରଫକରି କୋର୍ଟ ଚାଲାଣ କରିଥିବା ଅଭିଯୋଗ ହୋଇଛି। ଏହା ପୂର୍ବରୁ ଉକ୍ତ ସାହିର ବ୍ୟକ୍ତିମାନେ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପାଇଁ ଭାପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପରେ ଗତ ୮ ତାରିଖରେ ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଓ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏହି ଘଟଣାରେ ସଂପୃକ୍ତ ଥିବା ସୁକୁଟା ନାଏକକୁ ଦୁଇଥର ପଚରାଉଚରା କରି ଛାଡ଼ି ଦେଇଥିଲା। ମାତ୍ର ବିଭିନ୍ନ ଚାପର ପ୍ରଭାବରେ ପୁଲିସ ସୁକୁଟା ନାଏକକୁ ପୁନର୍ବାର ଗତ ୨୪ ତାରିଖରେ ଗିରଫ କରି କୋର୍ଟକୁ ଚାଲାଣ କରିଛି। ଆଜି ଗ୍ରାମବାସୀ ଏହି ଘଟଣାକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଆରକ୍ଷୀ ଅଧୀକ୍ଷକଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକୃତ ଅଭିଯୁକ୍ତକୁ ଗିରଫ, ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଓ ସୁକଟାକୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରିଥିଲେ। ସୁକୁଟାକୁ ଖଲାସ କରାନଗଲେ ଆନ୍ଦୋଳନ ବଳବତ୍ତର ରହିବ ବୋଲି ଚେତାବନୀ ଦେଇଛନ୍ତି। ଏହି ବିକ୍ଷୋଭ ପ୍ରଦର୍ଶନରେ ନବ ନାଏକ, ବିପିନ ନାଏକ, ଲକ୍ଷ୍ମୀଧର ନାଏକ, ସୌଦାମିନୀ ନାଏକଙ୍କ ନେତୃତ୍ୱରେ ସାହିର ସମସ୍ତ ବାସିନ୍ଦା ଯୋଗଦାନ କରିଥିଲେ। ଆମ୍ବେଦକର ସେବା ସଂଗଠନ ପକ୍ଷରୁ ଆଇନଜୀବୀ ପ୍ରଦ୍ୟୁମ୍ନ କୁମାର ନାଏକ, ଆଇନଜୀବୀ ପଦ୍ମିନୀ ନାଏକ ଓ ସମ୍ପାଦକ ଚିତ୍ରସେନ ନାଏକ ସହଯୋଗ କରିଥିଲେ।

# ମା’ ରଙ୍କେଇ ପୀଠର ଉନ୍ନତିକରଣ ଦାବି



ଖଜୁରିଆକଟା, ୨୬।୫ (ସମିସ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଗଡର ଐତିହାସିକ ଅଧିଷ୍ଠାତ୍ରୀ ଦେବି ମା ରଙ୍କେଇ ପିଠ ଆଜି ଅବହେଳିତ ହିନ୍ଦୋଳ ସଦର ମହକୁମାସ୍ଥିତ ହନ୍ଦୋଳ ରାଜବାଟିରେ ପୂଜା ପାଉଥିବା ତଥା ଶତାଧିକବର୍ଷ ପୂର୍ବେ ମାଟିତଳୁ ଉଭା ହୋଇଥିବା ମା’ ରଙ୍କେଇ। ମାଙ୍କ ଉପରେ ପୂଜା ପାଉଛନ୍ତି ଦେବୀ ନୀଳସରସ୍ୱତୀ (ରଢ଼େଶ୍ୱରୀ) ତଳେ ମା’ରଙ୍କେଇ। ହିନ୍ଦୋଳର ଐତିହ୍ୟ ଅଧିଷ୍ଠାତ୍ରୀ ଦେବୀ ମା’ରଙ୍କେଇ ସାରା ଅଞ୍ଚଳରେ ତଥା ହିନ୍ଦୁ ଧର୍ମାବଲମ୍ବୀ ବାସ କରୁଥିବା ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ଛୁଟି ଆସନ୍ତି ମା’ ରଙ୍କେଇଙ୍କ ଦର୍ଶନ ନିମନ୍ତେ। ଲୋକଙ୍କ ମତ ଅନୁସାରେ ପ୍ରତ୍ୟକ୍ଷଦେବି ମା’ଙ୍କୁ ଡାକିଲେ ମା’ ଶୁଣନ୍ତି। ମା ପ୍ରଥମେ ଏକତାଳି ପ୍ରଜେକ୍ଟ ତାପରେ ପର୍ବତ ପାହାଡ ମଧ୍ୟରେ ଥିଲେ ପରେ ତାଙ୍କୁ ଜଣେପୂଜକ ପୂଜାକରୁଥିଲେ। ତାଙ୍କର ବୃଦ୍ଧାବସ୍ଥା ଆସିବାରୁ ସେ କହିଲେ ଯେ ମୁଁ ତୋ ପାଖକୁ ଏତେ ବାଟ ଚାଲି ଚାଲି ଆସି କରି ପୂଜାକରି ପାରିବି ନାହିଁ। ତେଣୁ ମା କହିଲେ ତୁ ଚାଲି ଚାଲି ଚାଲ ତତେ ଯେଉଁଠି ସୁବିଧା ହେବ ମୁଁ ସେଇଠି ରହିବି । ଏଥି ସହିତ ଏ କଥା ମଧ୍ୟ କହିଥିଲେ ଯେ ତୁ ଆଗରେ ଚାଲ ମୁଁ ପଛରେ ଯାଉଛି ଆଉ ମାଙ୍କ କଥା ଶୁଣି ପୂଜକ ମଧ୍ୟ ସେଇଆ କଲେ ପୂଜକ ଜଣକ ଆଗେ ଆଗେ ଚାଲିଲେ ଆଉ ମା ରଙ୍କେଇ ତାଙ୍କ ପଛେ ପଛେ ଚାଲିଲେ। ଆଉ କିଛି ବାଟ ଗଲାପରେ ମାଙ୍କର କିଛି ଶବ୍ଦ ନ ଶୁଭିବାରୁ ପୂଜକ ଜଣକ ହଠାତ୍ ପଛକୁ ଚାହିଁ ଦେବା ଫଳରେ ମା’ ସେହି ଠାରେ ହିଁ ମା ଅଟକି ଗଲେ ଆଉ ସେବେ ଠାରୁ ମା ସେହି ଠାରେ ଆଜି ପର୍ଯ୍ୟନ୍ତ ପୂଜା ପାଇ ଆସୁଛନ୍ତି। ମାଙ୍କର ମହିମା ଅନେକ ଥରେ ଗୋଟିଏ ଚୋର ମାଙ୍କର ଆଖି ଦୁଇଟି ଚୋରୀକରି ନେଇଥିବା ବେଳେ ମାଙ୍କର ଆଖି ଚୋରୀକରି ନେଇଥିବା ଚୋରର ଆଖି ଫୁଟିଗଲା। ମାଙ୍କର ବଡ଼ଯାତ୍ରା କହିଲେ ସରସ୍ୱତୀ ପୂଜା ଦିନ ମାଙ୍କର ଜନ୍ମଦିନ ପାଳନହୁଏ। ହନ୍ଦୋଳ ଦେବୋତର ଅଧୀନରେ ଥିବା ଏହିମନ୍ଦିରକୁ ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରାଙ୍କ ଉଦ୍ୟମରେ ପୁରୁଣାମନ୍ଦିର ସ୍ଥାନରେ ନୂତନମନ୍ଦିର ଓ ଉନ୍ନତିକରଣ ହୋଇଥିବାବେଳେ ମଝିରେ କିଛି ଉର୍ନତିକରଣ ହୋଇଥିଲା ମାତ୍ର ବର୍ତମାନସୁଦ୍ଧା ମୁଖ୍ୟରାସ୍ତା ଜଗନ୍ନାଥମନ୍ଦିର ଠାରୁ ରଙ୍କେଇ ମନ୍ଦିର ପର୍ଯ୍ୟନ୍ତ ଅତ୍ୟନ୍ତ ବିପଦ ସଂକୁଳ ତଥା କଦର୍ଯ୍ୟ ହୋଇପଡିଥିବାବେଳେ ମନ୍ଦିର ଚତୁଃପାର୍ଶ୍ୱ ପାଚେରି, ଭବ୍ୟ ମୁଖଶାଳା ନାହିଁ। ଏହାର ଉନ୍ନତିକରଣ ପାଇଁ ଦାବି ହେଉଛି।





# କାଠଯୋଡ଼ି ପଠାରୁ ପୁଣି ଜଣେ ମହିଳାଙ୍କ ଅର୍ଦ୍ଧନଗ୍ନ ମୃତଦେହ ଉଦ୍ଧାର



- ହତ୍ୟା ସନ୍ଦେହ
- ଘଟଣାସ୍ଥଳରୁ ପୁରୁଷଙ୍କ ଚପଲ ଜବତ
- ହାତରେ ରହିଛି ଲାଲ୍ ଶଙ୍ଖା, ପରିଚୟ ଖୋଜୁଛି ପ୍ରଶାସନ

**କଟକ, ୨୬।୫(ସମିସ)**

କଟକ ସହରର କାଠଯୋଡ଼ି ନଦୀ ବାଲିରୁ ଆଜି ପୁଣି ଜଣେ ଅଜଣା ମହିଳାଙ୍କ ଅର୍ଦ୍ଧନଗ୍ନ ଅବସ୍ଥାରେ ରହସ୍ୟଜନକ ମୃତଦେହ ଉଦ୍ଧାର କରାଯିବା ଘଟଣା ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପ୍ରାଥମିକ ସ୍ଥିତିରୁ ମହିଳାଙ୍କୁ ନୃଶଂସ ଭାବେ ହତ୍ୟା କରାଯାଇ ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ନଦୀ ପଠାରେ ଫିଙ୍ଗି ଦିଆଯାଇଥିବା ଅନୁମାନ କରାଯାଉଛି। ଘଟଣାସ୍ଥଳରୁ ପୁଲିସ ପକ୍ଷରୁ ପୁରୁଷଙ୍କ ବ୍ୟବହୃତ ହଳେ ଚପଲ ଜବତ କରାଯାଇଛି, ଯାହା ଅପରାଧୀର ସମ୍ପୃକ୍ତି ଆଡ଼କୁ ସ୍ପଷ୍ଟ ଇଙ୍ଗିତ ଦେଉଛି। ବାଦାମବାଡ଼ି ଥାନା ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ଏସ୍‌ସିବି ମେଡିକାଲର ଶବଗୃହରେ ସଂରକ୍ଷିତ କରି ରଖିଛି। ଏହି ସମ୍ବେଦନଶୀଳ ମାମଲା ସମ୍ପର୍କରେ ଜୋନ୍-୬ ଏସିପି ଅଶୋକ ଗିରିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପୁଲିସ ସମସ୍ତ ଦିଗକୁ ନେଇ ଅନୁସନ୍ଧାନ ଆରମ୍ଭ କରିଛି ଏବଂ ଶବ ବ୍ୟବଚ୍ଛେଦ ରିପୋର୍ଟ ତଥା ବିସ୍ତୃତ ତଦନ୍ତ ଶେଷ ହେବା ପରେ ହିଁ ଏହା ଏକ ହତ୍ୟାକାଣ୍ଡ କି ନାହିଁ, ତାହା ସ୍ପଷ୍ଟ ଜଣାପଡ଼ିବ।

ପୁଲିସସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଆଜି ଅପରାହ୍ଣ ସମୟରେ କାଠଯୋଡ଼ି ନଦୀ କୂଳରେ ଜଣେ ମହିଳାଙ୍କ ଶବ ପଡ଼ିରହିଥିବା ନେଇ ସ୍ଥାନୀୟ ବାସିନ୍ଦା ପୁଲିସକୁ ସୂଚନା ଦେଇଥିଲେ। ଖାନନଗରର ବୁରୁଜ ପାର୍କ ଏବଂ ନଦୀର ଆରପାରିରେ ଥିବା ପ୍ରସିଦ୍ଧ ମୁକ୍ତେଶ୍ୱର ମନ୍ଦିରର ଠିକ୍ ମଧ୍ୟଭାଗରେ ଥିବା ଶୁଖିଲା ନଦୀ ବାଲିରେ ମୃତଦେହଟି ଅତି ଅସହାୟ ଅବସ୍ଥାରେ ପଡ଼ିଥିଲା। ଖବର ପାଇ ବାଦାମବାଡ଼ି ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା। ମୃତ ମହିଳାଙ୍କ ବୟସ ପ୍ରାୟ ୩୫ରୁ ୪୫ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ଉଦ୍ଧାର ସମୟରେ ମହିଳା ଜଣକ ଶାଢ଼ୀ ପିନ୍ଧିଥିବା ସତ୍ତ୍ୱେ ତାଙ୍କ ଶରୀର ଅର୍ଦ୍ଧନଗ୍ନ ଅବସ୍ଥାରେ ଥିଲା ଏବଂ ତାଙ୍କ ଡାହାଣ ହାତରେ ଏକ ଲାଲ୍ ରଙ୍ଗର ଶଙ୍ଖା ରହିଥିଲା। ହାତର ଶଙ୍ଖାରୁ ମହିଳା ଜଣକ ବିବାହିତ ବୋଲି ଅନୁମାନ କରାଯାଉଥିଲେ ହେଁ ଘଟଣାସ୍ଥଳକୁ ଆସିଥିବା ସ୍ଥାନୀୟ ଅଞ୍ଚଳର କୌଣସି ଲୋକ ତାଙ୍କୁ ଚିହ୍ନିପାରି ନାହାନ୍ତି। ମହିଳାଙ୍କ ପ୍ରକୃତ ପରିଚୟ ଜାଣିବା ଏବଂ ତାଙ୍କ ପରିବାର ଲୋକଙ୍କ ସନ୍ଧାନ ପାଇଁ ବାଦାମବାଡ଼ି ପୁଲିସ ପକ୍ଷରୁ ମୃତକଙ୍କ ଫଟୋଚିତ୍ରକୁ କମିଶନରେଟ୍ ପୁଲିସର ବିଭିନ୍ନ ଥାନା ସମେତ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାର ଥାନାଗୁଡ଼ିକୁ ମଧ୍ୟ ପ୍ରେରଣ କରାଯାଇଛି। ଆଇନଗତ ପ୍ରକ୍ରିୟା ଅନୁଯାୟୀ, ଆସନ୍ତା ୯୬ ଘଣ୍ଟା ପର୍ଯ୍ୟନ୍ତ ମହିଳାଙ୍କ ମୃତଦେହକୁ ଏସ୍‌ସିବି ଶବ ସଂରକ୍ଷଣ ଗୃହରେ ସୁରକ୍ଷିତ ଭାବେ ରଖାଯିବ। ବାଦାମବାଡ଼ି ଥାନା ଅଧିକାରୀ (ଆଇଆଇସି) ଅଜୟ ରାଉଳ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଏହି ନିର୍ଦ୍ଧାରିତ ୯୬ ଘଣ୍ଟା ମଧ୍ୟରେ ଯଦି ମହିଳାଙ୍କ ପରିଚୟ ମିଳି ନ ପାରେ କିମ୍ବା ତାଙ୍କର କୌଣସି ସମ୍ପର୍କୀୟ ପୁଲିସକୁ ଯୋଗାଯୋଗ ନ କରନ୍ତି, ତେବେ ପୁଲିସ ନିୟମ ଅନୁସାରେ ସରକାରୀସ୍ତରରେ ଶବର ସତ୍କାର ବ୍ୟବସ୍ଥା କରାଯିବ। ସୂଚନାଯୋଗ୍ୟ ଯେ, ଗତ ୫ ଦିନ ତଳେ ବାରଙ୍ଗ ଥାନା ଅଞ୍ଚଳ କାଠଯୋଡି ନଦୀରୁ ଜଣେ ମହିଳାଙ୍କ ଗଳିତ ଶବ ଉଦ୍ଧାର ହୋଇଥିଲା। ପୁଲିସ ଏହ ଘଟଣାରେ ତଦନ୍ତ ଜାରି ରଖିଥିବା ବେଳେ ଆଜି ପୁଣି ଆଉ ଏକ ମୃତଦେହ ଉଦ୍ଧାର ଘଟଣା ପୁଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

## ୪୫ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ; ୩ ଗିରଫ



**କଟକ, ୨୬।୫(ସମିସ):** କଟକ ସହରରେ କାୟା ବିସ୍ତାର କରୁଥିବା 'ଧଳା ଜହର' ବା ବ୍ରାଉନସୁଗର କାରବାର ଉପରେ ଅବକାରୀ ବିଭାଗ ଏକ ବଡ଼ଧରଣର ଚଢ଼ଉ କରିଛି। ସହରର ତୁଳସୀପୁର ଏବଂ ମର୍କତନଗର ଅଞ୍ଚଳରୁ ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ମୋଟ ୪୬୪ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିବା ସହ ୩ ଜଣ ଆନ୍ତଃଜିଲ୍ଲା ନିଶା ବେପାରୀଙ୍କୁ ଗିରଫ କରିଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ପ୍ରାୟ ୪୫ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମର୍କତନଗରର ପୂର୍ଣ୍ଣଚନ୍ଦ୍ର ଦାସ (୨୯), କେଶରପୁରର ସୌଭାଗ୍ୟରଞ୍ଜନ ପରିଡ଼ା (୩୭) ଓ ତୁଳସୀପୁରର ମଣ୍ଟୋଷ ନାୟକ (୩୮)। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇ ଚୌଦ୍ୱାର ଜେଲ୍ ପଠାଇ ଦିଆଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ, ଏହି ମାରାତ୍ମକ ଆଫଗାନୀ ବ୍ରାଉନସୁଗର ବାଙ୍ଗଲାଦେଶର ସୁନ୍ଦରବନ ଦେଇ ଓଡ଼ିଶାର ଜଳେଶ୍ୱର ଓ ଗଞ୍ଜାମରେ ପହଞ୍ଚୁଛି। ସେଠାରୁ ଏହା କଟକ ସହରକୁ ଚାଲାଣ କରାଯାଇ ମାଛୁଆବଜାର, କିଲାପଡ଼ିଆ, ନରାଜ ଓ ଜଗତପୁର ଭଳି ପ୍ରମୁଖ ପେଣ୍ଠସ୍ଥଳୀ ମାଧ୍ୟମରେ ଖୁଚୁରା ବିକ୍ରି ହେଉଛି। ଏପରିକି କେତେକ ପାନ ଦୋକାନରେ ଏହାକୁ ସିଗାରେଟ୍ ଭିତରେ ଭର୍ତ୍ତି କରି କଲେଜ ଛାତ୍ର ଓ ଯୁବଗୋଷ୍ଠୀଙ୍କୁ ସହଜରେ ବିକ୍ରି କରାଯାଉଛି। କଟକରୁ ଏହି ନିଶାଦ୍ରବ୍ୟ ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର ଓ ପୁରୀ ଭଳି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକୁ ମଧ୍ୟ ଚାଲାଣ ହେଉଥିବା ନେଇ କମିଶନରେଟ୍ ପୁଲିସ ସୂଚନା ଦେଇଛି। ସହରର ଯୁବପୀଢ଼ିଙ୍କୁ ଏହି ବିପଦରୁ ରକ୍ଷା କରିବା ପାଇଁ ବାଲିଯାତ୍ରା ପଠା ସମେତ ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଅବକାରୀ ବିଭାଗ ନଜର ରଖିଛି।

### ଇନ୍ଧନ ଓ ଗ୍ୟାସ ଦରବୃଦ୍ଧି ପ୍ରତିବାଦ

## କଟକରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହକଲା ବିଜେଡି




**କଟକ, ୨୬।୫(ସମିସ):** ପେଟ୍ରୋଲ, ଡିଜେଲ ଏବଂ ରୋଷେଇ ଗ୍ୟାସର କ୍ରମାଗତ ମୂଲ୍ୟବୃଦ୍ଧି ପ୍ରତିବାଦରେ ବିଜୁ ଜନତା ଦଳ ପକ୍ଷରୁ ମଙ୍ଗଳବାର କଟକ କଲେଜ ଛକଠାରେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏବଂ କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ଶାସକ ବିଜେପି ସରକାରଙ୍କ ବିରୋଧରେ ଜୋରଦାର ସ୍ଲୋଗାନ ଦିଆଯିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଦରବୃଦ୍ଧି ଯୋଗୁଁ ସାଧାରଣ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି ଏବଂ ପରିବହନ ଖର୍ଚ୍ଚ ବଢ଼ିବା ସହ ମହିଳାମାନଙ୍କ ହାଣ୍ଡିଶାଳ ପ୍ରଭାବିତ ହୋଇଛି ବୋଲି ବକ୍ତାମାନେ ଅଭିଯୋଗ କରିଛନ୍ତି। ରାଜ୍ୟରେ 'ଡବଲ ଇଞ୍ଜିନ' ସରକାର ଜନସାଧାରଣଙ୍କ ସମସ୍ୟା ସମାଧାନ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ସେମାନେ ପ୍ରକାଶ କରିଛନ୍ତି। ଏହି ଆନ୍ଦୋଳନରେ କଟକ ମେୟର ସୁବାସ ସିଂହ, ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ମିନତୀ ବେହେରା, ସ୍ମୃତିରଞ୍ଜନ ନାୟକ, ସୁମନ ବେହେରା, ଅନିତା ବେହେରା, ଚିରଞ୍ଜୀବ ସାହୁ, ତାପସ ମହାନ୍ତି, ପ୍ରକାଶ ସିଂ, ନନ୍ଦଲାଲ ସିଂହ, ଶିଶିର ପରିଜା ଏବଂ ପ୍ରଦୀପ୍ତ ଖୁଣ୍ଟିଆଙ୍କ ସମେତ ବିଜେଡିର ଶତାଧିକ ଯୁବ, ଛାତ୍ର ଓ ମହିଳା କର୍ମକର୍ତ୍ତା ସାମିଲ ହୋଇଥିଲେ।

## ସାଧାରଣ ଲୋକଙ୍କୁ ଅଧିକ ବିଦ୍ୟୁତ୍ ଯୋଗାଇବାକୁ ଦାବି

**କଟକ, ୨୫।୫(ସମିସ):** ଚଳିତ ମେ' ମାସର ଅସହ୍ୟ ତାତି ଓ ଗୁଳୁଗୁଳି ସମୟରେ ଘନ ଘନ ବିଦ୍ୟୁତ୍ କାଟକୁ ନେଇ ସିପିଆଇ(ଏମ୍) କଟକ ଜିଲ୍ଲା କମିଟି ପକ୍ଷରୁ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ସମ୍ପାଦକ ବଦ୍ରିନାରାୟଣ ଦାଶ ଏକ ବିବୃତ୍ତି ଜରିଆରେ କହିଛନ୍ତି ଯେ, ବଡ଼ ବଡ଼ କମ୍ପାନୀଗୁଡ଼ିକର ବିଜ୍ଞାପନ ପାଇଁ ସାରା ରାତି ଜଳୁଥିବା ଗ୍ଲୋ-ଲାଇଟ୍‌କୁ ତୁରନ୍ତ ବନ୍ଦ କରାଯାଉ ଏବଂ ସେହି ବିଦ୍ୟୁତ୍‌କୁ ସାଧାରଣ ଜନସାଧାରଣଙ୍କ ସେବାରେ ବିନିଯୋଗ କରାଯାଉ। ଶ୍ରୀ ଦାଶ ଅଭିଯୋଗ କରିଛନ୍ତି ଯେ, ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱରେ ଥିବା ଟାଟା ପାୱାର କମ୍ପାନୀ ଭିତ୍ତିଭୂମିର ବିକାଶ କିମ୍ବା ଟ୍ରାନ୍ସଫରମରଗୁଡ଼ିକର କ୍ଷମତା ବୃଦ୍ଧି ପାଇଁ ଆବଶ୍ୟକ ପୁଞ୍ଜି ବିନିଯୋଗ କରୁନାହିଁ। ପ୍ରଚଣ୍ଡ ଗରମ ଯୋଗୁଁ ଲୋକେ ଅଧିକ ବିଦ୍ୟୁତ୍ ବ୍ୟବହାର କରୁଥିବା ବେଳେ ଦୁର୍ବଳ ଭିତ୍ତିଭୂମି ଯୋଗୁଁ ବାରମ୍ବାର ବିଦ୍ୟୁତ୍ ସେବା ବ୍ୟାହତ ହେଉଛି। ଅନ୍ୟପକ୍ଷରେ, ଏଭଳି ସଂକଟ ଜନକ ସ୍ଥିତିରେ ବିଦ୍ୟୁତ୍ ମନ୍ତ୍ରୀ ଜନଗଣଙ୍କୁ ଏସି ଓ କୁଲର୍ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦେବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ସିପିଆଇ(ଏମ୍) ପକ୍ଷରୁ କୁହାଯାଇଛି। ସାଧାରଣ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ଓ ସମ୍ପୃକ୍ତ କମ୍ପାନୀ ତୁରନ୍ତ ଏହାର ପ୍ରତିକାର କରନ୍ତୁ ବୋଲି ସଂଗଠନ ଦାବି କରିଛି।

### ଭଜନସମ୍ରାଟଙ୍କ ୯୭ତମ ଜୟନ୍ତୀ

## ଭିକାରୀ ବଳ ଥିଲେ ଭାବ ଓ ଭକ୍ତିର ଭଗୀରଥ



### ହରମୋହନ ଖୁଣ୍ଟିଆ, ଗୀତା ଖୁଣ୍ଟିଆ ଓ ଡାକ୍ତର ଚଣ୍ଡି ଦାସ ସମ୍ବର୍ଦ୍ଧିତ

**କଟକ, ୨୬।୫(ସମିସ):** ଓଡ଼ିଶାର ଯଶସ୍ୱୀ କଣ୍ଠଶିଳ୍ପୀ ଭଜନସମ୍ରାଟ ଭିକାରୀ ବଳଙ୍କ ୯୭ତମ ଜୟନ୍ତୀ ଉତ୍ସବ କଟକର ଶତାବ୍ଦୀ ଭବନଠାରେ ବେଶ୍ ଧୂମଧାମରେ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଏବଂ ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଏହି ସଭା ଆୟୋଜିତ ହୋଇଥିଲା। ସ୍ମୃତି ସଂସଦର ସଭାପତି ଗୀତିକବି ଗୌର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ଦିବ୍ୟ ଜୀବନ ସଂଘର ବରିଷ୍ଠ ସନ୍ଥ ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରିଥିଲେ। ଦୈନିକ 'ସମାଜ'ର ମୁଦ୍ରାକର ଓ ପ୍ରକାଶକ ରାଜେନ୍ଦ୍ର କୁମାର ଜେନା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିକାରୀ ବଳଙ୍କ ଭଜନକୁ କାଳଜୟୀ ଓ ସୃଷ୍ଟିକୁ ଅତୁଳନୀୟ ବୋଲି ଅଭିହିତ କରିଥିଲେ। ଏହି ଅବସରରେ ସଂସଦର ସମ୍ପାଦକ ଡକ୍ଟର ସୁନାମଣି ରାଉତ ବାର୍ଷିକ ବିବରଣୀ ପାଠ କରିବା ସହ ଖାନନଗରସ୍ଥିତ ଭିକାରୀ ବଳଙ୍କ ପ୍ରତିମୂର୍ତ୍ତି ସ୍ଥାନକୁ ପ୍ରଶସ୍ତ କରି 'ଭିକାରୀ ବଳ ପାର୍କ' ନିର୍ମାଣ କରିବା, କଟକର ଏକ ପ୍ରମୁଖ ରାସ୍ତାକୁ 'ଭିକାରୀ ବଳ ସରଣୀ' ନାମରେ ନାମିତ କରିବା ଏବଂ ତାଙ୍କୁ ମରଣୋତ୍ତର 'ପଦ୍ମ ପୁରସ୍କାର' ପ୍ରଦାନ ପାଇଁ ସରକାରୀସ୍ତରରେ ଉଦ୍ୟମ କରିବାକୁ ଦାବି କରିଥିଲେ। ଉତ୍ସବରେ ବିଶିଷ୍ଟ ସଙ୍ଗୀତକାର ପଣ୍ଡିତ ହରମୋହନ ଖୁଣ୍ଟିଆ ଓ ଗୀତିକାର ଗୀତା ଖୁଣ୍ଟିଆଙ୍କୁ ମର୍ଯ୍ୟାଦାଜନକ 'ଭଜନସମ୍ରାଟ ଭିକାରୀ ବଳ ସ୍ମୃତି ପୁରସ୍କାର-୨୦' ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ଉଭୟଙ୍କୁ ନଗଦ ୫ ହଜାର ଟଙ୍କା, ଉତ୍ତରୀୟ ଓ ଉପାୟନ ଦିଆଯାଇଛି। ସେହିପରି ବରିଷ୍ଠ ଚକ୍ଷୁରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ଚଣ୍ଡି ଦାସଙ୍କୁ 'ଭଜନସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଉତ୍ସବରେ ବିଜୟ ମଲ୍ଲଙ୍କ ସଂଯୋଜନାରେ କଣ୍ଠଶିଳ୍ପୀ ରବୀନ୍ଦ୍ର ମହାପାତ୍ର, ଅନସୂୟା ନାଥ ଓ ସ୍ୱାତୀଶ୍ୱେତା ରାଉତ ଭିକାରୀ ବଳଙ୍କ କାଳଜୟୀ ଭଜନ ପରିବେଷଣ କରିଥିଲେ। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରାଶାସନିକ ଅଧିକାରୀ ସୂଚିସ୍ମିତା ମନ୍ତ୍ରୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ କଟକ ମେୟର ସୁବାସ ସିଂହଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଖାନନଗରସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ।

## ଚୌଦ୍ୱାର ପୁଲିସ ପଞ୍ଝାରେ ୬ କୁଖ୍ୟାତ ଲୁଟେରା

### ନଗଦ ଟଙ୍କା ଓ କାର୍ ଜବତ



**ଚୌଦ୍ୱାର, ୨୬।୫(ସମିସ):** ଚୌଦ୍ୱାର ଥାନା ପୁଲିସ ଏକ ସ୍ୱତନ୍ତ୍ର ଅଭିଯାନ ଚଳାଇ ଜଣେ କାର୍ ଆରୋହୀଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ୍ କରିବା ଅଭିଯୋଗରେ ୬ ଜଣ କୁଖ୍ୟାତ ଲୁଟେରାଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ଜିଲ୍ଲା ବଣେଇ ଅଞ୍ଚଳର ଶ୍ରୀଧର ସାହୁ ନିଜ ପରିବାର ସହ କାର୍ ଯୋଗେ ଭୁବନେଶ୍ୱର ଯାଉଥିବା ବେଳେ ଚୌଦ୍ୱାର ରେଳ ଫାଟକ ନିକଟରେ କିଛି ଦୁର୍ବୃତ୍ତ ସେମାନଙ୍କୁ ଅଟକାଇଥିଲେ। ଏହାପରେ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ଚିକିତ୍ସା ଖର୍ଚ୍ଚ ପାଇଁ ରଖାଯାଇଥିବା ନଗଦ ୬୫ ହଜାର ଟଙ୍କା ଲୁଟି ନେଇଥିଲେ। ଏନେଇ ଥାନାରେ ଲିଖିତ ଅଭିଯୋଗ ହେବା ପରେ ଥାନା ଅଧିକାରୀ ରଜନୀକାନ୍ତ ଦାସଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନର ସିସିଟିଭି ଫୁଟେଜ୍ ଆଧାରରେ ଚଢ଼ଉ କରି ଏଥିରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କାଜୁ ବଜାରର ନିଜାମୁଦ୍ଦିନ ଖାନ ଏବଂ ପଦ୍ମପୁର ଅଞ୍ଚଳର ସେକ ଅମିରଉଦ୍ଦିନ, ସେକ କବିରଉଦ୍ଦିନ, ସେକ ଜୋରୁଦ୍ଦିନ, ସେକ ସାମସୁଦ୍ଦିନ ଓ ସେକ ଜବରୁଦ୍ଦିନ। ପୁଲିସ ସେମାନଙ୍କଠାରୁ ଲୁଟ୍ ହୋଇଥିବା ନଗଦ ୧୧ ହଜାର ୯୦୦ ଟଙ୍କା, ଗୋଟିଏ ରାମ୍ପୋ ଛୁରି ଏବଂ ଅପରାଧରେ ବ୍ୟବହୃତ ଏକ ଅଲ୍ଟୋ କାର୍ ଜବତ କରିଛି। ଅଭିଯୁକ୍ତମାନଙ୍କ ବିରୋଧରେ କେସ୍ ନମ୍ବର ୩୦୬ ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ




**କଟକ, ୨୬।୫(ସମିସ):** କଟକ ମହାନଗର ନିଗମ ୨୪ ନମ୍ବର ୱାର୍ଡର କର୍ପୋରେଟର ତଥା ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆଙ୍କ ନେତୃତ୍ୱରେ ସ୍ଥାନୀୟ ହରିପୁର ଓ ସାଆନ୍ତ ସାହି ଅଞ୍ଚଳର ଯୋଗ୍ୟ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହାନଗର ନିଗମର ସିଓ ଶୁଭ୍ରା ପ୍ରିୟଦର୍ଶିନୀ ମିଶ୍ର ଏବଂ ବିକ୍ରମ ଛାଟୋଇ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରିବାରେ ସହଯୋଗ କରିଥିଲେ। ଦୀର୍ଘ ଦିନର ପ୍ରତୀକ୍ଷା ପରେ ସ୍ଥାନୀୟ ଅଞ୍ଚଳର ବୃଦ୍ଧବୃଦ୍ଧାମାନେ ସେମାନଙ୍କର ସାମାଜିକ ସୁରକ୍ଷା ଭତ୍ତା ପାଇ ବେଶ୍ ଖୁସି ପ୍ରକାଶ କରିଛନ୍ତି। ଏହି ଅବସରରେ କର୍ପୋରେଟର ଶ୍ରୀମତୀ ମୂଳିଆ ଆଗାମୀ ଦିନରେ ୱାର୍ଡର ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କ ପାଖରେ ସରକାରୀ ଯୋଜନା ପହଞ୍ଚାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ହସ୍ତତନ୍ତ ଶିଳ୍ପ ଓ ତାଲିମ କେନ୍ଦ୍ର ଉଦ୍‌ଘାଟିତ

**କଟକ, ୨୬।୫(ସମିସ):** ସଦର ଥାନା ଅନ୍ତର୍ଗତ ଗଙ୍ଗେଶ୍ୱରଠାରେ 'କୋଲ ହସ୍ତତନ୍ତ ଓ ଫ୍ୟାସନ ଡିଜାଇନ' କେନ୍ଦ୍ର ଆରମ୍ଭ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ନଳିନୀପ୍ରଭା ପାତ୍ର ମୁଖ୍ୟ ଅତିଥିରୂପେ ଏହାକୁ ଉଦଘାଟନ କରିଥିଲାବେଳେ ପରିଚାଳନା ନିର୍ଦ୍ଦେଶିକା କାଜଲ ସାହୁ, ସମାଜସେବୀ ସୁନ୍ଦର ପ୍ରଭାତ ଦାସ, ଆଇନଜୀବୀ ଅଭିରାମ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ୨୦ଜଣ କୁଶଳୀ କାରିଗରଙ୍କ ଦ୍ୱାରା ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ସୂତା, ଟସର ଓ ପାଟ ବସ୍ତ୍ର ଆଦି ତିଆରି ହେଉଛି। ଅଭିଜ୍ଞ ଶିଳ୍ପୀଙ୍କ ଦ୍ୱାରା ଯୁବକଯୁବତୀଙ୍କୁ ହସ୍ତତନ୍ତ ଓ ଫ୍ୟାସନ ଡିଜାଇନ ବିଷୟରେ ତାଲିମ ପ୍ରଦାନ କରାଯାଉଛି। ଏଠାରୁ ଉତ୍ପାଦିତ ବସ୍ତ୍ର ଅନଲାଇନ ଜରିଆରେ ଉଭୟ ରାଜ୍ୟ ଓ ଦେଶର ବିଭିନ୍ନ ଭାଗକୁ ତଥା ସରକାରୀ ସଂସ୍ଥାକୁ ରପ୍ତାନୀ ହେଉଥିବା ବିଷୟ ନିର୍ଦ୍ଦେଶିକା ସୁଶ୍ରୀ ସାହୁ ସୂଚନା ଦେଇଥିଲେ। ଏହି ଅବସରରେ ଗରିବ ପରିବାରକୁ ବସ୍ତ୍ର ବିତରଣ ହୋଇଥିଲା। ଶିଳ୍ପକେନ୍ଦ୍ର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବାରଙ୍ଗ ଥାନାରେ ପୁଲିସର 'ଥାର୍ଡ ଡିଗ୍ରୀ' ଘଟଣା

## ରାଜନୈତିକ ଚାପରେ ରଫାଦଫା ଉଦ୍ୟମ

**ବାରଙ୍ଗ, ୨୬।୫(ସମସ)**

ବାରଙ୍ଗ ଥାନା ପୁଲିସ ଜଣେ ନିରୀହ ଯୁବକଙ୍କୁ ବିନା ଦୋଷରେ ଥାର୍ଡ ଡିଗ୍ରୀ ନିର୍ଯାତନା ଦେଇଥିବା ସଙ୍ଗୀନ ଅଭିଯୋଗ ହେଉଥିବା ବେଳେ ଏହି ଘଟଣାକୁ ଚପାଇ ଦେବା ପାଇଁ ଏବେ ପରିବାର ଉପରେ ପ୍ରବଳ ରାଜନୈତିକ ଚାପ ପଡ଼ୁଥିବା ଅଭିଯୋଗ ହୋଇଛି। ବାରଙ୍ଗ ଅଞ୍ଚଳର ରାକେଶ ବେହେରାଙ୍କ ପତ୍ନୀ ଦୁଇଟି ସନ୍ତାନକୁ ଛାଡ଼ି କେଉଁଆଡ଼େ ନିଖୋଜ ହୋଇଯାଇଥିବା ବେଳେ ପୁଲିସ ତାଙ୍କୁ ଖୋଜିବା ପରିବର୍ତ୍ତେ ନଦୀ ପଠାରୁ ମିଳିଥିବା ଏକ ଅଜଣା ମହିଳାଙ୍କ ଶବକୁ ତାଙ୍କ ସ୍ତ୍ରୀ ବୋଲି ଦର୍ଶାଇ ରାକେଶଙ୍କୁ ଜୋର୍ ଜବରଦସ୍ତି 'ଅଭିଯୁକ୍ତ' ସଜାଇବାକୁ ବାଧ୍ୟ କରିଥିବା ଅଭିଯୋଗ ଉଠିଥିଲା। ହାଜତ ଭିତରେ ମରଣାନ୍ତକ ମାଡ଼ ଏବଂ ଜଙ୍ଗଲକୁ ନେଇ ଅମାନୁଷିକ ଅତ୍ୟାଚାର କରିବା ଯୋଗୁଁ ରାକେଶଙ୍କ ଅବସ୍ଥା ଅତି ସଂକଟାପନ୍ନ ହୋଇଛି ଏବଂ ସେ କଟକ ବଡ଼ ଡାକ୍ତରଖାନାରେ ଜୀବନ ମରଣ ସହ ଲଢ଼ୁଛନ୍ତି। ପୁଲିସର ଏହି ବେଆଇନ ଥାର୍ଡ ଡିଗ୍ରୀ କାର୍ଯ୍ୟାନୁଷ୍ଠାନ ଧରାପଡ଼ିଯିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ସୃଷ୍ଟି ହୋଇଛି।

ଏହି ସାଙ୍ଘାତିକ ଘଟଣା ସାମ୍ନାକୁ ଆସିବା ପରେ ପୁଲିସର ବର୍ବର ଚେହେରାକୁ ଢାଙ୍କିବା ପାଇଁ ଶାସକ ଦଳର କିଛି ପ୍ରଭାବଶାଳୀ ନେତା ନିଜର ରାଜନୈତିକ ଅଭିସନ୍ଧି ରଖି ମଇଦାନକୁ ଓହ୍ଲାଇଛନ୍ତି। ରାକେଶଙ୍କ କିଛି ସମ୍ପର୍କୀୟଙ୍କୁ ନିଜ ସପକ୍ଷକୁ ନେଇ, ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ସମଗ୍ର ଘଟଣାକୁ ଚାପିଦେବା ପାଇଁ ରାଜନେତାମାନେ ଜୋରଦାର ଉଦ୍ୟମ ଚଳାଇଛନ୍ତି। ସବୁଠାରୁ ବିସ୍ଫୋରକ ଅଭିଯୋଗ ଆଣିଛନ୍ତି ରାକେଶଙ୍କ ମା' ଲକ୍ଷ୍ମୀପ୍ରିୟା ବେହେରା। ସେ କହିଛନ୍ତି ଯେ ପୁଲିସ ପକ୍ଷରୁ ରାକେଶଙ୍କ ବାପାଙ୍କୁ ଫୋନ ଯୋଗେ ସିଧାସଳଖ ଚାପ ପକାଯିବା ସହ କଡ଼ା ଧମକ ଦିଆଯାଇଛି। ସେମାନେ ଯଦି ଏହି ମାମଲାରୁ ଓହରି ନ ଯାଆନ୍ତି, ତେବେ ତାଙ୍କ ପୁଅର ଜୀବନ ପ୍ରତି ବିପଦ ରହିଛି ବୋଲି ପୁଲିସ କହିଛି। ରାକେଶଙ୍କ ପିଇସି ପୁଅ ଭାଇ ଅଭିଷେକ ସ୍ୱାଇଁଙ୍କ ଅଭିଯୋଗ ଅନୁଯାୟୀ, ରାକେଶଙ୍କ ଗୋଡ଼ ହାତ ବାନ୍ଧି ଏକ ନିଛାଟିଆ ଜଙ୍ଗଲକୁ ନିଆଯାଇ ମାଡ଼ ମରାଯିବା ଯୋଗୁଁ ତାଙ୍କ କିଡନୀ ଅଚଳ ହୋଇପଡ଼ିଛି ଏବଂ ଏକ ଦଲାଲ୍ ମାଧ୍ୟମରେ ମେଡିକାଲରେ ଆଡମିସନ କରାଯାଇ ବର୍ତ୍ତମାନ ତାଙ୍କର କିଡନୀ ଡାଇଲିସିସ୍ କରାଯାଉଛି। ଏହି ଘଟଣାରେ ସବୁଠାରୁ ଚକିତ କଲାଭଳି ତଥ୍ୟ ହେଉଛି, ରାକେଶଙ୍କ ପତ୍ନୀ ରାଜ୍ୟ ବାହାରେ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ନେଇ ପରିବାର ଲୋକଙ୍କୁ ଏବଂ ପୁଲିସକୁ ଭିଡିଓ କଲ୍ କରି ନିଜେ ସୂଚନା ଦେଇସାରିଛନ୍ତି। ଯଦି ସ୍ତ୍ରୀ ଜୀବିତ ଅଛନ୍ତି, ତେବେ ପୁଲିସ କେଉଁ ଚାପରେ ଏବଂ କାହାକୁ ସୁରକ୍ଷା ଦେବା ପାଇଁ ରାକେଶଙ୍କୁ ଜବରଦସ୍ତି ଅଭିଯୁକ୍ତ ସଜାଇବାକୁ ଏତେ ବ୍ୟଗ୍ର ଥିଲା, ତାହା ପ୍ରଶାସନର ସ୍ୱଚ୍ଛତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନ୍ୟାୟ ଦାବିରେ ଶତାଧିକ ମହିଳା ଓ ପୁରୁଷ ଗତକାଲି ବାରଙ୍ଗ ଥାନା ଘେରଉ କରିବା ସହ ବାରଙ୍ଗ-ବାଙ୍କୀ ମୁଖ୍ୟ ରାସ୍ତାକୁ ଦୀର୍ଘ ସମୟ ଧରି ଅବରୋଧ କରିଥିଲେ। ପରିସ୍ଥିତି ଉଗ୍ର ହେବାରୁ ସେଠାରେ ୪ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। କଟକ ଅତିରିକ୍ତ ଡିସିପି ରଞ୍ଜିତ ପୃଷ୍ଟି ଏବଂ ଅମରେନ୍ଦ୍ର ପଣ୍ଡାଙ୍କ ସମେତ ବହୁ ଉଚ୍ଚପଦସ୍ଥ ଅଧିକାରୀ ଥାନାରେ ଡେରା ପକାଇଛନ୍ତି। କଟକ ଡିସିପି ନିଜେ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ପୀଡ଼ିତ ପରିବାରକୁ ତାଙ୍କ ସହ ଭେଟ ହେବାକୁ ଦିଆଯାଉ ନାହିଁ, ଯାହା ସନ୍ଦେହକୁ ଦ୍ୱିଗୁଣିତ କରୁଛି। ଅନ୍ୟପଟେ କଟକ ଡିସିପି ଏହି ମାମଲାରେ ସଫେଇ ଦେଇ କହିଛନ୍ତି ଯେ କାଠଯୋଡ଼ି ନଦୀରୁ ମହିଳାଙ୍କ ମୃତଦେହ ଜବତ ଘଟଣାରେ କେବଳ ପଚରାଉଚରା କରାଯାଉଥିଲା, ହେଲେ ରାକେଶଙ୍କୁ ଥାନାରେ ଅଟକ ରଖାଯାଇ ନ ଥିଲା। ପରିବାର ସଦସ୍ୟଙ୍କ ଜ୍ଞାତସାରରେ ହିଁ ତାଙ୍କର ମେଡିକାଲ ଚିକିତ୍ସା ଚାଲିଛି ଏବଂ ଥାନାରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇ ତଦନ୍ତ ପରେ ଦୋଷୀଙ୍କ ବିରୋଧରେ ଆକ୍ସନ ନିଆଯିବ। ଡିସିପିଙ୍କ ଏହି ବୟାନ ପରେ ଏବେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜନସାଧାରଣ ପ୍ରଶ୍ନ କରୁଛନ୍ତି ଯେ ଯଦି ରାକେଶଙ୍କୁ ଥାନାରେ ଅଟକ ରଖାଯାଇ ନ ଥିଲା, ତେବେ ସେ ହଠାତ୍ ସୁସ୍ଥ ଅବସ୍ଥାରୁ ଏଭଳି ସଂକଟାପନ୍ନ ହୋଇ ମେଡିକାଲ ବେଡ୍‌କୁ ଗଲେ କେମିତି ?



### ସ୍ତ୍ରୀ ଜୀବିତ ଥାଇ ସ୍ୱାମୀକୁ 'ଅଭିଯୁକ୍ତ' ସଜାଇବାକୁ ପୁଲିସର ଯୋଜନା

# ବାଲି ଚୋରି ଅଭିଯୋଗର ସମୀକ୍ଷା କଲେ ଉପ ଜିଲ୍ଲାପାଳ



ନନ୍ଦପୁର,୨୬।୫(ସମିସ): ଓଡ଼ିଶା-ଆନ୍ଧ୍ର ସୀମାନ୍ତ ପାଛଲୁଙ୍ଗ ଗ୍ରାମପଞ୍ଚାୟତ ସ୍ଥିତ ସଭାପୁଟ ନଦୀ ଘାଟରୁ ବାଲି ଚୋରି ଅଭିଯୋଗର ସମୀକ୍ଷା କରିଛନ୍ତି କୋରାପୁଟ ଉପ ଜିଲ୍ଲାପାଳ ପ୍ରେମ ଲାଲ ହିଆଲ୍ । ସୂଚିତ ବାଲି ଚୋରି ରୋକିବାକୁ ଲଘୁ ଖଣିଜ ସମ୍ପଦ ବିଭାଗ ପକ୍ଷରୁ ନନ୍ଦପୁର ବ୍ଲକରେ ଡୁରୁବା ଠାରୁ ଗାଲଗଣ୍ଡା ପର୍ଯ୍ୟନ୍ତ ନଦୀ ଘାଟକୁ ଆଡିବନ୍ଧ ବାନ୍ଧିବା ସହ ରାସ୍ତାକାଟି ନଦୀ ଘାଟକୁ ଯାତାୟାତ ବନ୍ଦ କରଯାଇଥିଲା । ସୀମାନ୍ତ ପାଛଲୁଙ୍ଗ ଗ୍ରାମ ପଞ୍ଚାୟତରେ ପ୍ରଭାବିତ ନଦୀ ଘାଟରେ ବାଲି ଚୋରା କାରବାର ଖବର ପାଇତିନି ଦିନ ହେବ ସୀମାନ୍ତ ଅଞ୍ଚଳକୁ ମାରାଥନ୍ ଗସ୍ତ କରି ସ୍ଥିତି ସମୀକ୍ଷା କରି ଫରିଥିଲେ ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା ଓ ଲଘୁ ଖଣିଜ ସମ୍ପଦ ବଭାଗ । ସୂଚିତ ଯେ ମଙ୍ଗଳବାର ପୁଲିସ ଦଳ ସହ ସ୍ଥାନୀୟ ଭାରପ୍ରାପ୍ତ ତହସିଲଦାର ତଥା ନନ୍ଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁର୍ଗା ପ୍ରସାଦ ଦୋରା, ସହକାରୀ ଲଘୁ ଖଣି ଅଧିକାରୀ ଚମ୍ପକ ନାୟକ ଏବଂ ପୁରା ପ୍ରଶାସନ ଗତ ତିନି ଦିନ ଧରି ପଛାଲୁଙ୍ଗ ଗ୍ରାମପଞ୍ଚାୟତର ସୁଡୁବ, ସୋଭାପୁଟ ନଦୀଘାଟ ଅଞ୍ଚଳକୁ ମାରାଥନ୍ ଗସ୍ତ କରି ଖାଲି ହାତରେ ଫେରିଥିବା ବେଳେ ମଙ୍ଗଳବାର ଉପ ଜିଲ୍ଲାପାଳ ଶ୍ରୀ ହିଆଲ, ନନ୍ଦପୁର ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକଙ୍କ ସମେତ ବିଡିଓ ଦୁର୍ଗା ପ୍ରସାଦ ଦୋରା, ଅତିରିକ୍ତ ତହସିଲଦାର ମାଧବ ପାଙ୍ଗି, ଲଘୁ ଖଣିଜ ସମ୍ପଦ ବିଭାଗର ଚମ୍ପକ ନାୟକ ଓ ଏକ ଟିମ୍ ପୁଣି ସୀମାନ୍ତ ସଭାପୁଟରେ ପହଞ୍ଚି ବାଲି ଘାଟ ସ୍ଥିତି ସମୀକ୍ଷା କରିବା ସହ ଆଗକୁ ସୀମାନ୍ତ ଅଞ୍ଚଳ ଉପରେ କଡା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ସଭାପୁଟ ନଦୀ ଘାଟ ଉପରେ ବାଲି ନିଲାମ ଉପରେ କୌଣସି ଉପଯୁକ୍ତ ସ୍ଥିତି ନଥିବା ସୂଚନା ମିଳିଥିବା ବେଳେ ଆଗାମୀ ଦିନରେ ଯଦି ବାଲ ଚୋରି ଗତିବିଧି ସାମ୍ନାକୁ ଆସିବ, ତେବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ନନ୍ଦପୁର କଂଗ୍ରେସର ମଶାଲ ଶୋଭାଯାତ୍ରା




ନନ୍ଦପୁର,୨୬।୫ (ସମିସ): ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ କାର୍ଯ୍ୟକାରୀ କରିବା ଦାବିରେ ନନ୍ଦପୁର ବ୍ଲକ କଂଗ୍ରେସ ପକ୍ଷରୁ ମଙ୍ଗଳବାର ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରାରେ କଂଗ୍ରେସ ଦଳର ବିଧାୟକ ପ୍ରତିନିଧି କାମେଶ କାମୁଡି, ସାଂସଦ ପ୍ରତିନିଧି ଗୋପାଳ ମାଟାମ୍ , ବାବୁରାଓ ଖରା, ସଞ୍ଜୀବ ଖରାଙ୍କ ସମେତ ବହୁ ସଂଖ୍ୟକ ମହିଳା ଓ ପୁରୁଷ କର୍ମୀ ଓ ସ୍ଥାନୀୟ ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ । ନନ୍ଦପୁର ହାଟପଦା ଠାରୁ ଆରମ୍ଭ ହୋଇଥିବା ଏହି ମଶାଲ ଶୋଭାଯାତ୍ରା ନନ୍ଦପୁର ମୁଖ୍ୟ ରାସ୍ତା ଦେଇ ସ୍ଥାନୀୟ ଡାକ ବଙ୍ଗଳା ପର୍ଯ୍ୟନ୍ତ ଗତି କରିଥିଲା । ହାତରେ ମଶାଲ ଓ ପ୍ଲା କାର୍ଡ ଧରି କର୍ମୀମାନେ ମହିଳାଙ୍କ ଅଧିକାର ଓ ସଂରକ୍ଷଣ ସମ୍ପର୍କିତ ସ୍ଲୋଗାନ ଦେଇଥିଲେ । ଦଳୀୟ ନେତାମାନେ କହିଥିଲେ ଯେ, ଦେଶର ରାଜନୀତି ଓ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ମହିଳାଙ୍କ ଅଧିକ ଅଂଶଗ୍ରହଣ ନିଶ୍ଚିତ କରିବା ପାଇଁ ୩୩ଧ ସଂରକ୍ଷଣ ଅତ୍ୟାବଶ୍ୟକ । ଏହି ଅବସରରେ କଂଗ୍ରେସ ନେତାମାନେ କେନ୍ଦ୍ର ସରକାରଙ୍କୁ ଶୀଘ୍ର ମହିଳା ସଂରକ୍ଷଣ ବିଲ୍ ସଂପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ । ଶୋଭାଯାତ୍ରାକୁ ନେଇ ନନ୍ଦପୁର ଅଞ୍ଚଳରେ ରାଜନୈତିକ ପରିବେଶ ସରଗରମ ହୋଇଛି ।

## ଶିବାଙ୍କ ସହ ୩ ଜଣଙ୍କ ଆତ୍ମସମର୍ପଣ

ରାୟଗଡ, ୨୬।୫(ସମିସ): ରାୟଗଡ ଜିଲ୍ଲା ଶେଷଖାଲ ଥାନାର ଏକ ମାମଲାରେ ହାଡ଼ପା ଶିବା ଆଜି ରାୟଗଡ ଏସଡିଜେଏମ୍ କୋର୍ଟରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି । ହାଡ଼ପା ଶିବାଙ୍କ ସହିତ ଅନ୍ୟ ଜି.ବାଙ୍ଗାରୁ ଏବଂ ଦାନାଲୁ ନାଗେନ୍ଦ୍ର ମଧ ଆତ୍ମସମର୍ପଣ କରିଛନ୍ତି । ରାୟଗଡ ଅଦାଲତ ଜିଆର କେସ ନଂ ୧୦୧/୨୬ ରେ ଥିବା ମାମଲାରେ ଆମସମର୍ପଣ କରିଥିବା ଓକିଲ ନବ କୁମାର କଂଟା ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି, ଶିବାଙ୍କ ପୁଅ ହାଡ଼ପା ନିଖିଲଙ୍କୁ ଗତ ୯ ତାରିଖ ରାତିରେ ଗୁଳି ମାରି ହତ୍ୟା କରାଯାଇଥିଲା । ଏହି ହତ୍ୟା ମାମଲାରେ ରାୟଗଡ ପୁଲିସ ୧୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ତେବେ ଏହାକୁ ନେଇ ଉତ୍ତେଜନା ଓ ଗୋଷ୍ଠୀ ସଂଘର୍ଷ ଘଟିଥିଲା । ଯେଉଁଥିରେ ଶିବାର ସମ୍ପୃକ୍ତି ଥିବା ପୁଲିସ ସୂଚନା ଦେଇଛି ।

## ଏନ୍‌ସିସି, ଏଟିସି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଜୟପୁର,୨୬।୫(ସମିସ): ଜୟପୁର ସ୍ଥିତ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି) ର ୫ମ ଓଡ଼ିଶା ବାଟାଲିଅନ ପକ୍ଷରୁ ସ୍ଥାନୀୟ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ବାର୍ଷିକ ପ୍ରଶିକ୍ଷଣ ଶିବିର (ଏଟିସି) ସଫଳତାର ସହ ଶେଷ ହୋଇଯାଇଛି । ଶିବିରରେ ଅବିଭକ୍ତ କୋରାପୁଟ ଜିଲ୍ଲା ଅଧିନରେ ରହିଥିବା ୪ଟି ଜିଲ୍ଲାର ଏନ୍‌ସିସି ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଏହି ସମାରୋହରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ମହେଶ୍ୱର ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ୟାଡେଟମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ନିଜ ଅଭିଭାଷଣରେ ଏନ୍‌ସିସି ଦ୍ୱାରା ଛାତ୍ରଛାତ୍ରୀ ମାନେ ଶୃଙ୍ଖଳା, ଦେଶପ୍ରେମ ଓ ନେତୃତ୍ୱ ଗୁଣର ବିକାଶ ଘଟିଥାଏ ଏବଂ ଭବିଷ୍ୟତରେ ଜଣେ ଜଣେ ସୁନାଗରିକ ହେବାରେ ସହାୟତା ମିଳିଥାଏ ବୋଲି କହିଥିଲେ । ଆୟୋଜିତ ଏହି ଶିବିର ଅସ୍ତ୍ର ପ୍ରଶିକ୍ଷଣ, ସାଂସ୍କୃତିକ, ଖେଳକୁଦ ଏବଂ ଜ୍ଞାନମୂଳକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଏବଂ କୃତକାର୍ଯ୍ୟ ହୋଇଥିବା ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ଶ୍ରୀ ନାୟକ ପଦକ ଏବଂ ପୁରସ୍କାର ପୂର୍ବକ ସମ୍ମାନିତ କରିଥିଲେ । ସେହିପରି କ୍ୟାଡେଟମାନେ ଶାରରିକ, ମାନସିକ ଓ ନୈତିକ ଶିକ୍ଷା ଗ୍ରହଣ କରି ନିଜମାନଙ୍କର ବ୍ୟକ୍ତିତ୍ୱର ବିକାଶ ସହାୟତା ହୋଇଥିଲା । ସମାପନୀ ଉତ୍ସବରେ କ୍ୟାଡେଟମାନଙ୍କ ଡ୍ରିଲ୍ ପ୍ରଦର୍ଶନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ଆକର୍ଷିତ କରିଥିଲା । ଶିବିରର ଶେଷ ପର୍ଯ୍ୟାୟରେ କମାଣ୍ଡିଙ୍ଗ ଅଫିସର ଲେଫ୍ଟେନାଣ୍ଟ କର୍ଣ୍ଣେଲ ପ୍ରୀତି ରଞ୍ଜନ ଦାସ ତାଙ୍କର ସମାପନୀ ଅଭିଭାଷଣରେ କ୍ୟାଡେଟମାନଙ୍କ ଶୃଙ୍ଖଳା, ପରିଶ୍ରମ ଓ ସକ୍ରିୟ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ । ଏପରି ପ୍ରଶିକ୍ଷଣ ଶିବିର କ୍ୟାଡେଟମାନଙ୍କ ମନରେ ଦେଶସେବାର ଭାବନା ସୃଷ୍ଟି କରିବା ସହ ତାଙ୍କୁ ଭବିଷ୍ୟତର ଦାୟିତ୍ୱବାନ ନାଗରିକ ଭାବେ ଗଢିବାରେ ସହାୟତା ହୋଇଥାଏ । ସେ ସମସ୍ତ ଏଏନଓ, ପିଆଇ ଷ୍ଟାଫ ଏବଂ କ୍ୟାଡେଟମାନଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ । ଶେଷରେ ଶିବିର ଅଧିକାରୀମାନେ ସମସ୍ତ ଅତିଥି, ଏଏନଓ, ପିଆଇ ଷ୍ଟାଫ ଏବଂ କ୍ୟାଡେଟମାନଙ୍କୁ ଧନ୍ୟବାଦ ଜଣାଇ ଶିବିରର ସଫଳ ସମାପନ ଘୋଷଣା କରିଥିଲେ ।

## କର୍କଟ ପୀଡ଼ିତଙ୍କୁ ଡ୍ରାଇଭର ସଂଘର ସହାୟତା




ବୈପାରିଗୁଡା, ୨୬।୫(ସମିସ): କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଡ୍ରାଇଭରଙ୍କୁ ବୈପାରିଗୁଡା ଡ୍ରାଇଭର ମହାସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସୂଚନା ଅନୁଯାୟୀ, କୁନ୍ଦୁରା ବ୍ଲକର ଗୁଣ୍ଡାଲ ଗ୍ରାମର ଲେଲି ହରିଜନ କିଛି ମାସ ଧରି କର୍କଟ ରୋଗରେ ଆକ୍ରାନ୍ତ ହୋଇ କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଆଜି ବୈପାରିଗୁଡା ଡ୍ରାଇଭର ମହାସଂଘର ସଭାପତି ମାଧବ ବିଷୋୟୀ, ସଂପାଦକ ନରେଶ କଂସାରୀଙ୍କ ନେତୃତ୍ୱରେ ଡ୍ରାଇଭର ସଂଘର ସଦସ୍ୟମାନେ ନିଜ ନିଜ ଅନୁଦାନରୁ ଚିକିତ୍ସା ନିମନ୍ତେ ୬୧୦୩ ଟଙ୍କା ସହ ବୋରିଗୁମ୍ମା ବ୍ଲକର ସଦସ୍ୟମାନେ ୨୧୮୬ ଟଙ୍କା ଏବଂ କୋରାପୁଟ ବ୍ଲକ ଡ୍ରାଇଭର ସଂଘ ସଦସ୍ୟମାନେ ୨୨୨୨ ଟଙ୍କା ପ୍ରଦାନ କରିଛନ୍ତି । କର୍କଟ ପୀଡ଼ିତ ଲେଲି ହରିଜନଙ୍କ ଚିକିତ୍ସା ପାଇଁ ଡ୍ରାଇଭର ମହାସଂଘ ତରଫରୁ ସମୁଦାୟ ୧୦ ହଜାର ୫୧୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

## ଭାଇ ଓ ଭଉଣୀ ପରେ ଓସିଏସ୍‌ରେ ସ୍ୱାଧୀନଙ୍କ ସଫଳତା



ଜୟପୁର,୨୬।୫ (ସମିସ): ଆଜି ଓଡିଶା ସିଭିଲ ସର୍ଭିସ (ଓସିଏସ)ର ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ଜୟପୁର ସହରର ବ୍ଲକ କୋଲନୀରେ ରହୁଥିବା ଯୁବକ ସ୍ୱାଧୀନ ହିକ୍‌କା ୧୪୬ ର୍‌ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି । ବ୍ଲକରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ ଉମା ମାହେଶ୍ୱରୀ ହିକକାଙ୍କ ବଡ ପୁଅ ସ୍ୱାଧିନ ଗତବର୍ଷ ବିଫଳତା ପାଇଥିଲେ । କିନ୍ତୁ ଚଳିତ ବର୍ଷ ଦୈନକ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରିବା ପରେ ସଫଳତା ପାଇଛନ୍ତି । ଏହିପରି କୃତକାର୍ଯ୍ୟ ଯୁବକ ସ୍ୱାଧିନଙ୍କ ବଡ ଭଉଣୀ ରାମେଶ୍ୱରୀ ହିକକା ଗତ ୨୦୨୩ ମସିହାରେ ଓସିଏସ ସଫଳତା ପାଇଥିବା ବେଳେ ବର୍ତ୍ତମାନ ସେ କୁନ୍ଦୁରା ବ୍ଲକରେ ସହକାରୀ ଶ୍ରମ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି । ସେହିପରି ସାନଭାଇ ସଂଗ୍ରାମ ହିକ୍‌କା ଗତ ୨୦୨୫ ମସିହାରେ ଏହି ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବର୍ତ୍ତମାନ ଗଜପତି ଜିଲ୍ଲାରେ ପର୍ଯ୍ୟଟନ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି । ଗତବର୍ଷ କୃତକାର୍ଯ୍ୟ ଯୁବକ ସ୍ୱାଧୀନ ଏହି ସିଭିଲ ସର୍ଭିସ ପରୀକ୍ଷାରେ ପ୍ରିଲିମିନାରୀରେ ସଫଳତା ହାସଲ କରିଥିଲେ ସୁଦ୍ଧା ମେନ୍ ପରୀକ୍ଷାରେ ବିଫଳ ହୋଇଥିଲେ । କିନ୍ତୁ ଚଳିତ ବର୍ଷ ବିଏଡ୍ ପାଠ୍ୟକ୍ରମ ପଢୁଥିଲେ ସୁଦ୍ଧା ଏହାକୁ ଅଧାରୁ ବନ୍ଦ କରିବା ସହିତ କେବଳ ଦିନରାତି ସିଭିଲି ସର୍ଭିସ ପାଇଁ ପ୍ରସ୍ତୁତି ଜାରି ରଖିଥିଲେ । ତାଙ୍କୁ ବଡ ଭଉଣୀ ରାମେଶ୍ୱରୀ ସହାୟତା କରୁଥିଲେ । ଅବିଭକ୍ତ କୋରାପୁଟ ଜିଲ୍ଲା ପାଇଁ ଏହି ପରିବାରର ତିନିଜଣ ଗତ ୬ ବର୍ଷ ମଧ୍ୟରେ ସଫଳତା ପାଇ ଉଦାହରଣ ପାଲଟିଛନ୍ତି । ପରିଶ୍ରମ, ଦୃଢ ଆତ୍ମବିଶ୍ୱାସ ସଫଳତା ଆଣିଥାଏ ବୋଲି ପରିବାର ତିନି ଭାଇ ଭଉଣୀ ପ୍ରମାଣିତ କରିଛନ୍ତି । ସେ ଓଡିଶା ପ୍ରଶାସନିକ ସେବା ପାଇଁ ମଧ ଚୟନ ହେବାର ସୁଯୋଗ ରହିଛି ବୋଲି ତାଙ୍କ ମାଆ ଉମାମାହେଶ୍ୱରୀ ପ୍ରକାଶ କରିଛନ୍ତି । ଗତ ୪ ବର୍ଷ ଧରି ଲଗାତାର ସଫଳତାକୁ ନେଇ ପରିବାର ଏବଂ ସାଙ୍ଗ ସାଥିଙ୍କ ମଧରେ ଖୁସିର ଲହରୀ ଖେଳିଯାଇଛି । ପ୍ରକାଶ ଯେ, ଗତ ୨୦୧୨ ମସିହାରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଭାବେ ଜୟପୁର ବ୍ଲକରେ କାର୍ଯ୍ୟରତ ସ୍ୱାମୀଙ୍କ ମୃତ୍ୟୁ ପରେ ମା' ଉମା ମାହେଶ୍ୱରୀଙ୍କୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ ଚାକିରି ନିଯୁକ୍ତି ମିଳିଥିଲା । ପିଲାଦିନରୁ ବାପା ଛେଉଣ୍ଡ ହୋଇଥିଲେ ସୁଦ୍ଧା ନିଜର କଷ୍ଟ ଓ ଦୃଢ ଆତ୍ମ ବିଶ୍ୱାସରରେ ଝିଅ ଓ ଦୁଇ ପୁଅ ଯେଉଁଭଳି ସଫଳତା ପାଇଛନ୍ତି, ତାଙ୍କର ସମସ୍ତ ଦୁଃଖ ଦୂର ହୋଇଯାଇଛି ବୋଲି ମାଁ ଉମା ମାହେଶ୍ୱରୀ କହିଛନ୍ତି । ପରିବାର ୩ ଜଣ ରାଜ୍ୟ ସିଭିଲ ସର୍ଭିସରେ ସଫଳତାକୁ ନେଇ ଜୟପୁର ବିଡିଓ ଶକ୍ତି ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ ବ୍ଲକ କୋଲନୀରେ ରହୁଥିବା ଏହି ପରିବାରକୁ ଶୁଭେଚ୍ଛା ଜଣାଇଛନ୍ତି ।

## ପୂର୍ବତନ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ପରଲୋକ

ଟିକିରି,୨୬।୫(ସମିସ): ରାୟଗଡା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ କୋମଳ ଲୋଚନ ସାଉଁତା ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସେ ପ୍ରାୟ ୨ବର୍ଷ ହେବ ମୁଖ କର୍କଟ ରୋଗରେ ପିଡିତ ହୋଇ ଚିକିତ୍ସିତ ହେଉଥିଲେ । କାଶିପୁର 'ଖ' ଜୋନ୍‌ରେ ସେ ଗୋଟିଏ ଥର ଜିଲ୍ଲା ପରିଷଦ ସଦସ୍ୟ ଥିବା ବେଳେ ପ୍ରଥମେ ବିଜେଡି ଓ ପରେ ସ୍ୱାଧୀନ ପ୍ରାର୍ଥୀ ଭା ୨ଥର ଟିକେଟ ପାଇ ବିଧାୟକ ପାଇଁ ଲଢି ପରାଜିତ ହୋଇଥିଲେ । ସେ ତାଙ୍କ ରାଜନୈତିକ ଜୀବନରେ ସମସ୍ତ କର୍ମୀଙ୍କୁ ଭଲ ବ୍ୟବହାର ଦେଉଥିଲେ । ନବୀନ ପଟ୍ଟନାୟକଙ୍କ ପ୍ରିୟପାତ୍ର ହୋଇ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ଟିକେଟ ପାଇ ଲଢିଥିଲେ । ମଙ୍ଗଳବାର ଅପରାହ୍ନ ୩ ଘଣ୍ଟା ସମୟରେ ଚିକିତ୍ସାଧିନ ଅବସ୍ଥାରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା । ବୁଧବାର ତାଙ୍କ ପୈତୃକ ବାସଭବନ କାଶିପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତ ଅନ୍ତର୍ଗତ ରେଙ୍ଗଡାସିଲ ଗ୍ରାମରେ ତାଙ୍କର ଶେଷକୃତ୍ୟ କରାଯିବ । ପୂର୍ବତନ ବିଧାୟକ ବିଭିଷଣ ମାଝୀ, ସମାଜସେବୀ ହରପ୍ରସାଦ ନାୟକ, ଅମିତ ନାୟକ, ବିଜେପି ସାଂସଦ ପ୍ରାର୍ଥି କାଳିରାମ ମାଝୀ, ଯାଲାକଣ୍ଡା ବାବୁ ପ୍ରମୁଖ ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି ।



## ଓଡ଼ିଶା ସିଭିଲ୍ ସର୍ଭିସରେ ଜୟପୁରର ସନ୍ତୋଷଙ୍କ ସଫଳତା



ଜୟପୁର, ୨୬।୫(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ଜୟନଗର ଅଞ୍ଚଳର ଯୁବକ ସନ୍ତୋଷ କୁମାରା ପଣ୍ଡା ଚଳିତ ବର୍ଷ ଓଡିଆ ସିଭିଲ ସର୍ଭିସ ପରୀକ୍ଷାରେ ରାଜ୍ୟର ୨୨ ତମ ର୍‌ୟାଙ୍କ ରଖି ଶ୍ରେଷ୍ଠତା ପ୍ରମାଣିତ କରିଛନ୍ତି । ବର୍ତ୍ତମାନ ସେ ରାଜନୈତିକ ବିଜ୍ଞାନରେ ସ୍ନାତକତ୍ତୋର କରିବା ପରେ ହାଇଦ୍ରାବଦ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଠାରେ ପିଏଚଡି କରୁଛନ୍ତି । ଗତଥର ଶ୍ରୀ ପଣ୍ଡା ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ସୁଦ୍ଧା ସାକ୍ଷାତକାର ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିଲେ । ଏହାପରେ ଦୈନିକ ୪ରୁ ୫ ଘଣ୍ଟା ପରିଶ୍ରମ କରିବା ସହିତ ଦ୍ୱିତୀୟ ଥର ପାଇଁ ଚଳିତ ବର୍ଷ ଚେଷ୍ଟା କରିଥିଲେ ଏବଂ ସଫଳତା ପାଇଥିଲେ । ଆଗାମୀ ଦିନରେ ସେ ଓଡିଶା ପ୍ରଶାସନିକ ସେବାରେ କାର୍ଯରେ ଯୋଗଦେବେ ଏବଂ ତାଙ୍କର ପି.ଏଚଡି ପାଠ୍ୟକ୍ରମ ଜାରି ରଖିବେ ବୋଲି ହାଇଦ୍ରାବାଦରୁ ଫୋନ୍ ମାଧ୍ୟମରେ କୃତକାର୍ଯ୍ୟ ହୋଇଥିବା ଯୁବକ ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି ।

## ହଟ୍ଟଗୋଳରେ ସରିଲା କୋଷାଗୁମୁଡ଼ା ସମିତି ବୈଠକ



**କୋଷାଗୁମୁଡ଼ା, ୨୬।୫(ସମିସ):** କୋଷାଗୁମୁଡ଼ା ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକ ହୋ ହାଲ୍ଲାରେ ଶେଷ ହୋଇଛି । କୋଷାଗୁମୁଡ଼ା ବ୍ଲକର ୨୬ ପଞ୍ଚାୟତର ସମିତି ସଭ୍ୟ ଓ ସରପଞ୍ଚ, ଚେୟାରମ୍ୟାନ, ଭାଇଶ ଚେୟାରମ୍ୟାନ, ବିଡ଼ିଓ, ନବରଙ୍ଗପୁର ବିଧାୟକ, ମେଡ଼ିକାଲ ଅଫିସର, ଏଇ, ଜେଇ, ଜିପିଡିଓ, ସାଂସଦ ପ୍ରତିନିଧି ,ବିଇଓ ପ୍ରମୁଖଙ୍କ ସହ ବ୍ଲକ ସ୍ତରୀୟ କର୍ମଚାରୀ ଉପସ୍ଥିତ ଥିଲେ । ତେବେ ଏହି ସମିତି ବୈଠକରେ ବ୍ଲକର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକୁ ନେଇ ବିଜେପି କର୍ମୀ ଓ ବିଜେଡ଼ି କର୍ମୀଙ୍କ ମଧ୍ୟରେ ଯୁକ୍ତି ତର୍କ ଆରମ୍ଭ ହୋଇଥିଲା । ପରେ ସମିତି ବୈଠକରେ ଏହି ଯୁକ୍ତି ତର୍କ ହୋ ହାଲ୍ଲା ହୋଇଥିଲା । ଏହି ହୋ ହାଲ୍ଲା କୁନେଇ ଉପସ୍ଥିତ ଭଦ୍ର ମଣ୍ଡଳୀ ଓ ଅଧିକାରୀ ଅବାକ ହୋଇଥିଲେ । ପରେ ଉପାଧକ୍ଷଙ୍କ ବୁଝାମଣା ପରେ ବୈଠକ ସ୍ଥିର ହୋଇଥିଲା । ଏହି ବୈଠକ ନେଇ ସ୍ଥାନୀୟ ଗଣମାଧମକୁ କୌଣସି ସୂଚନା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇନାହିଁ । କାରଣ ପୂର୍ବରୁ ମଧ ଏହି ବୈଠକରେ ଏଭଳି ଯୁକ୍ତି ତର୍କ ହୋଇଥିବା ନଜିର ରହିଛି । ଆଜିର ଏହି ଘଟଣା ସୋସିଆଲ ମିଡିଆରେ ମଧ ଘୁରି ବୁଲୁଥିବା ଶୁଣିବାକୁ ମିଳୁଛି ।

## ବାଲି ବୋଝେଇ ଟ୍ରକ୍ ଜବତ

ନନ୍ଦପୁର,୨୬।୫ (ସମିସ): ବାଲି ଚୋରା ଚାଲାଣ ନେଇ ନନ୍ଦପୁର ଅଞ୍ଚଳ ଚର୍ଚ୍ଚାରେ ଥିବା ବେଳେ ମଙ୍ଗଳବାର ପାଡୁଆ ବଡ଼ ଦେବତା ଛକ ନିକଟରେ ଏକ ବାଲି ବୋଝେଇ ଟ୍ରକ୍‌କୁ ପାଡୁଆ ପୁଲିସ ଜବତ କରିଛି । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପାଡୁଆ ବଡ଼ ଦେବତା ଛକ ନିକଟରେ ଓଡ଼ି ୧୦ ଜେ ୩୭୭୯ ନମ୍ବର୍ ସମ୍ବଳିତ ଏକ ଟିପର ଚାଟୁଆ ଅଞ୍ଚଳରୁ ବାଲି ବୋଝେଇ ନେଇ ନନ୍ଦପୁର ଅଭିମୁଖେ ଯାଉଥିବା ବେଳେ ଗାଡିଟିକୁ ଜେରା କରିଥିଲେ । ସତ୍ୟତା ପ୍ରମାଣିତ ହେବା ପରେ ପଡୁଆ ଥାନାରେ କେସ ନଂ ୫୬/୨୬ ରଜ୍ଜୁ କରି ଗାଡିଟିକୁ ଅଟକ ରଖାଯାଇଥିବା ପାଡୁଆ ଥାନା ଅଧିକାରୀ ଅଶୋକ କୁମାର ବିଶୋଇ ସୂଚନା ଦେଇଛନ୍ତି ।

# ଅବ୍ୟବସ୍ଥା ମଧ୍ୟରେ ଅସହାୟ ପିଲାଙ୍କୁ ଚୟନ ପ୍ରକ୍ରିୟା

ବୈପାରୀଗୁଡ଼ା,୨୬।୫(ସମିସ):

ଅବ୍ୟବସ୍ଥା ମଧରେ ଅସହାୟ, ଅନାଥ ଏବଂ ଯତ୍ନ ଆବଶ୍ୟକ କରୁଥିବା ପିଲାମାନଙ୍କ ଚୟନ ପ୍ରକ୍ରିୟା କାର୍ଯ୍ୟକ୍ରମ । କୋରାପୁଟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଜି ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ ସ୍ୱତନ୍ତ୍ର

> ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ସମସ୍ତେ ହନ୍ତସନ୍ତ
> ଟେଣ୍ଟ ପାଇଁ ବିଜେଟ ନାହିଁ କହିଲେ ଅଧିକାରୀ

କ୍ୟାମ୍ପ୍ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ଅଧିକାରୀଙ୍କ ଖାମୁଖିଆଲି ନୀତି ଯୋଗୁଁ ହନ୍ତସନ୍ତ ହୋଇଛନ୍ତି ହିତାଧିକାରୀ । ଖରା ଦିନର ପ୍ରଚଣ୍ଡ ଗୁଳୁଗୁଳି ଓ ତାତି ମଧରେ ପେଶି ହୋଇଛନ୍ତି ଶିଶୁ । ସ୍ୱତନ୍ତ୍ର କ୍ୟାମ୍ପରେ ଘଣ୍ଟା ଘଣ୍ଟା ଅପେକ୍ଷା କରବାକୁ ପଡିଲା ହିତାଧିକାରୀଙ୍କୁ । ପ୍ରବଳ ଖରା ଥିବା ସତ୍ତ୍ୱେ ବାହାରେ ଟେଣ୍ଟ ନାହିଁ କି ପିଇବା ପାଣି ବ୍ୟବସ୍ଥା ହୋଇ ନାହିଁ । ଯା' ଦ୍ୱାରା ହନ୍ତସନ୍ତ ହୋଇଛନ୍ତି ଛୋଟ ଛୁଆ ଠାରୁ ବୟସ୍କ । କେବଳ ସେତିକି ନୁହେଁ, ଜିଲ୍ଲା ଶିଶୁ ମଙ୍ଗଳ ସମିତି ମଧ ଏଥିରୁ ବର୍ତ୍ତି ନାହିଁ । ଯାହାକୁ ନେଇ ବୈପାରୀଗୁଡାରେ ଅସନ୍ତୋଷ ପ୍ରକଶ ପାଇଛି । ବୈପାରୀଗୁଡା ବ୍ଲକର ୨୦ଟି ପଞ୍ଚାୟତର ୩ ଶହରୁ ଅଧିକ ଅଙ୍ଗନବାଡି କେନ୍ଦ୍ରରୁ ଅସହାୟ, ଅନାଥ ଏବଂ ଯତ୍ନ ଆବଶ୍ୟକ କରୁଥିବା ପିଲାଙ୍କୁ ଅଣାଯାଇଛି । ଉଦ୍ଦେଶ୍ୟ ଥିଲା ଅସହାୟ ଶିଶୁଙ୍କୁ ବିଭିନ୍ନ ଅଧିକାର ପ୍ରଦାନ କରିବା । ଏଥିପ୍ରତି ଆବଶ୍ୟକ ପ୍ରମାଣପତ୍ର ଯାଞ୍ଚ ସହ ନାମ ପଞ୍ଜୀକରଣ କରବା । ଶିଶୁ ଶ୍ରମ, ଶିଶୁ ବିବାହ ଏବଂ ଶିଶୁ ନିର୍ଯାତନା ରୋକିବା । ଅନାଥ, ନିରାଶ୍ରୟ କିମ୍ବା ସହାୟତା ଲୋଡୁଥିବା ଶିଶୁଙ୍କୁ ଉଦ୍ଧାର କରି ସେମାନଙ୍କ ଥଇଥାନ ଓ ପାଳନ ପୋଷଣ ବ୍ୟବସ୍ଥା କରିବା । ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବା । ଏହି ଶିଶିରରେ ଆଜି ମୋଟ ୨୦୯ ପିଲାଙ୍କ ନାମ ପଞ୍ଜୀକରଣ କରାଯଇଛି । ସେମାନେ ଆବଶ୍ୟକ ସରକାରୀ ସୁବିଧା ପାଇବେ । ଏ ସମସ୍ୟା ନେଇ ସମନ୍ୱିତ ଶିଶୁ ବିକାଶ ଯୋଜନା ଭାରପ୍ରାପ୍ତ ଅଧିକାରୀ କହିଛନ୍ତି ଯେ, ସ୍ୱତନ୍ତ୍ର କ୍ୟାମ୍ପ ପାଇଁ କିଛି ସ୍ୱତନ୍ତ୍ର ବିଜେଟ ନାହିଁ, ବଜେଟ ଥିଲେ ଟେଣ୍ଟ ସୁବିଧା କରାଯାଇଥାନ୍ତା । ଏନେଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସଂଗୀତା ରାଣୀ ପାଣିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସ୍ଥାନୀୟ ସିଡିପିଓ ଏବଂ ବିଡ଼ିଓଙ୍କୁ ଏନେଇ ପୂର୍ବରୁ ଚିଠି କରାଯାଇଛି, ଏଠାରେ ସମସ୍ତ ପ୍ରକାର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏକା ସଙ୍ଗେ ୨୦ଟି ପଞ୍ଚାୟତର ୩ ଶହ କେନ୍ଦ୍ରରୁ ଲୋକଙ୍କୁ ଆଣିବା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଛି । ଏହି ସମସ୍ୟା ନେଇ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆଣିବେ । ଅଗାମୀ ମେ ୨୮ ତାରିଖ ଦିନ ହେବାକୁ ଥିବା ସ୍ୱତନ୍ତ୍ର ଶିଶିରରେ ଆଜି ଭଳି ସମସ୍ୟା ହେବ ନାହିଁ ବୋଲି ପ୍ରତିଶୃତି ଦେଇଛନ୍ତି ।



## କ୍ରିକେଟ ଖେଳକୁ ନେଇ ମା'ର ତାଗିଦ୍

# ଜୀବନ ହାରିଲା ୧୫ ବର୍ଷର ନାବାଳକ ପୁଅ

ତେଲକୋଇ, ୨୬।୫(ସମିସ)



ମା'ର ସାମାନ୍ୟ ତାଗିଦ୍‌କୁ ନେଇ ନାବାଳକ ପୁଅ ନିଜ ଛାତ ଘର ରଡରେ ଦଉଡ଼ି ଲଗାଇ ହାରିଲା ଜୀବନ। ଏମିତି ହୃଦୟ ବିଦାରକ ଦୁଃଖଦ ଘଟଣା ଘଟିଛି ତେଲକୋଇ ଥାନା ଅନ୍ତର୍ଗତ ଦେଉଳଡିହାପଞ୍ଚାୟତ ଜେନାଦର ଗାଁରେ। ସୂଚନା ଅନୁଯାୟୀ, ଗତ ରବିବାର ଦିନତମାମ ପ୍ରଚଣ୍ଡ ଖରାରେ କ୍ରିକେଟ ଖେଳି ସନ୍ଧ୍ୟା ସମୟରେ ସୁମିତ କିସାନ (୧୫) ଘରକୁ ଫେରିଥିଲା। ଏନେଇ ମା' ଓ ପୁଅ ମଧ୍ୟରେ ସ୍ୱାଭାବିକ ବଚସା ହୋଇଥିଲା। ପୁଅ ସୁମିତକୁ ମା' ସାମାନ୍ୟ ତାଗିଦ୍ କରିଥିଲେ। ପାଠପଢ଼ା ଛାଡ଼ି ଖେଳକୁଦରେ ମାତିଛୁ ବୋଲି କହିଥିଲେ। ଏହି ସାମାନ୍ୟ କଥାକୁ ନେଇ ରାତିରେ ଖାଇପିଇ ସାରିବା ପରେ ପୁଅ ସୁମିତ ଛାତ ଉପରକୁ ଉଠି ଛାତରୁ ବାହାରିଥିବା ରଡରେ ବେକରେ ଦଉଡ଼ି ଲଗାଇ ଝୁଲି ପଡ଼ିଥିଲା। ପରେ ମୁମୂର୍ଷୁ ଅବସ୍ଥାରେ ପୁଅକୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲେ ପରିବାର ଲୋକେ। ଚିକିତ୍ସା ଚାଲିଥିବା ଅବସ୍ଥାରେ ପୁଅକୁ ମୃତ୍ୟୁ ଘୋଷଣା କଲେ ଡ଼ାକ୍ତର। ଘଟଣାକୁ ନେଇ ଜେନାଦର ଗାଁରେ ଶୋକର ଛାୟା ଖେଳିଯାଇଛି।

# ବେଙ୍ଗାଲୁରୁରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ



ହାଟଡ଼ିହୀ,୨୬।୫(ସମିସ): ବେଙ୍ଗାଲୁରୁରେ ନନ୍ଦିପଦା ଥାନା ଗିରିଗାଁ ଗ୍ରାମର ପ୍ରମିଳା ସ୍ୱାଇଁ ଓ ସ୍ୱର୍ଗତଃ ଭଗବାନ ସ୍ୱାଇଁଙ୍କ ୨୮ ବର୍ଷୀୟ ରୋଜଗାରିଆ ପୁଅ ହରେକୃଷ୍ଣ ସ୍ୱାଇଁଙ୍କ ଅକାଳ ବିୟୋଗ ଘଟିଛି। ପରିବାର ସହ ଗାଁ ସାହିରେ ଏନେଇ ଶୋକର ଛାୟା ଖେଳିଯାଇଛି। ଭଗବାନଙ୍କ ୨ ପୁଅ ମଧ୍ୟରୁ ହରେକୃଷ୍ଣ (ଚଇତା) ବଡ଼ ପୁଅ ଅଟନ୍ତି। ହରେକୃଷ୍ଣ ଓ ତାଙ୍କ ସାନ

### ଶୋକରେ ବୁଡ଼ିଲା ଗାଁ

ଭାଇ ଉଭୟ ଆଜକୁ ଦଶବର୍ଷ ଧରି ବେଙ୍ଗାଲୁରୁର ଏକ ଘରୋଇ ପାଇପ୍ ଲାଇନ୍ କମ୍ପାନୀରେ କାମ କରନ୍ତି। କିଛିଦିନ ତଳେ ହରେକୃଷ୍ଣଙ୍କ ଦେହ ଅସୁସ୍ଥ ହୋଇଥିଲା ବେଳେ ସେ ସେଠାରେ ଚିକିତ୍ସିତ ହେଉଥିଲେ। ଗତକାଲି ହଠାତ୍ ତାଙ୍କ ଛାତିରେ ଯନ୍ତ୍ରଣା ବଢ଼ିଗଲା। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁର କାରଣ ସ୍ପଷ୍ଟ ଭାବେ ଜଣାପଡି ନଥିବାବେଳେ ହୃଦଘାତଜନିତ ସମସ୍ୟାରୁ ହରେକୃଷ୍ଣଙ୍କ ମୃତ୍ୟୁ ଘଟିଥାଇପାରେ ବୋଲି ଗାଁଲୋକେ କହିଛନ୍ତି। କମ୍ପାନୀ ମାଲିକଙ୍କ ସହାୟତାରେ ବେଙ୍ଗାଲୁରୁରୁ ଆମ୍ବୁଲାନ୍ସ ଯୋଗେ ଆଜି ସନ୍ଧ୍ୟାରେ ହରେକୃଷ୍ଣଙ୍କ ମରଶରୀର ଗିରିଗାଁଠାରେ ପହଞ୍ଚିଛି। ହରେକୃଷ୍ଣ ଜଣେ ଅତ୍ୟନ୍ତ ଉତ୍ତମ ବ୍ୟବହାରିକ ଯୁବକ ଥିବାରୁ ତାଙ୍କୁ ଶେଷ ଦର୍ଶନ କରିବାକୁ ଗାଁ ସହ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା। ଶୋକାକୁଳ ପରିବେଶ ମଧ୍ୟରେ ଗାଁ ମଶାଣିରେ ହରେକୃଷ୍ଣଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ପୁଅର କଟୁରି ଚୋଟରେ ବାପ ଗୁରୁତର

ବାଲିବନ୍ଧ, ୨୬।୫ (ସମିସ): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଝୁମ୍ପୁରା ବ୍ଲକ ନୟାଗଡ଼ ପଞ୍ଚାୟତ ବ୍ରାହ୍ମଣିଡ଼ିହି ଗ୍ରାମ ମୁଣ୍ଡାସାହିରେ ମଙ୍ଗଳବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ନୃଶଂସ ପୁଅର କଟୁରି ଚୋଟରେ ବାପ ଗୁରୁତର ହୋଇ ଜୀବନ ମରଣ ସହିତ ସଂଘର୍ଷ କରୁଥିବା ଜଣାପଡ଼ିଛି। ଏନେଇ ନୃଶଂସ ପୁଅ ନାମରେ ବାମେବାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ସେହି ଗ୍ରାମର ମଦନ ମୁଣ୍ଡା (୬୬) ଭୋର ସକାଳୁ ଉଠି ଅଗଣାରେ ବସି ଦାନ୍ତ ଘଷୁଥିଲେ। ହଠାତ ପୁଅ ରାମସିଂ ମୁଣ୍ଡା ଏକ କଟୁରି ସାହାଯ୍ୟରେ ବାପ ମଦନଙ୍କ ବେକ, ମୁଣ୍ଡ, ମୁହଁ, ଡାହାଣ ହାତ ଏବଂ ଡାହାଣ ଗୋଡ଼କୁ ଚୋଟ ପରେ ଚୋଟ ହାଣି ପକାଇଲା।



ମଦନ ଚିତ୍କାର କରି ଘଟଣାସ୍ଥଳ ଟଳିପଡ଼ିଲେ। ପଡ଼ିଶା ଲୋକେ ଚିତ୍କାର ଶୁଣି ଦୌଡ଼ି ଆସିଲେ, କିଛି ବୁଝିବା ଆଗରୁ ଲହୁଲୁହାଣ ହୋଇ ଗୁରୁତର ଅବସ୍ଥାରେ ଭୂମିରେ ପଡ଼ି ରହିଥିଲେ ମଦନ। ପଡ଼ିଶା ଲୋକଙ୍କ ସାହାଯ୍ୟରେ ୧୦୮ ଆମ୍ବୁଲାନ୍ସ ଯୋଗେ ଝୁମ୍ପୁରା ଡାକ୍ତରଖାନାରେ ମଦନଙ୍କୁ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଅଧିକ ଜଟିଳ ହେବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ କେନ୍ଦୁଝରଗଡ଼ ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିଲା। ଲିଖିତ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁକରି ବାମେବାରୀ ଥାନାଧିକାରୀ ଝସକେତନ ଭୋଇ ଏକ ଟିମ ନେଇ ଘଟଣାସ୍ଥଳରୁ ଅଭିଯୁକ୍ତ ରାମସିଂକୁ କାବୁ କରିବା ସହ ଝୁମ୍ପୁରା ଡାକ୍ତରଖାନରେ ମଦନଙ୍କୁ ପଚରାଉଚରା କରିଥିଲେ।

## ବ୍ଲକ୍ ଟପ୍ପରଙ୍କୁ ବିଧାୟକଙ୍କ ଶୁଭେଚ୍ଛା

ହାଟଡ଼ିହୀ,୨୬।୫(ସମିସ): ବ୍ଲକ ଟପ୍ପର ଛାତ୍ରୀ ମୋନାଲିସା ପାଣ୍ଡଙ୍କୁ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଶୁଭେଚ୍ଛା ଜଣାଇଛନ୍ତି। ଚଳିତ ବର୍ଷ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ହାଟଡ଼ିହୀ ବ୍ଲକ ସରମଙ୍ଗା ଗ୍ରାମର ଗଣେଶ୍ୱର ପଣ୍ଡାଙ୍କ ଝିଅ ମୋନାଲିସା ପଣ୍ଡା ୬୦୦ରୁ ୫୬୦ ନମ୍ବର ରଖି ବ୍ଲକ ଟପ୍ପର ଭାବେ ସଫଳତା ଅର୍ଜନ କରିଛନ୍ତି। ମୋନାଲିସାଙ୍କ କଠିନ ପରିଶ୍ରମ ବ୍ଲକର ଟେକ ରଖିଥିବାରୁ ଆନନ୍ଦପୁର ବିଧାୟକ ଶ୍ରୀ ସେଠୀ ତାଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଭବିଷ୍ୟତରେ ଜଣେ ଭଲ ମଣିଷ ହେବା ସହ ନିଜ ଅଞ୍ଚଳର ଉନ୍ନତି ଦିଗରେ ନିଜକୁ ସାମିଲ ରଖିବାକୁ ଆଶୀର୍ବାଦ ଦେଇଛନ୍ତି।



## ୨ ମାସହେଲା ମିଳୁନି ଅନ୍‌ଲାଇନ୍ ଭତ୍ତା; ହିତାଧିକାରୀ ହନ୍ତସନ୍ତ

ହାଟଡ଼ିହୀ,୨୬।୫(ସମିସ): ପୂର୍ବ ସରକାର ପ୍ରତି ମାସର ୧୫ ତାରିଖରେ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ଅର୍ଥ ପ୍ରଦାନ କରୁଥିବା ବେଳେ ମଇ ମାସ ସରିଲାକୁ ବସିଲାଣି ହେଲେ ଏଯାଏଁ ଅନ୍‌ଲାଇନ୍ ହିତାଧିକାରୀଙ୍କୁ ମିଳିଲାନି ଏପ୍ରିଲ୍ ଓ ମଇ ମାସର ଭତ୍ତା। ହାତାହାତି ଭତ୍ତା ପାଉଥିବା ହିତାଧିକାରୀମାନେ ବିଳମ୍ବରେ ହେଲେ ମଧ୍ୟ ଭତ୍ତା ପାଉଛନ୍ତି। ବ୍ୟାଙ୍କ୍ ଆକାଉଣ୍ଟ ମାଧ୍ୟମରେ ଭତ୍ତା ପାଉଥିବା ହିତାଧିକାରୀ ଆଜି ପର୍ଯ୍ୟନ୍ତ ଭତ୍ତା ନପାଇ ହତୋତ୍ସାହିତ ହୋଇପଡିଛନ୍ତି। ହାଟଡ଼ିହୀ ବ୍ଲକ୍‌ରେ ୭୬୫୬ ଜଣଙ୍କୁ ଅନଲାଇନ୍ ଭତ୍ତା ଦିଆଯାଉଥିବା ବେଳେ ୧୪୯୩୨ ଜଣ ହିତାଧିକାରୀ ହାତାହାତି ଭତ୍ତା ପାଉଛନ୍ତି। ଏହି ଭତ୍ତା ଟଙ୍କାରୁ କିଏ ଔଷଧ କିଣୁଛି ତ ଆଉ କିଏ ତେଲ ଲୁଣ କିଣି ଜୀବନ ବିତାଉଛି। ବିଶେଷ କରି ଏହି ଭତ୍ତା ଅନେକ ଗରିବ ବୃଦ୍ଧବୃଦ୍ଧାଙ୍କ ସାହାରା ପାଲଟି ଥିବାବେଳେ ଠିକ୍ ସମୟରେ ଭତ୍ତା ମିଳୁ ନଥିବାରୁ ଏହା ହିତାଧିକାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏହି ବ୍ୟବସ୍ଥାରେ ସୁଧାର ଆଣି ପୂର୍ବ ସରକାରଙ୍କ ଭଳି ପ୍ରତି ମାସ ୧୫ ତାରିଖରେ ଭତ୍ତା ଯୋଗାଇ ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱାତିଶ୍ରୀ ସିଂଙ୍କୁ ପଚାରିବାରେ ୨ ମାସ ହେଲା ଏପରି ସମସ୍ୟା ଅଛି। ତେବେ, ଆସନ୍ତା ୨୮ ତାରିଖ ପରେ ସବୁ ହିତାଧିକାରୀଙ୍କ ଆକାଉଣ୍ଟକୁ ୨ ମାସର ଭତ୍ତା ଯୋଗାଇ ଦିଆଯିବା ନେଇ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି।

### ଜ୍ୟୋତିପୁର ବାଲି ଘାଟରୁ ଚୋରା ଚାଲାଣ

## ଘରୋଇ ଜମିରେ ରାସ୍ତାକୁ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ



କେନ୍ଦୁଝର,୨୬।୫(ସମିସ): ଜ୍ୟୋତିପୁର ବାଲି ଘାଟରୁ ଚୋରା ବାଲି ଚାଲାଣ ପାଇଁ ଘରୋଇ ଜମିରେ ରାସ୍ତା କରାଯାଇଛି। ଏନେଇ ଉଚ୍ଚବାଲି ପଞ୍ଚାୟତ ମାଳିପଶି ଗ୍ରାମର ଲୋକମାନେ ଜିଲ୍ଲାପାଳଙ୍କ ନିକଟରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ୨୦୨୨-୨୩ରୁ ଜ୍ୟୋତିପୁର ବାଲି ଘାଟରୁ ସରକାରୀ ନିଲାମ ଦିଆଯାଇଛି। ମାତ୍ର ନିଲାମଧାରୀ ଧାର୍ଯ୍ୟ ଜାଗାରୁ ବାଲି ଉତ୍ତୋଳନ କରିବା ପରିବର୍ତ୍ତେ ମାଳିପଶି ଗ୍ରାମର ଗଚ୍ଛିତ ଥିବା ବାଲିକୁ ଚୋରାରେ ଜୋର ଜବରଦସ୍ତ ବାଲି ଚୋରି କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ; ଜିଲ୍ଲା ସୀମା ଲାଗିଥିବା ମୟୂରଭଞ୍ଜ ଜିଲ୍ଲା ଆଦିପୁର ଗ୍ରାମର ସୀମା ପଟୁ ମଧ୍ୟ ବାଲି ଚୋରି କରୁଛନ୍ତି। ଉଚ୍ଚବାଲି ପଞ୍ଚାୟତର ପାନୀୟ ଜଳ ଯୋଗାଣ ନିମନ୍ତେ ବୈତରଣୀ ନଦୀରୁ ବସୁଧା ପାଣି ୯ଟି ଗ୍ରାମକୁ ସଂଯୋଗ ହୋଇଛି। ମାତ୍ର ନିଲାମଧାରୀଙ୍କ ଦ୍ୱାରା ବେଆଇନ ବାଲି ଉତ୍ତୋଳନ କରିବା ଦ୍ୱାରା ପାଣି ଯୋଗାଣ ବାଧାପ୍ରାପ୍ତ ହୋଇ ଜଳ ଯୋଗାଣରେ ସମସ୍ୟା ହେଉଛି। ବାଲି ଚାଲାଣ କରିବା ନିମନ୍ତେ ସରକାର ନିଲାମଧାରୀଙ୍କୁ ସ୍ୱତନ୍ତ୍ର ରାସ୍ତା ଦେଇଥିଲେ ମଧ୍ୟ ନିଲାମଧାରୀମାନେ ସେହି ରାସ୍ତାରେ ବାଲି ପରିବହନ ନକରି ମାଳିପଷି ଅଞ୍ଚଳର ମିନତୀ ଲୋହାର, ମାଣିକ ମହାନ୍ତ, କରୁଣାକର ମହାନ୍ତ ଏବଂ ଦେବାଶିଷ ପ୍ରଧାନଙ୍କ ଚାଷ ଜମିର ଚାଷକୁ ନଷ୍ଟ କରି ଜୋରଜବରଦସ୍ତ ବାଲି ଚାଲାଣ କରୁଥିବା ଅଭିଯୋଗ ହୋଇଛି। ଏଥିସହ ଗ୍ରାମ୍ୟ ଜଙ୍ଗଲ ମଧ୍ୟରେ ଗଛ କାଟି ରାସ୍ତା ତିଆରି କରି ବାଲି ଚାଲାଣ ହେଉଥିବା ଅଭିଯୋଗ କରାଯାଇଛି। ଲିଜଧାରୀ ବେଆଇନ ଭାବେ ବଡ ବଡ ମେସିନ ସାହାଯ୍ୟରେ ବାଲି ଉଠାଇ ୧୦/୧୨ ଚକିଆ ଟ୍ରକ ମାଧ୍ୟମରେ ପରିବହନ କରୁଛନ୍ତି। ଯାହାଦ୍ୱାରା ଓଡିଶା ସରକାରଙ୍କ ରାଜସ୍ୱ ହାନି ମଧ୍ୟ ହେଉଛି। ସଂପୃକ୍ତ ଚାଷୀମାନେ ବାରଣ କଲେ ଲିଜଧାରୀ ପ୍ରଶାସନ ର ଖାସ ଲୋକ କହି ଝାଡଖଣ୍ଡ ରାଜ୍ୟରୁ ଗୁଣ୍ଡା ଆଣି ଧମକଚମକ ଦେଇ ବଳ ପୂର୍ବକ ବାଲି ଚାଲାଣ କରୁଛନ୍ତି। ବେଆଇନ ବାଲି ଚାଲାଣ କରୁଥିବାରୁ ସଂପୃକ୍ତ ଚାଷୀମାନଙ୍କ ଚାଷ ଜମି ନଷ୍ଟ ହେଉଛି ଏବଂ ବସୁଧାରେ ପାଣି ନଆସିବାରୁ ଗ୍ରାମବାସୀ ପାଣି ପାଇଁ ୧/୨ କିଲୋମିଟର ଦୂର ଗ୍ରାମରୁ ପାଣି ଆସୁଥିବା ଅଭିଯୋଗ କରିଛନ୍ତି। ବେଆଇନ ବାଲି ଖନନ କରାଯାଇ ଚାଷ ଓ ଚାଷ ଜମିର ସୁରକ୍ଷା ଏବଂ ସଂପୃକ୍ତ ଚାଷୀମାନଙ୍କ ଜୀବନ ପ୍ରତି ବିପଦ ରହୁଥିବା ଘଟଣାମାନ ତଦନ୍ତ କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ କରିଛନ୍ତି।

### ଶିଶୁମୃତ୍ୟୁ ଘଟଣା

## ପରିବାରକୁ କ୍ଷତିପୂରଣ ଓ ନିଯୁକ୍ତି ପ୍ରଦାନ



ହାଟଡ଼ିହୀ,୨୬।୫(ସମିସ): ସୋସୋ ଥାନା ଝଣଝଣା ଗ୍ରାମର ଏକ ଶିଶୁର ଗାତରେ ପଡ଼ି ମୃତ୍ୟୁ ଘଟଣାରେ ସହାୟତା ପ୍ରଦାନ କରାଯାଇଛି। ମେଗା ପାନୀୟଜଳ ପ୍ରକଳ୍ପ ପକ୍ଷରୁ ପାଣି ଲିକେଜ୍ ବନ୍ଦ ପାଇଁ ରାସ୍ତା ଉପରେ ୫/୬ ଫୁଟ ଗଭୀରର ଏକ ଗାତ ଖୋଳା ଯାଇଥିଲା। ଯାହା ଦୀର୍ଘଦିନ ଖୋଲାମେଲାରେ ରହିବା ପରେ ମଧ୍ୟ ତାହା ବିଭାଗ ପକ୍ଷରୁ ବନ୍ଦ କରାଯାଇନଥିଲା; ଯାହାକି, ସୋମବାର ଝଣଝଣା ଗ୍ରାମର ଅରୁଣ ଖଣ୍ଡେଇଙ୍କ ୨ବର୍ଷର ଶିଶୁ ଅନୀଲ ରାସ୍ତା ଉପରେ ଖେଳୁଥିବା ବେଳେ ଉକ୍ତ ଜଳପୂର୍ଣ୍ଣ ଗାତରେ ପଡ଼ିଯିବାରୁ ଅନୀଲର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇବା ସହ ପରିବାରକୁ କ୍ଷତିପୂରଣ ଦାବି କରାଯାଇଥିଲା। ଆଜି ମେଗା ପାନୀୟଜଳ ପ୍ରକଳ୍ପ ପକ୍ଷରୁ ମୃତକଙ୍କ ପରିବାରକୁ ତିନିଲକ୍ଷ ଟଙ୍କାର ଆର୍ଥିକ ସହାୟତା ସହ ପରିବାରର ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି।

## ପୌରପାଳିକା କାର୍ଯ୍ୟାଳୟରେ ନିର୍ବାଚନ ସମ୍ବନ୍ଧୀୟ ସମୀକ୍ଷା



କେନ୍ଦୁଝର,୨୬।୫(ସମିସ): କେନ୍ଦୁଝରଗଡ଼ ପୌରପାଳିକା ଅଞ୍ଚଳରେ ଆଗାମୀ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବା ଲକ୍ଷ୍ୟରେ ପୌରପାଳିକା କାର୍ଯ୍ୟାଳୟ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୌରପାଳିକାର ମାନ୍ୟବର ଉପାଧ୍ୟକ୍ଷ/ଅଧ୍ୟକ୍ଷା, ସମସ୍ତ ୱାର୍ଡର କାଉନସିଲର, ବିଭିନ୍ନ ରାଜନୈତିକ ଦଳର ବୁଥ୍‌ସ୍ତରୀୟ ଏଜେଣ୍ଟ ଏବଂ ସୁପରଭାଇଜରମାନେ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ବିଶେଷ କରି ପ୍ରତିଟି ୱାର୍ଡରେ ଯୋଗ୍ୟ ନୂତନ ଭୋଟରଙ୍କ ନାମ ସାମିଲ କରିବା, ଦ୍ୱିବାର ନାମ ଥିବା କିମ୍ବା ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ନାମକୁ ଚିହ୍ନଟ କରି ତାଲିକାରୁ ବାଦ୍ ଦେବାଉପରେ ବ୍ୟାପକ ଆଲୋଚନା କରାଯାଇଥିଲା। ଏହି ସାଂଗଠନିକ କାର୍ଯ୍ୟକୁ ସଫଳ କରିବା ପାଇଁ ପ୍ରଶାସନ, ସ୍ଥାନୀୟ ଜନପ୍ରତିନିଧି ଏବଂ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ମଧ୍ୟରେ ସଠିକ୍ ସମନ୍ୱୟ ଓ ଦୈନିକ ରିପୋର୍ଟିଂ ଉପରେ ଗୁରୁତ୍ୱ ଦିଆଯାଇଛି। ଭୋଟର ତାଲିକାକୁ ଶତପ୍ରତିଶତ ସଠିକ୍ କରିବା ପାଇଁ କାଉନସିଲର ଏବଂ ବିଭିନ୍ନ ଦଳର ବୁଥ୍‌ସ୍ତରୀୟ ଏଜେଣ୍ଟମାନେ ସ୍ଥାନୀୟ ବୁଥ୍‌ସ୍ତରୀୟ ଅଧିକାରୀ ସୁପରଭାଇଜରଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବେ। ବୁଥ୍‌ସ୍ତରୀୟ ଅଧିକାରୀ ସୁପରଭାଇଜରମାନେ ପ୍ରତିଟି ବୁଥ୍‌ର କାର୍ଯ୍ୟକ୍ଷେତ୍ରକୁ ନିୟମିତ ଭାବେ ପରିଦର୍ଶନ କରି ତଦାରଖ କରିବେ। ପୌରପାଳିକା ଅଞ୍ଚଳରେ କୌଣସି ଯୋଗ୍ୟ ନାଗରିକ ଯେପରି ଭୋଟ୍ ଦେବାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ୱାର୍ଡ ସ୍ତରରେ ସଚେତନତା ସୃଷ୍ଟି କରାଯିବ। ପୌରପାଳିକାର ବରିଷ୍ଠ ଅଧିକାରୀମାନେ ବୈଠକ ପରିଚାଳନା କରିବା ସହ ଉପସ୍ଥିତ ସମସ୍ତ ପ୍ରତିନିଧିମାନଙ୍କ ଠାରୁ କାର୍ଯ୍ୟକ୍ଷେତ୍ରରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ଓ ତାର ସମାଧାନ ନେଇ ମତାମତ ଗ୍ରହଣ କରିଥିଲେ। ଏହି ସରକାରୀ କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବା ପାଇଁ ସମସ୍ତେ ପ୍ରତିଶ୍ରୁତି ଦେଇଥିଲେ।

## ଚୋରା ବାଲି ବୋଝେଇ ୬ ହାଇୱା ଜବତ




କେନ୍ଦୁଝର, ୨୬।୫(ସମିସ): କେନ୍ଦୁଝର ଟାଉନ ପୁଲିସ ପକ୍ଷରୁ ଗତକାଲି ବିଳମ୍ବିତ ରାତିରେ ପାଟ୍ରୋଲିଂ ସମୟରେ ରାଙ୍କି ନିକଟରେ ସରକାରୀ ଜମିରୁ ଚୋରା ମାଟି ଖୋଳୁଥିବା ଗୋଟିଏ ଜେସିବି ଏବଂ ଗୋଟିଏ ହାଇୱା ଗାଡ଼ି ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ମାଫିଆଙ୍କୁ ପୁଲିସ ଖୋଜୁଛି। ସେହିପରି ଗତ ୩ ଦିନ ମଧ୍ୟରେ ୬ଟି ବାଲି ବୋଝେଇ ହାଇୱା ଏବଂ ୩ଟି ଟ୍ରାକ୍ଟର ଗାଡ଼ି ମଧ୍ୟ ଜବତ୍ କରାଯାଇଛି ବୋଲି ଟାଉନ ଥାନାଧିକାରୀ ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି। ଉକ୍ତ ଗାଡିଗୁଡିକ ବିନା ଟିପି ଏବଂ ଓଭରଲୋଡରେ ଥିବା ଜଣାପଡିଛି। କିଛି ଦିନ ବ୍ୟବଧାନ ପରେ ପୁଣି ବାଲି ମାଫିଆମାନେ ସକ୍ରିୟ ହୋଇ ଉଠିଛନ୍ତି। ଏହି ସବୁ ବାଲି ବୈତରଣୀ ନଦୀରୁ ଜାତୀୟ ରାଜପଥ ଦେଇ ଚୋରା ଚାଲାଣ ବେଳେ ଟାଉନ ପୁଲିସ ଚଢାଉ କରି ଧରିଛି। କେନ୍ଦୁଝର ସହରରେ ବିଭିନ୍ନ ସ୍ଥାନ ଯଥା ଆଟୋପୁର, କାଶିପୁର, କଲେଜରୋଡ, କାଳୀପଡିଆ, ରାଙ୍କି, ଠାକୁରପାଟଣା, ଡାଙ୍ଗରପଡା ଆଦି ଅଞ୍ଚଳରେ ଥିବା ବେଆଇନ ବାଲି ଡିପୋକୁ ଯୋଗାଣ ହେଉଛି। କେନ୍ଦୁଝର ସହର ଏବଂ ଆଖପାଖ ଅଞ୍ଚଳରେ ଚାଲିଥିବା ୨୦ରୁ ଅଧିକ ସ୍ଥାନରେ ଖଣି ବିଭାଗ ଓ ପୁଲିସ ବିଭାଗ ପକ୍ଷରୁ ନିୟମିତ ଚଢଉ କରାଗଲେ ବାଲି ଚୋରି ଉପରେ ଅଙ୍କୁଶ ଲାଗିପାରିବ ବୋଲି ମତପ୍ରକାଶ ପାଇଛି।

## ସୋସୋ ଥାନାଞ୍ଚଳରେ ଅବାଧ ଜୁଆଖେଳ

**ସର୍ବସ୍ୱାନ୍ତ ହେଉଛନ୍ତି ଗରିବ ପରିବାର**

ହାଟଡ଼ିହୀ,୨୬।୫(ସମିସ): ସୋସୋ ଥାନା ଅଞ୍ଚଳରେ ବିଭିନ୍ନ ମାଦକ ଦ୍ରବ୍ୟର କାରବାର ବଢ଼ି ଚାଲିଥିଲା ବେଳେ ଏବେ ଅବାଧ ଜୁଆଖେଳ ମୁଣ୍ଡ ଟେକିବାରେ ଲାଗିଛି। ପୁଲିସ ଓ ଅବକାରୀ ବିଭାଗ ଦେଶୀ, ବିଦେଶୀ ମଦ, ଗଞ୍ଜେଇ ଉପରେ ଚଢ଼ଉ କରୁଥିଲା ବେଳେ ଜୁଆଖେଳ ଉପରେ ଆଦୌ ଦୃଷ୍ଟି ଦେଉ ନଥିବା କୁହାଯାଉଛି। ଯାହାଫଳରେ ବଣିଆପଙ୍କ, ଖଣିବଜାର, ସହ ଢେଙ୍କା ପଞ୍ଚାୟତର ବିଭିନ୍ନ ସ୍ଥାନରେ ବେଧଡକ ଜୁଆଖେଳ ଚାଲୁଥିବା ଦେଖାଯାଉଛି। ଜୁଆଖେଳର ମୁଖ୍ୟ ପୁରୋଧାମାନେ ସାଧାରଣତଃ ଭଦ୍ରକ, ବାଲେଶ୍ୱର, ଯାଜପୁର ଓ ମୟୂରଭଞ୍ଜ ଜିଲ୍ଲାରୁ ଆସି ସ୍ଥାନୀୟ ଅଞ୍ଚଳର କିଛି ଗରିବ ଖଟିଖିଆ ଲୋକଙ୍କୁ ଲୋଭ ଦେଖାଇ ଖେଳ ପ୍ରତି ଆକର୍ଷିତ କରୁଛନ୍ତି। ଅନେକ ଗରିବ, ଦିନମଜୁରିଆ ଶ୍ରେଣୀର ଲୋକେ ଜିତିବାର ଲୋଭ ନେଇ ଶେଷରେ ସର୍ବସ୍ୱାନ୍ତ ହେଉଛନ୍ତି। ଗରିବ ଖଟିଖିଆଙ୍କ ରୋଜଗାର ଟଙ୍କା ଏହି ଜୁଆଖେଳରେ ଚାଲି ଯାଉଥିବାରୁ ପରିବାର ଲୋକେ ଆର୍ଥିକ ଅନଟନରେ କଷ୍ଟ ପାଉଛନ୍ତି। ଏପରିକି ଅନେକଙ୍କ ପରିବାରରେ ଏହାକୁ ନେଇ ଗଣ୍ଡଗୋଳ, ମାରପିଟ ଭଳି ସମସ୍ୟା ଉପୁଜୁଛି। ଜୁଆଖେଳ ରୋକିବା ଦିଗରେ ପୁଲିସ କିମ୍ବା ଅବକାରୀ ବିଭାଗ ପକ୍ଷରୁ ଆନ୍ତରିକତା ଦେଖାଯାଉ ନଥିବାରୁ ଦିନକୁ ଦିନ ଜୁଆଖେଳ ବଢ଼ିବାରେ ଲାଗିଛି। ଜୁଆଖେଳ ବନ୍ଦ କରିବା ଦିଗରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ହସ୍ତକ୍ଷେପ କଲେ ହୁଏତ ଆଗାମୀ ଦିନରେ ଏହାର ସୁଧାର ଆସିପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ କୁହାଯାଇଛି।

## ବାଲି ଚୋରି ସମ୍ପର୍କିତ ମାମଲାରେ ଗିରଫଦାରୀକୁ ନେଇ ଛକାପଞ୍ଝା

# ବିଜେପି-ବିଜେଡି ମଧ୍ୟରେ ଆରୋପ ପ୍ରତ୍ୟାରୋପ

ଆନନ୍ଦପୁର,୨୬।୫(ସମିସ)

ଜିଲ୍ଲା ପୁଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଦ୍ୱାରା ଆନନ୍ଦପୁର ଉପଖଣ୍ଡରେ ଚୋରା ବାଲିଚାଲାଣକୁ ନେଇ ଗିରଫଦାରୀକୁ ସପ୍ତାହେ ବିତିଲାଣି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ବିଜେପି ଓ ବିଜେଡିର ବହୁ ଛାମୁଆ ନେତା ରହିଛନ୍ତି। କ୍ଷମତାରେ ରହି ବିଜେପିର ସମର୍ଥନରେ କାମ କରୁଥିବା ବ୍ୟକ୍ତିଙ୍କ ଗିରଫଦାରୀକୁ ନେଇ ଏବେବି ଅନେକ ପ୍ରଶ୍ନର ଉତ୍ତର ମିଳୁନି। ଏପଟେ ଏହାକୁ ନେଇ ବିଜେପି ଓ ବିଜେଡି ସମର୍ଥକଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମରେ ଆକ୍ଷେପ ଲାଗି ରହିଛି।

ବିଜେଡିର ରାଜ୍ୟ ସମ୍ପାଦକ ହାଟଡିହି ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତଙ୍କ ଭଳି ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ପୁଲିସ୍ କୋର୍ଟଚାଲାଣ କରିଛି। ରତିଙ୍କ ବାଲିବେପାର ସହିତ କୌଣସି ସମ୍ପର୍କ ନଥିବାବେଳେ ତାଙ୍କୁ ରାଜନୈତିକ ଉଦ୍ଦେଶ୍ୟ ରଖି ଗିରଫ କରାଯାଇଥିବା ନେଇ ତାଙ୍କ ସମର୍ଥକମାନେ ଦାବି କରିଛନ୍ତି। ତେବେ ପରେ କିଛି ୱେବ ଚାନେଲରେ ରତିଙ୍କ ଗିରଫ ଉଦ୍ଦେଶ୍ୟମୂଳକ ବୋଲି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ କହିଛନ୍ତି। ଏପଟେ ଧକୋଠାରୁ ଗିରଫ ହୋଇଥିବା ଅଜିତ୍ ପୃଷ୍ଟି ବିଜେପିର ବୈତରଣୀ ମଣ୍ଡଳର ଯୁବମୋର୍ଚ୍ଚା ସଭାପତି ରହିଛନ୍ତି। ସେ ବିଜେପିରେ ସକ୍ରିୟ ରହିଥିବାବେଳେ ତାଙ୍କ ଗିରଫକୁ ବିଜେପି କର୍ମୀ ସହଜରେ ଗ୍ରହଣ କରିପାରୁନାହାଁନ୍ତି। ଏନେଇ ପଞ୍ଚାୟତର କିଛିବ୍ୟକ୍ତି ବିଜେପିର ଜିଲ୍ଲାସ୍ତରୀୟ ନେତାଙ୍କୁ ଭେଟି ନିଜର ଅସନ୍ତୋଷ ଜଣାଇଥିବା ମଧ୍ୟ ଜଣାପଡିଛି। ଗିରଫ ହୋଇଥିବା ହାଟଡିହି ବ୍ଲକ ଏଲକଣିଆ ଗ୍ରାମର ଯୋଗେନ୍ଦ୍ର ବେହେରା ଗତବର୍ଷ ତରତରା ଆମ୍ରତୋଟାରେ ହୋଇଥିବା ମିଶ୍ରଣ ପର୍ବରେ ସାଂସଦ ଅନନ୍ତ ନାୟକଙ୍କ ଉପସ୍ଥିତିରେ ବିଜେପିରେ ସାମିଲ ହୋଇଥିଲେ। ବିଜେପିର ସାଂଗଠନିକ କାର୍ଯ୍ୟ ସହିତ ମଧ୍ୟ ସେ ସାମିଲ ରହିଥିଲେ। ତାଙ୍କର ଗିରଫଦାରୀକୁ ନେଇ ମଧ୍ୟ ବିଜେପିନେତା ମୁହଁ ଖୋଲୁନାହାଁନ୍ତି। ଏପଟେ ଅପରେସନ୍ ବୈତରଣୀ ସମୟରେ ପୁଲିସ୍ ହାତରେ ବହୁ କାଗଜପତ୍ର ଓ ଡାଏରୀ ଲାଗିଥିବା କୁହାଯାଉଛି। ଏଥିରେ ବାଲିଚାଲାଣ ପାଇଁ ଦିଆଯାଉଥିବା ଚାନ୍ଦାର ଚିଠା ମଧ୍ୟ ମିଳିଛି। ତେବେ ଏଥିରେ ଶାସକ ଦଳର ପ୍ରଭାବଶାଳୀଙ୍କ ନାମ ରହିଥିବାରୁ ତଦନ୍ତ ବାଟବଣା ହେବା ସମ୍ଭାବନା ରହିଛି। ଆଗାମୀ ଦିନରେ ଆହୁରି ଅନେକ ବାଲିମାଫିଆଙ୍କ ଉପରେ ଚଢ଼ଉ କରାଯିବର ସମ୍ଭାବନା ରହିଥିବାରୁ ଅନେକ ଆତ୍ମଗୋପନ କରିଥିବା ନେଇ ଆଲୋଚନା ହେଉଛି।



## ମହିଳା ସଂରକ୍ଷଣ ବିଲ୍ କାର୍ଯ୍ୟକାରିତା ନେଇ ବିକ୍ଷୋଭ




ତେଲକୋଇ, ୨୬।୫(ସମିସ): ତେଲକୋଇ ମହିଳା କଂଗ୍ରେସ ପକ୍ଷରୁ ମହିଳା ସଂରକ୍ଷଣ ବିଲ୍ (୩୩% ସଂରକ୍ଷଣ)ର ତୁରନ୍ତ କାର୍ଯ୍ୟକାରିତାକୁ ନେଇ ତେଲକୋଇ ବ୍ଲକ ଅଫିସ ସମ୍ମୁଖରେ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୨୦୨୩ ମସିହାରେ ସଂସଦରେ ପାରିତ ହୋଇଥିବା ୩୩% ମହିଳା ସଂରକ୍ଷଣ ଅଧିନିୟମକୁ କେନ୍ଦ୍ରର ବିଜେପି ସରକାର ତୁରନ୍ତ ଲାଗୁ ନକରି କେବଳ ରାଜନୈତିକ ବାହାବା ନେବା ପାଇଁ ସ୍ୱତନ୍ତ୍ର ଅଧିବେଶନ ଡାକି ଭ୍ରମିତ କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ବିଲ୍ ପାରିତ ହେବା ସତ୍ତ୍ୱେ ୨୦୨୪ ସାଧାରଣ ନିର୍ବାଚନରେ ଏହାକୁ କାହିଁକି ଲାଗୁ କରାଗଲା ନାହିଁ ବୋଲି ଜିଲ୍ଲା ସଭାପତି ମନୋଜ ଜେନା, ତେଲକୋଇ ବ୍ଲକ ସଭାପତି ସୁବାସ ପ୍ରଧାନ ପ୍ରଶ୍ନ କରିଛନ୍ତି। ଏହାକୁ କେନ୍ଦ୍ର ସରକାର ତୁରନ୍ତ ଲାଗୁ କରିବା ପାଇଁ ଦାବି ହୋଇଛି। ଯୁବ ନେତା ନିର୍ମଳଚନ୍ଦ୍ର ନାୟକ, ବରିଷ୍ଠ କଂଗ୍ରେସ କର୍ମୀ ଭଦ୍ରସେନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା, ଗୁରୁଚରଣ ପ୍ରଧାନ, କ୍ଷେତ୍ରବାସୀ ନାୟକ, ଶ୍ୟାମ ନାୟକ, ଯସବନ୍ତ ଖୁଣ୍ଟିଆ, ବାସବରାଜ ପ୍ରଧାନ, ରାଜକିଶୋର ନାୟକ, ଗୁରୁବରୀ ମହାକୁଡ଼, କେରି ନାୟକ, ପ୍ରମିଳା ମହାକୁଡ଼, ରମଣୀ ନାଏକ, ଚେମି ମହାକୁଡ଼, କୁତ୍ତାର୍ଥ ନାୟକ, ମଞ୍ଜୁ ମହାକୁଡ଼, ପାର୍ବତୀ ବେହେରା, ଶିରି ନାୟକ, ଭାଲୁ ନାୟକ, କୁମାର ନାୟକ, ଦୂର ନାୟକ ସାମିଲ ଥିଲେ।

## ଗୁଣ୍ଡୁଣିପଡ଼ାରେ ପାନୀୟ ଜଳ ସଙ୍କଟ

# ସଜଡ଼ା ହେଉନି ଅଚଳ ନଳକୂପ

**କର୍ଯ୍ୟାଁଗୋଲା, ୨୬।୫(ସମିସ)**



ଗ୍ରୀଷ୍ମର ପ୍ରକୋପ ଜାରି ରହିଥିବା ବେଳେ ଦଶରଥପୁର ବ୍ଲକ ଗୁଣ୍ଡୁଣିପଡ଼ାର ଡିହସାହିରେ ପାନୀୟ ଜଳ ସମସ୍ୟା ଦିନକୁ ଦିନ ବଢ଼ି ଚାଲିଛି। ଗାଁରେ ଥିବା ନଳକୂପରେ ଟୋପା ଟୋପା ପାଣି ବାହାରୁଛି। ଫଳରେ ଲୋକେ ବୁନ୍ଦାଏ ପାଣି ପାଇଁ ଘଣ୍ଟା ଘଣ୍ଟା ଧାଡ଼ିରେ ଛିଡ଼ା ହେଉଛନ୍ତି। ଦଶରଥପୁର ବ୍ଲକ ଶେଷ ସୀମାରେ ଅବସ୍ଥିତ କର୍ଯ୍ୟାଁ ପଞ୍ଚାୟତର ଅନ୍ତର୍ଗତ ଗୁଣ୍ଡୁଣିପଡ଼ାର ଡିହସାହିରେ ଦୀର୍ଘ ଦିନ ଧରି ପାନୀୟ ଜଳ ସମସ୍ୟା ଲାଗି ରହିଛି। ସରକାରଙ୍କ ପକ୍ଷରୁ ଗାଁରେ କେତୋଟି ନଳକୂପ ଖୋଳାଯାଇଥିଲେ ବି ସେଥିରୁ ଅଧିକାଂଶ ଅଚଳ ହୋଇପଡ଼ିଛି। ଯେଉଁ ନଳକୂପ ଚାଲୁଛି, ସେଥିରୁ ବାହାରୁଥିବା ପାଣି ଲୁଣିଆ। ଯାହା ପିଇବା ଅସମ୍ଭବ। ଫଳରେ ଗାଁ ଲୋକେ ପାଣି ଆଣିବା ପାଇଁ ସକାଳ ସଞ୍ଜ ପର୍ଯ୍ୟନ୍ତ ଲମ୍ବା ଧାଡ଼ିରେ ଛିଡ଼ା ହେଉଛନ୍ତି। ସମସ୍ୟା ଏତେ ବଢ଼ିଛି ଯେ ଅତ୍ୟଧିକ ଗରମ ସତ୍ତ୍ୱେ ଗତ ୫ ଦିନ ଧରି ଗାଁକୁ ସ୍ୱଜଳଧାରା ପାଣି ମଧ୍ୟ ଆସୁନାହିଁ। ସରପଞ୍ଚ ଓ ସ୍ଥାନୀୟ ଜନପ୍ରତିନିଧିଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ ସମସ୍ୟାର ସମାଧାନ ହେଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଅଚ୍ୟୁତାନନ୍ଦ ଦାସ, ପଦ୍ମଲୋଚନ ଦାସ, ଅଶ୍ୱିନୀ କୁମାର ଦାସ, ବିଦାଧର ପଳାଇ ସହ ଗ୍ରାମବାସୀ ପ୍ରମୁଖ କହିଛନ୍ତି ଯେ, ପିଇବା ପାଇଁ ବି ଭଲ ପାଣି ମିଳୁନାହିଁ। ଏ ନେଇ ବ୍ଲକ ଜଳ ଓ ପରିମଳ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ବି କୌଣସି ଉତ୍ତର ମିଳିନାହିଁ। ଗ୍ରୀଷ୍ମ ପ୍ରବାହ ସମୟରେ ପାନୀୟ ଜଳ ସମସ୍ୟା ଗ୍ରାମବାସୀଙ୍କ ଦୈନିନ୍ଦିନ ଜୀବନକୁ ପ୍ରଭାବିତ କରିଛି। ତୁରନ୍ତ ବିକଳ୍ପ ବ୍ୟବସ୍ଥା ନ ହେଲେ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିବାର ଆଶଙ୍କା ରହିଛି।

## ବାଲିପଡ଼ିଆ କଂଗ୍ରେସ କମିଟି ବୈଠକ

**କୁନ୍ଦଲ, ୨୬।୫(ସମିସ):** ବାଲିପଡ଼ିଆ ଗ୍ରାମପଞ୍ଚାୟତର କଂଗ୍ରେସ କମିଟିର ଏକ ବୈଠକ ବରିଷ୍ଠ କଂଗ୍ରେସ କର୍ମୀ ଧରଣୀଧର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଂଗ୍ରେସ କର୍ମୀ ପ୍ରଫୁଲ୍ଲ କୁମାର ପ୍ରଧାନ, ବସନ୍ତ କୁମାର ସାମଲ, ଅଶୋକ କୁମାର ଭଞ୍ଜ, ଶରତ ଚନ୍ଦ୍ର ପ୍ରଧାନ, ରଙ୍ଗାଧର ବାଇ, ଗୋଲଖ ମଲିକ, ରବୀନ୍ଦ୍ର ମଲିକ, ଦଶରଥ ମଲିକ, ନିରଞ୍ଜନ ମଲିକ, ବଟ ମଲିକ, ଗୌତମ ମଲିକ, ଶରତ ମଲିକ, ରମେଶ ଚନ୍ଦ୍ର ରାଉତ, ସୂର୍ଯ୍ୟ ପ୍ରସାଦ ଶତପଥି, ଶରତ ଚନ୍ଦ୍ର ପଢ଼ିହାରୀ, ତ୍ରିଲୋଚନ ମଲିକ, ଦୀଲ୍ଲିପ ମଲିକ, ଲଙ୍ଗୁଳି ମଲିକ, ମଦନ ମଲିକ, ବିଶ୍ୱମ୍ବର ମଲିକ, ଶିବ ପ୍ରସାଦ ମଲିକ, ପ୍ରଶାନ୍ତ ମଲିକ, ଗଗନ ବିହାରୀ ମଲିକ, ପଦ୍ମଲୋଚନ ବେହେରା, ଜଗର ମଲିକ, ନିକୁଞ୍ଜ ବିହାରୀ ପ୍ରଧାନ, ସୁନାକର ମଲିକ, ସନାତନ ମଲିକ, କୈଳାଶ ମଲିକ, ଜନ୍ମଜେୟ ପ୍ରଧାନ, ସୁନିଲ କୁମାର ସାମଲ, ବୀର ଜେନା, ଅନନ୍ତ ବେହେରା ପ୍ରମୁଖ ଶତାଧିକ କର୍ମୀ ବୈଠକରେ ଯୋଗଦେଇ କଂଗ୍ରେସ ସଂଗଠନକୁ ମଜବୁତ କରିବେ ବୋଲି ମତ ଦେଇଥିଲେ। ବାଲିପଡ଼ିଆ ଗ୍ରାମପଞ୍ଚାୟତ କଂଗ୍ରେସ କମିଟିର ସଭାପତି ଧନଞ୍ଜୟ ତ୍ରିପାଠୀ ବୈଠକରେ ଉପସ୍ଥିତ ସମସ୍ତ କର୍ମୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସମ୍ବର୍ଦ୍ଧନା ଉତ୍ସବ



**ମଙ୍ଗଳପୁର, ୨୬।୫(ସମିସ):** ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ କନିକାପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହିମାଂଶୁ ଶେଖର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଘର ରାଜ୍ୟ ସଭାପତି ବିକ୍ରମ କୁମାର ଦାସ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବାବେଳେ ପ୍ରାକ୍ତନ ଜିଲ୍ଲା ସମ୍ପାଦକ ବଂଶୀଧର ଦାସ, ରସୁଲପୁର ବ୍ଲକ ପ୍ରାକ୍ତନ ସଭାପତି ପ୍ରମୋଦ ପ୍ରଧାନ, ଦଶରଥପୁର ବ୍ଲକ ପ୍ରାକ୍ତନ ସମ୍ପାଦକ ନିରଞ୍ଜନ ବିଶ୍ୱାଳ, ଓଇଟିଏ ରାଜ୍ୟ ସମ୍ପାଦକ ପ୍ରବୀଣ କୁମାର ଦାସ, କନିକାପଡ଼ା ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁବ୍ରତ କୁମାର ସୁତାର, ସିଆର୍‌ସିସି ଅଶୋକ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବିଭୂତି ଭୂଷଣ ରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଶୋକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଶିକ୍ଷକ ଉପସ୍ଥିତ ରହି ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ଜିଲ୍ଲା ସ୍ତରୀୟ କମିଟି ଚୟନ କରାଯାଇଥିଲା। ମଳୟ କୁମାର ନାୟକ ସଭାପତି ଭାବେ ମନୋନୀତ ହୋଇଥିବାବେଳେ ଡ. ଦୟାନିଧି ଦାସ ସମ୍ପାଦକ ରୂପେ ମନୋନୀତ ହୋଇଥିଲେ। ସେହିପରି ଯୋଗେନ୍ଦ୍ର କୁମାର ମହାନ୍ତି ଉପସଭାପତି, ଶଙ୍କର୍ଷଣ ପରିଡ଼ା କାର୍ଯ୍ୟକାରୀ ସମ୍ପାଦକ, ବିଜୟ କୁମାର ଭଦ୍ର ଯୁଗ୍ମ ସମ୍ପାଦକ, ରଞ୍ଜନ କୁମାର ମହାନ୍ତି ସହକାରୀ ସମ୍ପାଦକ, ଉମେଶ ଚନ୍ଦ୍ର ଜେନା ସହ ସମ୍ପାଦକ, ସୁବ୍ରତ କୁମାର ଦାସ ସହ ସମ୍ପାଦକ, ରବୀନ୍ଦ୍ର କୁମାର ପୃଷ୍ଟି ଉପଦେଷ୍ଟା ରୂପେ ମନୋନୀତ ହୋଇଥିଲେ।

## ବାଇକ୍ ଚୋରି ଅଭିଯୋଗ

**ପାଣିକୋଇଲି, ୨୬।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଓଡ଼ିଆଣୀ ହୋଟେଲ ନିକଟସ୍ଥ ଏକ ଘର ସମ୍ମୁଖରୁ ଚାବି ଭାଙ୍ଗି ବାଇକ୍ ଚୋରି ହୋଇଥିବା ଜଣାପଡ଼ିଛି। ପ୍ରକାଶଯେ କୁଆଖିଆ ଥାନା ନିରଞ୍ଜନ ପୁର ଗ୍ରାମର ଟାଟା କମ୍ପାନୀରେ କର୍ମଚାରୀ ଭାବେ କାର୍ଯ୍ୟକରୁଥିବା କରୁଣାକର ଜେନା ପାଣିକୋଇଲି ପୁରୁଣା ଟୋଲ ଗେଟ ନିକଟସ୍ଥ ଓଡିଆଣୀ ହୋଟେଲ ନିକଟରେ ଏକ ଘରେ ଭଡ଼ା ନେଇ ରହୁଛନ୍ତି। ପ୍ରତିଦିନ ପରି ଘର ସମ୍ମୁଖରେ ସମସ୍ତ ଭଡ଼ାଟିଆଙ୍କ ବାଇକ୍ ହେଣ୍ଡଲ ଲକ ହୋଇ ରହିଥିଲା। ସକାଳୁ ଦେଖିବା ବେଳକୁ ତାଙ୍କର ନାଲି ରଙ୍ଗର ଗ୍ଲାମର ବାଇକ( ଓଡି୦୪ସି ୯୮୨୮)ଟି କେହି ଦୃର୍ବୃତ୍ତ ଚୋରି କରିନେଇଛି। ଏନେଇ ଥାନାରେ ଅଭିଯୋଗ କରିବା ପରେ ତଦନ୍ତ ଜାରି ରହିଛି।

## ଭାରତୀୟ ଟେନିସ୍ ଭଲିବଲ ଦଳରେ ସତ୍ୟଜିତ



**ସିଂହପୁର, ୨୬।୫(ସମିସ):** ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ ନେପାଳର କାଠମାଣ୍ଡୁଠାରେ ଅନୁଷ୍ଠିତ ହୋଇଯାଇଥିବା ଏକାଦଶତମ ଦକ୍ଷିଣ ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତୀୟ ଟେନିସ ଭଲିବଲ ଦଳରେ ଓଡ଼ିଶାରୁ ତିନିଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ସିଂହପୁର ଗ୍ରାମର ଯୁବ ଖେଳାଳି ସତ୍ୟଜିତ ସାହୁ (୨୧) ଭାରତୀୟ ଦଳରେ ସ୍ଥାନ ପାଇ ସମଗ୍ର ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଏହି କ୍ରୀଡ଼ାରେ ଭାରତ ପାକିସ୍ତାନକୁ ହରାଇ ଫାଇନାଲ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛି। ସିଂହପୁର ଗ୍ରାମର ଧୀରେନ୍ଦ୍ର କୁମାର ସାହୁ ଓ ମାନସୀ ସାହୁଙ୍କ ପୁତ୍ର ସତ୍ୟଜିତ ଛୋଟବେଳୁ କ୍ରୀଡ଼ା ପ୍ରତି ଆଗ୍ରହ ରଖି ନିରନ୍ତର ପରିଶ୍ରମ ମାଧ୍ୟମରେ ଏହି ସଫଳତା ହାସଲ କରିଛନ୍ତି। ବର୍ତ୍ତମାନ ସେ (ଓୟୁଏଟିର ପ୍ରଥମ ବର୍ଷର ଛାତ୍ର ହୋଇଥିବା ବେଳେ ଗତ ଦୁଇବର୍ଷ ଧରି ଓଡ଼ିଶା ଦଳ ପକ୍ଷରୁ ଉଲ୍ଲେଖନୀୟ ପ୍ରଦର୍ଶନ କରିଆସୁଥିଲେ। ସତ୍ୟଜିତଙ୍କ ଏହି ସଫଳତାରେ ସିଂହପୁର ସହ ସମଗ୍ର ବିଞ୍ଝାରପୁର ଅଞ୍ଚଳରେ ଖୁସିର ମାହୋଲ ଦେଖାଦେଇଛି। ଏହି ଅବସରରେ ଆଜି ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ବବିତା ମଲ୍ଲିକ, ବ୍ଲକ ସଂଯୋଜକ ସତ୍ୟଜିତଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଭେଟି ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ଏସ୍‌ଆଇଆର୍ ପାଇଁ ତାଲିମ କାର୍ଯ୍ୟକ୍ରମ

**ଯାଜପୁର, ୨୬।୫(ସମିସ):** ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସମ୍ମିଳିତ କରିବା ଏବଂ ଅନଧିକୃତ ପ୍ରବାସୀ କିମ୍ବା ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ବିଲୋପ କରିବା ଉଦ୍ଦେଶ୍ୟ ନେଇ ଯାଜପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର୍ ପ୍ରକ୍ରିୟା ଆରମ୍ଭ ହେଉଛି। ଏହି କ୍ରମରେ ଆଜି ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ବୁଥ ସ୍ତରୀୟ ଅଧିକାରୀ (ବିଏଲଓ) ମାନଙ୍କ ଏସ୍‌ଆଇଆର ଭୋଟର ତାଲିକା ସଂଶୋଧନ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଏସଆଇଆର୍ ସମୟ ସାରଣୀ, ଏନୁମେରେସନ୍ ଫର୍ମ ବିତରଣ ଓ ସଂଗ୍ରହ, ବିଏଲଓ ଏବଂ ବିଏଲଓ ସୁପରଭାଇଜରଙ୍କ ଦାୟିତ୍ୱ, ଫର୍ମ ପୂରଣ ପ୍ରକ୍ରିୟା ଇତ୍ୟାଦି ସମ୍ପର୍କରେ ତାଲିମ ଦିଆଯାଇଛି। ଏହାସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ମାର୍ଗଦର୍ଶିକା କ୍ରମେ ଚଳିତ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ସତର୍କତା ନିୟମାବଳୀ ଅବଲମ୍ବନ କରି କାର୍ଯ୍ୟ ସମ୍ପାଦନ କରିବାକୁ ବିଏଲଓମାନଙ୍କୁ ପରାମର୍ଶ ଦିଆଯାଇଛି। ବଡ଼ଚଣା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ବିଡିଓ ରବୀନ୍ଦ୍ର କୁମାର ବେହେରା, ଡେପୁଟି କଲେକ୍ଟର ମନୀଷା ଜେନା, ତହସିଲଦାର ମାନସ ତ୍ରିପାଠୀ ପ୍ରଶିକ୍ଷଣ ଦେଇଥିଲେ। ସୂଚନାଯୋଗ୍ୟ, ମଇ ୩୦ରୁ ଜୁନ୍ ୨୮ ଯାଏଁ ବିଏଲଓମାନଙ୍କ ଦ୍ୱାରା ଘର ଘର ବୁଲି ସର୍ଭେ କରାଯିବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବଡ଼ଚଣା ନିର୍ବାଚନ ମଣ୍ଡଳୀର ୨୦୬ ଜଣ ବୁଥ ସ୍ତରୀୟ ଅଧିକାରୀ, ୨୧ ଜଣ ବିଏଲଓ ସୁପରଭାଇଜର ଏବଂ ସ୍ୱେଚ୍ଛାସେବୀମାନେ ତାଲିମ ଗ୍ରହଣ କରିଛନ୍ତି।

## ବରୀ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା

**ବରୀ, ୨୬।୫(ସମିସ):** ବରୀ ବ୍ଲକ କଂଗ୍ରେସ ପକ୍ଷରୁ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଦାବିରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବରୀ ବ୍ଲକ କଂଗ୍ରେସ ସଭାପତି ସମୀର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଦେବ ଦାସ, ପରେଶ କର, ନାରୀନେତ୍ରୀ କଳ୍ପନା ପଣ୍ଡା, ଅଞ୍ଜନା ମଲିକ, ରଶ୍ମି ମଲିକ, ସୁରେଶ ମଲିକ, ନିରଞ୍ଜନ




ସାହୁ, ରମେଶ ଜେନା, ବିଜୟ ଦାସ, ରବି ଦଳେଇ, ଚୈତନ୍ୟ ଶ୍ୟାନ୍ତି, ମାନସ ସାହୁ ସୁବାଷ ସେଠି, ଜନ୍ମେଜୟ ସାମଲ, କାଳନ୍ଦୀ ଯେନା, ଲକ୍ଷ୍ମୀଧର ମଲିକ, ବୈଷ୍ଣବ ଚରଣ ଦାସ ଓ ଅଭିମନ୍ୟୁ କବି ପ୍ରମୁଖ ଯୋଗ ଦେଇ ବର୍ତ୍ତମାନର ସରକାରର ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲ୍‌କୁ ତୁରନ୍ତ ଲାଗୁ କରିବା ଦାବି କରି ରାମେଶ୍ୱର ମନ୍ଦିର ନିକଟରୁ ହାତରେ ପ୍ଲାକାର୍ଡ ଓ ମଶାଲ ଧରି, ସରକାର ବିରୋଧି ନାରାବାଜି କରି ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ।

## ଶ୍ରମିକ ନେତା ବିଷ୍ଣୁ ମହାନ୍ତିଙ୍କ ସ୍ମୃତିସଭା

**ବ୍ୟାସନଗର, ୨୬।୫(ସମିସ):** ସିଆଇଟିୟୁ ଯାଜପୁର ଜିଲ୍ଲା କମିଟି ପକ୍ଷରୁ ବ୍ୟାସନଗରସ୍ଥିତ ଅଭିମନ୍ୟୁ କଳା ମଣ୍ଡପ ଠାରେ ସିଆଇଟିୟୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ବିଶିଷ୍ଟ ଶ୍ରମିକ ନେତା ବିଷ୍ଣୁ ମହାନ୍ତିଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସିପିଏମର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ, ଶିକ୍ଷକ ନେତା ଦୁଷ୍ମନ୍ତ କୁମାର ନାୟକ, ବରିଷ୍ଠ ଆଇନଜୀବୀ ଗୋକୁଳାନନ୍ଦ ମହାନ୍ତି, ଜିଲ୍ଲା ଟ୍ୟାକ୍ସ ବାର ଆସୋସିଏସନର ସଭାପତି ବିବେକାନନ୍ଦ ମହାନ୍ତି, ଆଇଏନଟିୟୁସିର ଜିଲ୍ଲା ଉପସଭାପତି ନିରଞ୍ଜନ ପରିଡ଼ା, ଏଆଇୟୁଟିୟୁସି ନେତା ବିଜୟାନନ୍ଦ ମଲ୍ଲିକ, ସିପିଏମ ଜିଲ୍ଲା ସମ୍ପାଦକ ନିର୍ମଳ ରଥ, କାଉନସିଲର କୁମୁଦିନୀ ରାଉତ, ସୁଦୀପ୍ତ ମହାନ୍ତି ରଶ୍ମିରେଖା ନାୟକ, ଜୟିରାମ ମୁର୍ମୁ, ପାନୀ କିସ୍କୁ, ମାଳତୀ ହାଁସଦା, ପ୍ରଦୀପ ମହାନ୍ତି, ବିଜୟାଲକ୍ଷ୍ମୀ ମହାନ୍ତି, ରମେଶ ରାଉତ, ନିରାକାର ନାୟକ, ସନ୍ତୋଷ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ।

# ବଡ଼ଚଣା ବିଜେଡିର ମିଶ୍ରଣ ପର୍ବ

**ବଡଚଣା, ୨୬।୫(ସମିସ):** ଚଣ୍ଡିଖୋଲ ସ୍ଥିତ ବିଜୁ ଜନତା ଦଳର କାର୍ଯ୍ୟାଳୟରେ ସୋମବାର ସନ୍ଧ୍ୟାରେ ଆୟୋଜିତ ମିଶ୍ରଣ ପର୍ବରେ ସାଉଡିଆ ପଞ୍ଚାୟତର ଅନେକ ବିଜେପି ଦଳର କର୍ମୀ ବିଜୁ ଜନତା ଦଳରେ ବିଧିବଦ୍ଧ ଭାବେ ଯୋଗଦାନ କରିଛନ୍ତି। ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର ସେମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସାଉଡିଆ ପଞ୍ଚାୟତ ବାଲିକୁଦା ଗ୍ରାମର ପୂର୍ବତନ ୱାର୍ଡମେମ୍ବର କୈଳାଶ ଓଝା, ଭାଗ୍ୟଧର ଓଝା, ବସନ୍ତ ପଣ୍ଡା, ଅଞ୍ଜନ ବାରିକ, ଅନିଲ ବାରିକ, ଅମର ବାରିକ, ଅମିତ ବାରିକ, ସୁଧୀର ଓଝା, ଦୟାନିଧି ସେନାପତି, ସୌମ୍ୟ ରଞ୍ଜନ ସାହୁ, ସ୍ୱାଧୀନ ମହାପାତ୍ର, ପ୍ରଶାନ୍ତ ଓଝା ପ୍ରମୁଖ ବିଜେପି ପରିତ୍ୟାଗ କରି ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି। ବ୍ଲକ ସଭାପତି ତାପସ ଚନ୍ଦ୍ର ରାୟ, ଜ୍ଞାନ ରଞ୍ଜନ ସାହୁ, ଦିଲ୍ଲୀପ କୁମାର ସାମଲ, ଆଶିଷ ରଞ୍ଜନ ଚୌଧୁରୀ, ସଞ୍ଜୟ ସ୍ୱାଇଁ, ଧୁଳେସ୍ୱର ଦାସ, ପ୍ରକାଶ ପ୍ରଧାନ, ପ୍ରଦୀପ୍ତ କୁମାର ମହାନ୍ତି, ବରଦା ପ୍ରସାଦ ରାୟ, କୁମର ପ୍ରଧାନ, ଶିଶିର ମହାପାତ୍ର, ସୁଶାନ୍ତ ନାୟକ, ଅଭିମନ୍ୟୁ ଜେନା, ଦେବୀ ପ୍ରସାଦ ନାୟକ, ଶ୍ରୀକାନ୍ତ ନାୟକ, ସନ୍ତୋଷ ଜେନା ପ୍ରମୂଖ ସ୍ୱାଗତ ଜଣାଇଛନ୍ତି।

## କଲେଜରେ ମଦମାଂସର ଆସର ଘଟଣାର ତଦନ୍ତ ଆରମ୍ଭ

**ଯାଜପୁର, ୨୬।୫(ସମିସ):** ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱଇଂଶାସିତ ମହାବିଦ୍ୟାଳୟ ଭିତରେ ବିଗତ ହୋଲି ଦିନ କଲେଜ ଛୁଟି ଥିବା ଅବସରରେ କିଛି କର୍ମଚାରୀଙ୍କ ମଦ ମାଂସର ଆସର ଜମାଇବା ଘଟଣାର ଭିଡିଓ ଭାଇରାଲ ହେବା ପରେ କଲେଜ ପରିଚାଳନା କମିଟି ଅଧ୍ୟକ୍ଷ ତଥା ଯାଜପୁରର ଅତିରିକ୍ତ ଜିଲ୍ଲାପାଳ ତଦନ୍ତ ଆରମ୍ଭ କରିଛନ୍ତି। ବିଦ୍ଧିବଧ ତଦନ୍ତ ପାଇଁ ଏଡିଏମ୍‌ଙ୍କ ପକ୍ଷରୁ ଜାରି ଗତ ୨୧ ତାରିଖର ନୋଟିସ (ସଂଖ୍ୟା-୩୯୬୮) ଅନୁସାରେ ଆଜି ତାଙ୍କ କାର୍ଯ୍ୟାଳୟରେ ହାଜର ହୋଇଛନ୍ତି ମଦ ମାଂସର ଆସର ଜମାଇବା ଅଭିଯୋଗରେ ଛନ୍ଦି ହୋଇଥିବା କିରାଣୀ ରତିକାନ୍ତ ସ୍ୱାଇଁ, ଜୁଲୋଜି ବିଭାଗ ଷ୍ଟୋର ରକ୍ଷକ ତୁଷାର ରଞ୍ଜନ ନାୟକ, ପିଅନ ସରୋଜ କୁମାର ଖିଲାର ଏବଂ ପିଅନ ଜୟନ୍ତ କୁମାର ବଳଙ୍କ ସମେତ କଲେଜ ଅଧ୍ୟକ୍ଷ ଡ. ପ୍ରସନ୍ନ କୁମାର ମହାପାତ୍ର, ଭାରପ୍ରାପ୍ତ ମୁଖ୍ୟ କିରାଣି ତପନ କୁମାର ବାରିକ ଓ ଜଗୁଆଳ ଭରତ ସାମଲ। କଲେଜ ମଧ୍ୟରେ ଏଭଳି କୁକାର୍ଯ୍ୟ କରିବାକୁ ଦୁଃସାହସ କରି ଏକ ପ୍ରତିଷ୍ଠିତ ସୁନାମଧନ୍ୟ ଶିକ୍ଷାନୁଷ୍ଠାନର ଗାରିମା କ୍ଷୁଣ୍ଣ କରିଥିବା ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଉକ୍ତ କର୍ମଚାରୀଙ୍କ ପ୍ରତି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସେମାନଙ୍କୁ ଚାକିରୀରୁ ବହିଷ୍କାର କରାଯିବାକୁ ସାମାଜିକ ଗଣମାଧ୍ୟମରେ ବହୁ ବୁଦ୍ଧିଜୀବୀ ଦାବି ଜଣାଇଛନ୍ତି।

## ବିଜ୍ଞାନ ଟପ୍ପର ମନୀଷାଙ୍କୁ ସମ୍ବର୍ଦ୍ଧନା

**ମଙ୍ଗଳପୁର, ୨୬।୫(ସମିସ):** ସାଧୁଗୌରେଶ୍ୱର ମହାବିଦ୍ୟାଳୟ ଯୁକ୍ତ ୨ ବିଜ୍ଞାନରେ ଟପ୍ପର ହୋଇଥିବା ମନୀଷା ନାଥଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମଙ୍ଗଳପୁର- ବଜରାପାଟ ଗ୍ରାମର ନିରଞ୍ଜନ ନାଥ ଏବଂ ବିଜୟଲକ୍ଷ୍ମୀ ନାଥଙ୍କ ଝିଅ ମନୀଷା ୯୫ ପ୍ରତିଶତ ନମ୍ବର ରଖିଛନ୍ତି। ମଙ୍ଗଳପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଶିଶିର ଧଳ ମନୀଷାଙ୍କ ଘରେ ପହଞ୍ଚି ତାଙ୍କର ଏଭଳି ସଫଳତା ପାଇଁ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଙ୍ଗଳପୁର ପଞ୍ଚାୟତର ଅନେକ ଯୁବ କର୍ମୀ ସାମିଲ ହୋଇଥିଲେ।



## ଟ୍ରକ୍ ଧକ୍କାରେ ଭାଙ୍ଗିଲା ୧୧ କେଭି ବିଦ୍ୟୁତ୍ ଖୁଣ୍ଟ

**ପାଣିକୋଇଲି, ୨୬।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ କୋରେଇ ରଗଡ଼ି ରୋଡରେ ଆଜି ୧୧ଟା ସମୟରେ କୋରେଇ ଅଭିମୁଖେ ଯାଉଥିବା ଏକ ଆଇଚର ଟ୍ରକ (ଓଡି୧୫ପି ୨୩୩୨) ଭାରସାମ୍ୟ ହରାଇ ୧୧ କେଭି ବିଦ୍ୟୁତ ଖୁଣ୍ଟରେ ଧକ୍କା ହୋଇଥିଲା। ଫଳରେ ବିଦ୍ୟୁତ ଖୁଣ୍ଟଟି ଭାଙ୍ଗି ପଡ଼ିଯାଇଥିଲା। ସୌଭାଗ୍ୟବଶତଃ ଖୁଣ୍ଟ ଭାଙ୍ଗିବାରୁ ତାରକୁ ତାର ଲାଗି ଡ୍ରପଆଉଟ ଚାଲିଯିବାରୁ ବିଦ୍ୟୁତ ସଂଯୋଗ ବନ୍ଦ ହୋଇଥିଲା। ଫଳରେ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲା। ଅପରପକ୍ଷେ ପ୍ରତିମାସ ଭଳି ଆଜି ୨୬ ତାରିଖ ଲକ୍ଷ୍ମୀବିହାର ବଜାର ବନ୍ଦ ଥିବାରୁ ଦୋକାନ ଗୁଡିକ ବନ୍ଦ ଥିଲା। ଯାହା ଫଳରେ ଏକ ବଡ଼ ଦୁର୍ଘଟଣାରୁ ରକ୍ଷା ମିଳିଥିଲା। ଖବର ପାଇ ବିଦ୍ୟୁତ ବିଭାଗ ଓ ପୁଲିସ ଘଟଣାସ୍ଥଳେ ପହଞ୍ଚିଥିଲେ। ଓଚିନ୍ଦାରୋଡରେ ବିଦ୍ୟୁତ ସରବାରହ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବନ୍ଦ ରହିଥିଲା। ବିଦ୍ୟୁତ ବିଭାଗ ପକ୍ଷରୁ ନୂଆ ଖୁଣ୍ଟ ପକାଯାଇ ତାର ଟାଣିବା ପରେ ବିଦ୍ୟୁତ ସଂଯୋଗ କରାଯାଇଥିଲା।



ଚାଳକ ସମ୍ବଲପୁର ଜିଲ୍ଲା ରେଢାଖୋଲ ଥାନା ଅଞ୍ଚଳର ରଞ୍ଜନ ଭୋଇ ବୋଲି ଜଣାପଡ଼ିଛି। ଅତ୍ୟଧିକ ନିଶାଗ୍ରସ୍ତ ହୋଇ ଭାରସାମ୍ୟ ହରାଇ ଏଭଳାଇ ଦୁର୍ଘଟଣା ଘଟାଇଥିବା ଜଣାପଡ଼ିଛି।

## ସହକାରୀ ସବଇନ୍ସପେକ୍ଟର ସ୍ତରରେ ବଦଳି

# ଜିଲ୍ଲାରୁ ଗଲେ ୨୨; ଆସିଲେ ୯ ଜଣ

**ପାଣିକୋଇଲି, ୨୬।୫(ସମିସ):** ରାଜ୍ୟ ପୁଲିସ ମୁଖ୍ୟାଳୟ କାର୍ଯ୍ୟାଳୟ ଆଦେଶ ନମ୍ବର ୧୬୯୦ ଅନୁଯାୟୀ, ଏସ୍‌ଆଇ ତାଲିମ ପାଠ୍ୟକ୍ରମର ଚୂଡ଼ାନ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ସହକାରୀ ସବଇନ୍ସପେକ୍ଟରଙ୍କୁ ଖାଲି ପଦବୀ, ପ୍ରଶାସନିକ ଆବଶ୍ୟକତା, ବ୍ୟକ୍ତିଗତ ପ୍ରତିନିଧିତ୍ୱ ଏବଂ ସରକାରୀ ସେବାରେ ଆଗ୍ରହକୁ ଦୃଷ୍ଟିରେ ରଖି ସେମାନଙ୍କୁ ବିଭିନ୍ନ ଜିଲ୍ଲାରେ ନିଯୁକ୍ତି ଦିଆଯାଇଛି। ଏହି କ୍ରମରେ ଯାଜପୁର ଜିଲ୍ଲାରୁ ୨୨ ଏଏସ୍‌ଆଇଙ୍କୁ ଅନ୍ୟତ୍ର ଜିଲ୍ଲାକୁ ବଦଳି କରାଯାଇଥିବା ବେଳେ ଜିଲ୍ଲାକୁ ମାତ୍ର ୯ ଜଣ ଅନ୍ୟ ଜିଲ୍ଲାରୁ ଏଏସଆଇ ଆସିଛନ୍ତି। ଯାଜପୁର ଜିଲ୍ଲାରୁ ବିନାୟକ ସମାଲ, ବୈଶାଖି ଧଳ, ମହେଶ୍ୱର ସାହୁଙ୍କୁ ଭଦ୍ରକ ଜିଲ୍ଲା, ରଞ୍ଜନ କୁମାର ବେହେରା, ସ୍ୱର୍ଣ୍ଣପ୍ରଭା ଦାସ, ଅମୀୟ ଦାସ, ଅଜୁଲତା ସାହୁ, ସୁନିଲ କୁମାର ସାମଲଙ୍କୁ ପୋଲିସ କମିଶନରେଟ୍, ନରେଶ କୁମାର ମହାନ୍ତି, ସୌମ୍ୟରଞ୍ଜନ ଧଳ, ଦେବାଶିଷ ମହାପାତ୍ରଙ୍କୁ କଟକ ଜିଲ୍ଲା, ହେମନ୍ତ କୁମାର ବେହେରା, ମଧୁସ୍ମିତା ସାହୁଙ୍କୁ କେନ୍ଦ୍ରାପଡ଼ା, ସୁକୁମାର ବିଶ୍ୱାଳ, କାହ୍ନୁଚରଣ ମହାରଣା, ଯଶୋବନ୍ତ ପାତ୍ର, ମନୋରଞ୍ଜନ ରାଉତ, ସୁଚିସ୍ମିତା ମଲ୍ଲିକ, ମଦନ ମୋହନ ସାହୁ, ବିନୋଦିନୀ ପ୍ରଧାନ, ଅନନ୍ତ ଗୋପାଳ ସାହୁ, ପ୍ରବୀର କୁମାର ରାଉତଙ୍କୁ ବାଲେଶ୍ୱର ଜିଲ୍ଲାକୁ ବଦଳି କରାଯାଇଛି। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲାରୁ ଚିନ୍ମୟ ଦାସ, ମାନସ ମହାନ୍ତି, ଗୋଲକ ଦେଓ, ସରୋଜ ଜେନା, ଜିତେନ୍ଦ୍ର କୁମାର ମଲ୍ଲ, ବିବେକାନନ୍ଦ ମଣ୍ଡଳ, ଅରୁଣ ସାହୁ, କରୁଣା ସାଗର ପାତ୍ର, ପ୍ରଦୀପ କୁମାର ନାୟକଙ୍କୁ ଯାଜପୁର ଜିଲ୍ଲାକୁ ବଦଳି କରାଯାଇଛି।

## ନଦୀରେ ସ୍ନାନ ବେଳେ ମାରିଲା ବାତ: ଅକାଳରେ ଚାଲିଗଲା ଜୀବନ

**ବାଲିଚନ୍ଦ୍ରପୁର, ୨୬।୫(ସମିସ):** ବିରୂପା ନଦୀରେ ସ୍ନାନ କରୁଥିବା ବେଳେ ମାରିଲା ଫିଟ୍ସ। ଫଳରେ ନଦୀ ପାଣି ଭିତରେ ବୁଡ଼ି ଗୁରୁତର ହୋଇ ମେଡିକାଲରେ ଚିକିତ୍ସିତ ହେବା ସମୟରେ ଚାଲିଗଲା ଜୀବନ। ଏଭଳି ଏକ ମୃତ୍ୟୁକୁ ସାମ୍ନା କରିଛନ୍ତି ବଡ଼ଚଣା ବ୍ଲକ ଅନ୍ତର୍ଗତ ପତରାଜପୁର ଗ୍ରାମର ସେକ ନିଜାମୁଦ୍ଦିନ (୪୦)। ସୂଚନା ମୁତାବକ ନିଜାମୁଦ୍ଦିନ ଗତ କିଛି ବର୍ଷ ହେବ ସେ ତାଙ୍କ ଶ୍ୱଶୁର ଘର ଚାରିନଙ୍ଗଳ ଗ୍ରାମରେ ରହି ଆସୁଥିଲେ। ତେବେ ଗତ ୨୩ ତାରିଖ ଦିନ ସେ ଶ୍ୱଶୁର ଘର ନିକଟ ବିରୂପା ନଦୀରେ ସ୍ନାନ କରୁଥିବା ବେଳେ ତାଙ୍କୁ ଫିଟ୍ସ ମାରିବାରୁ ସେ ସେଠାରେ ଗୁରୁତର ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ନଡ଼ିଆସାହାସପୁର ସରକାରୀ ଡାକ୍ତରଖାନା ଓ ପରେ ମାହାଙ୍ଗା ମେଡିକାଲରେ ଭର୍ତ୍ତି କରି ଚିକିତ୍ସା କରାଇଥିଲେ। ପରେ ସେଠାରୁ ତାଙ୍କୁ ଟାଙ୍ଗୀ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଥିବା ବେଳେ ଗତ ୨୫ ତାରିଖରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଆଜି ତାଙ୍କ ଶବ ପତରାଜପୁର ସ୍ଥିତ ବାସଭବନରେ ପହଞ୍ଚିବା ପରେ କବର ଦିଆଯାଇଥିଲା।

## ଦେଶୀ ମଦ ଜବତ, ଜଣେ ଗିରଫ

**ପାଣିକୋଇଲି, ୨୬।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଚାନ୍ଦପୁର ଛକ ନିକଟରୁ ପୁଲିସ ଦେଶୀ ମଦ ଜବତ କରିବା ସହ ବେପାରୀକୁ ଗିରଫ କରିବାରେ ସକ୍ଷମ ହୋଇଛି। ପ୍ରକାଶଯେ ରାଜପଥ ପାର୍ଶ୍ୱରେ ଦେଶୀ ମଦ କାରବାର କରାଯାଉଥିବା ଖବର ପାଇ ସବଇନ୍ସପେକ୍ଟର ବିଶ୍ୱରଞ୍ଜନ ଦାସ ସଦଳବଳେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ସୁବାସ ଯାଜବ ନାମକ ବ୍ୟକ୍ତିଙ୍କ ନିକଟରୁ ୫୦ ବୋତଲ ଆସ୍କା ଫର୍ଟି (୧୦ ଲିଟର) ଜବତ କରିବାରେ ସକ୍ଷମ ହୋଇଥିଲେ। ତାକୁ ଧରିବା ପରେ ତା ନିକଟରୁ ମଦ ଜବତ କରି ପୁଲିସ ଏକ ମାମଲା ୧୯୮/୨୬ ରୁଜୁ କରି ଓଡ଼ିଶା ଅବକାରୀ ଆଇନ୍ ୫୨ଏ ଓଡ଼ିଶା ଏକ୍ସସାଇଜ ଆକ୍ଟରେ ସୁବାସ ଗିରଫ କରି ତଦନ୍ତ ଜାରି ରଖିଛି।

## ସୁକିନ୍ଦାରେ ମାଦକ ଦ୍ରବ୍ୟର ବହୁଳ କାରବାର

**କାଳିଆପାଣି, ୨୬।୫(ସମିସ):** ସୁକିନ୍ଦା ବ୍ଲକର ବିଭିନ୍ନ ଅଞ୍ଚଳ ଯଥା- ହରିପୁର, ହାତିବାରୀ, ବର୍ତ୍ତଣ୍ଡା, ବୈରୀମାଳ, ଅଶୋକଝର, ଲେମ୍ବୋ, ଦାମୋଦରପୁର, ପିମ୍ପୁଡ଼ିଆ, କୁହିକା ଓ ଗିରିଙ୍ଗାମାଳୀ ଅଞ୍ଚଳରେ ମାଦକ ଦ୍ରବ୍ୟର ବ୍ୟାପକ କାରବାର ହେଉଥିବା ଅଭିଯୋଗ ହୋଇଛି। ଏହି ଅଞ୍ଚଳରେ ଗଞ୍ଜେଇ, ଅଫିମ, ଧଳା ପାଉଡର ଓ ଅନ୍ୟାନ୍ୟ ଚୋରା ମାଦକ ଦ୍ରବ୍ୟ କାରବାର ଫଳରେ ଯୁବ ପିଢ଼ି ପଥଭ୍ରଷ୍ଟ ହେଉଛନ୍ତି। ସ୍ଥାନୀୟ ହାଟ ବଜାରରେ ଜୁଆ ଓ କୁକୁଡ଼ା ପଡ଼ା ଦ୍ୱାରା ଅନେକ ବ୍ୟବସାୟୀ ଓ ଅସାମାଜିକ ଲୋକ ମୁନାଫା ଉପାର୍ଜନ କରୁଛନ୍ତି। ହାଟ ନିଲାମ ଅନୁଷ୍ଠାନରେ ମଧ୍ୟ କୁକୁଡ଼ା ପଡ଼ା ଓ ଜୁଆ ଖେଳ ପ୍ରଚଳିତ ହୋଇ ରହିଛି। ସ୍ଥାନୀୟ ସୁକିନ୍ଦା ପୁଲିସ ଓ ସ୍ଥାନୀୟ ପ୍ରଶାସନ ଏହି ଅସାମାଜିକ କାର୍ଯ୍ୟକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି। କିଛି ମାଫିଆ ଦୁର୍ନୀତିଗ୍ରସ୍ତ ପୁଲିସଙ୍କୁ ବଟି ଦେଇ ତାଙ୍କର କାରବାର ଚଳାଇଥିବା ଅଭିଯୋଗ ହୋଇଛି। ଏଭଳି ଗୁରୁତର ସମସ୍ୟା ପାଇଁ ତୁରନ୍ତ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ବୀଣାପାଣି କଳାପୀଠର ବାର୍ଷିକ ଉତ୍ସବ

**ବଡ଼ଚଣା, ୨୬।୫(ସମିସ):** ଚଣ୍ଡିଖୋଲ ନିକଟସ୍ତ ଗାନ୍ଧୀଛକ ସ୍ଥିତ ବୀଣାପାଣି କଳା ପୀଠର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ବିପିନ ବିହାରୀ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସମାଜସେବୀ ମିନତୀ ସାହୁ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗୀତ ନାଟକ ଏକାଡେମୀର ଅନୁସୂୟା ସ୍ୱାଇଁ, ଉମାକାନ୍ତ ସାହୁ, ରମାକାନ୍ତ ଜେନା, ମାନସ ଦାସ, ଶିକ୍ଷୟିତ୍ରୀ ସୁଚିତ୍ରା ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବିଞ୍ଝାରପୁର ଶିକ୍ଷା ମଣ୍ଡଳର ନୂଆ ବିଇଓ



**ପ୍ରୀତିପୁର, ୨୬।୫(ସମିସ):** ବିଞ୍ଝାରପୁର ବ୍ଲକ ଆଉଁରୀ ସ୍ଥିତ ଗୋବିନ୍ଦଚନ୍ଦ୍ର ହାଇସ୍କୁଲର ପ୍ରଧାନ ଶିକ୍ଷକ ଶାନ୍ତନୁ ମଲିକଙ୍କୁ ବିଞ୍ଝାରପୁର ଶିକ୍ଷା ମଣ୍ଡଳର ନୂଆ ବିଇଓ ଭାବରେ ନିଯୁକ୍ତି ପ୍ରଦାନ କରାଯାଇଛି। ସ୍ଥାୟୀ ବିଇଓ ନିଯୁକ୍ତିକୁ ନେଇ ଶିକ୍ଷକ ମହଲରେ ଆନନ୍ଦ ଖେଳିଯାଇଛି। ସୁବାସ ବିଶ୍ୱାଳଙ୍କ ଅବସର ପରେ ବିଇଓ ପଦବୀ ଖାଲି ପଡ଼ିଥିଲା। ବିଇଓ ନଥିବାରୁ ବିଞ୍ଝାରପୁର ଶିକ୍ଷା ମଣ୍ଡଳରେ ସମସ୍ୟା ବଢ଼ି ବଢ଼ି ଚାଲିଥିଲା। ନୂତନ ବିଇଓ ନିଯୁକ୍ତି ଏହି ସମସ୍ୟାରେ ପୂର୍ଣ୍ଣଚ୍ଛେଦ ପକାଇବ ବୋଲି ଶିକ୍ଷକ ସଙ୍ଘର ବ୍ଲକ ସଭାପତି କହିଛନ୍ତି।

## ଓସିଏସ୍ ପାଇଲେ ପୋଷ୍ଟାଲ ପ୍ୟାକରଙ୍କ ପୁଅ



**ଧର୍ମଶାଳା, ୨୬।୫(ସମିସ):** ଦୃଢ଼ ଇଚ୍ଛାଶକ୍ତି ଥିଲେ ସଫଳତା ଆପେ ଆପେ ଆସିଥାଏ। ଯାହାର ଏକ ଉଦାହରଣ ଦେଖିବାକୁ ମିଳିଛି ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତ ଦେଉଳିପାଳ ଗ୍ରାମର ଜଣେ ନିମ୍ନ ମଧ୍ୟବିତ୍ତ ପରିବାରରେ। ଚଳିତ ବର୍ଷ ଓସିଏସ ପରୀକ୍ଷାରେ ୧୦୬ ରାଙ୍କ ରଖି ସଫଳତା ହାସଲ କରିଛନ୍ତି ବିଶ୍ୱଜିତ୍ ରାଉତ। ଦେଉଳିପାଳ ଗ୍ରାମର ନିରଞ୍ଜନ ରାଉତ ପୋଷ୍ଟାଲ ପ୍ୟାକର ଭାବେ କଣ୍ଟିଗଡ଼ିଆ ପୋଷ୍ଟଅଫିସରେ କାର୍ଯ୍ୟ କରୁଥିବା ବେଳେ ମା' ମିନତୀ ପଢ଼ିହାରୀ ଜଣେ ଗୃହିଣୀ ଭାବେ ଘର କାର୍ଯ୍ୟ କରନ୍ତି। ଅଭାବ ଅନାଟନରେ ପରିବାର ଚାଲୁଥିବା ବେଳେ ବଡ଼ ପୁଅ ବିଶ୍ୱଜିତ ରାଉତ ଓ ସାନ ପୁଅ ସତ୍ୟଜିତ ରାଉତ ଚଳିତ ବର୍ଷ ଓସିଏସ ପରୀକ୍ଷା ଦେଇଥିଲେ। ଆଜି ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ବିଶ୍ୱଜିତ ୧୦୬ ରାଙ୍କ ରଖି ଓସିଏସ ପାଇଛନ୍ତି। ଅଭାବ ଅନଟନରେ ରହି ମଧ୍ୟ ବିଶ୍ୱଜିତ ଓ ସତ୍ୟଜିତ ପାଠ ପଢ଼ା ପ୍ରତି ଗୁରୁତ୍ୱ ଦେଇଆସୁଥିଲେ। ତାଙ୍କର ଏହି ସଫଳତା ପାଇଁ ବାପା, ମା, ଶିକ୍ଷକ ଓ ସାନଭାଇଙ୍କୁ ଶ୍ରେୟ ଦେଇଛନ୍ତି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବ୍ଲକ ଅଧ୍ୟକ୍ଷା ଶୁଚିସ୍ମିତା ସାହୁ ଓ ଯୁବ ସଂଗଠକ ରାଜେଶ ପାଳ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## କାଳବୈଶାଖୀ ତାଣ୍ଡବ

# ଉପୁଡ଼ିଲା ଗଛ, ଭାଙ୍ଗିଲା ଘର

**ଲହୁଣୀପଡ଼ା, ୨୭।୫(ସମିସ)**



ବ୍ଲକର ବିଭିନ୍ନ ଅଞ୍ଚଳରେ ସୋମବାର ସନ୍ଧ୍ୟା ସମୟରେ କାଳବୈଖାଖୀର ତାଣ୍ଡବ ଦେଖିବାକୁ ମିଳିଛି। ହଠାତ୍ ପବନ ଓ ବର୍ଷା ଯୋଗୁଁ ଅନେକ ସ୍ଥାନରେ ଘର, ରାସ୍ତା ଏବଂ ଚାଷ ଜମିରେ ଲାଗିଥିବା ସୋଲାର ପ୍ଲେଟ୍ ଭାଙ୍ଗି ନଷ୍ଟ ହୋଇଯାଇଥିବା ସୂଚନା ମିଳିଛି। ଏଥିସହ ପବନରେ କେତେକ ଘରର ଛାତ ଓ ଇଟା ଉଡ଼ିଯାଇଥିବା ଜଣାପଡ଼ିଛି। ଲୁଡୁରବାହାଲ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗ୍ରାମର ୪ ଜଣ ଗରିବ ଚାଷୀଙ୍କ ଘର ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ମହେଶ୍ୱର କିଷାନ (୫୨), କଳାକାର କିଷାନ (୫୩), ପୁରେନ୍ଦ୍ର ସାହୁ (୬୭)ଙ୍କ ଛୋଟ ଦୋକାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ଗଦାପାଲି ଗାଁର ସୁକ୍ରୁ କିଷାନ (୭୦) ମଧ୍ୟ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ସେହିଭଳି ଲୁଡୁରବାହାଲ ଗ୍ରାମରେ ଏକ ବିଦ୍ୟୁତ ଖୁଣ୍ଟ ମଧ୍ୟ ଉପୁଡ଼ି ପଡ଼ିବା ସହ ତାର ଛିଣ୍ଡି ଚାଷ ଜମି ଉପରେ ପଡ଼ିରହିଛି। ତୁମକେଲା ଗ୍ରାମର ଦୁଇଟି ସ୍ଥାନରେ ବଡ଼ ବଡ଼ ଗଛ ରାସ୍ତା ଉପରେ ପଡ଼ିଯାଇଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଛି। ଅନ୍ୟପଟେ ଗାମଲେଇ ଗ୍ରାମର ଏକ ଇଟା ଫ୍ୟାକ୍ଟରୀର ଆଜବେଷ୍ଟ ଛାତ ମଧ୍ୟ ଜୋର ପବନରେ ଉଡ଼ିଯାଇଥିବା ସୂଚନା ମିଳିଛି। ସେହିଭଳି ଶଙ୍ଖପୋଷ ପଞ୍ଚାୟତ ଶଙ୍ଖପୋଷ ଗ୍ରାମର ଜ୍ୟୋତିରଞ୍ଜନ ମାହାନ୍ତଙ୍କ ଘର ଉପରେ ଏକ ବିରାଟ ତେନ୍ତୁଳି ଗଛ ପଡ଼ିଯିବାରୁ ଘରର ଆଜବେଷ୍ଟର ଛପର ପୁରା ଭାଙ୍ଗିଯାଇଥିବା ଜଣାପଡ଼ିଛି। ଆଜବେଷ୍ଟର ଛପର ଭାଙ୍ଗି ଯିବାରୁ ପାଣି ରେ ଆସବାବପତ୍ର ସହ ଧାନ ଚାଉଳ ଭିଜି ନଷ୍ଟ ହୋଇଥିବା ଜଣାପଡ଼ିଛି। ତେବେ ଅଳ୍ପକେ ପରିବାର ଲୋକ ବର୍ତ୍ତି ଯାଇଛନ୍ତି।

ସେହିଭଳି ଆମୁରୁଡି ଗ୍ରାମରେ ମଧ୍ୟ କାଳବୈଶାଖୀର ତାଣ୍ଡବରେ ଅର୍ଜୁନ ମୁଣ୍ଡାରୀଙ୍କ ୩ ଟି ଆଜବେଷ୍ଟସ ଘରର ଛପର ଓ ବାରଣ୍ଡାର ଟିଣ ଉଡାଇ ନେଇଥିବାରୁ ତାଙ୍କର ମଧ୍ୟ ଧାନ ଚାଉଳ ବର୍ଷା ପାଣିରେ ନଷ୍ଟ ହୋଇଥିବା ଜଣାପଡ଼ିଛି। ଏହି ଘଟଣା ପରେ ସ୍ଥାନୀୟ ଲୋକମାନେ ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷୟକ୍ଷତିର ଆକଳନ କରାଯାଇ ପୀଡ଼ିତ ପରିବାରଙ୍କୁ ସହାୟତା ଯୋଗାଇବାକୁ ଦାବି କରିଛନ୍ତି।

## ତାର ଛିଣ୍ଡି ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ



**ବଣାଇଁ:** ଅଦିନିଆ କାଳବୈଶାଖୀ ବର୍ଷା ସାଙ୍ଗକୁ ପ୍ରବଳ ଝଡ଼ ତୋଫାନ ପ୍ରଭାବରେ ଆଜି ବଣାଇଁ ଅଞ୍ଚଳର ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ସୋମବାର ଅପରାହ୍ନ ସମୟରେ ହଠାତ୍ ପବନ ସହ ବର୍ଷା ଆରମ୍ଭ ହୋଇଥିଲା। ଝଡ଼ର ପ୍ରଭାବରେ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିଥିବା ବେଳେ ଅନେକ ସ୍ଥାନରେ ବିଦ୍ୟୁତ ତାର ଛିଣ୍ଡି ଯାଇଥିବା ଜଣାପଡ଼ିଛି। ଏହାର ପ୍ରଭାବରେ ବଣାଇଁ ସହର ସମେତ ଆଖପାଖ ଅଞ୍ଚଳରେ ବିଦ୍ୟୁତ ସରବରାହ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଛି। ବିଦ୍ୟୁତ ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ତାର ଓ ଖୁଣ୍ଟିର ମରାମତି କାମ ଆରମ୍ଭ କରାଯାଇଥିବା ବେଳେ ସନ୍ଧ୍ୟା ସୁଦ୍ଧା ଅନେକ ଅଞ୍ଚଳରେ ବିଦ୍ୟୁତ ସେବା ସ୍ୱାଭାବିକ ହୋଇପାରିନଥିଲା। ଝଡ଼ ତୋଫାନ ଯୋଗୁଁ କେତେକ ସ୍ଥାନରେ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହୋଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକମାନେ ତୁରନ୍ତ ରାସ୍ତା ଉପରେ ପଡ଼ିଥିବା ଗଛ ହଟାଇବା ସହ ବିଦ୍ୟୁତ ସରବରାହ ସ୍ୱାଭାବିକ କରିବାକୁ ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି। ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ କରିବା ସହ ଛିଡ଼ିଥିବା ବିଦ୍ୟୁତ ତାର ନିକଟକୁ ନ ଯିବା ପାଇଁ ସାଧାରଣ ଲୋକଙ୍କୁ ଅନୁରୋଧ କରାଯାଇଛି।

## ବିଦ୍ୟୁତ୍ ବିଭ୍ରାଟର ପୁନରୁଦ୍ଧାରରେ ଟିପିଡବ୍ଲ୍ୟୁଓଡିଏଲ୍‌ର ଦ୍ୱରିତ ପଦକ୍ଷେପ

**ରାଉରକେଲା, ୨୭।୫(ସମିସ):** ଗତକାଲି ଅପରାହ୍ନରେ ହୋଇଥିବା ଭୟଙ୍କର କାଳବୈଶାଖୀ ଝଡ଼ ଯୋଗୁଁ ରାଉରକେଲା ସମେତ ସୁନ୍ଦରଗଡ଼ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟି ବିଦ୍ୟୁତ ବିଭ୍ରାଟ ହୋଇଥିବା ବେଳେ ବିଦ୍ୟୁତ ବିଭ୍ରାଟର ପୁନରୁଦ୍ଧାର ପାଇଁ ଟିପିଡବ୍ଲୁଓଡିଏଲ ଦ୍ୱାରା ଦ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସୂଚନାଯୋଗ୍ୟ, ଯେ ଗତ କାଲି ଅପରାହ୍ନରେ ଦୃତ ଗତିରେ ପବନ ଓ ବର୍ଷା ହେବା ଯୋଗୁଁ ଉଭୟ ରାଉରକେଲା ସମେତ ସୁନ୍ଦରଗଡ଼ ଜିଲ୍ଲାରେ ୧୧ କେଭି ଓ ୩୩ କେଭି ଫିଡର ଲାଇନ୍ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ଶତାଧିକ ଗଛ ଉପୁଡ଼ି ବିଦ୍ୟୁତ ତାର ଉପରେ ପଡ଼ିଥିବାରୁ ବିଭିନ୍ନ ସ୍ଥାନରେ ୧୩୦ରୁ ଅଧିକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିଥିଲା। ଏହାସହ ୫୦୦ ସର୍କିଟ କିଲୋମିଟରରୁ ଅଧିକ ୧୧ କେଭି ଓ ୩୩ କେଭି ଫିଡର ଲାଇନ ଗୁରୁତର ଭାବେ ପ୍ରଭାବିତ ହୋଇଥିବା ବେଳେ ଉଭୟ ଜିଲ୍ଲାରେ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଡିଷ୍ଟ୍ରିବ୍ୟୁସନ୍ ଟ୍ରାନ୍ସଫର୍ମର ପ୍ରଭାବିତ ହୋଇଛି। ରାଉରକେଲା ସହର ସମେତ ସୁନ୍ଦରଗଡ଼ ଜିଲ୍ଲାରେ ମୋଟ ୧୨୦ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇଥିଲା ବେଳେ ୧୭ଟି ଟ୍ରାନ୍ସଫର୍ମର ପୋଡିଯାଇଥିଲା। ୪୫ଟି ଟ୍ରାନ୍ସଫର୍ମର କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ୫୦ ସର୍କିଟ କିଲୋମିଟରର ୧୧ କେଭି ଓ ୮ କିଲୋ ସର୍କିଟ କିଲୋମିଟରର ୩୩ କେଭି ବିଦ୍ୟୁତ ତାର ଛିଣ୍ଡି ଯାଇଛି। ଏହି କ୍ଷୟକ୍ଷତି ଫଳରେ ରାଉରକେଲା ସହର ସମେତ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣରେ ବାଧା ସୃଷ୍ଟି ହୋଇଛି। ରାଉରକେଲା ସହର ତଥା ସୁନ୍ଦରଗଡ଼ ଜିଲ୍ଲାର ୧.୧୭ ଲକ୍ଷରୁ ଅଧିକ ବିଦ୍ୟୁତ୍ ଗ୍ରାହକ ଏଥିଯୋଗୁଁ ପ୍ରଭାବିତ ହୋଇଛନ୍ତି। ଝଡ଼ ପରେ ପରେ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ତୁରନ୍ତ ଏକ ଡିଜାଷ୍ଟର ରିସ୍ପନ୍ସ ପ୍ରୋଟୋକଲ୍ କାର୍ଯ୍ୟକରୀ କରାଯାଇ ପ୍ରଭାବିତ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବିଦ୍ୟୁତ୍ ସେବାକୁ ଶୀଘ୍ର ସ୍ୱାଭାବିକ କରିବା ପାଇଁ କମ୍ପାନୀର ଲାଇନମେନ୍, ଅଧିକାରୀ ଓ ସହଯୋଗୀ ଦଳମାନେ ଯୁଦ୍ଧକାଳୀନ ଭିତ୍ତିରେ କାମ କରିଥିଲେ। ମରାମତି କରାଯାଇ ଆଜି ସୁଦ୍ଧା ୮୦ ପ୍ରତିଶତ ବିଦ୍ୟୁତ ସଂଯୋଗ ସ୍ୱାଭାବିକ କରାଯାଇଛି। ତେବେ ବଣାଇଁ, ନୂଆଗାଁ, ଲିଣ୍ଡ୍ରା, ମଙ୍ଗସପୁର, ସୋରଡା, ପାତ୍ରଟୋଲି, କେରକେଟା, ସୋରଡା, ଫୁଲଝରେ ଆଦି ଗ୍ରାମାଞ୍ଚଳରେ ବିଦ୍ୟୁତ ସ୍ୱାଭାବିକ ହୋଇ ପାରିନାହିଁ। ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଓ ଜରୁରୀକାଳୀନ ସେବା ସଂସ୍ଥାଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ବିଦ୍ୟୁତ ଯୋଗାଣ ପୁନଃସ୍ଥାପନ କରାଯାଉଛି। ପରିସ୍ଥିତିର ନିରନ୍ତର ନିରୀକ୍ଷଣ ଓ ଆବଶ୍ୟକ ସମ୍ପଦର ସଠିକ୍ ବ୍ୟବସ୍ଥାପନ ପାଇଁ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ମଧ୍ୟ ସ୍ଥାପନ କରାଯାଇଛି। ଝଡ଼ ଯୋଗୁଁ ବ୍ୟାପକ କ୍ଷତି ସତ୍ତ୍ୱେ ଟିପିଡବ୍ଲୁଓଡିଏଲ ପକ୍ଷରୁ ଦ୍ରୁତ ଗତିରେ ବିଦ୍ୟୁତ ସେବା ପୁନରୁଦ୍ଧାର ପାଇଁ ସମସ୍ତ ପ୍ରୟାସ ଜାରି ରହିଛି। ପର୍ଯ୍ୟାୟକ୍ରମେ ଅଧିକାଂଶ ପ୍ରଭାବିତ ଅଞ୍ଚଳରେ ଆଜି ସୁଦ୍ଧା ବିଦ୍ୟୁତ ସେବା ସ୍ୱାଭାବିକ ହୋଇଥିଲା।

**୮୦ ପ୍ରତିଶତ ସଂଯୋଗ ସ୍ୱାଭାବିକ**

### ବଣାଇଁ ଉପଖଣ୍ଡରେ ନୈରାଶ୍ୟଜନକ ମାଟ୍ରିକ ଫଳାଫଳ

## ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମୀକ୍ଷା: ଶିକ୍ଷାର ମାନ ବୃଦ୍ଧିକୁ ଗୁରୁତ୍ୱ



**ବଣାଇଁ, ୨୭।୫(ସମିସ):** ଚଳିତ ଶିକ୍ଷାବର୍ଷରେ ସୁନ୍ଦରଗଡ଼ ଜିଲ୍ଲାରେ ମାଟ୍ରିକ ପରୀକ୍ଷାର ପାସ୍ ହାର ବୃଦ୍ଧି ପାଇଥିବା ବେଳେ ବଣାଇଁଗଡ଼, ଗୁରୁଣ୍ଡିଆ ଓ ଲହୁଣୀପଡ଼ା ବ୍ଲକରେ ଏ-୧ ଗ୍ରେଡ୍ ପ୍ରାପ୍ତ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ ରହିଥିବା ଦେଖାଯାଇଛି। ଏହି ନୈରାଶ୍ୟଜନକ ମାଟ୍ରିକ ଫଳାଫଳର ସମୀକ୍ଷା ପାଇଁ ଆଜି ବଣାଇଁଗଡ଼ ବ୍ଲକ ଅନ୍ତର୍ଗତ ରାଜା ଧରଣୀଧର ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ବୈଠକ ଆୟୋଜିତ ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ମୁରଲୀଧର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବଣାଇଁ, ଲହୁଣୀପଡ଼ା ଓ ଗୁରୁଣ୍ଡିଆ ବ୍ଲକର ସମସ୍ତ ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ। ବୈଠକରେ ଚଳିତ ବର୍ଷର ମାଟ୍ରିକ ଫଳାଫଳ ଉପରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯିବା ସହ ଆଗାମୀ ଦିନରେ କିଭଳି ଏ-୧ ଗ୍ରେଡ୍ ସଂଖ୍ୟା ବଢ଼ାଯାଇପାରିବ ସେଥିପାଇଁ ବିଶେଷ ଆଲୋକପାତ କରାଯାଇଥିଲା। ଶିକ୍ଷାର ଗୁଣାତ୍ମକ ଉନ୍ନତି, ଦୁର୍ବଳ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ପାଠଦାନ, ନିୟମିତ ପରୀକ୍ଷା ଓ ଅଭିଭାବକଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲା ଶିକ୍ଷାଧିକାରୀ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସଦାନନ୍ଦ ପ୍ରଧାନ, ବଣାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ ମୁଣ୍ଡୁ ଏବଂ ଲହୁଣୀପଡ଼ା ଓ ଗୁରୁଣ୍ଡିଆ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ବାଙ୍କିରା ପ୍ରମୁଖ ଉପସ୍ଥିତ ଥିଲେ।

## ବୁଥସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ



**ରାଉରକେଲା, ୨୭।୫(ସମିସ):** ଆସନ୍ତା ୩୦ ତାରିଖରୁ ରାଜ୍ୟରେ ଆରମ୍ଭ ହେବାକୁ ଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା (ଏସଆଇଆର) ସୁଚାରୁ ରୂପରେ ସମ୍ପାଦନ ପରିପ୍ରେକ୍ଷୀରେ ବୁଥସ୍ତରୀୟ ଅଧିକାରୀ (ବିଏଲଓ) ଓ ବିଏଲଓ ସୁପରଭାଇଜରମାନଙ୍କର ଦୁଇ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାନପୋଷ ଆଇଟିଡିଏ ହଲରେ ଅନୁଷ୍ଠିତ ହୋଇଯାଇଛି। ମଇ ୨୫ ଓ ୨୬ ତାରିଖ ଦୁଇଦିନ ଧରି ଆୟୋଜିତ ପ୍ରଶିକ୍ଷଣରେ ରାଉରକେଲା ଓ ବୀରମିତ୍ରପୁର ବିଧାନସଭା କ୍ଷେତ୍ରର ବୁଥସ୍ତରୀୟ ଅଧିକାରୀମାନେ ଓ ବିଏଲଓ ସୁପରଭାଇଜର ଓ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ। ପ୍ରଶିକ୍ଷଣରେ ଭୋଟର ସମ୍ବନ୍ଧୀୟ ଫର୍ମ କିପରି ପୂରଣ କରାଯିବ ଏବଂ ଏହାକୁ ୱେବସାଇଟରେ କିପରି ଅପଲୋଡ୍ କରାଯିବ ସେ ସମ୍ପର୍କରେ ବିସ୍ତୃତ ଭାବେ ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ ଆଲୋଚନା କରି ପ୍ରାୟୋଗିକ ତାଲିମ ପ୍ରଦାନ କରିଥିଲେ। ୩୦ ମଇ ରୁ ୨୮ ଜୁନ୍ ୨୦୨୬ ମଧ୍ୟରେ ବୁଥସ୍ତରୀୟ ଅଧିକାରୀ ବା ବିଏଲଓମାନେ ଘରକୁ ଘର ପରିଦର୍ଶନ କରି ଫର୍ମ ବଣ୍ଟନ କରିବେ ଏବଂ ଭୋଟର ସମ୍ବନ୍ଧୀୟ ସୂଚନା ସଂଗ୍ରହ କରିବେ ବୋଲି ସେ ସୂଚନା ଦେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ପାନପୋଷ ଚନ୍ଦ୍ରକାନ୍ତ ମଲ୍ଲିକଙ୍କ ସମେତ ଡେପୁଟି କଲେକ୍ଟର ସାଧବି ଦେହୁରୀଆ, ଡେପୁଟି କମିଶନର ଚନ୍ଦ୍ରକାନ୍ତ, ଅତିରିକ୍ତ ତହସିଲଦାର ସୁଦକ୍ଷ ପଟେଲ ପ୍ରମୁଖ ଭାବେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ସ୍ମାର୍ଟ ବୋର୍ଡ ଚୋରି

**ଲହୁଣୀପଡ଼ା, ୨୭।୫(ସମିସ):** ଲହୁଣୀପଡ଼ା ଥାନା ଅନ୍ତର୍ଗତ କପଣ୍ଡ ଗ୍ରାମ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ସ୍ମାର୍ଟ ବୋର୍ଡ ଚୋରି ହୋଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନାମୁତାବକ, ଗ୍ରୀଷ୍ମ ଛୁଟି ଘୋଷଣା ପାଇଁ ବିଦ୍ୟାଳୟ ଛୁଟି ରହିଥିବା ବେଳେ କେହି ଦୁର୍ବୃତ କପଣ୍ଡସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କ୍ଲାସ ରୁମ ତାଲା ଭାଙ୍ଗି ସ୍ମାର୍ଟ ବୋର୍ଡ ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିବା ଗତ ଶନିବାର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖବର ପାଇଥିଲେ। ସେ ବିଦ୍ୟାଳୟକୁ ଯାଇ ବିଦ୍ୟାଳୟ ପରିଚାଳନା କମିଟିର ସଭାପତିଙ୍କୁ ଡକାଇ ଘଟଣା ସମ୍ପର୍କରେ ଅବଗତ ପରେ ଗତ ୨୫ ତାରିଖରେ ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ଏବଂ ଲହୁଣୀପଡ଼ା ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

## ନୂଆ ବାଇକ୍ ନେଇ ଘରକୁ ଫେରିବା ବେଳେ ଦୁର୍ଘଟଣା; ଜଣେ ମୃତ

**କୁତ୍ରା, ୨୭।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅନ୍ତର୍ଗତ ବିଜୁ ଏକ୍ସପ୍ରେସ ୱେର ରାଞ୍ଚି ରୋଡ୍ ନିକଟରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବଡ଼ଗାଁ ବ୍ଲକ ଟିମନା ଗ୍ରାମର ଅଜିତ୍ ବାଡା (୨୨)। ଗୁରୁତର ଆହତ ଯୁବକ ହେଲେ କ୍ରିଷ୍ଣା ଲାକଡା (୨୧)। ପ୍ରାପ୍ତ ସୂଚନାନୁଯାୟୀ, ଅଜିତ୍ ଓ କ୍ରିଷ୍ଣା ରାଜଗାଙ୍ଗପୁରରୁ ଏକ ନୂଆ ବାଇକ୍ କିଣି ଅପରାହ୍ନ ୪ଟାରେ ନିଜ ଗ୍ରାମ ଟିମନାକୁ ଫେରୁଥିଲେ। ବିଜୁ ଏକ୍ସପ୍ରେସ ୱେର ରାଞ୍ଚି ରୋଡ୍ ନିକଟରେ ବାଇକ୍‌ଟି ହଠାତ୍ ଭାରସାମ୍ୟ ହରାଇ ଯିବାରୁ ଉଭୟ ରାସ୍ତା ଉପରେ ଛିଟକି ପଡ଼ିଥିଲେ। ଦୁର୍ଘଟଣାରେ ଉଭୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ତୁରନ୍ତ ଉଭୟଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଅଜିତ୍ ବାଡାଙ୍କୁ ମୃତ ଘୋଷଣା କରିଥିବା ବେଳେ କ୍ରିଷ୍ଣା ଲାକଡାଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି। ଖବର ପାଇ କୁତ୍ରା ପୁଲିସ୍ ଘଟଣାସ୍ଥଳ ଓ ହସ୍ପିଟାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁଲିସ୍ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ପଠାଇଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

## ଓଏସ୍ଏସ୍ ପରୀକ୍ଷାରେ ସନ୍ଦୀପଙ୍କ ସଫଳତା



**ଲହୁଣୀପଡ଼ା, ୨୭।୫(ସମିସ):** ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ (ଓଏସଏସ) ପରୀକ୍ଷାରେ ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଶରଧାପୁର ଗ୍ରାମର ସନ୍ଦୀପ କୁମାର ମାହାନ୍ତ ସଫଳତା ହାସଲ କରି ରାଜ୍ୟରେ ୮୭ତମ ର୍‍ୟାଙ୍କ ଅଧିକାର କରିଛନ୍ତି। ତାଙ୍କ ସଫଳତାକୁ ନେଇ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସନ୍ଦୀପ ବଣାଇ ସ୍ଥିତ ଆର୍‌ଡିଡି ହାଇସ୍କୁଲରେ ସ୍କୁଲ ଶିକ୍ଷା ଗ୍ରହଣ କରିଥିବାବେଳେ ପରେ ଭୁବନେଶ୍ୱରସ୍ଥିତ ଆଇଟିଇଆରରୁ ବିଟେକ ଡିଗ୍ରୀ ହାସଲ କରିଥିଲେ। ଶୈଶବରୁ ମେଧାବୀ ଓ ପରିଶ୍ରମୀ ଥିବା ସନ୍ଦୀପ ନିଜ ଅଧ୍ୟବସାୟ ବଳରେ ଏହି ସଫଳତା ପାଇଥିବା କୁହାଯାଉଛି। ତାଙ୍କ ବାପା ଜଣେ ଅବସରପ୍ରାପ୍ତ ଶିକ୍ଷକ ହୋଇଥିବାବେଳେ ମା' ଜଣେ ଷ୍ଟାଫ ନର୍ସ ଥିଲେ। କିଛି ବର୍ଷ ପୂର୍ବେ ତାଙ୍କ ମା'ଙ୍କ ଦେହାନ୍ତ ଘଟିଥିଲା। ବିପରୀତ ପରିସ୍ଥିତି ମଧ୍ୟରେ ସନ୍ଦୀପଙ୍କ ଏହି ସଫଳତା ଅଞ୍ଚଳର ଯୁବପିଢ଼ୀଙ୍କ ପାଇଁ ପ୍ରେରଣା ପାଲଟିଛି। ସନ୍ଦୀପଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଛୁଟୁଛି।

### ଗାଁ ଦେଇ ଖଣିରୁ କୋଇଲା ପରିବହନ ପାଇଁ ଅନୁମତି ପ୍ରସଙ୍ଗ

## ଅନୁମତି ସ୍ଥଗିତ ପରେ ଗ୍ରାମବାସୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

**ଦେବଗଡ଼, ୨୭।୫(ସମିସ):** ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ନିକଟସ୍ଥ ସିଂଗ୍ରାଣି କୋଲିଆରୀ କମ୍ପାନୀର ନୈନୀ କୋଲ ମାଇନ୍ସରୁ ନିକଟସ୍ଥ ଏନଟିପିସି ସମେତ ଅନ୍ୟାନ୍ୟ ଘରୋଇ ତାପଜ ବିଦ୍ୟୁତ କେନ୍ଦ୍ରକୁ କୋଇଲା ଯୋଗାଣ ପାଇଁ ଦେବଗଡ଼ ଜିଲ୍ଲା ବୁଢାପାଳ ପଞ୍ଚାୟତ ଅନ୍ତର୍ଗତ ଏକାଧିକ ଗ୍ରାମ ମଧ୍ୟଦେଇ କୋଇଲା ପରିବହନ ପାଇଁ ଦେବଗଡ଼ ଜିଲ୍ଲାପାଳଙ୍କ ଅନୁମତି ପତ୍ର ପ୍ରଦାନକୁ ନେଇ ଗତକାଲି ସମ୍ପୃକ୍ତ ଅଞ୍ଚଳରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଏହାକୁ ବିରୋଧ କରି ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ସେଣ୍ଡା, ଗମ୍ଭାରୀପାଳ ଓ ଲୁହୁରାକୋଟ ଗ୍ରାମବାସୀଙ୍କ ପକ୍ଷରୁ ରାତିରେ ରାସ୍ତା ଉପରେ ଧାରଣା ଦିଆଯାଇଥିଲା। ଆନ୍ଦୋଳନ ସ୍ଥଳୀରେ ଏସଡିପିଓ ରମେଶ ମାହାନା ଓ କୁଣ୍ଡେଇଗୋଳା ଥାନା ପୁଲିସ ପହଞ୍ଚି ଆଲୋଚନା କରିଥିଲେ। ଜିଲ୍ଲାପାଳଙ୍କ ଅନୁମତି ନିଷ୍ପତ୍ତିକୁ ସ୍ଥଗିତ ରଖାଯିବା ନେଇ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଜଣାଇବା ପରେ ବିଳମ୍ବିତ ରାତିରେ ଆନ୍ଦୋଳନକାରୀମାନେ ରାସ୍ତାରୋକ ଆନ୍ଦୋଳନକୁ ସାମୟିକ ସ୍ଥଗିତ ଘୋଷଣା କରିଥିଲେ। ପୁନର୍ବାର ଗ୍ରାମ ମଧ୍ୟଦେଇ କୋଇଲା ପରିବହନ ପାଇଁ କମ୍ପାନୀ ସପକ୍ଷରେ ଅନୁମତି ଦେଲେ ଗ୍ରାମବାସୀ ପୁନର୍ବାର ରାଜରାସ୍ତାକୁ ଓହ୍ଲାଇବାର ଚେତାବନୀ ଦେଇଥିଲେ।

## ସେକ୍ଟର -୭ରେ ରଥଯାତ୍ରା ପ୍ରସ୍ତୁତି ବୈଠକ



**ରାଉରକେଲା, ୨୭।୫(ସମିସ):** ଆଜି ସେକ୍ଟର-୭ ଥାନାରେ ଚଳିତ ବର୍ଷ ରଥଯାତ୍ରା ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଆଇଆଇସି ରବିନାରାୟଣ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି। ରଥଯାତ୍ରା ପାଇଁ ଆବଶ୍ୟକ ହେଉଥିବା ରଥ ଖଳା ସଫା, ରାସ୍ତାରେ ପଡ଼ିଥିବା କଚଡା ସଫା, ଗଛ ଡ଼ାଳ କଟା, ହମ୍ପସ ଠିକ୍ କରିବା, କେବୁଲ ଓ ଇଲେକ୍ଟ୍ରି ତାର ଉପରକୁ ଉଠାଇବା, ହୁକ ତାର କାଟିବା, ରଥ ଖଳାରେ ଲାଇଟ୍ ବ୍ୟବସ୍ଥା କରିବା, ରଥ ଠିକ୍ ଅଛିକି ନାହିଁ ଚଲାଇ ଦେଖିବା, ଭିଡ କଣ୍ଟ୍ରୋଲ କରିବା ଓ ରଥ ଯିବା ସମୟରେ ପୁଲିସ ବଳ ସଂଖ୍ୟା ବଢ଼ାଇବା ଓ ଖରା ପାଇଁ ପାଣିର ବ୍ୟବସ୍ଥା କରିବା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ସେକ୍ଟର- ୭ ଥାନାର ଏସ୍ଆଇ ରଞ୍ଜିତ କୁମାର ପ୍ରଧାନ, ହରିଶଙ୍କର ନାୟକ, ରାକେଶ କୁମାର ସ୍ୱାଇଁ, ସେକ୍ଟର-୬ ଜଗନ୍ନାଥ ମନ୍ଦିର କମିଟିର ଅଶୋକ ସ୍ୱାଇଁ, ଦିଲ୍ଲୀପ କୁମାର ଦାସ, ରାମ ମୋହନ ନାୟକ, ସୁବାସ ଚନ୍ଦ୍ର ପାତ୍ର, ଜଗନ୍ନାଥ ଦାସ, ମନୋରଞ୍ଜନ ସାମଲ, ଲୋକେଶ ରାଉତ, ଉତ୍ତମ ସାହୁ, ଦିଲ୍ଲୀପ ଲେଙ୍କା, ସେକ୍ଟର -୮ ଗୁଣ୍ଡିଚା ମନ୍ଦିରର ଉମେଶ ଶରଣ, ବିନୟ କୁମାର ସିଂ, ସେକ୍ଟର-୬ ଜଗନ୍ନାଥ ପଲ୍ଲୀର ସୁଦାମ ବର୍ଗତି, କୈଳାଶ ନାଗ ଓ ଥାନାର ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି କିପରି ରଥଯାତ୍ରାରେ ଶାନ୍ତିଶୃଙ୍ଖଳା ପାଳନ ହେବ ସେ ବିଷୟରେ ସମସ୍ତ ସଦସ୍ୟ ନିଜ ନିଜର ମତବ୍ୟକ୍ତ କରିଥିଲେ। ଶେଷରେ ଚିତ୍ତ ରଞ୍ଜନ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

### ଆପ୍‌ର କର୍ମୀ ସମ୍ମିଳନୀ

## ହିନ୍ଦୁ-ମୁସଲମାନ ସାମ୍ପ୍ରଦାୟିକତା ବିଭେଦ ସୃଷ୍ଟି କରି ଭୋଟ ନେଉଛି ବିଜେପି

**ରାଉରକେଲା, ୨୭।୫(ସମିସ)**




ହିନ୍ଦୁ-ମୁସଲମାନ ସାମ୍ପ୍ରଦାୟିକତା ବିଭେଦ ସୃଷ୍ଟି କରି ଭୋଟ ନେବାରେ ଲାଗିଛି ବିଜେପି। ହେଲେ ୧୨ ବର୍ଷ ମଧ୍ୟରେ ମୋଦି ସରକାର ଆସିବା ପରେ ପ୍ରକୃତରେ ହିନ୍ଦୁମାନଙ୍କୁ ମିଳିଛି କ'ଣ ? ବୋଲି ପ୍ରଶ୍ନ କରିଛନ୍ତି ଆପ୍ ସାଂସଦ ସଞ୍ଜୟ ସିଂହ। ଆଜି ରାଉରକେଲା ଦିନିକିଆ ଗସ୍ତରେ ଆସି ପାନ୍ଥନିବାସ ଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଯୋଗ ଦେଇ ଆହୁରି କହିଛନ୍ତି, ବିଜେପି ଯେଉଁସବୁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲା, ସେଥିରେ ବିଫଳ ହୋଇଛି। କେବଳ ହିନ୍ଦୁ - ମୁସଲମାନ ସାମ୍ପ୍ରଦାୟିକ କଥା କହି ହିନ୍ଦୁ ମୁସଲମାନ ମଧ୍ୟରେ ବିଭେଦ ସୃଷ୍ଟି କରି ବିଜେପି ଘୃଣ୍ୟ ରାଜନୀତି କରୁଛି। ବିଜେପି ସରକାରରେ ୧ ଲକ୍ଷ ସରକାରୀ ସ୍କୁଲ ବନ୍ଦ ହୋଇଯାଇଛି। ଦେଶରେ ୧ ଲକ୍ଷ ୨୦ ଟି ସରକାରୀ ସ୍କୁଲ ଅଛି, ଯେଉଁଠି ଜଣେ ମାତ୍ର ଶିକ୍ଷକ ଅଛନ୍ତି। ଦେଶରେ ୯୦ ହଜାର ସରକାରୀ ସ୍କୁଲ ଅଛି ଯେଉଁଠି ଶୌଚାଳୟ ନାହିଁ। ସରକାରୀ ସ୍କୁଲରେ ବନ୍ଦ ହୋଇଯିବା ଦ୍ୱାରା ସରକାରୀ ସ୍କୁଲରେ ପାଠ ପଢୁଥିବା ସର୍ବାଧିକ ହିନ୍ଦୁ ଛାତ୍ରଛାତ୍ରୀ ପ୍ରଭାବିତ ହୋଇ ଶିକ୍ଷା ଗ୍ରହଣରୁ ବଞ୍ଚିତ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କୁ ଅଶିକ୍ଷିତ କରି ଭାରତର ଭବିଷ୍ୟତକୁ ରୁଗ୍ଣ କରି ଦେବାକୁ କେନ୍ଦ୍ରସରକାର ଷଡଯନ୍ତ୍ର କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀର ଦର ସହ ଦୈନିକ ପେଟ୍ରୋଲ ଡିଜେଲର ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି, ଯାହାକି ସାଧାରଣ ଜନତାଙ୍କ ଉପରେ ସିଧାସଳଖ ପ୍ରଭାବ ପକାଇଛି। ଇରାନରୁ ଶସ୍ତା ତେଲ କ୍ରୟ କରି ଭାରତବାସୀଙ୍କୁ ଯୋଗାନ୍ତୁ ବୋଲି ସେ ଦାବି କରିଛନ୍ତି। ଓଡ଼ିଶାରେ ୩୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ଦେବାକୁ ବିଜେପି ସରକାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏବେ କେବଳ ମାଗଣା ବିଜୁଳି ଦିବାସ୍ୱପ୍ନ ହୋଇଥିବା ବେଳେ ସ୍ମାର୍ଟ ମିଟର ଏବେ ଖାଉଟିମାନଙ୍କ ଉପରେ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ଦେଶ ଏବଂ ରାଜ୍ୟରେ ଭ୍ରଷ୍ଟାଚାର ଚରମ ସୀମାରେ ପହଞ୍ଚିଛି। ନିଟ୍ ପ୍ରଶ୍ନପତ୍ର ଲିକ ଘଟଣାରେ ୧୦୦୦ କୋଟି ଟଙ୍କାର କାରବାର ହୋଇଛି। ଏହାଦ୍ୱାରା ୨୨ ଲକ୍ଷ ଛାତ୍ରଛାତ୍ରୀଙ୍କ ଜୀବନ ସହ ଖେଳ କରିଛି ବିଜେପି। ବିଜେପିର ଏସବୁ ଭ୍ରଷ୍ଟାଚାର, ଦୁର୍ନୀତି, ଅପାରଗତାକୁ ଲୋକଙ୍କ ପାଖକୁ ନେଇ ଦିନରାତି କାମ କରିବା ସହ ପଞ୍ଚାୟତ ନିର୍ବାଚନରେ ଆମ ଆଦମୀ ପାର୍ଟିକୁ ପୂର୍ଣ୍ଣ ସଫଳାତା ଆଣିବାକୁ ଉପସ୍ଥିତ କର୍ମୀଙ୍କୁ ଶ୍ରୀ ସିଂହ ଆହ୍ୱାନ ଦେଇଥିଲେ। ବିନୟ ତିୱାରୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବୁଥସ୍ତର ପର୍ଯ୍ୟନ୍ତ କାମ କରି ତୃଣମୂଳସ୍ତରରେ ଆମ ଆଦମି ପାର୍ଟିକୁ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ। ଆପର ନାରୀନେତ୍ରୀ କୁନି ମୁଣ୍ଡା, ଯୁବ ନେତା ସନ୍ତୋଷ ବେହେରା ମଞ୍ଚାସୀନ ଥିବା ବେଳେ ମିଡିଆ ସଂଯୋଜକ ଭରତ ବାଇ ସଂଯୋଜନା କରିଥିଲେ।





## ବିଏମ୍‌ସିର ୪୧ତମ ସାଧାରଣ ପରିଷଦ ବୈଠକ

# ଖୋଲିବ ଆଉ ୧୦ ଶୀତଳ ବସ୍‌ଷ୍ଟପ୍, ୪୦ ସୋଲାର କିଓସ୍କ

ଭୁବନେଶ୍ୱର, ୨୬।୫(ସମିସ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ୪୧ ତମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିସନର ଚଞ୍ଚଳ ରାଣା, ଅତିରିକ୍ତ କମିଶନର ସସ୍ମିତା

- ବର୍ଷା ଋତୁ ପାଇଁ ଖୁବ୍‌ଶୀଘ୍ର ପଙ୍କୋଦ୍ଧାର
- ଖୋଳା ଯାଇଥିବା ରାସ୍ତା କାମ ତୁରନ୍ତ ସାରିବାକୁ ନିର୍ଦ୍ଦେଶ

ସାହୁ, କୈଳାସ ଚନ୍ଦ୍ର ଦାସ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଞ୍ଜନ ବେହେରା, ଜୋନାଲ କମିସନର ଅଶନୀ ଏ.ଏଲ୍. ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା, ଅଧ୍ୟକ୍ଷ, କର୍ପୋରେଟର, ସଂଯୁକ୍ତ ବିଭାଗର ଅଧିକାରୀ, ବିଏମ୍‌ସିର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ବୈଠକ ଆରମ୍ଭରୁ କମିସନର ଚଞ୍ଚଳ ରାଣା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଗ୍ରୀଷ୍ମରୁ ରକ୍ଷା ପାଇବା ପାଇଁ କଳ୍ପନା ଓ ଫାୟାରଷ୍ଟେସନ ଛକଠାରେ ଦୁଇଟି ଶୀତଳ ବିଶ୍ରାମ ସ୍ଥଳ ଖୋଲାଯାଇଛି। ଆଗାମୀ ଦିନରେ ଆଉ ଦୁଇଟି ଶୀତଳ ବିଶ୍ରାମସ୍ଥଳ ଖୋଲା ଯିବ ନେଇ ସେ ସୂଚନା ଦେଇଥିଲେ। କେବଳ ସେତିକି ନୁହେଁ, ସହର ଭିତରେ ଥିବା ୧୦ଟି ପ୍ରମୁଖ ସ୍ଥାନରେ ଶୀତଳ ବସ୍ ଷ୍ଟପ୍ ସ୍ଥାପନ କରାଯିବ। ସେହିପରି ପ୍ରତ୍ୟେକ ୱାର୍ଡରେ ହେବ ମଲ୍ଟି ପରପୋଜ୍ ରେଷ୍ଟ ସେଡ୍ ନିର୍ମାଣ କରିବା ପାଇଁ ମଧ୍ୟ ଯୋଜନା ରହିଥିବା କୁହାଯାଇଛି। ଏହି ସବୁସ୍ଥାନରେ ବେଣାଚେରରେ ଶୀତଳ ଛାୟା ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରାଯିବ। ଏହା ଦ୍ୱାରା ପ୍ରାକୃତିକ ଉପାୟରେ ଲୋକମାନଙ୍କୁ ଥଣ୍ଡା ପବନ ଯୋଗାଇବା ସହ ପରିବେଶ ପ୍ରଦୂଷଣକୁ ମଧ୍ୟ ରୋକାଯାଇ ପାରିବ ବୋଲି କୁହାଯାଇଛି। ଲୋକମାନଙ୍କୁ ଖରାଦିନେ ଥଣ୍ଡା ପାନୀୟ ଜଳ ଯୋଗାଇ ଦେବାକୁ ସହରରେ ବିଭିନ୍ନ ଜନ ଗହଳିପୂର୍ଣ୍ଣ ସ୍ଥାନରେ ୪୦ ଗୋଟି ସୋଲାର ୱାଟର କିଓସ୍କ ସ୍ଥାପନ କରାଯାଇଛି। ଏହା ବ୍ୟତୀତ ବିଭିନ୍ନ ସ୍ଥାନରେ ଜଳଛତ୍ର ମଧ୍ୟ ଖୋଲାଯାଇଛି। ସେହିପରି ବୁଲା ଗାଈଗୋରୁ, କୁକୁର, ବିରାଡି, ମାଙ୍କଡ ଆଦି ପଶୁ ଓ ପକ୍ଷୀମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ଜଳ ବ୍ୟବସ୍ଥା କରାଯାଇଛି ବୋଲି କମିଶନ ଗୃହକୁ ଅବଗତ କରାଇଥିଲେ। ଚଢେଇମାନଙ୍କ ପାଇଁ ବିଭିନ୍ନ ଗଛ ଓ ସେମାନଙ୍କର ସମାଗମ ସ୍ଥାନରେ ଜଳ ଓ ବସା ବ୍ୟବସ୍ଥା କରାଯାଇଛି। ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ସ୍ମାର୍ଟ ସିଟିର ସ୍ମାର୍ଟ ଜନପଥରେ ସ୍ମାର୍ଟ ବେଞ୍ଚ ମଧ୍ୟ ନିର୍ମାଣ କରାଯାଇଛି। ବୁଦ୍ଧ ବିହାର, ସୁବୁଦ୍ଧିପୁର, ନିଳାଦ୍ରୀ ବିହାର ଆଦି ହାଉସିଂ ପ୍ରକଳ୍ପ, ବିଭିନ୍ନ କମ୍ୟୁନିଟ୍ ସେଣ୍ଟର, ୱାର୍ଡ ଅଫିସ ସର୍ବସାଧାରଣ ଆଶ୍ରୟସ୍ଥଳ ଆଦିରେ ରୁଫ ଟପ୍ ହ୍ୱାଇଟନର ପ୍ରଲେପ ଦେଇ ସେହି ପକ୍କା ଘରଗୁଡ଼ିକୁ ଥଣ୍ଡା ରଖିବା ପାଇଁ ବ୍ୟବସ୍ଥା ମଧ୍ୟ କରାଯାଉଛି। ସ୍ୱଚ୍ଛ କର୍ମୀଙ୍କ ପାଇଁ ପ୍ରତି ଓ୍ୱାର୍ଡରେ ମଲ୍ଟି ପ୍ରପୋଜଡ୍ ରେଷ୍ଟ ସେଡ୍ ନିର୍ମାଣ କରାଯିବ ବୋଲି କୁହାଯାଇଛି। ବିଏମ୍‌ସି ଅଞ୍ଚଳରେ ଥିବା ବିଭିନ୍ନ ପ୍ରମୁଖ ଡ୍ରେନ ସହ ପ୍ରତ୍ୟେକ ୱାର୍ଡରେ ଥିବା ଡ୍ରେନଗୁଡିକରୁ ପଙ୍କୋଦ୍ଧାର କାର୍ଯ୍ୟ ଚାଲୁ ରହିଛି। ଖାସ୍ କରି ଇସ୍କନ ମନ୍ଦିର ନିକଟରେ ଅତ୍ୟାଧୁନିକ ଡ୍ରେନେଜ୍ ବ୍ୟବସ୍ଥା କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଯାଇଛି। ବର୍ଷା ଋତୁ ପୂର୍ବରୁ ପଙ୍କୋଦ୍ଧାର କାର୍ଯ୍ୟ ସାରିବା ପାଇଁ ସମ୍ପୃକ୍ତ ଏଜେନ୍ସି ଓ ସଂଯୁକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ମାନନୀୟା ମେୟର। କେବଳ ସେତିକି ନୁହେଁ, ବର୍ଷା ଋତୁ ପୂର୍ବରୁ ରାସ୍ତା ମରାମତି କାମ ସାରିବାକୁ କୁହାଯାଇଛି। ଜୁନ୍ ଶେଷସୁଦ୍ଧା ସମସ୍ତ କାମ ସାରିବାକୁ ସମ୍ପୃକ୍ତ ସଂସ୍ଥାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତା ପରେ ଆଉ କୌଣସି ରାସ୍ତା ଖୋଳାଯାଇ ପାରିବ ନାହିଁ। ଯେଉଁମାନଙ୍କୁ ଅନୁମତି ଦିଆଯାଇଛି ସେମାନଙ୍କର ଅନୁମତି ବାତିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଓ୍ୱାଟକୋ ଓ ଟିପିସିଡିଓଏଲକୁ ମଧ୍ୟ ଜୁଲାଇ ମାସଠାରୁ ଆଉ ରାସ୍ତା ଖୋଳି କାମ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କର୍ପୋରେସନର କାର୍ଯ୍ୟକାଳ ଅଳ୍ପ ଦିନ ଥିବାରୁ, ବିଭିନ୍ନ ୱାର୍ଡରେ ଚାଲିଥିବା କାର୍ଯ୍ୟ କିମ୍ବା ଟେଣ୍ଡର ହୋଇଯାଇଥିବା କାର୍ଯ୍ୟ ତୁରନ୍ତ ସାରିବା ସହ ଟେଣ୍ଡର ହୋଇନଥିବା କାର୍ଯ୍ୟର ତୁରନ୍ତ ଟେଣ୍ଡର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କର୍ପୋରେଟରମାନେ ନିଜ ଓ୍ୱାର୍ଡରେ କାର୍ଯ୍ୟ ତଦାରଖ କରିବା ସହ ତୁରନ୍ତ ସାରିବାକୁ କୁହାଯାଇଛି। ବିଭିନ୍ନ ସ୍ଥାନରେ ବିପଦ ସଂକୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ପୋଲଗୁଡ଼ିକୁ ତୁରନ୍ତ ହଟାଇବା ସହ ଓହଳି ରହିଥିବା ତାରଗୁଡ଼ିକୁ ସଜାଡିବା ପାଇଁ ଟିପିସିଓଡିଏଲ୍ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ।

## ପୁରୁଣା ଫଟୋ: ପୁରୁଣା ସ୍ମୃତି



ଭୁବନେଶ୍ୱର, ୨୬।୫(ସମିସ): ସମୟସହ ବଦଳିଛି ରାଜଧାନୀ ଭୁବନେଶ୍ୱରର ରୂପରେଖ। ପରିବର୍ତ୍ତନ ଆସିଛି ଏବଂ ଆଧୁନିକତାର ଛାପ ମଧ୍ୟ ଦେଖିବାକୁ ମିଳୁଛି। ତଥାପି ଏ ସହରରେ ଏପରି ଅନେକ ସ୍ଥାନ ଅପରିବର୍ତ୍ତିତ ରହିଛି। ଯାହାକି ଅନେକ ବର୍ଷର ସ୍ମୃତିକୁ ନିଜ ସହ ସାଇତି ରଖିଛି। ସେଦିନର ଭୁବନେଶ୍ୱର ଆଜି ଭଳି କୋଳାହଳ ନଥିଲା। ସେଦିନର କଥା କୁ ଯିଏ ଦେଖିଛି ସିଏ କହିବ। ସାଇତା ସ୍ମୃତି, ସ୍ୱର୍ଦ୍ଧିତ ଐତିହ୍ୟର ଡାକକୁ କେମିତି ଶୁଣି ପାରିବ ଏ ନୂଆ ପିଢ଼ିର ମଣିଷ। ତା ପାଇଁ ତ ମାଧ୍ୟମ କେବଳ ଆଉ କେବଳ ସେ ସମୟର ପୁରୁଣା ଫଟୋ। ସେହିଭଳି ଏକ ସମୟକୁ ଫେରାଇ ନେଇଛି ସାମାଜିକ ଗଣମାଧ୍ୟମରେ ପରିଲକ୍ଷିତ ହେଉଥିବା ୬୦ ବର୍ଷ ପୁରୁଣା ଏକ ଝାପସା ଫଟୋ।

ଏହି ପୁରୁଣା ଫଟୋଟି ନୟାପଲ୍ଲୀର ସିଆରପି ସ୍ଥିତ ଷ୍ଟୁଆର୍ଟ ସ୍କୁଲର ଖେଳ ପଡ଼ିଆର ଦୃଶ୍ୟ। ଯେଉଁଠି ଛାତ୍ରଛାତ୍ରୀଙ୍କର କ୍ରୀଡା ପ୍ରତିଯୋଗିତା ସମୟର ବୋଲି ଅନୁମାନ କରିହେଉଛି। ସେ ସମୟର ପରିବେଶ ଆଜି ଭଳି କୋଳାହଳ ନୁହଁ ବରଂ ପଦୂଷଣମୁକ୍ତ। ଆଖପାଖ ସ୍ଥାନକୁ ଦେଖିଲେ ସେବେ ଆଉ ଏବେ ମଧ୍ୟରେ ଅନେକ ତଫାତ୍ ରହିଛି। କାରଣ ସେତେବେଳେ ଆଜିପରି ଚକାଚକ୍ ରାସ୍ତା, ଟ୍ରାଫିକ ଏବଂ ଖେଳ ପଡ଼ିଆ ନଥିଲା। ଏହି ଫଟୋକୁ ଦେଖି ସାମାଜିକ ଗଣମାଧ୍ୟମରେ କିଛି ବରିଷ୍ଠ ନିଜ ସମୟର ସେ ସ୍ମୃତିସବୁକୁ ସାଉଁଟିଥିବା ପରିଲକ୍ଷିତ ହୋଇଛି।

# ମହିଳାଙ୍କୁ ପ୍ରତାରଣା; ଯୁବକ ଗିରଫ

ଭୁବନେଶ୍ୱର, ୨୬।୫ (ସମିସ): ପୁଣି ଜଣେ ମହିଳା ପ୍ରତାରଣାର ଶିକାର ହୋଇଛନ୍ତି। ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ଧୋକା ଦେଇଛି ପ୍ରେମିକ। ଖାଲି ଧୋକା ନୁହେଁ, ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓକୁ ଭାଇରାଲ କରିଦେଇଛି। ରାଜଧାନୀରେ ଘଟିଥିବା ଏହି ଘଟଣାରେ ପ୍ରେମିକକୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ପଳାସପୁର ଗାଁର ରାଜକିଶୋର ଜେନା (୩୬)।



- ମନ୍ଦିରରେ କରିଥିଲା ବିବାହ
- ଦୁଇ ବର୍ଷ ଧରି ରଖିଥିଲା ଶାରୀରିକ ସମ୍ପର୍କ
- ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ

ପୁଲିସ ସୂଚନା ମୁତାବକ, ଭଦ୍ରକ ଜିଲ୍ଲାର ୩୨ ବର୍ଷୀୟା ବିବାହିତା ମହିଳା ୨୦୨୪ ମସିହାରେ ଭୁବନେଶ୍ୱର ଆସିଥିଲେ। ରାଜକିଶୋର ସହ ତାଙ୍କର ପୂର୍ବରୁ ପରିଚୟ ଥିବାରୁ ସେ ଚାକିରିଟିଏ ଖୋଜି ଦେବାକୁ ଅନୁରୋଧ କରିଥିଲେ। ରାଜକିଶୋର ମଧ୍ୟ ଚାକିରି ଖୋଜି ଦେଇଥିଲା। ଏକୁଟିଆ ଭଡ଼ାଘର ନେଇ ରହୁଥିବା ରାଜକିଶୋର ମହିଳାଙ୍କୁ ମଧ୍ୟ ତା'ର ଘରେ ରହିବାକୁ କହିବାରୁ ସେ ରହିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ରାଜକିଶୋର ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେବା ସହ ଶାରୀରିକ ସମ୍ପର୍କ ରଖିଥିଲା। ଏମିତିକି ମହିଳାଙ୍କୁ ଏକ ମନ୍ଦିରକୁ ନେଇ ମଥାରେ ସିନ୍ଦୁର ଦେବା ସହ ମିଛିମିଛିକା ବିବାହ କରିଥିଲା।

ମିଛ ବିବାହ କରି କିଛିଦିନ ଏକାଠି ରହିବା ମଧ୍ୟରେ ବିବାହକୁ ନେଇ ରାଜକିଶୋରର ପରିବାରରେ ବିବାଦ ସୃଷ୍ଟି ହୋଇଥିଲା। ନିଜକୁ ତା'ର ପତ୍ନୀ ବୋଲି ପରିଚୟ ଦେବାକୁ ମହିଳାଙ୍କୁ ରାଜକିଶୋର ମନା କରିଥିଲା। ଏମିତିକି କାହାରି ଆଗରେ ସ୍ତ୍ରୀ ବୋଲି ପରିଚୟ ଦେଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ହେଲେ ଏକାଠି ରହଣି କାଳରେ ରାଜକିଶୋର ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ସଂଗ୍ରହ କରି ନେଇଥିଲା। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଫଟୋ ଗୁଡ଼ିକ ମହିଳାଙ୍କ ପ୍ରଥମ ସ୍ୱାମୀ ଓ ତାଙ୍କ ପରିବାର ଲୋକଙ୍କୁ ପଠାଇ ଦେଇଥିଲା। ମହିଳା ଏ ସମ୍ପର୍କରେ ରାଜକିଶୋରକୁ ପଚାରିବାରୁ, ସେ ଫଟୋ ଭାଇରାଲ କରିବା ସହ ଜୀବନ ବରବାଦ କରିଦେବ ବୋଲି ଧମକ ଦେଇଥିଲା। ଏନେଇ ମହିଳା ଜଣକ ଲକ୍ଷ୍ମୀସାଗର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ମଙ୍ଗଳବାର ଲକ୍ଷ୍ମୀସାଗର ଥାନା ପୁଲିସ ରାଜକିଶୋରକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଶ୍ୟାମପୁର ଜମି ଠକେଇ ମାମଲାରେ ଦୁଇ ଗିରଫ

ଭୁବନେଶ୍ୱର, ୨୬।୫(ସମିସ): ଶ୍ୟାମପୁର ସରକାରୀ ଜମି ବିକ୍ରି କରି ଲୋକଙ୍କୁ ଠକେଇ ମାମଲାରେ ଭରତପୁର ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅଭିଯୁକ୍ତ ୱାଇ ରମଣା ରାଓ, ସଞ୍ଜୁ ଓରଫ ସଞ୍ଜୟ କୁମାର ସାହୁ। ଦୁଇ ଅଭିଯୁକ୍ତ ଏବଂ ତାଙ୍କ ଅନ୍ୟ ସହଯୋଗୀମାନେ ଶ୍ୟାମପୁର ମୌଜା ଅନ୍ତର୍ଗତ ଭୂଦାନ ଅଞ୍ଚଳରେ ଥିବା ଜମିକୁ ସେମାନଙ୍କ ଆଇନସମ୍ମତ ମାଲିକାନା ଥିବା ବୋଲି ଭୁଲ ସୂଚନା ଦେଇ ବିଭିନ୍ନ ଲୋକଙ୍କୁ ପ୍ଲଟ ବିକ୍ରି କରିବା ପାଇଁ ପ୍ରଲୋଭିତ କରୁଥିଲେ। ଅଭିଯୁକ୍ତମାନେ ଜାଲିଆତି ଦସ୍ତାବିଜ ପ୍ରସ୍ତୁତ କରି ନୋଟାରାଇଜ୍ ଚୁକ୍ତିପତ୍ର କରିଥିବା ସହ ଜମିଗୁଡ଼ିକ ସଠିକ୍, ବିବାଦମୁକ୍ତ ଏବଂ ବିକ୍ରୟଯୋଗ୍ୟ ବୋଲି ଅଭିଯୋଗକାରିଣୀମାନଙ୍କୁ ବିଶ୍ୱାସ କରାଇଥିଲେ। ଅଭିଯୁକ୍ତମାନଙ୍କ କଥାରେ ବିଶ୍ୱାସ କରି ଅଭିଯୋଗକାରିଣୀମାନେ ଫୋନପେ ଓ ନଗଦ ମାଧ୍ୟମରେ ବହୁ ଟଙ୍କା ପ୍ରଦାନ କରିଥିଲେ। ଏକ ଘଟଣାରେ ଅଭିଯୋଗକାରିଣୀ ଭୂଦାନ, ଶ୍ୟାମପୁର ମୌଜାରେ ଥିବା ପ୍ରାୟ ୧୦୫୦ ବର୍ଗଫୁଟ ଜମି କ୍ରୟ ପାଇଁ ପ୍ରାୟ ୬ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଅନ୍ୟ ଏକ ଘଟଣାରେ ଅଭିଯୋଗକାରିଣୀଙ୍କୁ ସରକାରୀ ଜମିକୁ ଭୂଦାନ ଜମି ବୋଲି ଭୁଲ ଭାବେ ଦେଖାଇ ଅଭିଯୁକ୍ତ ସଞ୍ଜୁ ୬୦ ହଜାର ଟଙ୍କା ନେଇଥିଲେ। ପରବର୍ତ୍ତୀ ସମୟରେ ବିଏମସି ଓ ବିଡିଏ ପକ୍ଷରୁ ଉଚ୍ଛେଦ ଏବଂ ଜବରଦଖଲ ଉଚ୍ଛେଦ କାର୍ଯ୍ୟାନୁଷ୍ଠାନ ସମୟରେ ଜଣାପଡ଼ିଥିଲା ଯେ, ଉକ୍ତ ଜମିଗୁଡ଼ିକ ସରକାରୀ ଜମି ଏବଂ ସେଠାରେ ବେଆଇନ ଦଖଲ କରାଯାଇଥିଲା। ସେଠାରେ ନିର୍ମାଣ ହେଉଥିବା ଘରଗୁଡ଼ିକୁ ମଧ୍ୟ ଭାଙ୍ଗି ଦିଆଯାଇଥିଲା। ପରେ ଅଭିଯୋଗକାରିଣୀମାନେ ନିଜ ଟଙ୍କା ଫେରତ ମାଗିବାରୁ ଅଭିଯୁକ୍ତମାନେ ବିଭିନ୍ନ ବାହାନା କରି ଟଙ୍କା ଫେରାଇ ନଥିଲେ ଏବଂ ପରେ ମୋବାଇଲ ଫୋନ ବନ୍ଦ କରି ଫେରାର ହୋଇଯାଇଥିଲେ। ତଦନ୍ତ ସମୟରେ ପୁଲିସ ନୋଟାରାଇଜ୍ ଚୁକ୍ତିପତ୍ର, ଟ୍ରାଞ୍ଜାକ୍ସନ ସ୍କ୍ରିନସଟ ଏବଂ ଜାଲିଆତି ଜମି କାରବାର ସମ୍ବନ୍ଧୀୟ ଅନ୍ୟାନ୍ୟ ଦସ୍ତାବିଜ ଜବତ କରିଥିଲା। ଅଭିଯୁକ୍ତମାନେ ମିଳିତ ଷଡଯନ୍ତ୍ର କରି ସରକାରୀ ଜମି ଉପରେ କୌଣସି ଆଇନସମ୍ମତ ଅଧିକାର ନଥିବା ସତ୍ତ୍ୱେ ଜାଲିଆତି ଦସ୍ତାବିଜ ଏବଂ ଭୁଲ ପ୍ରତିଶ୍ରୁତି ଦେଇ ସାଧାରଣ ଲୋକଙ୍କୁ ଠକି ଟଙ୍କା ଆଦାୟ କରୁଥିଲେ। ନିର୍ଭରଯୋଗ୍ୟ ସୂତ୍ରରୁ ଅଭିଯୁକ୍ତ ୱାଇ. ରମଣା ରାଓ ଭରତପୁର ସ୍ଥିତ ନିଜ ଘରେ ଏବଂ ଅଭିଯୁକ୍ତ ସଞ୍ଜୁ ଶ୍ୟାମପୁର ଅଞ୍ଚଳରେ ଥିବା ସୂଚନା ମିଳିଥିଲା। ପରେ ପୁଲିସର ପୃଥକ ଟିମ ଚଢ଼ାଉ କରି ଉଭୟ ଅଭିଯୁକ୍ତଙ୍କୁ କାବୁ କରିଥିଲା। ପଚରାଉଚରା ସମୟରେ ଉଭୟ ଅଭିଯୁକ୍ତ ଅପରାଧରେ ନିଜ ସମ୍ପୃକ୍ତି ସ୍ୱୀକାର କରିଥିଲେ। ଅଭିଯୁକ୍ତ ଦୁହିଁଙ୍କର ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚରୁ ଅଭିଯୁକ୍ତ ସଞ୍ଜୁଙ୍କ ବିରୋଧରେ ପୂର୍ବରୁ ଭରତପୁର ଥାନାରେ ଏକାଧିକ ଜମି ଠକେଇ ଏବଂ ଧମକ ସମ୍ବନ୍ଧୀୟ ମାମଲା ରହିଥିବା ବେଳେ ଅଭିଯୁକ୍ତ ୱାଇ. ରମଣା ରାଓଙ୍କ ବିରୋଧରେ ମଧ୍ୟ ଭରତପୁର ଥାନାରେ ଏକ ଠକେଇ ମାମଲା ରହିଥିବା ଜଣାପଡ଼ିଛି।




# କାଜୁ ଜଙ୍ଗଲରେ ଅଜଣା ଯୁବକଙ୍କ ରକ୍ତାକ୍ତ ମୃତଦେହ

ଯାଁଳା, ୨୬।୫(ସମିସ): ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ଇନ୍‌ଫୋ ଭ୍ୟାଲି ଥାନା ପୁରୁଣା କଟକ ରୋଡ୍ ପିତାପଲ୍ଲୀ ଠାରେ ଥିବା ଏକ କାଜୁ ଜଙ୍ଗଲରେ ଥିବା ଏକ ମୋରମ ଖଣି ଭିତରୁ ଏକ ଅଜଣା ଯୁବକଙ୍କ ରକ୍ତାକ୍ତ ମୃତଦେହ ଠାବ କରାଯାଇଛି। ଉକ୍ତ ଯୁବକଙ୍କ ଆନୁମାନିକ ବୟସ ୪୦ ବର୍ଷ। ସୂଚନା ଥାଉକି ମଙ୍ଗଳବାର ସକାଳୁ ପିତା ପଲ୍ଲୀ ଜଙ୍ଗଲ ଭିତରୁ ସ୍ଥାନୀୟ ଲୋକମାନେ ଏକ ସବ ଦେଖି ଥାନାକୁ ଖବର ଦେଇଥିଲେ, ଇନ୍‌ଫୋ ଭ୍ୟାଲି ଥାନା ଆସି ସବ ଜବତ କରି ୧୦୮ ଆମ୍ବୁଲାନ୍ସ ଦ୍ୱାରା କ୍ୟାପିଟାଲ୍ ହସ୍ପିଟାଲ ପଠାଇ ତଦନ୍ତ କରୁଛି। ପାରିପାର୍ଶ୍ୱରୁ ଯାହା ଜଣା ପଡୁଛି ଉକ୍ତ ଯୁବକଙ୍କ ପେଣ୍ଡା ଉପରେ ଗାଡି ଚଢାଇ ମାରି ଏଠାରେ ପକାଇ ଥିବାର ସନ୍ଦେହ କରାଯାଉଛି। ଉକ୍ତ ଯୁବକଙ୍କ ପରିଚୟ ମିଳିନଥିବା ବେଳେ ହତ୍ୟା ସନ୍ଦେହରେ ପୋଲିସ୍ ତଦନ୍ତ ଚଳାଇଛି। ତେବେ ମୃତଦେହଟି ସ୍ଥାନୀୟ ଅଞ୍ଚଳର ନୁହେଁ ବୋଲି ଅନୁମାନ କରାଯାଉଛି। ପରିଚୟ ଖୋଜିବା ପାଇଁ ପୁଲିସ ପକ୍ଷରୁ ପ୍ରାଥମିକତା ଦିଆଯାଉଛି।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ହଂସପାଳ, ୨୬।୫(ସମିସ): ପାହାଳ ଥାନା ଅଧୀନ ବିଷ୍ଣୁ ବିହାର ଅଞ୍ଚଳ ଲେନ୍, ୩ ଭଡ଼ା ଘର ଏକ ବନ୍ଦ କୋଠରୀରୁ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ କରିଛି ପାହାଳ ଥାନା ପୋଲିସ। ମୃତ ଯୁବତୀଙ୍କ ନାମ ବି. କେ ମନୀଷା ଏବଂ ତାଙ୍କ ଘର ଭଦ୍ରକର ବାସୁଦେବପୁର ଅଞ୍ଚଳରେ ବୋଲି ଜଣାପଡ଼ିଛି। ସେ ଏକ ଘରୋଇ କମ୍ପାନୀରେ ମାନବ ସମ୍ବଳ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ବିଭିନ୍ନ ଘରୋଇ କମ୍ପାନୀରେ ମାନବ ସମ୍ବଳ ବିଭାଗରେ କାମ କରିବାର ଅଭିଜ୍ଞତା ମଧ୍ୟ ରହିଥିଲା। କିନ୍ତୁ ୬ ମାସ ହେବ ତାଙ୍କ ଚାକିରି ଚାଲିଯାଇଥିଲା। ଫଳରେ ସେ ଏକ ନୂଆ ବିଜନେସ ଆରମ୍ଭ କରିବା ପାଇଁ ଯୋଜନା କରୁଥିଲେ। ତେବେ କେଉଁ କାରଣରୁ ମନୀଷା ଙ୍କ ମୃତ୍ୟୁ ହୋଇଛି, ସେ ଏଭଳି ଚରମ ନିଷ୍ପତ୍ତି କଣ ପାଇଁ ନେଲେ ତାହା ଜଣାପଡ଼ିନାହିଁ। ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରି ଝୁଲାଇ ଦିଆଯାଇଥିଲା, ତାହା ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି। ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାର ତଦନ୍ତ କରୁଛନ୍ତି।

# ମୋବାଇଲ ଚୋରକୁ ବର୍ଷେ ଜେଲ୍

ଭୁବନେଶ୍ୱର, ୨୬।୫ (ସମିସ): ତମାଣ୍ଡୋ ଥାନା ଅଞ୍ଚଳରେ ଘଟିଥିବା ଏକ ମୋବାଇଲ ଚୋରି ମାମଲାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଜେଏମଏଫସି - ୧ ର ବିଚାରପତି ଶ୍ୱ?ତା ଦାସ ଏହି ମାମଲାର ବିଚାର କରି ଆସାମୀ ମୀର ଆସିକକୁ ଦୋଷୀ ସାବ୍ୟସ୍ତ କରିଛନ୍ତି।



ପୁଲିସ ସୂଚନା ଅନୁସାରେ, ଟାଇଲ୍ ମିସ୍ତ୍ରି ଏସକେ ସାବିର ଅଲ୍ଲୀ, ତାଙ୍କ ସହକର୍ମୀ ଏସକେ ଫିର୍ଦୋସ ଇସଲାମ ଓ ଆଜାଦ ଅଲ୍ଲୀଙ୍କ ସହ ତମାଣ୍ଡୋ ଥାନା ଅଞ୍ଚଳରେ ଥିବା ନିର୍ମାଣଧିନ କୋଠାରେ ରହୁଥିଲେ। ଗତବର୍ଷ ନଭେମ୍ବର ୯ ତାରିଖ ରାତିରେ କାମ ସାରି ଶୋଇଥିଲେ। ବିଳମ୍ବିତ ରାତିରେ ମୀର ଆଶିକ ସମ୍ପୃକ୍ତ କୋଠା ସାମ୍ନାରେ ଥିବା ସେଡ୍ ଉପରକୁ ଚଢ଼ି ଘରର ପ୍ରଥମ ମହଲାକୁ ପ୍ରବେଶ କରିଥିଲା। ସେଠାରୁ ୩ଟି ମୋବାଇଲ ଫୋନ ଓ ଗୋଟିଏ ଏୟାର ବ୍ୟାଗ ଚୋରି କରି ନେଇଥିଲା। ଏନେଇ ଏସକେ ସାବିର ଅଭିଯୋଗ କରିବା ପରେ ତମାଣ୍ଡୋ ଥାନା ପୁଲିସ କେସ୍ ନଂ - ୩୩୫/୨୫ରେ ଧାରା-୩୦୫(ଏ) ବିଏନ୍‌ଏସ୍ ଲଗାଇ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ସବ୍ ଇନ୍ସପେକ୍ଟର ନରେନ୍ଦ୍ର କୁମାର ପରିଡ଼ା ଘଟଣାର ତଦନ୍ତ କରି ମିର୍ ଆସିକକୁ ଗିରଫ କରିବା ସହ ତା' ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତଘଟଣାସହିତସମ୍ପୃକ୍ତମୋଟ୮ ଜଣସାକ୍ଷୀଓ୧୦ଟିପ୍ରଯୁଜ୍ୟଦସ୍ତାବିଜକୁଆଧାରରେ ମାମଲାର ବିଚାରକରି ଆସାମୀ ମୀର ଆଶିକଙ୍କୁ ଧାରା ୩୦୫(ଏ) ବିଏନଏସ୍ ଅନୁଯାୟୀ ୬ ମାସ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦାୟରେ ଅତିରିକ୍ତ ୩ ମାସ ସଶ୍ରମ କାରାଦଣ୍ଡର ଆଦେଶ ଦେଇଛନ୍ତି। ସେହିପରି ଧାରା ୩୩୧(୪) ବିଏନଏସ୍ ଅନୁଯାୟୀ ୧ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଜରିମାନା ଅନାଦାୟରେ ଅତିରିକ୍ତ ୩ ମାସ ସଶ୍ରମ କାରାଦଣ୍ଡର ମଧ୍ୟ ଆଦେଶ ଦେଇଛନ୍ତି। ଉଭୟ ଦଣ୍ଡାଦେଶକୁ କ୍ରମାଗତ ଭାବେ ଚାଲୁ ରହିବା ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର ସୁଶାନ୍ତ ଦାସ ଏହି ମାମଲାକୁ ପରିଚାଳନା କରିଥିଲେ।

# ସୁରକ୍ଷା ମାଗୁଛି ରାଜଧାନୀ ଗଛ

ଭୁବନେଶ୍ୱର, ୨୬।୫(ସମିସ)

ଦିନକୁ ଦିନ ଅସୁରକ୍ଷିତ ହୋଇପଡ଼ିଲାଣି ଗଛ। ବଡ଼ବଡ଼ ମହା ଦ୍ରୁମ ଗଛ ମରମଡ଼ କରି ଭାଙ୍ଗି ପଡୁଛି। କେବେ କାଳ ବୈଶାଖୀରେ ଭାଙ୍ଗି ପଡୁଛି ତ ଆଉ କେବେ ଆପଣା ଛାଏଁ ଭାଙ୍ଗି ଯାଉଛି। ଏଥିସହିତ ଆଉ କେବେ ସୈନ୍ଦର୍ଯ୍ୟକରଣ ପାଇଁ ଗଛକୁ କାଟି ଦିଆଯାଉଛି। ଯାହା ଫଳରେ ଗଛ ବି ଅସୁରକ୍ଷିତ ହୋଇପଡ଼ିଲାଣି।

ଏବେ କଂକ୍ରିଟ୍ ସହର ଭିତରେ ଆସ୍ତେ ଆସ୍ତେ ପୋତି ହଉଥିବା ରାଜଧାନୀରେ ପୂର୍ବରୁ ରାସ୍ତାରେ ବିଭିନ୍ନ ପାର୍ଶ୍ୱରେ ଅନେକ ଚାଖୁଣ୍ଡା, ରାଧାଚୂଡ଼ା, କୃଷ୍ଣଚୂଡ଼ା, କଦମ୍ବ, ନିମ୍ବ, ବଉଳ, ନଡ଼ିଆ, ଛାଉଁ, ବରଗଛ ପରି ଅନେକ ଗଛ ଦେଖିବାକୁ ମିଳୁଥିଲା। ହେଲେ ଏବେ ଏହି ସବୁ ଗଛ ଗୁଡ଼ିକୁ କେଉଁଠି ସୌନ୍ଦର୍ଯ୍ୟ ପାଇଁ ଗଛକୁ ବଳି ପକାଯାଉଛି ତ ଆଉ କେଉଁଠି ଗଛ ଟିକିଏ ପବନ ହେଲେ ଭାଙ୍ଗି ରାସ୍ତାରେ ଶୋଇ ପଡୁଛି। ପୂର୍ବରୁ ମଧ୍ୟ ସୈନ୍ଦର୍ଯ୍ୟ କରଣ ନାମ ରେ ସହରର ବିଭିନ୍ନ ସ୍ଥାନରେ ଗଛ ଗୁଡ଼ିକୁ କାଟି ସଫା କରାଯାଉଛି। ପୂର୍ବରୁ ଯେଉଁ ସ୍ଥାନ ଗଛଲତାରେ ଭର୍ତ୍ତି ହୋଇଥିଲା ଏବେ ସେହି ସ୍ଥାନରେ ଗୋଟେ ଦୂବ ଗଛ ବି ଦେଖିବାକୁ ମିଳୁନାହିଁ। ଏହାର ଜ୍ୱଳନ୍ତ ଉହାଦରଣ ହେଉଛି ତିନି ଚାରି ମାସ ତଳେ ସାଲିଆ ସାହି ଭିତରେ ୯୦୦ ମିଟର ରାସ୍ତା ନିର୍ମାଣ କରିବାକୁ ଯାଇ ପାଖାପାଖି ୩୦୦ରୁ ଅଧିକ ଗଛ କଟାଯାଇଥିଲା। ଏଥିସହିତ ଜୟଦେବ ବିହାର ନନ୍ଦନକାନନ ମଧ୍ୟରେ ଭୀଡ଼ କମାଇବା ପାଇଁ ମଧ୍ୟ ଏଇ କିଛି ଦିନ ଭିତରେ ଏକାମ୍ର କାନନ ପାର୍ଶ୍ୱରୁ ୨୦୦ ଫୁଟ ରାସ୍ତା ପାଇଁ ଗୋଲେଇ ଛକ ପାଇଁ ୯୦ରୁ ଅଧିକ ଗଛକୁ କାଟି ପଦା କରିଦେଲେ। ଏଥିସହିତ ପୂର୍ବରୁ ମଧ୍ୟ ବିଧାୟକମାନେ ରହିବେ ବୋଲି ଅନେକ ଗଛକୁ କାଟି ପଦା କରିବା ସହିତ ସେଠାରେ ଗଛ ବଦଳରେ କ୍ୱାଟର୍ସ ଠିଆ କରାଯାଇଛି। ଫଳରେ ଏବେ ଯେଉଁ ଟାଣ ଖରା ହଉଛି ଲୋକେ ଗଛକୁ ଖୋଜିବା ସହ କାଳ ବୈଶାଖୀ ହବା ଦ୍ୱାରା ଗଛ ଦୁଲୁକାଏ ପବନ ମଧ୍ୟ ସହ୍ୟ ନକରି ମାଟିରେ ଶୋଇ ପଡୁଛି। ଯାହାଦ୍ୱାରା ରାଜଧାନୀରେ ଆଉ ଯେତିକି ଗଛ ରହିଛି ସେସବୁ ଏବେ ଅସୁରକ୍ଷିତ ଅବସ୍ଥାରେ ରହିଛି କହିଲେ ଚଳେ।



ଦ୍ରୁତ ସହରୀକରଣ ଏବଂ ଭିତ୍ତିଭୂମି ବିକାଶ,

## ସୌନ୍ଦର୍ଯ୍ୟ ପାଇଁ ଅବା ପ୍ରାକୃତିକ କାରଣ ପାଇଁ ବଳି ପଡୁଛି ଗଛ

ରାସ୍ତା ପ୍ରଶସ୍ତୀକରଣ, ନିର୍ମାଣ ପ୍ରକଳ୍ପ ଏବଂ ଆବାସିକ ଅଞ୍ଚଳର ପ୍ରସାରଣ, କୋଠାଘର, ଫ୍ଲାଏଓଭର୍ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ନିମନ୍ତେ ସ୍ଥାନ ଅଧିଗ୍ରହଣ କରିବା ପାଇଁ ଗତ କିଛି ବର୍ଷ ମଧ୍ୟରେ ସୌନ୍ଦର୍ଯ୍ୟ ପାଇଁ ହଉ ଅବା ପ୍ରାକୃତିକ କାରଣକୁ ନେଇ ଗଛ ବଳି ପଡ଼ିବା ଏକ ଗୁରୁତର ପରିବେଶଗତ ଚିନ୍ତାର ବିଷୟ ପାଲଟିଛି। ଏଥିସହିତ ଏବେ ନୂତନ ଭାବେ ଲଗାଯାଉଥିବା ଚାରା ଠିକ୍ ରୂପେ ବଢ଼ିବା ନିମନ୍ତେ ଗଭୀର ଗାତ ଖୋଳା ଯିବା କଥା ଯାହା କରାଯାଉନାହିଁ। ଫଳରେ ଗଛର ମୂଳ ତଥା ଚେର ତନ୍ତ୍ର ଦୁର୍ବଳ ରହିବା ସହ ୬୦ ରୁ ୭୦ ବେଗର ପବନକୁ ସହ୍ୟ କରିପାରୁନାହିଁ। କିଛି ଅଞ୍ଚଳରେ, ମୃତ୍ତିକା ଅବକ୍ଷୟ ଏବଂ ଭୂତଳ ଜଳ ସ୍ତର ହ୍ରାସ ମୂଳର ସ୍ଥିରତାକୁ ଦୁର୍ବଳ କରିଦଉଛି। କାଠ ଏବଂ ଇନ୍ଧନ ପାଇଁ ବେଆଇନ ଗଛ କାଟିବା ସମସ୍ୟାକୁ ଆହୁରି ବୃଦ୍ଧି କରୁଛି। ଗଛ ଉପୁଡ଼ିବା ଦ୍ୱାରା ସବୁଜିମା ହ୍ରାସ, ତାପମାତ୍ରା ବୃଦ୍ଧି ଏବଂ ପରିବେଶଗତ ଅସନ୍ତୁଳନ ସୃଷ୍ଟି ହଉଛି। ତେଣୁ ସହରର ସବୁଜ ଆବରଣକୁ ସୁରକ୍ଷା ଦେବା ପାଇଁ ଉପଯୁକ୍ତ ସହରାଞ୍ଚଳ ଯୋଜନା ଏବଂ ବୃହତ ଧରଣର ବୃକ୍ଷରୋପଣ ଅଭିଯାନର ଆବଶ୍ୟକତା ରହିଛି। ଏଥିସହ ଗଛକୁ ନକାଟିବା ପାଇଁ ସରାକାର ସ୍ତରରୁ ନେଇ ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ଏ ଦିଗରେ ସଚେତନତା ହବା ଜରୁରୀ ରହିଛି ବୋଲି ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି।

● ଠାକୁରଗଡ଼ରେ ରଥଯାତ୍ରା ପ୍ରସ୍ତୁତି

## ପୂଜାର୍ଚ୍ଚନା ସହ ଅନୁକୂଳ ହେଲା ରଥକାଠ

**କିଶୋରନଗର,୨୬।୫(ସମିସ):** ଆଠମଲ୍ଲିକ ବ୍ଲକ୍ ଠାକୁରଗଡ଼ଠାରେ ଅନୁଷ୍ଠିତ ହେବାକୁ ଥିବା ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ରଥକାଠ ଅନୁକୂଳ କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି । ଶନିବାର ସ୍ଥାନୀୟ ଅଞ୍ଚଳରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଏହି ଶୁଭ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସୂଚନା ଅନୁସାରେ, ରଥ ନିର୍ମାଣ ପାଇଁ ସ୍ଥାନୀୟ ପଞ୍ଚାୟତ ଅନ୍ତର୍ଗତ ରାଣୀବନ୍ଧ ଜଙ୍ଗଲରୁ ଦୁଇଟି ଶାଳ ଗଛ ଚିହ୍ନଟ କରାଯାଇଥିଲା । ପରେ ବନଦେବତା ଓ ଶ୍ରୀଜିଉଙ୍କୁ ସ୍ମରଣ କରି ପୂଜାର୍ଚ୍ଚନା କରାଯାଇଥିଲା । ମୁଖ୍ୟ ପୂଜକ ବିଶ୍ୱଜିତ ମିଶ୍ର ଶାସ୍ତ୍ରୀୟ ନୀତିନିୟମ ଅନୁସାରେ ପୂଜାକାର୍ଯ୍ୟ ସମ୍ପନ୍ନ କରିବା ପରେ ଉକ୍ତ ଦୁଇଟି ଗଛ କଟାଯାଇ ରଥଖଳାକୁ ଆଣିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ଏହି ଆଧ୍ୟାତ୍ମିକ ଅନୁକୂଳ କାର୍ଯ୍ୟକ୍ରମରେ ରାଣୀବନ୍ଧ ଗ୍ରାମର ସଭାପତି ଅଜିତ କୁମାର ମିଶ୍ର ମୁଖ୍ୟ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଠାକୁରଗଡ଼ ଗ୍ରାମର ବସନ୍ତ ସାହୁ, ଦୁଷ୍ମନ୍ତ କୁମାର ପ୍ରଧାନ, ସନ୍ତୋଷ ସାହୁ, ଶତ୍ରୁଘ୍ନ ସାହୁ, ଲିଟୁ ରାଉତ, ଧନଞ୍ଜୟ ନାୟକଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଓ ସଂଖ୍ୟାଧିକ ଗ୍ରାମବାସୀ ଉପସ୍ଥିତ ରହି ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ । ରଥକାଠ ଅନୁକୂଳ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଆସନ୍ତା ରଥଯାତ୍ରାକୁ ନେଇ ଉତ୍ସାହର ମାହୋଲ ଦେଖିବାକୁ ମିଳିଥିଲା ।



## ସାତକୋଶିଆରେ ୧୧ ଛୁଆ ଫୁଟାଇଲା ଘଡ଼ିଆଳ

**ଅନୁଗୋଳ,୨୬।୫(ସମିସ):** ଦୀର୍ଘ ବର୍ଷର ବ୍ୟବଧାନ ପରେ ମହାନଦୀର ସାତକୋଶିଆ ଗଣ୍ଡରୁ ଏକ ଶୁଭ ସୂଚନା ଆସିଛି । ବାହାରୁ ଅତିଥି ଭାବେ ଆସିଥିବା ଏକ ନୂତନ ଘଡ଼ିଆଳ କୁମ୍ଭୀର ଯୋଡ଼ିଙ୍କ ମିଳନରୁ ସୃଷ୍ଟ ଅଣ୍ଡାରୁ ୧୧ ଘଡ଼ିଆଳ ଶାବକ ବାହାରିଛନ୍ତି । ଗତ ମାର୍ଚ୍ଚ ମାସରେ ବଳଦମଡ଼ା ବସାରେ ଅଣ୍ଡାଦାନ କରିଥିବା ମାଈ ଘଡ଼ିଆଳଟି ଗତକାଲି ଅଣ୍ଡା ଫୁଟାଇ ଏହି ଉପହାର ଦେଇଛି । ବର୍ତ୍ତମାନ ଏହି ଶାବକ ମହାନଦୀ ଜଳରେ ଖେଳୁଥିବା ଦେଖାଯାଇଛି । ସୂଚନାଯୋଗ୍ୟ ଯେ, ବଂଶବୃଦ୍ଧି ପାଇଁ ୨୦୨୧ରେ ନନ୍ଦନକାନନରୁ ଏକ ମାଈ ଏବଂ ୨୦୨୨ରେ ରାଜସ୍ଥାନର ଜୟପୁରରୁ ଏକ ଅଣ୍ଡିରା ଘଡ଼ିଆଳ ସାତକୋଶିଆ ଅଣାଯାଇଥିଲା । ପୁରୁଣା ଅଣ୍ଡିରା ଘଡ଼ିଆଳଟି ଆହତ ହୋଇ ଚିକିତ୍ସିତ ହେଉଥିବା ବେଳେ ଏହି ନୂଆ ଯୋଡ଼ି ସୁନାଖଣିଆଠାରେ ଏକାଠି ହୋଇଥିଲେ । ସୁରକ୍ଷା ଦୃଷ୍ଟିରୁ ବନବିଭାଗ ପକ୍ଷରୁ ସେଠାରେ ବୋଟ୍ ଚଳାଚଳ ବନ୍ଦ କରାଯିବା ସହ ୨୪ ଘଣ୍ଟିଆ ସିସିଟିଭି ମନିଟରିଂ ଓ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା । ପ୍ରଥମ ଥର ପାଇଁ ବାହାରୁ ଆସିଥିବା ଘଡ଼ିଆଳଙ୍କ ସଫଳ ବଂଶବୃଦ୍ଧି ସାତକୋଶିଆ ପାଇଁ ଏକ ଶୁଭ ସଙ୍କେତ ବୋଲି ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଗଦାଧର ପାତ୍ର ପ୍ରକାଶ କରିଛନ୍ତି ।



## ସମସ୍ୟା ସମାଧାନ ଦାବିରେ ୩ ପଞ୍ଚାୟତବାସୀଙ୍କ ଧାରଣା



**ବଅଁରପାଲ,୨୬।୫(ସମିସ):** ବଅଁରପାଳ ବ୍ଲକର କୁକୁଡ଼ାଙ୍ଗ, କାଣ୍ଡସର ଓ କୁଲାଡ଼ ପଞ୍ଚାୟତର ଅଧିବାସୀମାନେ ବିଭିନ୍ନ ସମସ୍ୟା ନେଇ ବଅଁରପାଳ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ପାନୀୟ ଜଳ, ରାସ୍ତା, ଆଲୋକ ବ୍ୟବସ୍ଥା ଓ ଅନ୍ୟାନ୍ୟ ମୌଳିକ ସୁବିଧା ସମସ୍ୟାର ସମାଧାନ ଦାବିରେ ଶତାଧିକ ଗ୍ରାମବାସୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ । ଧାରଣା ପରେ ପ୍ରତିନିଧି ମଣ୍ଡଳୀ ବ୍ଲକ ବିକାଶ ଅଧିକାରୀ (ବିଡିଓ)ଙ୍କୁ ଏକ ଦାବିପତ୍ର ପ୍ରଦାନ କରି ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ କରିବାକୁ ଦାବି ଜଣାଇଥିଲେ । ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି ।

## ଇଗ୍ନୁର ଜୁଲାଇ ଅଧିବେଶନ ପାଇଁ ନାମାଙ୍କନ ଆରମ୍ଭ

**ଅନୁଗୋଳ,୨୬।୫(ସମିସ):** ଇଗ୍ନୁର ଡିପ୍ଲୋମା, ସ୍ନାତକ ତଥା ସ୍ନାତକୋତ୍ତର ପାଠ୍ୟକ୍ରମରେ ଜୁଲାଇ ଅଧିବେଶନରେ ପ୍ରବେଶ ପାଇଁ ନାମାଙ୍କନ ଆରମ୍ଭ ହୋଇଛି । ଏଥିପାଇଁ ଆବେଦନ କରିବାର ଶେଷ ତାରିଖ ୧୫ ଜୁଲାଇ ୨୦୨୬ ରହିଛି । ଯେଉଁ ଶିକ୍ଷାର୍ଥୀମାନେ ନିଜ ଯୋଗ୍ୟତା ବୃଦ୍ଧି କରି, ବୃତ୍ତିଗତ ଯୋଗ୍ୟତା, ଦକ୍ଷତା ତଥା ରୋଜଗାର କ୍ଷମତାକୁ ଉନ୍ନତ କରିବାକୁ ଆଗ୍ରହୀ, ସେମାନେ ଏହି ସୁବିଧାର ସଦୁପଯୋଗ କରିପାରିବେ ବୋଲି କୁହାଯାଇଛି । ଅନୁଗୋଳ କ୍ଷେତ୍ରୀୟ କେନ୍ଦ୍ର ଅଧୀନରେ ଥିବା ୧୮ଟି ଶିକ୍ଷାର୍ଥୀ ସହାୟତା କେନ୍ଦ୍ରରେ ଉପଲବ୍ଧ ବିଭିନ୍ନ ପାଠ୍ୟକ୍ରମର ସବିଶେଷ ବିବରଣୀ ପାଇଁ କ୍ଷେତ୍ରୀୟ କେନ୍ଦ୍ର ୱେବ୍‌ସାଇଟ୍ ବ୍ୟବହାର କରିବାକୁ କୁହାଯାଇଛି । ବିଭିନ୍ନ କାର୍ଯ୍ୟକ୍ରମରେ ପୁନଃ ପଞ୍ଜୀକରଣ ପାଇଁ ଶେଷ ତାରିଖ ୩୦ ଜୁନ୍ ରହିଛି ବୋଲି ଇଗ୍ନୁର ବରିଷ୍ଠ କ୍ଷେତ୍ରୀୟ ନିର୍ଦ୍ଦେଶକ ଡଃ ଅଭିଳାଷ ନାୟକ ପ୍ରକାଶ କରିଛନ୍ତି ।

ଜଙ୍ଗଲ ଗିଳିଦେଲେ ରେଞ୍ଜର

# ସରକାରୀ ଗାଡ଼ିରେ ଶାଗୁଆନ କାଠ ଚାଲାଣ

**ଅନୁଗୋଳ,୨୬।୫(ସମିସ):**

ସାତକୋଶିଆ ଅଭୟାରଣ୍ୟର ବ୍ରିଟିଶ ଅମଳର ଶାଗୁଆନ ପ୍ଲାଣ୍ଟେସନର ବଡ଼ ବଡ଼ ଶାଗୁଆନ ଗଛ ଉପରେ ଖୋଦ୍ ବନ ବିଭାଗର ଖରାପ ନଜର ପଡ଼ିଛି । ଏହି ମୂଲ୍ୟବାନ ବଡ଼ ବଡ଼ ଶାଗୁଆନ ଗଛକୁ ବେଆଇନ ଭାବେ କଟାଯାଇ ବିଭିନ୍ନ ସମୟରେ ବନ ବିଭାଗ ଅଧିକାରୀ ସୌଖିନ ଫର୍ଣ୍ଣିଚର୍ ତିଆରି କରି ନେଉଛନ୍ତି । ଏପରିକି ବନଖଣ୍ଡରେ ଯୋଗ ଦେବା ସମୟରେ ଖାଲି ଆସିଥିବା ଅଫିସରମାନେ ଗଲାବେଳେ ଟ୍ରିପ୍ ଟ୍ରିପ୍ ଶାଗୁଆନ କାଠର ଫର୍ଣ୍ଣିଚର ନେଇ ଯାଇଥିବା ଅଭିଯୋଗ ରହିଛି । ରାଇଗୋଡ଼ା, ଟୁଲୁକା ଏବଂ ପୁରୁଣାକୋଟ ଅଞ୍ଚଳରୁ ଶହ ଶହ ବର୍ଷର ଶାଗୁଆନ ଗଛ କଟାଯାଇ ଗଣ୍ଡିରୁ ଫର୍ଣ୍ଣିଚର୍ ତିଆରି ହୋଇଛି । ଏହି ସବୁ ବେଆଇନ କାର୍ଯ୍ୟରେ ତଳସ୍ତରର କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ସରକାରୀ ଅଧିକାରୀ ଓ ବାବୁମାନେ ସାତକୋଶିଆର ମୂଲ୍ୟବାନ ଶାଗୁଆନ କାଠକୁ ପର୍ଯ୍ୟାୟକ୍ରମେ ନିଜ ବ୍ୟବହାର ପାଇଁ ଧ୍ୱଂସ କରିଛନ୍ତି । ଗତବର୍ଷ ତତ୍କାଳୀନ ଡିଏଫ୍‌ଓ ବଦଳି ପରେ ୫ ଟି ଆଇଚର୍ ଗାଡ଼ିରେ ଶାଗୁଆନ କାଠର ଫର୍ଣ୍ଣିଚର୍ ନେଇଥିଲେ । ଅଫିସରମାନଙ୍କର ଶାଗୁଆନ କାଠର ଲୋଭ ଏବଂ ବେଆଇନ କାରବାରରେ ତଳତଳିଆ କର୍ମଚାରୀମାନେ ମଧ୍ୟ ସମୟ ସୁବିଧା ଦେଖି ଟ୍ରିପ୍ ଟ୍ରିପ୍ କାଠ ନେଇଥିବା ଏବଂ ଚୋରା କାରବାର କରି ମୁନାଫା ଉଠାଇଥିବାର ଖବର ରହିଛି । ସାତକୋଶିଆରେ ଶାଗୁଆନ କାଠର ଚୋରା କାରବାର ସରକାରୀ କଳ ଦ୍ୱାରା ପ୍ରାୟଃ ୮ରୁ ୧୦ ବର୍ଷ ହେଲା ଚାଲିଅଛି । ସାତକୋଶିଆରେ ବାଡ଼ ଫସଲ ଖାଇବା ସଦୃଶ ସରକାରୀ କାର୍ଯ୍ୟକ୍ରମ ଚାଲିଛି ।




● ଗାଡ଼ିକୁ ଅଟକ ରଖି ଛାଡ଼ିଦେଇଛି ଜରପଡା ପୁଲିସ
● ଘଟଣାକୁ ହାଲୁକା ଭାବେ ନେଉଛି ବନ ବିଭାଗ

ସାତକୋଶିଆ ବନଖଣ୍ଡର ଜିଲିଣ୍ଡା ରେଞ୍ଜର ନିଜେ ବ୍ୟବହାର କରୁଥିବା ଓଡି ୦୫ ସିଜେ ୧୩୮୮ ନମ୍ବର ବିଶିଷ୍ଟ ଗାଡ଼ିରେ ଶାଗୁଆନ କାଠ ନେଇ ନିଜ ଘର ରେଢ଼ାଖୋଲକୁ ଯାଉଥିବା ସମୟରେ ପୁଲିସ ହାତରେ ଧରାପଡ଼ିବା ଜଣାଯାଇଅଛି । ଉକ୍ତ ଗାଡିରେ ଗଞ୍ଜେଇ ଯାଉଥିବାର ଖବର ପାଇଥିବା ଜରପଡା ପୋଲିସ୍ ଗାଡ଼ିକୁ ଅଟକାଇଥିଲା । ଗାଡ଼ିକୁ ଖାନତଲାସ କରିବା ସମୟରେ ସେଥିରେ ଫୁଲ ଶାଗୁଆନ କାଠ ଲୋଡ୍ ଥିବା ଜଣାପଡ଼ିଥିଲା । ଉକ୍ତ ଗାଡ଼ିକୁ ଜରପଡା ଥାନା ପକ୍ଷରୁ ଅଟକାଇ ଥିବାବେଳେ ପରବର୍ତ୍ତୀ ସମୟରେ ଗାଡ଼ିକୁ ଜବତ କରିବା ଏବଂ ଗାଡିରେ ବସିଥିବା ରେଞ୍ଜର ଲିଙ୍ଗରାଜ ଭୋଇଙ୍କୁ ଗିରଫ ନ କରି ଛାଡ଼ି ଦେଇଥିବା ଜଣାଯାଇଅଛି । ଚୋରା ଶାଗୁଆନ କାଠ ଚାଲାଣ ଏକ ଜାମିନ ଅଯୋଗ୍ୟ ଅପରାଧ ହୋଇଥିବା ବେଳେ ପୁଲିସ କାହିଁକି ଗାଡ଼ିକୁ ଛାଡ଼ିଦେଲା ସେ ନେଇ ପରିବେଶବିତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଅଛି । ପୁଲିସ ଆଜି ରକ୍ଷକ ହୋଇ ଭକ୍ଷକ ସାଜିଥିବା ଏବଂ ବନ ବିଭାଗ କ୍ଷେତର ବାଡ଼ ସାଜି କ୍ଷେତ ଖାଉଥିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି । ଆଗରୁ ଜରପଡ଼ା ପୁଲିସ୍ ଚୋରା କାଠ ଚାଲାଣରେ ଗାଡ଼ି ଜବତ ଓ ଗିରଫ କରିଥିବାର ନଜିର ରହିଥିବା ବେଳେ ରେଞ୍ଜର ଗାଡ଼ିକୁ କାହିଁକି ଛାଡ଼ିଦେଲା ଜନ ସାଧାରଣରେ ବିସ୍ମୟ ଓ କ୍ଷୋଭ ପ୍ରକାଶ ପାଇଛି ।

## ମହିଳା ବିଜେଡି ପକ୍ଷରୁ ନାରୀ ଅଧିକାର ଅଭିଯାନ

**ତାଳଚେର,୨୬।୫(ସମିସ):** ଓଡ଼ିଶାରେ ମା' ଭଉଣୀମାନଙ୍କ ଉପରେ ବୃଦ୍ଧି ପାଉଥିବା ନିର୍ଯାତନାକୁ ରୋକିବାରେ ଅସମର୍ଥ ଏବଂ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବିଜେପି ସରକାର ବିରୋଧରେ ମହିଳା ବିଜେଡି ପକ୍ଷରୁ "ନାରୀ ଅଧିକାର ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି ଅନୁଗୋଳ ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ତାଳଚେରର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ନେତୃତ୍ୱରେ ବିଜୁ ମହିଳା ଜନତା ଦଳ ତାଳଚେର ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ବିଶାଳ ଶୋଭାଯାତ୍ରା ତାଳଚେର ସହର ପରିକ୍ରମା କରିଥିଲା । ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ତାଳଚେର ଉପ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ବବିତା ପ୍ରଧାନ, ପାଲଲହଡ଼ା ବ୍ଲକ୍ ଅଧ୍ୟକ୍ଷା ରୀନାରାଣୀ ନାଏକ, ତାଳଚେର ବ୍ଲକ୍ ଅଧ୍ୟକ୍ଷା ହେମଲତା ମହାନ୍ତିଙ୍କ ସମେତ ସମସ୍ତ ମହିଳା ଜନପ୍ରତିନିଧି, ଦଳୀୟ ପଦାଧିକାରୀ ଏବଂ ଶତାଧିକ ମା' ଓ ଭଉଣୀମାନେ ଏହି ବିଶାଳ ପ୍ରତିବାଦ ସଭାରେ ସାମିଲ ହୋଇ ନିଜର ହକ୍ ପାଇଁ ସ୍ୱର ଉତ୍ତୋଳନ କରିଥିଲେ । ମା'ମାନଙ୍କର ସୁରକ୍ଷା ଓ ଅଧିକାର ଲଢ଼େଇରେ ବିଜୁ ଜନତା ଦଳ ସଦାସର୍ବଦା ଆଗରେ ରହିଛି ଓ ରହିବ ବୋଲି ବିଧାୟକ ଶ୍ରୀ ପ୍ରଧାନ କହିଥିଲେ ।



## ବିବାହ ପ୍ରତିଶ୍ରୁତି ଦେଇ ବିଧବାଙ୍କୁ ପ୍ରତାରଣା

**ବଅଁରପାଳ,୨୬।୫(ସମିସ):** ବଅଁରପାଳ ବ୍ଲକ୍ ତୁଳସୀପାଳ ପଞ୍ଚାୟତର ଜଣେ ବିଧବା ମହିଳାଙ୍କୁ ପ୍ରତାରଣା କରିବା ଓ ଜୀବନରେ ମାରିଦେବାକୁ ଧମକ ଦେବା ନେଇ ଥାନାରେ ଅଭିଯୋଗ ହୋଇଛି । ବଅଁରପାଳ ଥାନା ଲଙ୍ଗୁଳିଆବେଡ଼ା ଗ୍ରାମର ଜଣେ ବିଧବା ମହିଳା ୨୧ ଙ୍କୁ ବାଦିବାହାଳ ଗ୍ରାମର ଅରବିନ୍ଦ ବେହେରା ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ । ମହିଳା ଜଣଙ୍କ ଅରବିନ୍ଦକୁ ବିବାହ କରିବା ପାଇଁ କହିଥିଲେ । କିନ୍ତୁ ଅଭିଯୁକ୍ତ ଧରାଛୁଆଁ ନ ଦେବାରୁ ମହିଳା ଜଣଙ୍କ ଅରବିନ୍ଦଙ୍କ ଘରକୁ ଯାଇ ବିବାହ କରିବା ପାଇଁ ଅନୁରୋଧ କରିଥିଲେ । ଅରବିନ୍ଦଙ୍କ ବାପା ଜମ୍ବେଶ୍ୱର, ମାଆ ମୀନତି ଓ ଭାଇ ଦାମୋଦର ବେହେରା ଉକ୍ତ ମହିଳାଙ୍କୁ ଗାଳି ଗୁଲଜ କରିଥିଲେ । ଏଥି ସହ ଜମ୍ବେଶ୍ୱର ଓ ତାଙ୍କ ଘର ଲୋକ ଅରବିନ୍ଦକୁ ଲୁଚାଇ ରଖି ବିଧବା ମହିଳାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଅରବିନ୍ଦ ମହିଳାଙ୍କ ସୁନା ଅଳଙ୍କାର ନେଇ ପଳାଇଥିବା ଅଭିଯୋଗ ହୋଇଛି । ମହିଳା ଜଣଙ୍କର ୧ ବର୍ଷର ପୁଅଟିଏ ଥିବା ବେଳେ ଉକ୍ତ ମହିଳା ଜଣଙ୍କ ଦେଢ଼ମାସ ର ଗର୍ଭବତୀ ଥିବା ଅଭିଯୋଗ ରେ ଉଲ୍ଲେଖ କରିଛନ୍ତି । ବଅଁରପାଳ ଥାନାରେ ଏକ ଲିଖିତ ଅଭିଯୋଗ ପରେ ପୁଲିସ କେଶ ନଂ - ୩୦୯/୨୬ ମାମଲା ରୁଜୁ କରି ଏସ୍‌ଆଇ କାମାକ୍ଷା ପ୍ରସାଦ ନାୟକ ଘଟଣାର ତଦନ୍ତ କରୁଛନ୍ତି ।



## ୧୦୯ ର୍ୟାଙ୍କ ସହିତ ଓଏଏସ୍ ପାଇଲେ ଅଙ୍କିତ

**ପାଲଲହଡ଼ା,୨୬।୫(ସମିସ):** ସଦ୍ୟ ପ୍ରକାଶିତ ଓଏଏସ୍ ପରୀକ୍ଷା ଫଳରେ ପାଲଲହଡ଼ା ସଦରମହକୁମା ଉଦିତନଗରର ଅଙ୍କିତ ଅନୁପମ ସାମଲ ୧୦୯ ରାଙ୍କିଙ୍ଗରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ୧୯୯୮ ମସିହାରେ ଜନ୍ମିତ ଅଙ୍କିତ ପାଲଲହଡା ସଦରର ପୂର୍ବତନ ରାଜସ୍ୱ ନିରୀକ୍ଷକ ଦିବାକର ସାମଲଙ୍କ ନାତି ତଥା କିଶୋର ସାମଲ ଓ ସବିତା ସାମଲଙ୍କ ପୁଅ । ପାଲଲହଡ଼ା ଶିଶୁ ମନ୍ଦିରରେ ନିଜର ପାଠ ଆରମ୍ଭ କରିଥିବାବେଳେ ନବୋଦୟ ବିଦ୍ୟାଳୟ ଅନଗୁଳ ଏବଂ ବିଜେବି କଲେଜରେ ନିଜର ପାଠ୍ୟକ୍ରମ ସାରିଥିଲେ । ପରେ ବୁର୍ଲା ୟୁନିଭରସିଟିରୁ ନିଜର ସ୍ନାତକୋତ୍ତର ପାଠ୍ୟକ୍ରମ ଶେଷକରି କୋଷାଗାର ବିଭାଗୀୟ ସହକାରୀ ପଦରେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ । କିଛି ଦିନ ପୂର୍ବରୁ ଅନଗୋଳ ଜିଲ୍ଲା ଶିଳ୍ପ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । ଛାତ୍ର ଜୀବନରୁ ସେ ଅତ୍ୟନ୍ତ ମେଳାପି ଓ ଶାନ୍ତ ସ୍ୱଭାବର ଥିଲେ । ନିଜ ବାପା ମାଆ ଓ ପରିବାର ବର୍ଗ ତଥା ଶୀକ୍ଷକ ଶିକ୍ଷୟିତ୍ରୀଙ୍କ ଆଶୀର୍ବାଦରୁ ଏହି ସଫଳତା ପାଇଥିବା ପ୍ରକାଶ କରିଛନ୍ତି ।



## ବିଜେଡି ପକ୍ଷରୁ ଉପଜିଲ୍ଲାପାଳଙ୍କୁ ୫ ଦଫା ଦାବିପତ୍ର

**ପାଲଲହଡ଼ା,୨୬।୫(ସମିସ):** ପାଲଲହଡା ଉପଖଣ୍ଡର ଉପାନ୍ତ ଅଞ୍ଚଳ ନଗିରା, ବରଡିହ, ବନ୍ଧାଭୂଇଁ, ପେଚାମୁଣ୍ଡି ଓ ସଇଡ଼ା ପଞ୍ଚାୟତର ଜନସାଧାରଣ ବିଭିନ୍ନ ସମସ୍ୟାରେ ଘାଣ୍ଟି ହେଉଥିବା ବେଳେ ପ୍ରଶାସନ ନିଘୋଡ଼ ନିଦରେ ଶୋଇଛି । ସରକାର ଏହି ଅଞ୍ଚଳ ପ୍ରତି ବୈମାତୃକ ମନୋଭାବ ପୋଷଣ କରି ବାରମ୍ବାର ଅବହେଳା କରିଚାଲିଥିବା ଅଭିଯୋଗ କରିଛି ପାଲଲହଡ଼ା ବିଜେଡି । ଅଭିଯୋଗ ମୁତାବକ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ପାଇଁ ପୂର୍ବ ସରକାର ଅମଳରେ ଦିଆଯାଇଥିବା ୧୦୮ ଆମ୍ବୁଲାନ୍ସ ସେବା ପୁନଃ ଚାଲୁ କରିବା, ପିବିଡିଏରେ କାର୍ଯ୍ୟ କରୁଥିବା ଓ ପେ ଲିପିକୁ ଉଠାଇନେବା, ଚାଷୀଙ୍କ ସୁବିଧା ଅନୁସାରେ ଧାନ ମଣ୍ଡିର ସ୍ଥାନାନ୍ତରଣ କରିବା, ଲକ୍ଷ୍ମୀ ବସ ସେବା ଚାଲୁ କରିବା ତଥା ଉପାନ୍ତ ଅଞ୍ଚଳରେ ଥିବା ଏକମାତ୍ର ସ୍ୱାସ୍ଥ୍ୟ କେନ୍ଦ୍ର କୁ ବେସରକାରୀ ସଂସ୍ଥା କୁ ହସ୍ତାନ୍ତର ନକରିବା ଆଦି ୫ ଦଫା ଦାବି ସମ୍ବଳିତ ପତ୍ର ବ୍ଲକ ବିଜେଡି ପକ୍ଷରୁ ମଙ୍ଗଳବାର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ତୁରନ୍ତ ସମସ୍ୟାର ସମାଧାନ କରାନଗଲେ ବିଜୁ ଜନତା ଦଳ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦିଆଯାଇଛି । ବ୍ଲକ ସଭାପତି ରଞ୍ଜିତ ବିଶ୍ୱାଳ ଙ୍କ ନେତୃତ୍ୱରେ ଜିଲ୍ଲା ସମ୍ପାଦକ ନରେନ୍ଦ୍ର କୁମାର ଭୁକ୍ତା, ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକ, ବନ୍ଧାଭୂଇଁ ପଞ୍ଚାୟତ ସରପଞ୍ଚ ଲିକି ପ୍ରଧାନ, ରଞ୍ଜନ ପ୍ରଧାନଙ୍କ ସମେତ ଗ୍ରାମବାସୀ ମାନେ ଏହି ଦାବିପତ୍ର ପ୍ରଦାନ କରିଥିଲେ ।



## ତାଳଚେର ମେଡିକାଲ କଲେଜ: ହଟୁନି ଦ୍ୱନ୍ଦ୍ୱ, ମିଳୁନି ସେବା



**ତାଳଚେର,୨୬।୫(ସମିସ):** ମେଡିକାଲ କଲେଜ୍କୁ ସରକାର ଚଳାଇବା ସମସ୍ତ ଖର୍ଚ୍ଚ ଏମ୍‌ସିଏଲ୍ ବହନ କରିବା ନେଇ ଦୀର୍ଘ ବର୍ଷରୁ ଘୋଷଣା ସରିଛି । କିନ୍ତୁ ମେଡିକାଲ କଲେଜରେ ରୋଗୀସେବା ଆରମ୍ଭ ହୋଇପାରୁନି । ସରକାର ଓ ଏମ୍‌ସିଏଲ ମଧ୍ୟରେ ତାଳମେଳ ଅଭାବ ହେତୁ ଦିନ ପରେ ଦିନ ଗଡ଼ି ଚାଲିଥିବାବେଳେ ଏହାକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି । ଅକ୍ଟୋବରରୁ ମେଡିକାଲ କଲେଜ ଚାଲିବ ବୋଲି କୁହାଯାଉଥିବା ବେଳେ ଏହାକୁ ବିଶ୍ୱାସ କରିପାରୁ ନାହାନ୍ତି ତାଳଚେରବାସୀ । ତାଳଚେର, ଅନୁଗୋଳ, ଢେଙ୍କାନାଳ, ଦେବଗଡ଼, କେନ୍ଦୁଝର ଓ ଏହାର ଆଖପାଖ ଅଞ୍ଚଳକୁ ମେଡିକାଲ ଶିକ୍ଷା ଓ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ମେଡିକାଲ ସାଇନ୍ସ ଆଣ୍ଡ ରସର୍ଚ୍ଚ (ମିମସାର)ର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା । ଏହି ମେଡିକାଲ କଲେଜ ୨୦୧୯ ରେ ଆରମ୍ଭ ହୋଇ ମେଡିକାଲ କଲେଜର ନୂତନ କୋଠା ନିର୍ମିତ ହୋଇଥିଲା । କିନ୍ତୁ ଏହା ଚଳାଇବାରେ ସରକାର ଓ ଏମ୍‌ସିଏଲ୍ ମଧ୍ୟରେ ସହମତି ହୋଇପାରି ନ ଥିଲା । ତେଣୁ ଉଦ୍‌ଘାଟନ ପରଠାରୁ ଏହା ଭୂତକୋଠି ହୋଇ ପଡ଼ିରହିଛି । ରାଜ୍ୟ ସରକାର ଏହାର ପରିଚାଳନା ଭାର ନେବାକୁ ରାଜି ହୋଇ ନଥିବାରୁ ଏମ୍‌ସିଏଲ୍ ଏହାର ଟେଣ୍ଡର ପ୍ରକ୍ରିୟା ହୋଇଥିଲା । କିନ୍ତୁ ବିଭିନ୍ନ କାଣରୁ ଏହା ଚୂଡ଼ାନ୍ତ ରୂପ ନେଇ ପାରିନଥିଲା । ତେବେ ତାଳଚେରବାସୀ ଚାହାନ୍ତି କି ମେଡିକାଲ କଲେଜ ସରକାର ଚଳାନ୍ତୁ ବୋଲି ଦାବି କରିଆସୁଛନ୍ତି । ଗତବର୍ଷ ଏପ୍ରିଲ ୨୧ ତାରିଖରେ ଏଥିନେଇ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ । ସରକାର ମେଡିକାଲ କଲେଜ ଚଳାଇବାକୁ ଏମ୍‌ସିଏଲ୍‌କୁ ଅନୁରୋଧ କରିଥିଲେ । ମେଡିକାଲ କଲେଜର ସମସ୍ତ ଖର୍ଚ୍ଚ ଏମ୍‌ସିଏଲ୍ ବହନ କଲେ ରାଜ୍ୟ ସରକାର ଚଳାଇବାକୁ ରାଜି ହୋଇଥିଲେ । ରାଜ୍ୟ ସରକାର ପ୍ରସ୍ତାବରେ ଏମ୍‌ସିଏଲ୍ ରାଜି ହୋଇଥିଲା । ତେଣୁ ମେଡିକାଲ କଲେଜ ଖୋଲିବା ନେଇ ବାଟ ଫିଟିଥିବା କୁହାଯାଉଥିଲା । ଏହାପରେ କିନ୍ତୁ ସରକାର ଓ ଏମ୍‌ସିଏଲ୍ ମଧ୍ୟରେ ସମନ୍ୱୟ ଅଭାବରୁ ଏହା ଖୋଲିପାରି ନାହିଁ । ରୋଗୀସେବା ଆରମ୍ଭ ନେଇ ଏକାଧିକ ବୈଠକ ବସିଛି, କିନ୍ତୁ ଫଳଶୂନ । ବିଭିନ୍ନ କମିଟି ଗଠନ କରାଯାଇଥିଲେ ବି ତାହା କାର୍ଯ୍ୟକାରୀ ହୋଇନାହିଁ । ଏହା କେବେ କାର୍ଯ୍ୟକାରୀ ହେଉଛି ଓ ସାଧାରଣ ଜନତା ଏଥିରୁ କେତେ ଉପକୃତ ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି ଅଞ୍ଚଳବାସୀ କହିଛନ୍ତି ।

## ପଣ୍ଡିତ ସୁରେଶ ଚନ୍ଦ୍ର ନାୟକଙ୍କୁ 'ଦୈବଜ୍ଞ ଗୌରବ' ସମ୍ମାନ

**କିଶୋରନଗର,୨୬।୫(ସମିସ):** ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ରାଜ୍ୟ ଶାକଦ୍ୱୀପୀ ଦୈବଜ୍ଞ ବ୍ରାହ୍ମଣ ମହାସଂଘ, ଓଡ଼ିଶାର ବାର୍ଷିକ ଉତ୍ସବ-୨୦୨୬ ଅବସରରେ ଏକ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଠମଲ୍ଲିକ ଅଞ୍ଚଳର ବିଶିଷ୍ଟ ପଣ୍ଡିତ ସୁରେଶ ଚନ୍ଦ୍ର ନାୟକଙ୍କୁ ତାଙ୍କର ସମାଜ ମଙ୍ଗଳ, ସାଂଗଠନିକ ସୁସମ୍ପର୍କ ଏବଂ ସମାଜକୁ ଆଗେଇ ନେବାରେ ଥିବା ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ସମ୍ମାନଜନକ "ଦୈବଜ୍ଞ ଗୌରବ' ସମ୍ମାନରେ ସମ୍ମାନିତ କରାଯାଇଛି । ଏହି ସାରସ୍ୱତ ସମାରୋହରେ ମହାସଂଘର ରାଜ୍ୟ ସଭାପତି ପଣ୍ଡିତ ଗୋପାଳ ଚନ୍ଦ୍ର ଦାଶ ଏବଂ ସମ୍ପାଦକ ପଣ୍ଡିତ ରମାକାନ୍ତ ମହାପାତ୍ରଙ୍କ ସମେତ ସଂଘର ବହୁ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ରହି ପଣ୍ଡିତ ଶ୍ରୀ ନାୟକଙ୍କୁ ଏହି ସମ୍ମାନପତ୍ର ଓ ମାନପତ୍ର ଅର୍ପଣ କରିଥିଲେ । ଏହି ବାର୍ଷିକ ଉତ୍ସବରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଭାତ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟର କୁଳପତି ଓ ରାଜ୍ୟର ବହୁ ବିଜ୍ଞ ବ୍ରାହ୍ମଣ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଗୌରବ ବଢ଼ାଇଥିଲେ । ପଣ୍ଡିତ ଶ୍ରୀ ନାୟକ ନିଜ ଅଞ୍ଚଳରେ ଜଣେ ସ୍ୱତନ୍ତ୍ର ଏବଂ ପରୋପକାରୀ ବ୍ୟକ୍ତିତ୍ୱ ଭାବେ ବେଶ୍ ପରିଚିତ । ସେ ସମାଜ ସେବାକୁ ନିଜର ବ୍ରତ କରି ସୁଦୀର୍ଘ ଓ ନିରାମୟ ଜୀବନ ଅତିବାହିତ କରନ୍ତୁ ବୋଲି ପ୍ରଭୁ ଭଗବାନ ବିରଞ୍ଚି ନାରାୟଣଙ୍କ ନିକଟରେ ସଂଘ ପକ୍ଷରୁ ପ୍ରାର୍ଥନା କରାଯାଇଛି । ଏହି ସମ୍ମାନ ମିଳିବା ପରେ ସମଗ୍ର ଆଠମଲ୍ଲିକ ଅଞ୍ଚଳରେ ଏବେ ଖୁସିର ଲହରୀ ଖେଳିଯାଇଛି ।



ଜିଲ୍ଲା ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ଦାବି

# ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜନଜୀବନ ସୁରକ୍ଷା କମିଟିର ସ୍ମାରକପତ୍ର

**ଅନୁଗୋଳ,୨୬।୫(ସମିସ):**

ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲ୍ଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ସମାଧାନ ଦାବିରେ ଆଜି ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟିର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମଦନମୋହନ ପ୍ରଧାନଙ୍କୁ ସାକ୍ଷାତ କରି ୭ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିବା ସହିତ ସମସ୍ୟା ସମାଧାନ ସମ୍ପର୍କରେ ବିଷଦ ଆଲୋଚନା କରିଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସୁପର ସ୍ପେସିଆଲିଟି ହସ୍ପିଟାଲରେ ପରିଣତ କରି ମେଡିକାଲ କଲେଜକୁ ରୂପାନ୍ତରିତ କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଟ୍ରମାକେୟାର, ଆଇସିୟୁ, ବର୍ଣ୍ଣ ୟୁନିଟ୍, ଇକୋ ମେସିନ୍ ପ୍ରତିଷ୍ଠା କରିବା, ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ପୋଲଟ୍ରି ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତରିତ କରି ପୋଲଟ୍ରି ଫାର୍ମର ସମସ୍ତ ଜାଗାକୁ ଅବିଳମ୍ବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ସୁପର ସ୍ପେସିଆଲିଟି ଡାକ୍ତରମାନଙ୍କୁ ସ୍ଥାୟୀ ନିଯୁକ୍ତି ଏବଂ ସୁପର ସ୍ପେସିଆଲିଷ୍ଟ ଡାକ୍ତର ଲେଖୁଥିବା ଔଷଧ ରୋଗୀମାନଙ୍କୁ ମାଗଣାରେ ଯୋଗାଇଦେବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଉପଖଣ୍ଡ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ମୁତାବକ ବିଶେଷଜ୍ଞ ଡାକ୍ତର, ନର୍ସ, କର୍ମଚାରୀ ପଦବୀ ପୂରଣ କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ନର୍ସିଂ କଲେଜ ଖୋଲିବା ପାଇଁ ପଦକ୍ଷେପ ନେବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ଆମିଷ ବଜାରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପ୍ରଭୃତି ମୌଳିକ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ଆଇସିୟୁ, ବର୍ଣ୍ଣ ୟୁନିଟ୍ କାର୍ଯ୍ୟ ଶେଷ ହୋଇଛି । କିନ୍ତୁ ବିଦ୍ୟୁତ୍ ସଂଯୋଗ ହୋଇନଥିବାରୁ କାର୍ଯ୍ୟକ୍ଷମ ହୋଇନାହିଁ । ବିଦ୍ୟୁତ୍ ସଂଯୋଗ ପାଇଁ ଠିକାଦାରଙ୍କୁ ଅର୍ଥ ପ୍ରଦାନ କରାଯାଇଛି, ଏହା ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବବୋଲି ସେ ପ୍ରକାଶ କରିଛନ୍ତି । ସୁପର ସ୍ପେସିଆଲିଟି ଡାକ୍ତର ଜିଲ୍ଲା ଖଣିଜ ପାଣ୍ଠିରୁ ଠିକାରେ ନିଯୁକ୍ତ ହୋଇ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି । ଆବଶ୍ୟକ ଅନୁଯାୟୀ ଆହୁରି ଅଧିକ ସୁପର ସ୍ପେସିଆଲିଷ୍ଟ ଡାକ୍ତର ନିଯୁକ୍ତି କରାଯିବ ଏବଂ ସମସ୍ତ ଔଷଧ ନିରାମୟରେ ମାଗଣାରେ ଯୋଗାଇ ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି । ଜିଲ୍ଲା ପୋଲଟ୍ରି ଫାର୍ମର ଜାଗାକୁ ଆବଶ୍ୟକତା ଅନୁଯାୟୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିମନ୍ତେ ବ୍ୟବହାର କରାଯିବ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସୁପର ସ୍ପେସିଆଲିଟି ହସ୍ପିଟାଲରେ ପରିଣତ କରିବା ଏବଂ ଏକ ନର୍ସିଂ କଲେଜ ଖୋଲିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି । ଏଥିସହିତ ଜିଲ୍ଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖାଲି ପଡ଼ିଥିବା ବିଶେଷଜ୍ଞ ଡାକ୍ତର, ନର୍ସ କର୍ମଚାରୀ ପଦବୀ ପର୍ଯ୍ୟାୟକ୍ରମେ ପୂରଣ ପାଇଁ ସେ ପ୍ରକାଶ କରିଛନ୍ତି । ବିଶେଷକରି ଜଙ୍ଗଲ ଅଧ୍ୟୁଷିତ ଟାଇଁସି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଅଗ୍ରାଧିକାର ଭିତ୍ତିରେ ଡାକ୍ତର ନିଯୁକ୍ତି ପାଇଁ ସେ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି । ଅନୁଗୁଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଉପସ୍ଥାପିତ ମୌଳିକ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବାସ୍ତବ ପଦକ୍ଷେପ ଗ୍ରହଣ କରାନଗଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଫିସ ସମ୍ମୁଖରେ ଜନଆନ୍ଦୋଳନ ପାଇଁ ଆଜିର ପ୍ରତିନିଧି ମଣ୍ଡଳୀରେ ସାମିଲ ଥିବା କମିଟିର ଆବାହକ ପ୍ରମୋଦ କୁମାର ପ୍ରଧାନ, ଅଭିମନ୍ୟୁ ସ୍ୱାଇଁ, ରମେଶ ଚନ୍ଦ୍ର ସାହୁ, ତୀର୍ଥବାସୀ ଭୋଇ, ମାନସ ପାଳ, ଅଶୋକ କୁମାର ପ୍ରଧାନ, ତ୍ରିଲୋଚନ ଜେନା, ନିରୋଦ ଚନ୍ଦ୍ର ପାଳ, ପଠାଣୀ ବାରିହା, ତ୍ରେତାନନ୍ଦ ସାମନ୍ତ, ବିଷ୍ଣୁ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି ।





## ଭୁବନେଶ୍ୱର ସିଟି

# ଜଣେ କ୍ୟୁରେଟରଙ୍କ ଭରସାରେ ରାଜ୍ୟ ସଂଗ୍ରହାଳୟ

ଭୁବନେଶ୍ୱର, ୨୬।୫(ସମିସ)

ରାଜ୍ୟ ସଂଗ୍ରହାଳୟକୁ ବୁଲିବାକୁ ଆସି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଦୃଷ୍ଟିହୀନଙ୍କ ସହ ଅନ୍ୟ ପର୍ଯ୍ୟଟକ। ସଂଗ୍ରହାଳୟର ପ୍ରବେଶ ପଥରୁ ଆରମ୍ଭ କରି ସମସ୍ତ ଗ୍ୟାଲେରୀରେ ରହିଛି ପ୍ରାଚୀନ ଐତିହ୍ୟ କୀର୍ତ୍ତୀରାଜି। ହେଲେ କୌଣସି ଗ୍ୟାଲେରୀରେ ଇନଷ୍ଟ୍ରକ୍ଟର ନଥିବାରୁ ପର୍ଯ୍ୟଟକମାନେ ଗ୍ୟାଲେରୀ ସମ୍ପର୍କରେ ସ୍ପଷ୍ଟ ଭାବେ

- ୨୨ଟି ଗ୍ୟାଲେରୀ ପାଇଁ ମାତ୍ର ଜଣେ
- ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଦୃଷ୍ଟିହୀନ ପର୍ଯ୍ୟଟକ

ବୁଝିପାରୁ ନାହାନ୍ତି। ବିଶେଷ କରି ଦୃଷ୍ଟିହୀନମାନେ ରାଜ୍ୟ ସଂଗ୍ରହାଳୟ ବୁଲିବାକୁ ଆସୁଥିବା ବେଳେ ସଂଗ୍ରହାଳୟରେ କ'ଣ ରହିଛି ତାହା ଦେଖିବାରୁ ସେମାନେ ବଞ୍ଚିତ ହେଉଛନ୍ତି। କାରଣ ସେମାନଙ୍କୁ ଅବଗତ କରାଇବାକୁ କେହି ନାହାନ୍ତି। ତେବେ ଦୂରଦୂରାନ୍ତରୁ ଉତ୍କଣ୍ଠାର ସହ ରାଜଧାନୀରେ ଅବସ୍ଥିତ ରାଜ୍ୟ ସଂଗ୍ରହାଳୟକୁ ଆସି ଗ୍ୟାଲେରୀ ଗୁଡ଼ିକରେ ସ୍ଥାନ ପାଇଥିବା ବିଭିନ୍ନ ବିଷୟରେ ସଠିକ୍ ଭାବେ ଜାଣିପାରୁନଥିବା କହିଛନ୍ତି।

ରାଜ୍ୟ ସଂଗ୍ରହାଳୟରେ ପ୍ରତ୍ନତତ୍ତ୍ୱ, ସୂତ୍ରଲିପି ଉତ୍କିରଣବିଦ୍ୟା, ମୁଦ୍ରାଶାସ୍ତ୍ର, ଶସ୍ତ୍ରାଗାର, ଖନନ ଓ ଭୂ-ବିଜ୍ଞାନ, ପ୍ରାକୃତିକ ଇତିହାସ ବିଜ୍ଞାନ, କଳା ଓ ଶିଳ୍ପ, ସମକାଳୀନକଳା, ପଟ୍ଟଚିତ୍ର, ନୃବିଦ୍ୟା, ତାଳପତ୍ରପୋଥୀ ଆଦି ରହିଥିବା ବେଳେ ପରବର୍ତ୍ତୀ ସମୟରେ ହାତୀ ଦାନ୍ତ ଗ୍ୟାଲେରୀ, ପ୍ରାକ୍ ଐତିହ୍ୟ ଗ୍ୟାଲେରୀ, ପ୍ରାଣୀ ବିଜ୍ଞାନ ଗ୍ୟାଲେରୀ, ଓଡ଼ିଶାର ହସ୍ତତନ୍ତ ଗ୍ୟାଲେରୀ, ମହାତ୍ମା ଗାନ୍ଧୀ ଗ୍ୟାଲେରୀ, ଇନଟ୍ରାନେଜିବୁଲ ହେରିଟେଜ୍ ଗ୍ୟାଲେରୀ, କଣ୍ଢେଇ ଓ ମୁଖା ଗ୍ୟାଲେରୀ, ଖଣି ଓ ଭୂତତ୍ତ୍ୱ ଗ୍ୟାଲେରୀ, ଆଦି ପ୍ରାୟ ୨୨ଟି ଗ୍ୟାଲେରୀ ରହିଛି। ସେହିପରି ପ୍ରତ୍ୟେକ ଗ୍ୟାଲେରୀରେ ସ୍ଥାନ ପାଇଥିବା ସାମଗ୍ରୀର ସମସ୍ତ ତଥ୍ୟ ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷାରେ





ଲେଖାଯାଇଛି। ଯାହାକୁ ସାଧାରଣତଃ ସମସ୍ତେ ପଢ଼ି ବୁଝିପାରିବେ। କିନ୍ତୁ ଦୃଷ୍ଟିହୀନଙ୍କ ପାଇଁ ଏଠାରେ ବ୍ରେଲ୍ ଲିପିରେ କୌଣସି ତଥ୍ୟ ଲେଖାନଥିବା ସହ ସେମାନଙ୍କୁ ଗ୍ୟାଲେରୀ ସମ୍ପର୍କରେ ବୁଝାଇବାକୁ କେହି ନାହାନ୍ତି। ତେଣୁ ସେମାନେ କେବଳ ପଥରରେ ନିର୍ମିତ ପୁରାତନ କିର୍ତ୍ତିରାଜି ଅବା ମୂର୍ତ୍ତି କିମ୍ବା ବିଭିନ୍ନ ଆକୃତିର ବସ୍ତୁ ଗୁଡ଼ିକ ସ୍ପର୍ଶ କରି ପରସ୍ପର ମଧ୍ୟରେ ସେ ସମ୍ପର୍କରେ ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା। ତେବେ ରାଜ୍ୟ ସଂଗ୍ରହାଳୟକୁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ବୁଲିବାକୁ ଆସୁଥିବା ବେଳେ ନିୟମିତ ଭାବେ ଛାତ୍ରଛାତ୍ରୀଙ୍କ ଭିଡ଼ ଜମୁଛି। ଏହାସହ ବିଦେଶୀ ପର୍ଯ୍ୟଟକମାନେ ମଧ୍ୟ ସଂଗ୍ରହାଳୟ ବୁଲିବାକୁ ଆସୁଛନ୍ତି। ହେଲେ ଏଠାରେ ପ୍ରତି ଗ୍ୟାଲେରୀରେ କ୍ୟୁରେଟର କିମ୍ବା ଇନଷ୍ଟ୍ରକ୍ଟର ନଥିବାରୁ ଓଡ଼ିଶାର ଐତିହ୍ୟ ବହନ କରୁଥିବା ଏହି ସଂଗ୍ରହାଳୟକୁ କେବଳ ଦେଖି ଫେରୁଥିବା କହିଛନ୍ତି ଏଠାକୁ ଆସିଥିବା ଦୃଷ୍ଟିହୀନମାନେ କହିଛନ୍ତି। ସୂଚନା ଅନୁସାରେ, ବର୍ତ୍ତମାନ ସଂଗ୍ରହାଳୟର ମୁଖ୍ୟ କ୍ୟୁରେଟରଙ୍କୁ ଅଧୀକ୍ଷକ ଦାୟିତ୍ୱ ଦିଆଯାଇଥିବା ବେଳେ ୪ଜଣ ଆଉଟସୋର୍ସିଂ କ୍ୟୁରେଟର ରହିଥିବା ସୂଚନା ରହିଛି। କିନ୍ତୁ ଗ୍ୟାଲେରୀ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିଲେ ବି ଆବଶ୍ୟକୀୟ କ୍ୟୁରେଟର କିମ୍ବା ଇନଷ୍ଟ୍ରକ୍ଟର ନିଯୁକ୍ତି କରାଯାଉ ନାହିଁ। ଏପେଟ ସଂଗ୍ରହାଳୟ ପରିସରରେ ରହିଥିବା ଗ୍ୟାଲେରୀ



ଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ କରାଯିବା ସହ ଏଥିରେ ନୂଆ ନୂଆ ଗ୍ୟାଲେରୀ ମଧ୍ୟ ଯୋଡ଼ା ଯାଉଛି। ହେଲେ ଏବାବଦରେ ଲୋକଙ୍କୁ ଅବଗତ କରାଇବାକୁ ପ୍ରତି ଗ୍ୟାଲେରୀକୁ ଯାଇ ନିରାଶ ହେଉଛନ୍ତି ପର୍ଯ୍ୟଟକ। ତେଣୁ ପ୍ରତି ଅନ୍ୟ ସଂଗ୍ରହାଳୟ ଭଳି ପ୍ରତି ଗ୍ୟାଲେରୀରେ ଜଣେ ଲେଖାଏଁ ଇନଷ୍ଟ୍ରକ୍ଟର ନିଯୁକ୍ତ କରାଯିବାକୁ ସଂଗ୍ରହାଳୟ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ମତଦେଇଛନ୍ତି। ଏନେଇ ରାଜ୍ୟ ସଂଗ୍ରହାଳୟର ଅଧୀକକ୍ଷକ ଡ. ଭାରତୀ ପାଲ କହିଛନ୍ତି ରାଜ୍ୟ ସଂଗ୍ରହାଳୟ ନିର୍ଦ୍ଦେଶାଳୟରେ ପରିଣତ କରାଯିବା ପରେ ନୂତନ କ୍ୟୁରେଟର ନିଯୁକ୍ତି କରାଯିବ। ଏଥିପାଇଁ ସମସ୍ତ ପ୍ରାସେସ୍ ଆରମ୍ଭ ହୋଇଥିବା ବେଳେ ଖୁବଶିଘ୍ର ଏଥିପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ।

## ବରପୁତ୍ରଙ୍କ ପୁଣ୍ୟତିଥିରେ ବିଜେଡିର ଶ୍ରଦ୍ଧାଞ୍ଜଳି





ଭୁବନେଶ୍ୱର, ୨୬।୫(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ପୂର୍ବତନ ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ମିତ୍ରଙ୍କର ରାଜଧାନୀରେ ଅବସ୍ଥିତ ତାଙ୍କ ପୂର୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ପୁଣ୍ୟତିଥି ପାଳିତ ହୋଇଛି। ଏହି ଅବସରରେ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ମୁଖ୍ୟ ବିନ୍ଧାଣି ଓ ଏକ ଦୂରଦର୍ଶୀ, ପ୍ରଗତିଶୀଳ ରାଜନେତା ଭାବେ ଉପସ୍ଥାପନା କରାଯାଇଥିବା ବେଳେ ବୀରେନ ମିତ୍ରଙ୍କୁ ଏକ ଗରିବ ଲୋକ ର ଆପଣାର ନେତା ଭାବେ ବର୍ଣ୍ଣନା କରାଯାଇଥିଲା ଓ ପ୍ରଥମେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସଭାକୁ ସଞ୍ଚାଳନ କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସମାଜସେବୀ ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, କାହ୍ନା ମହାରଣା, ଅଭିଜିତ ମଣ୍ଡଳ ପ୍ରମୁଖ ଯୋଗଦାନ କରି ବରପୁତ୍ର ମାନଙ୍କ ବିଷୟରେ ନିଜସ୍ୱ ମତାମତ ପ୍ରଦାନକରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ।

## କିମ୍ସ କାର୍ଡିଆକ୍ ସର୍ଜନ ଚିକାଗୋ ଏଏଟିଏସ ଫାଉଣ୍ଡେସନ୍ ପକ୍ଷରୁ ସମ୍ମାନିତ



ଭୁବନେଶ୍ୱର, ୨୬।୫(ସମିସ): ଭୁବନେଶ୍ୱର କିମ୍ସ ହୃଦ୍ ସର୍ଜନ୍ ଡ. ସତ୍ୟଜିତ୍ ସାମଲଙ୍କୁ ଆମେରିକୀୟ ଆସୋସିଏସନ୍ ଫର୍ ଥୋରାସିକ୍ ସର୍ଜରୀ (ଏଏଟିଏସ) ଫାଉଣ୍ଡେସନ୍ ଦ୍ୱାରା ମୁସଲେମ୍ କଞ୍ଜେନିଟାଲ୍ ହାର୍ଟ ଡିଜିଜ୍ (ସିଏଚଡି) ଆଲାଏନ୍ସ ଟ୍ରାଭେଲ୍ ଗ୍ରାଣ୍ଟ ପ୍ରଦାନ କରାଯାଇଛି। ଆମେରିକାର ଚିକାଗୋରେ ଅନୁଷ୍ଠିତ ୧୦୬ ତମ ଏଏଟିଏସ ବାର୍ଷିକ ବୈଠକ ଅବସରରେ ଡା ସାମଲଙ୍କୁ ଉନ୍ନତ ହୃଦୟ ପ୍ରତିରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ଏଏଟିଏସ ଫାଉଣ୍ଡେସନ୍‌ରୁ ଏହି ସମ୍ମାନଜନକ ସ୍ୱୀକୃତି ପାଇବାରେ ଡ. ସାମଲ ହେଉଛନ୍ତି ଓଡ଼ିଶାର ପ୍ରଥମ କାର୍ଡିଓଥୋରାସିକ୍ ସର୍ଜନ। ଏହି ସଫଳତାରେ ଖୁସି ବ୍ୟକ୍ତି କରି କିଟ୍, କିସ୍ ଓ କିମସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡ. ସାମଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ରତୁସ୍ରାବ ପରିଚ୍ଛନ୍ନତା ସଚେତନତା



ଭୁବନେଶ୍ୱର, ୨୬।୫(ସମିସ): ବିଶ୍ୱ ରତୁସ୍ରାବ ପରିଚ୍ଛନ୍ନତା ଦିବସ ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଆୟୋଜିତ 'ଚାଲ ପିରିୟଡ୍ସ ବିଷୟରେ କଥାହେବା' ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଦକ୍ଷତା କେନ୍ଦ୍ରର ସହଭାଗିତାରେ ଆଇଏଫଆଇ ଫାଉଣ୍ଡେସନ, ସ୍ୱାସ୍ଥ୍ୟପ୍ଲସ୍ ନେଟୱାର୍କ ଏବଂ ଓଡ଼ିଶାଲାଇଭ୍ ପକ୍ଷରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବିଶ୍ୱ ଦକ୍ଷତା କେନ୍ଦ୍ରର ମୁଖ୍ୟ ନିର୍ବାହୀ ଅଧିକାରୀ ପିନାକୀ ପଟ୍ଟନାୟକ, ସ୍ତ୍ରୀରୋଗ ବିଶେଷଜ୍ଞ ଡ. ଚିନ୍ମୟୀ କର ଯୋଗ ଦେଇଥିଲେ। ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧ୍ୟକ୍ଷ ଡ. ଶୁଭଙ୍ଗ କିଶୋର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଭିଯାନର ଅଧ୍ୟକ୍ଷା ପ୍ରଣତୀ ପରିଡ଼ା, ଫାଉଣ୍ଡେସନ୍‌ର ସହଅଧ୍ୟକ୍ଷ ନୀଳାମ୍ବର ରଥ ଉପସ୍ଥିତ ଥିଲେ। ଏହି ଅବସରରେ ଫାଉଣ୍ଡେସନ୍ ପକ୍ଷରୁ ଏକ ସୂଚନା ପୁସ୍ତିକା ଲୋକାର୍ପଣ ହୋଇଥିଲା। ପ୍ରାରମ୍ଭରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧ୍ୟକ୍ଷ ଡ. ଶୁଭଙ୍ଗ କିଶୋର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପନିର୍ଦ୍ଦେଶକ ଶୈଳେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶାରେ 'ହାପିନେସ୍ ଫର୍ ହର୍' ଅଭିଯାନ

ଭୁବନେଶ୍ୱର, ୨୬।୫(ସମିସ): ବାନାନା ଫାଇବର୍ ଅବଶୋଷକ ବ୍ୟବହାର କରି ବିଶ୍ୱର ପ୍ରଥମ ପୁନଃବ୍ୟବହାରଯୋଗ୍ୟ ସାନିଟାରୀ ପ୍ୟାଡ୍ ନିର୍ମାଣ ପାଇଁ ବହୁଳ ଭାବରେ ଜଣାଶୁଣା 'ଭାରତର ପ୍ୟାଡ୍ ୱୁମେନ୍' ଅଞ୍ଜୁ ବିଷ୍ଟ ଗତ ୨ବର୍ଷ ଧରି ଓଡ଼ିଶାରେ ରତୁସ୍ରାବ ଜନିତ



ସ୍ୱାସ୍ଥ୍ୟ ଆନ୍ଦୋଳନକୁ ଆଗେଇ ନେଉଛନ୍ତି। ସୌଖ୍ୟମ ଫାଉଣ୍ଡେସନ ସହଭାଗିତାରେ ଆରମ୍ଭ ହୋଇଥିବା ନେକ୍ସସ୍ ସିଲେକ୍ଟ ମଲ୍ସର ପ୍ରମୁଖ ସିଏସ୍ଆର ପଦକ୍ଷେପ ଭାବେ 'ହାପିନେସ୍ ଫର୍ ହର୍' ଏହି ପ୍ରୟାସରେ ସାମିଲ ହୋଇଛି। ମଙ୍ଗଳବାର ଭୁବନେଶ୍ୱରସ୍ଥିତ ନେକ୍ସସ ଏସ୍‌ପ୍ଲାନେଡ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଇଆଇଟି ଭୁବନେଶ୍ୱର, କିଟ୍ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମେତ ଅନୁଷ୍ଠାନର ଛାତ୍ରୀ ଓ ପ୍ରାଧ୍ୟାପକମାନଙ୍କୁ ସେମାନଙ୍କ କ୍ୟାମ୍ପସରେ ସ୍ଥାୟୀ ରତୁସ୍ରାବ ଅଭ୍ୟାସ ଏବଂ ସମକକ୍ଷଙ୍କ ନେତୃତ୍ୱରେ ଆଚରଣଗତ ପରିବର୍ତ୍ତନକୁ ସମର୍ଥନ କରିବା ପାଇଁ 'କେୟାର' ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। 'ନେକ୍ସସ୍ ସିଲେକ୍ଟ ମଲ୍ସ ଏବଂ ସୌଖ୍ୟମ ଫାଉଣ୍ଡେସନ ମେ ୨୮ ତାରିଖ ରତୁସ୍ରାବ ସ୍ୱଚ୍ଛତା ଦିବସରେ ଏମ୍ସ ଭୁବନେଶ୍ୱର ଏବଂ କିଟ୍ ବିଶ୍ୱବିଦ୍ୟାଳୟ ମିଳିତ ଭାବେ ରତୁସ୍ରାବ ଜନିତ ସ୍ୱାସ୍ଥ୍ୟ ଗବେଷଣା ଅଧ୍ୟୟନ ଆରମ୍ଭ କରିବାକୁ ଯାଉଛନ୍ତି। ସୌଖ୍ୟମ ଫାଉଣ୍ଡେସନର ପରିଚାଳନା ନିର୍ଦ୍ଦେଶିକା ଅଞ୍ଜୁ ବିଷ୍ଟ କହିଥିଲେ ପୁନଃବ୍ୟବହାର ଯୋଗ୍ୟ ବିକଳ୍ପକୁ ସାଧାରଣ ପ୍ରଚଳନରେ ଆଣିବା ଏବଂ ବ୍ୟବହୃତ ବିକଳ୍ପକୁ ଏକ କୁ-ଧାରଣା ଭାବେ ପରିଚିତ କରାଇବା ପର୍ଯ୍ୟନ୍ତ ଆମର କାର୍ଯ୍ୟ ଜାରି ରହିବ।

## ପଦାସାହିରେ ଫୁଟିଲା ୬ ବ୍ରହ୍ମକମଳ



ନନ୍ଦନକାନନ, ୨୬।୫ (ସମିସ): ନନ୍ଦନକାନନ ଥାନା ଅନ୍ତର୍ଗତ ପଦାସାହି ଗ୍ରାମରେ ଦୈନିକ ସାମ୍ବାଦିକ ଜଗନ୍ନାଥ ଭଞ୍ଜଙ୍କ ଘର ବଗିଚାରେ ଏକକାଳୀନ ୬ଟି ବ୍ରହ୍ମକମଳ ଫୁଲ ଫୁଟିଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳର ବହୁ ଆଧ୍ୟାତ୍ମିକ ଲୋକେ ଓ ଗ୍ରାମବାସୀ ବ୍ରହ୍ମକମଳ ଫୁଲ ଦେଖିବାକୁ ପ୍ରବଳ ଗହଳି ଲଗାଇଥିଲେ। ଏହି ଫୁଲ କେବଳ ସନ୍ଧ୍ୟାରୁ ଫୁଟିବା ଆରମ୍ଭ ହୋଇ ରାତି ସାଢେ ୧୧ଟା ଭିତରେ ସମ୍ପୂର୍ଣ୍ଣ ଫୁଟିଥାଏ। ରାତି ସାଢେ ୧୨ଟା ପରେ ଧିରେଧିରେ ସକାଳ ପାଇହାଲା ବେଳକୁ ମଉଳି ଯାଇଥିଏ ବୋଲି ଶ୍ରୀ ଭଞ୍ଜ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଶ୍ରୀ ଭଞ୍ଜଙ୍କ ବଗିଚାରେ ଗତବର୍ଷ ଜୁନ ୧୩ରେ ୪ଟି ବ୍ରହ୍ମକମଳ ଫୁଲ ଫୁଟିଥିଲା।ସେଗୁଡିକୁ ପୂଜାର୍ଚ୍ଚନା କରି ନନ୍ଦନକାନନ ଛକ ସ୍ଥିତ ଜଗନ୍ନାଥ ମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କ ନିକଟକୁ ପଠାଇଥିଲେ।ଚଳିତ ବର୍ଷ ଫୁଟିଥିବା ବ୍ରହ୍ମକମଳକୁ ମଧ୍ୟ ପୂଜାର୍ଚ୍ଚନା କରି ଘର ଅଗଣାରେ ଥିବା ବେଲ, ଲିମ୍ବ ଗଛ ମୂଳରେ ଓ ଘରେ ପୂଜା ପାଉଥିବା ଜଗନ୍ନାଥଙ୍କ ଫଟୋରେ ଚଢାଇ ଥିଲେ।

## 'ସମର୍ପିତ ପୁଜ୍ୟପୂଜା ବ୍ୟକ୍ତିତ୍ୱ ଭାବେ ବ୍ରଜଭାଇ ଚିରସ୍ମରଣୀୟ'

ଭୁବନେଶ୍ୱର, ୨୬।୫(ସମିସ): ଗଣମାଧ୍ୟମ ଓ ସାମାଜିକ ଅନୁଷ୍ଠାନ 'ଉତ୍କଳ ବୁଲେଟିନ ଚାରିଟେବଲ ଟ୍ରଷ୍ଟ' ପକ୍ଷରୁ ଖାରବେଳନଗର ସ୍ଥିତ ଗୋଦାବରୀଶ ସାହିତ୍ୟ ସଂସଦ ଠାରେ ସମ୍ପାଦକ ଅରବିନ୍ଦ ତ୍ରିପାଠୀଙ୍କ ସଂଯୋଜନାରେ ପୁଜ୍ୟପୂଜା ପ୍ରାଣ, ସହିଦ ଦିବାକର ପରିଡ଼ାଙ୍କ ସୁଯୋଗ୍ୟ ଦାୟାଦ, ସମର୍ପିତ ସରଳ, ନିଷ୍ଠାପର, ଦକ୍ଷ ସଂଗଠକ ତଥା ରଣଭୂଇଁ ସମ୍ପାଦକ ସ୍ୱର୍ଗତ ବ୍ରଜବନ୍ଧୁ ପରିଡ଼ାଙ୍କ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବରିଷ୍ଠ ସମାଜସେବୀ, ପୁଜ୍ୟପୂଜା ପ୍ରାଣ ମନୋରଞ୍ଜନ ମହାନ୍ତି, ମୁଖ୍ୟଅତିଥି ଭାବେ ପ୍ରାଧ୍ୟପକ ଭାଷାପ୍ରାଣ ରଙ୍ଗନାଥ ସାହୁ, ସମ୍ମାନିତ ଅତିଥି ଭାବେ ନାରାୟଣ ସେବା ଫାଉଣ୍ଡେସନର ସମ୍ପାଦିକା ସମିତା ମହାରଣା, ବରିଷ୍ଠ ପୁଜ୍ୟପୂଜା ପ୍ରାଣ ଗିରିଜା ଶଙ୍କର ମହାପାତ୍ର ଉପସ୍ଥିତ ରହିବା ବ୍ରଜଭାଇଙ୍କ ସମାଜସେବା, ପୁଜ୍ୟପୂଜା କାର୍ଯ୍ୟକ୍ରମ ସହିତ ବିଶେଷ ଭାବେ ଶହୀଦ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କ ନିମନ୍ତେ ଦୀର୍ଘ ୪୦ ବର୍ଷ ଧରି ପୁଜ୍ୟପୂଜା କାର୍ଯ୍ୟକ୍ରମ କରିବା, ବିଭିନ୍ନ ବରପୁତ୍ର ଓ ମହାପୁରୁଷଙ୍କ ପାଇଁ ସମର୍ପିତ ଭାବେ କାର୍ଯ୍ୟ କରିବା ଏହି ଅବସରରେ ଶିକ୍ଷାବିତ କାମଦେବ ମହାପାତ୍ର କବିତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା



ସହ ସାମାଜିକ କର୍ମୀ ଲୋକନାଥ ଦାଶ, ସମାଜସେବୀ ତଥା ଅଖିଳ ଭାରତ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନ ସାଧାରଣ ସମ୍ପାଦକ ଶିବ ନାରାୟଣ ମିଶ୍ର, ସାମ୍ବାଦିକ ମଦନ ମୋହନ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ବିଶ୍ୱଜିତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଜ୍ଞା ପଟ୍ଟନାୟକ, ନିତ୍ୟରଞ୍ଜନ ନନ୍ଦ, ଅମିତ ପାଲ ସିଂ ପରିଚାଳନା କରିଥିଲେ।

## ଓଡ଼ିଶା ଅମଲା ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର, ୨୬।୫(ସମିସ): ଓଡ଼ିଶା ଅମଲା ସଂଘର ୧୭ ତମ ରାଜ୍ୟ ସମ୍ମିଳନୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଓଡ଼ିଶା ଅମଲା ସଂଘର ରାଜ୍ୟ ସଭାପତି ଜ୍ଞାନରଞ୍ଜନ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ମିଳନୀରେ ସଂଘ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ତରାସିଆ, ମୁଖ୍ୟ ପୃଷ୍ଠ ପୋଷକ ପ୍ରସନ୍ନ କୁମାର ତ୍ରିପାଠୀ, ମୁଖ୍ୟ ପରାମର୍ଶଦାତା ନାରାୟଣ ଦାଶ, ଅଧ୍ୟକ୍ଷ ହୃଦୟ ବିହାରୀ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ନାଥ ପାତ୍ର, ସଂଗଠନ ସମ୍ପାଦକ ଅରୁଣ କୁମାର ବଳିଆର ସିଂହ ପ୍ରମୁଖଙ୍କ ସମେତ ଜିଲ୍ଲାସ୍ତରୀୟ ଅମଲାମାନେ ବୈଠକରେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ଅଧୀନରେ ସମସ୍ତ ବିଭାଗରେ କାର୍ଯ୍ୟ କରୁଥିବା ବିଭିନ୍ନ ବର୍ଗର କର୍ମଚାରୀ ମାନଙ୍କର ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଭିତ୍ତିରେ ଦରମା ଲେବଲ- ୯ କରିବା, ପ୍ରତ୍ୟେକ ଚାରି ବର୍ଷରେ ପଦୋନ୍ନତି କରିବା ଇତ୍ୟାଦି ପାଇଁ ବୈଠକରେ ଦାବି ଉପସ୍ଥାପନା ହୋଇଥିଲା। ସଚିବାଳୟ ଏବଂ ସମସ୍ତ ବର୍ଗର କର୍ମଚାରୀମାନଙ୍କର ଗୋଟିଏ କ୍ୟାଡର ଥିବାବେଳେ ଅନୁରୂପ ଭାବେ ଜିଲ୍ଲାରେ ଜିଲ୍ଲା ସ୍ତରୀୟ ଅମଲା ମାନଙ୍କର ଗୋଟିଏ କ୍ୟାଡର କରାଯିବାକୁ ଦାବି ହୋଇଥିଲା। ପୁରୁଣା ଥଇଥାନ ନୀତି ଅନୁସାରେ ମୃତ୍ୟୁ ବରଣ କରୁଥିବା କର୍ମଚାରୀମାନଙ୍କ ପରିବାର ସଦସ୍ୟଙ୍କୁ ନିଯୁକ୍ତି ପ୍ରଦାନ କରାଯିବା ଉପରେ ଆଲୋଚନା ହୋଇଥିଲା।

## 'ଅବିଚଳ ସଂଗ୍ରାମୀ' ଲୋକାର୍ପିତ



ଭୁବନେଶ୍ୱର, ୨୬।୫(ସମିସ): ବିପ୍ଲବୀ କମ୍ୟୁନିଷ୍ଟ ନେତା ଓ ସିପିଆଇ (ଏମଏଲ) ଲିବରେସନର ପ୍ରତିଷ୍ଠାତା ରାଜ୍ୟ ସଚିବ ସ୍ୱର୍ଗତ କମ୍‌ରେଡ କ୍ଷିତିଶ ବିଶ୍ୱାଳଙ୍କ ସଂଗ୍ରାମମୟ ଜୀବନକୁ ଆଧାର କରି ରଚିତ ପୁସ୍ତକ 'ଅବିଚଳ ସଂଗ୍ରାମୀ'କୁ ଆଜି ସିପିଆଇ (ଏମଏଲ) ଲିବରେସନର ସର୍ବଭାରତୀୟ ସାଧାରଣ ସଚିବ ଦୀପଙ୍କର ଭଟ୍ଟାଚାର୍ଯ୍ୟ ଲୋକାର୍ପଣ କରିଥିଲେ। ପୁସ୍ତକ ଉନ୍ମୋଚନକରି ସେ କହିଥିଲେ କ୍ଷିତିଶ ବିଶ୍ୱାଳ କେବଳ ଜଣେ ରାଜନୈତିକ ନେତା ନୁହେଁ ସେ ଥିଲେ ଜନସଂଗ୍ରାମର ଏକ ଅଦମ୍ୟ ଯୋଦ୍ଧା। ଚିଲିକାର ମାଛଝିବୀ, ଦଳିତ, ଆଦିବାସୀ ଓ ଶୋଷିତ ଲୋକଙ୍କ ଅଧିକାର ପାଇଁ ସେ ଆଜୀବନ ଲଢ଼ିଥିଲେ। ବେସରକାରୀକରଣ ଓ ବିଶ୍ୱୀକରଣର ଆକ୍ରମଣ ବିରୋଧରେ ସେ ଅନବରତ ସଂଗ୍ରାମ କରିଥିଲେ। ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପ୍ରଶାନ୍ତ ମିଶ୍ର, ପଞ୍ଚାନନ କାନୁନଗୋ ପ୍ରମୁଖ ଉପସ୍ଥିତରହି ନିଜ ନିଜ ବକ୍ତବ୍ୟ ରଖିଥିଲେ। ପୁସ୍ତକର ଲେଖକ ଯୁଧୀଷ୍ଠୀର ମହାପାତ୍ର ପୁସ୍ତକର ରଚନା ପ୍ରକ୍ରିୟା ଓ କ୍ଷିତିଶ ବିଶ୍ୱାଳଙ୍କ ସଂଗ୍ରାମୀ ଜୀବନର ବିଭିନ୍ନ ଦିଗ ବିଷୟରେ ଆଲୋକପାତ କରିଥିଲେ। ଏହି ସଭାରେ ଲୋକସାମ୍ବାଦିକ ସୁରେନ୍ଦ୍ର ପାତ୍ର, ଆଜୀବନ କମ୍ୟୁନିଷ୍ଟ ନେତା ଦିବାକର ବେହୁରିଆ, ମୃତ୍ୟୁଞ୍ଜୟ ବଡ଼ଜେନା, କରୁଣାକର ରାଉତରାୟ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହେନ୍ଦ୍ର ପରିଡ଼ା ଧନ୍ୟବାଦ ଦେଇଥିଲେ।

## ଅନ୍ତର୍ଜାତୀୟ ଉଠାଦୋକାନୀ ଦିବସ

# ଆଇନ ପାଳନ କରାଯାଉ ନ ଥିବାରୁ ଉଠାଦୋକାନୀ ବାରଦୁଆର

ଭୁବନେଶ୍ୱର, ୨୬।୫(ସମିସ)

ସାରା ବିଶ୍ୱରେ ଉଠାଦୋକାନୀମାନଙ୍କ ଉଚ୍ଛେଦ ପ୍ରତିବାଦରେ ଚାଲିଥିବା ଆନ୍ଦୋଳନକୁ ନେଇ ନ୍ୟାସନାଲ ହକର୍ସ ଫେଡ଼େରେସନ ତରଫରୁ ସାରା ଭାରତ ବର୍ଷରେ ଆଜି ଜାତୀୟ ଉଠାଦୋକାନୀ ଦିବସ ପାଳିତ ହୋଇଯାଇଅଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଭୁବନେଶ୍ୱରର ୟୁନିଟ୍-୧ ଓ ୟୁନିଟ୍-୨ ଅଞ୍ଚଳରେ ଜାତୀୟ ଉଠାଦୋକାନୀ ଦିବସ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନିଖିଳ ଓଡ଼ିଶା ରାସ୍ତା ପାର୍ଶ୍ୱ ଉଠାଦୋକାନୀ ମହାସଂଘ, ନ୍ୟାସନାଲ ହକର୍ସ ଫେଡ଼େରେସନ, ନିଖିଳ ଉତ୍କଳ ସୁରକ୍ଷା କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂ ଜୋନ ମହାସଂଘ ମିଳିତ ସହଯୋଗରେ ୟୁନିଟ୍-୧ କ୍ୟାପିଟାଲ ଥାନା ନିକଟରୁ ଶହଶହ ଉଠାଦୋକାନୀ ଏକ ସଚେତନତା ଶୋଭାଯାତ୍ରା ବାହାରି ଏଜି ଛକ ଦେଇ ୟୁନିଟ୍-୨ ମାର୍କେଟ ବିଲ୍ଡିଂ ଅଞ୍ଚଳରେ ପହଞ୍ଚି ସେଠାରେ ଏକ ସଭା କାର୍ଯ୍ୟ ଆରମ୍ଭହୋଇଥିଲା।





ଅତିଥିଭାବରେ ଅର୍ଭାର ସଭାପତି ତଥା ଏନଏଚଏଫର ରାଷ୍ଟ୍ରୀୟ ଯୁଗ୍ମ ସମ୍ପାଦକ ପ୍ରତାପ କୁମାର ସାହୁ ଯୋଗଦେଇ କହିଲେ ଯେ, ସାରା ଭାରତ ବର୍ଷରେ ଉଠାଦୋକାନୀ ଆଇନ ରହିଛି, ଏହି ଆଇନକୁ ବହୁ ରାଜ୍ୟ କଡ଼ାକଡ଼ି ଭାବରେ ପାଳନ କରୁଥିବାବେଳେ କିଛି ରାଜ୍ୟ ତାହା ପାଳନ କରୁନାହାଁନ୍ତି। ଫଳରେ ଗରିବ, ନିଃସହାୟ, ଅସହାୟ ଉଠାଦୋକାନୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସେ କହିଛନ୍ତି।

ଏଣୁ ଭୁବନେଶ୍ୱର ମହାନଗର ନିଗମର କମିସନର ଉଠାଦୋକାନୀମାନଙ୍କୁ ଥଇଥାନ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଥିରେ ସାଧାରଣ ସମ୍ପାଦକ ଦୀପକ ମହାପାତ୍ରଙ୍କ ନେତୃତ୍ୱରେ ବାହାରି ଥିବା ଶୋଭାଯାତ୍ରାରେ ଶରତ ସାହୁ, ସସ୍ମିତା ସାହୁ, ମଞ୍ଜୁ ନାୟକ, ସୂର୍ଯ୍ୟମଣୀ ସାହୁ, ନିରଞ୍ଜନ ପାଣ୍ଡେ ପ୍ରମୁଖ ଉଠାଦୋକାନୀ ଏକତା ଜିନ୍ଦାବାଦ, ଉଠାଦୋକାନୀ ଆଇନ କାର୍ଯ୍ୟକାରୀ କରିବା ଆମର ଦାବି, ସମସ୍ତ ଦୋକାନୀମାନଙ୍କୁ ଥଇଥାନ କରିବା ଆମର ଦାବି, ଉଚ୍ଛେଦ ନୁହେଁ ଥଇଥାନ ଚାହୁଁ ଏହିଭଳି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟକାନ୍ତ ପଣ୍ଡା, ପ୍ରଭାକର ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ଶତପଥୀ, ସୁନିଲ କୁମାର ପାତ୍ର, ନିମାଇଁ ବାରିକ, ଲକ୍ଷ୍ମୀଧର ପ୍ରଧାନ, ରମେଶ ଚନ୍ଦ୍ର ପତି, ଭାଗବତ ମାଣିଆ, ଶୁଭଲକ୍ଷ୍ମୀ ମହାନ୍ତି, ଝିଲି ଜେନା, ରଶ୍ମିତା ପାତ୍ର, ଦୀନବନ୍ଧୁ ନାୟକ, ଗଙ୍ଗା, ସୁନିଲ ପ୍ରମୁଖ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

# ଭୁବନେଶ୍ୱର ସିଟି



## ବିଏମ୍‌ସିର 'ହ୍ୱିଲ୍ ଅଫ୍ କାଇଣ୍ଡନେସ୍' ଯୋଜନା ବିଫଳ

# ଖତ ଖାଉଛି ବିଏମ୍‌ସିର 'ସହାୟ ରଥ'

■ ଗରିବଙ୍କୁ ମାଗଣାରେ ବସ୍ତ୍ର ପ୍ରଦାନ ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିଲା ଯୋଜନା

■ ଦରମା ନ ପାଇବାରୁ କାମ ଛାଡ଼ିଦେଲେ ଦାୟିତ୍ୱରେ ଥିବା କର୍ମଚାରୀ



ଭୁବନେଶ୍ୱର, ୨୬।୫(ସମିସ): ସହରରେ ଗରୀବ ଅସହାୟମାନେ ମାଗଣାରେ ପାଇବେ ବସ୍ତ୍ର। ଏଥିପାଇଁ କୌଣସି ବସ୍ତ୍ରାଳୟ କିମ୍ବା ସପିଂମଲ୍‌କୁ ଯିବାକୁ ପଡ଼ିବ ନାହିଁ। ବିଭିନ୍ନ ବସ୍ତି ହେଉ ଅବା ରାଜଧାନୀରେ ବାସ କରୁଥିବା ଶ୍ରମିକ ଶ୍ରେଣୀର ଲୋକଙ୍କ ନିକଟରେ ପହଞ୍ଚିବ ପିନ୍ଧା ବସ୍ତ୍ର। ଶୀତ, ଖରା ଓ ବର୍ଷା ଦାଉରୁ ରକ୍ଷା ପାଇବାକୁ ସମସ୍ତ ପ୍ରକାର ବସ୍ତ୍ର ମାଗଣାରେ ଦେବା ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। 'ହ୍ୱିଲ୍ ଅଫ୍ କାଇଣ୍ଡନେସ୍' ବା 'ସହାୟ ରଥ' ନାମକ ଏକ ବସ୍ ବୁଲି ବୁଲି ଲୋକଙ୍କ ନିକଟରୁ ପୁରୁଣା ବସ୍ତ୍ର ସଂଗ୍ରହ କରିବା ପରେ ତାହାକୁ ସଫା କରିବା ସହ ଆଇରନ୍ କରି ଗରୀବଙ୍କୁ ବଣ୍ଟା ଯାଉଥିଲା। ଏଥିପାଇଁ ମହାନଗର ନିଗମ କାର୍ଯ୍ୟାଳୟ ଓ ଶାଖା କାର୍ଯ୍ୟାଳୟରେ ସ୍ୱତନ୍ତ୍ର କେନ୍ଦ୍ର ମଧ୍ୟ ଖୋଲାଯିବା ସହ ଦୁଆର ମୁହଁରୁ ବସ୍ ଯୋଗେ ବସ୍ତ୍ର ସଂଗ୍ରହ ପାଇଁ ଜାରୀ ହୋଇଥିଲା ନମ୍ବର। ହେଲେ ମାତ୍ର ଦିନ କେଇଟା ପାଇଁ। ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ଏହି 'ସହାୟ ରଥ' ଏବେ ଖତ ଖାଉଛି।

ମହାମାରୀ କରୋନା ଜନଜୀବନକୁ ଅସ୍ତବ୍ୟସ୍ତ କରିପାଉଥିବା ବେଳେ ଅନେକଙ୍କ ଜୀବିକା ଛଡ଼େଇ ନେଇଥିଲା। ଖାଇବା ଠାରୁ ଆରମ୍ଭ କରି ପିନ୍ଧିବାକୁ ବସ୍ତ୍ରଟିଏ ପାଉନଥିଲେ ଲୋକେ। ଏହି ମସସ୍ୟାକୁ ଦୂର କରିବାକୁ ୨୦୨୧ ମସିହା ଏପ୍ରିଲ ୧ ତାରିଖ ଉତ୍କଳ ଦିବସରେ ବିଏମ୍‌ସି ପକ୍ଷରୁ 'ସହାୟ ରଥ'ର ଶୁଭାରମ୍ଭ କରାଯାଇଥିଲା। ଏକ ବସ୍‌କୁ ସମ୍ପୂର୍ଣ୍ଣ ଭାବେ ଏକ ଦୋକାନ ଭଳି ସଜ୍ଜା ଯାଇଥିଲା। ଭିତରକୁ ବିଭିନ୍ନ କମ୍ପାଟମେଣ୍ଟରେ ବିଭକ୍ତ କରାଯାଇଥିଲା। ଯେଉଁଠାରେ ଛୋଟପିଲା, ମହିଳା, ପୁରୁଷ, ଶିଶୁ, ବୃଦ୍ଧ ଆଦିଙ୍କ ଭିନ୍ନ ବସ୍ତ୍ର ରଖାଯିବା ସହ ଟ୍ରାଏଲ ରୁମ୍ ମଧ୍ୟ ରହିଥିଲା। ଏହି ରଥ ପ୍ରତିଦିନ ସହରର ବିଭିନ୍ନ ସ୍ଥାନ ଭ୍ରମଣ କରି ପୁରୁଣା ବସ୍ତ୍ର ସଂଗ୍ରହ କରୁଥିଲା। ଏହାକୁ ସଂଗ୍ରହ କରାଯାଇ ଏକ ସ୍ଥାନରେ ରଖାଯାଉଥିଲା। ଏଥିପାଇଁ ୟୁନିଟ୍-୪ ମଧୁସୂଦନନଗରରେ ଏକ ଜାଗା ମଧ୍ୟ ଚିହ୍ନ ହୋଇଥିଲା। ଉକ୍ତ ଗୃହରେ ସଂଗୃହୀତ ଗଚ୍ଛିତ କରାଯାଉଥିଲା। ସେଠାରେ ପୋଷାକ ଗୁଡ଼ିକ ସଫା କରାଯିବା ସହ ଆଇରନ୍ କରାଯାଇ ରଥ ମଧ୍ୟରେ ସୁସଜ୍ଜିତ କରାଯାଉଥିଲା। ଯେଉଁମାନଙ୍କର ଆବଶ୍ୟକ ହୁଏ ସେମାନେ ଏହି ରଥରୁ ନିଜ ମାପ ଅନୁସାରେ ବସ୍ତ୍ର ନେଇଥାନ୍ତି। ରଥର ମେଣ୍ଟେନାନ୍ସ ସମେତ ରଥ ଚାଳକ, ହେଲପର, ପୁରୁଣା ବସ୍ତ୍ର ସଫା କରାଯିବାକୁ ଡିଟରଜେଣ୍ଟ, ଆଇରନ୍, ଭାଙ୍ଗ କରିବାକୁ ମଧ୍ୟ କର୍ମଚାରୀମାନେ ରହିଥିଲେ। ଏହି କାର୍ଯ୍ୟ ଏକ ଘରୋଇ ସଂସ୍ଥାକୁ ବିଏମ୍‌ସି ହସ୍ତାନ୍ତ କରିଥିବା ବେଳେ ମୋଟ୍ ୧୦ଜଣଙ୍କୁ ଏଥିରେ ନିୟୋଜିତ କରାଯାଇଥିଲା। ଏଥିପାଇଁ ମାସକୁ ୧ଲକ୍ଷ ୫୯ ହଜାର ଟଙ୍କା ଖର୍ଚ୍ଚ କରୁଥିଲା ବିଏମ୍‌ସି। ଏହି ରଥ ଚାଲିବା ପରେ ବହୁ ସଂଖ୍ୟାରେ ଗରୀବ ଲୋକ ଉପକୃତ ହେଉଥିବା ବେଳେ ରଥଟି କିଛିଦିନ ଚାଲିବା ପରେ ବନ୍ଦ ହୋଇଗଲା। ସେଥିରେ କାର୍ଯ୍ୟରତ କର୍ମଚାରୀମାନେ ଦରମା ନ ପାଇପାରୁ ଛାଡ଼ି ଦେବା ପରେ ରଥ ନିର୍ମାଣ ହୋଇଥିବା ବସ୍‌ର ବ୍ୟାଟେରୀ ମଧ୍ୟ ଚୋରି ହୋଇଗଲା। ଉକ୍ତ ସଂଗୃହୀତ ଗୃହରେ ମଧ୍ୟ ଲକ୍ଷାଧିକ ବସ୍ତ୍ର ଗଚ୍ଛିତ ହୋଇ ରହିଥିବା ବେଳେ ବର୍ତ୍ତମାନ ତାହା କୁଆଡେ କଲା ତାହା ବି ପ୍ରଶ୍ନବାଚୀ। ହେଲେ ରଥ ମରାମତି ପାଇଁ ବିଏମ୍‌ସି ମନ ନବଳାଇବାରୁ ଗାଡ଼ିଟି ଏଳି ଖତ ଖାଉଥିବା ସମାଜସେବୀମାନେ କହିଛନ୍ତି। ଏନେଇ ବିଏମ୍‌ସି ଅଧିକାରୀଙ୍କ ପ୍ରତିକ୍ରିୟା ନିଆଯାଇ ପାରି ନାହିଁ।

● ବିଜେବି କଲେଜର +୩ ରେଜଲ୍ଟ ପ୍ରକାଶିତ

## ଅମ୍ଳାନଦିପ୍ତୀ ମିଶ୍ର ଶ୍ରେଷ୍ଠ ସ୍ନାତକ

ଭୁବନେଶ୍ୱର, ୨୬।୫(ସମିସ): ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକର ଷଷ୍ଠ ସେମିଷ୍ଟାର ବା ଚୂଡ଼ାନ୍ତ ପରୀକ୍ଷା ଫଳ ପ୍ରକାଶ ପାଇଛି। ଚଳିତବର୍ଷ ମୋଟ୍ ପାସ୍ ହାର ୯୫.୪୩% ରହିଛି। ସମୁଦାୟ ୯୪୨ ଜଣ ପରୀକ୍ଷା ଦେଇଥିବାବେଳେ ୮୯୯ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ଆଗରେ ରହିଛନ୍ତି। ଛାତ୍ରଙ୍କ ମୋଟ୍ ପାସ୍ ହାର ୯୨.୯% ଥିବାବେଳେ ଛାତ୍ରୀଙ୍କ ୯୭.୬୧% ରହିଛି। ବିଜ୍ଞାନ ବିଭାଗର ଛାତ୍ରୀ ଅମ୍ଳାନଦିପ୍ତୀ ମିଶ୍ର ସର୍ବାଧିକ ୯.୭୭ ସିଜିପିଏ ରଖିବା ସହିତ ମହାବିଦ୍ୟାଳୟର ଟପ୍ପର ବା ଶ୍ରେଷ୍ଠ ସ୍ନାତକ ବିବେଚିତ ହୋଇଛନ୍ତି।

ଚଳିତ ବର୍ଷ ବିଜ୍ଞାନରେ ପାସ୍ ହାର ସର୍ବାଧିକ ୯୮.୧% ରହିଛି। ସମୁଦାୟ ୨୧୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୨୧୨ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଶତ ପ୍ରତିଶତ ଛାତ୍ରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୯୮.୩୫% ଛାତ୍ର ପାସ୍ କରିଛନ୍ତି। ସେହିପରି ଭାବେ କଳାରେ ଦ୍ୱିତୀୟ ସର୍ବାଧିକ ୯୫.୦୩% ପିଲା ପାସ୍ କରିଥିବାବେଳେ ବାଣିଜ୍ୟରେ ପାସ୍ ହାର ୯୩.୮% ରହିଛି।

ଚୂଡାନ୍ତ ପରୀକ୍ଷା ଫଳ ଆଜି ଅପରାହ୍ନ ୨ଟା ରେ ପ୍ରକାଶ ପାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରୀତା ଦାସଙ୍କ ସମେତ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଦୀପ କୁମାର ପୃଷ୍ଟି, ପରୀକ୍ଷା ପାଇଁ ଅଫିସ୍ ଦାୟିତ୍ୱରେ ଥିବା ଜୟନ୍ତୀ ବେହେରା, ଉପ ପରୀକ୍ଷା ନିୟନ୍ତ୍ରକ ଡ. ସୁନନ୍ଦା ହୋତା ପ୍ରମୁଖ ପରୀକ୍ଷାଫଳକୁ ଉନ୍ମୋଚନ କରିଛନ୍ତି। ପରୀକ୍ଷା ସରିବାର ୪୫ ଦିନ ମଧ୍ୟରେ ରେଜଲ୍ଟ ପ୍ରକାଶ ପାଇଛି। କଲେଜ ୱେବସାଇଟ୍‌ରେ ଗ୍ରେଡ୍ ସିଟ୍ ବା ମାର୍କ ସିଟ୍ ଉପଲବ୍ଧ ହୋଇଛି। ଛାତ୍ରଛାତ୍ରୀମାନେ ସେମାନଙ୍କ ସାର୍ଟିଫିକେଟ୍‌ର ହାର୍ଡ କପି ସେମାନଙ୍କ ବିଭାଗରୁ ପାଇପାରିବେ ବୋଲି ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି।

## ମଧ୍ୟାହ୍ନ ଭୋଜନ ପାଚକ ପାଚିକା ମହାସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର, ୨୬।୫(ସମିସ):ଓଡ଼ିଶା ମଧ୍ୟାହ୍ନଭୋଜନ ପାଚକ ପାଚିକା ମହାସଂଘ ପକ୍ଷରୁ ଚତୁର୍ଥ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ ମଙ୍ଗଳବାର ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାନେତ୍ରୀ ଜନକ ପ୍ରଧାନଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ମହାନ୍ତି, ଓଡ଼ିଶା ଉଚ୍ଚନ୍ୟାୟାଳୟର ଆଇନଜୀବୀ ପ୍ରତିଭା ବର୍ମା, ମହାସଂଘର ରାଜ୍ୟ ଆବାହକ ଦିଗମ୍ବର ଜେନା ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶାରେ ୧ଲକ୍ଷ ୨୭ ହଜାର ମଧ୍ୟାହ୍ନଭୋଜନ ପାଚକ ପାଚିକାମାନେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବା ବେଳେ ଦୁଃଖର ବିଷୟ, ମାସିକ ପାରିଶ୍ରମିକ ସମୁଦ୍ରକୁ ଶଙ୍ଖେ। ତେଣୁ ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରୀ ୫୦୦ଟଙ୍କା ହିସାବରେ ମାସିକ ଦରମା ୧୫ହଜାର ଟଙ୍କା, ଦରମା ଲାଗୁ କରିବା, ସମସ୍ତଙ୍କୁ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ମାନ୍ୟତା ଦିଆଯିବା ସହ ଡ୍ରେସ୍‌କୋର୍ଡ ଲାଗୁ କରାଯିବା, ଚିକିତ୍ସା ଭତ୍ତା ସହ ଜୀବନବୀମାର ସୁବିଧା, ୨୦୧୮ ମସିହା ଜାନୁଆରୀ ମାସଠାରୁ ବର୍ତ୍ତମାନ ପ୍ରଚଳିତ ବର୍ଦ୍ଧିତ ଦରମାର ବକେୟା ସହ ମଇ ଓ ଜୁନ୍ ମାସ ଛୁଟି ମାସର ଦରମା ପ୍ରଦାନ, ନିଯୁକ୍ତି ବ୍ୟବସ୍ଥା ସରକାରଙ୍କ ସ୍କୁଲ୍ ବିଭାଗ ଦ୍ୱାରା ନିୟନ୍ତ୍ରଣ କରାଯିବା, ଅବସର ସୀମା ୬୦ବର୍ଷରୁ ୬୨ବର୍ଷ କରାଯିବା ସହ ଅବ୍ୟାହତ ପରେ ପେନସନ୍ ଲାଗୁ କରାଯିବା, କାର୍ଯ୍ୟରତ ସମୟରେ ଆକସ୍ମିକ ବିୟୋଗରେ କ୍ଷତିପୂରଣ ଦିଆଯିବାର ବ୍ୟବସ୍ଥା ଆଦି ଦାବୀ ଉପସ୍ଥାପନ କରାଯାଇଥିଲା। ସମ୍ମିଳନୀରେ ଓଡ଼ିଶାର ୩୦ଟି ଜିଲ୍ଲାର ପାଚକ/ପାଚିକାମାନେ ଯୋଗଦେଇ ବିଭିନ୍ନ ଦାବି ଉପସ୍ଥାପନ ସହ ଦସ୍ତଖତ କରି ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ସ୍ମାରକପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସୁଷମା ଦାସ, ଉମାମଣି ମହାନ୍ତ, ସାବିତ୍ରୀ ନାୟକ, ତିଲୋ ମା ମାଝୀ, ଗୋଲାପୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ସଂଘର ସାଧାରଣ ସମ୍ପାଦିକ ନିରୂପମା ମହାନ୍ତ ଧନ୍ୟବାଦ ଦେଇଥିଲେ।

## ଟାଟା ଷ୍ଟିଲ୍ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୨୬।୫(ସମିସ): ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟ୍‌ସ) କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ୩୦ ଜଣ ଛାତ୍ରଛାତ୍ରୀ ମହାକାଶ ଗବେଷଣା ଓ ଗ୍ରହ ନକ୍ଷତ୍ର ଉପସ୍ଥିତି ଏବଂ ଗତିବିଧି ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ହାସଲ କରିବେ। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ସତୀଶ ଧାୱନ ମହାକେଶ କେନ୍ଦ୍ରରେ ପ୍ରଶିକ୍ଷଣ ପାଇବେ। ଟାଟା ଷ୍ଟିଲ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନସ୍ଥ ପଠାଣି ସାମନ୍ତ ପ୍ଲାନେଟାରିୟମ ସହଭାଗିତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ, ପ୍ରଥମ ଥର ପାଇଁ ୟାଟ୍‌ସ ବିଜେତାମାନେ ଶ୍ରୀହରିକୋଟା ସ୍ଥିତ ଇସ୍ରୋ ପ୍ରତିଷ୍ଠାନ ପରିଦର୍ଶନ କରିବେ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ ମହାକାଶ ଅନୁସନ୍ଧାନକାରୀଙ୍କ ମଧ୍ୟରେ ସାମିଲ ହେବା ପାଇଁ କଠିନ ପରିଶ୍ରମ ଓ ବୁଦ୍ଧିମତ୍ତାର ସହ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ସାରା ରାଜ୍ୟରୁ ଏହି ୧୯ତମ ସଂସ୍କରଣରେ ୭୬, ୭୦୦ ଛାତ୍ରଛାତ୍ରୀ ସାମିଲ ହୋଇଥିବାବେଳେ ତନ୍ମଧ୍ୟରୁ ୩୦ଜଣ ବିଜେତା ଇସ୍ରୋ ଗସ୍ତ ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ମେଧାବୀ ଛାତ୍ରାଛାତ୍ରୀମାନେ ଏସ୍‌ଡିଏସ୍‌ସି-ଏସ୍‌ଏଚ୍‌ଏଆର୍‌ର ବିଭିନ୍ନ ବିଭାଗ ପରିଦର୍ଶନ କରିବେ। ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି, ପଠାଣି ସାମନ୍ତ ପ୍ଲାନେଟାରିୟମର ନିର୍ଦ୍ଦେଶିକା ଊର୍ମିପ୍ରଭା ମହାରଣା ଏବଂ ଟାଟା ଷ୍ଟିଲ୍ ମେରାମଣ୍ଡଳୀର କର୍ପୋରେଟ୍ ସର୍ଭିସେସ୍ ଚିଫ୍ ଶୁଭ୍ରାଂଶୁ ଶେଖର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ 'ଫାସିନେସନ୍ ଅଫ୍ ପ୍ଲାଣ୍ଟସ୍ ଡେ' ୱେବିନାର

ଭୁବନେଶ୍ୱର, ୨୬।୫(ସମିସ): ସୋଆ ବିଶ୍ୱବିଦ୍ୟାଳୟଅନ୍ତର୍ଗତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍) ପକ୍ଷରୁ ୟୁରୋପିଆନ୍ ପ୍ଲାଣ୍ଟ ସାଇନ୍ସ ଅର୍ଗାନାଇଜେସନ୍ (ଇପିଏସ୍‌ଓ) ଆନୁକୂଲ୍ୟରେ ୮ମ ଅନ୍ତର୍ଜାତୀୟ 'ଫାସିନେସନ୍ ଅଫ୍ ପ୍ଲାଣ୍ଟସ୍ ଡେ (ଏଫ୍‌ଓପିଡି-୨୦୨୬)' ୱେବିନାର ଅନୁଷ୍ଠିତ ହୋଇଯାଇଛି। ମଲିକ୍ୟୁଲାର ବାୟୋଲୋଜି ଓ ବାୟୋଟେକ୍ନୋଲୋଜି ବିଭାଗ ପକ୍ଷରୁ ଆୟୋଜିତ ଏହି ଦୁଇଦିନିଆ ୱେବିନାରରେ ୨୨୫ରୁ ଊର୍ଦ୍ଧ୍ୱ ପ୍ରତିନିଧି ସାମଲି ହୋଇଥିଲେ। କାର୍ଯ୍ୟକ୍ରମ ପ୍ରଥମ ଦିନରେ କୃଷି ବିଜ୍ଞାନ ଅନୁଷ୍ଠାନର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ସ୍ୱାଗତ ଭାଷଣ ଦେଇ କୃଷି ବିକାଶ ଓ ବିଶ୍ୱ ଖାଦ୍ୟ ସୁରକ୍ଷା ପାଇଁ ଉଦ୍ଭିଦ ବିଜ୍ଞାନ ଗବେଷଣାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଜ୍ଞାନ ରଞ୍ଜନ ରାଉତ 'ପ୍ଲାଣ୍ଟ କନ୍‌ଜରଭେସନ୍, ଡାଇଭରସିଟି ଆଣ୍ଡ ୟୁଟିଲାଇଜେସନ୍' ବିଷୟରେ ଆଲୋଚନା କରିଥିବା ବେଳେ ଆଇସିଏଆର-ନ୍ୟାସ୍‌ନାଲ୍ ରିସର୍ଚ୍ଚ ସେଣ୍ଟର ଅଲ୍ ଲିଚି ଡ. ଶୁଭଲକ୍ଷ୍ମୀ ପଲେଇ ଜଳବାୟୁ ସହନଶୀଳତା ଓ ଖାଦ୍ୟ ସୁରକ୍ଷା ପାଇଁ ଉନ୍ନତ ଉଦ୍ୟାନ କୃଷି ପ୍ରଯୁକ୍ତି ବିଷୟରେ ବ୍ୟାଖ୍ୟାନ ଦେଇଥିଲେ। ଦ୍ୱିତୀୟ ଦିନରେ ନାଇଜର, ଗିତମ ଏବଂ ସୋଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞ ଓ ବୈଜ୍ଞାନିକମାନେ ଉଦ୍ଭିଦ ଜୀବ ବିଜ୍ଞାନ, ଜିନେଟିକ୍ସ, ଫସଲ ଉନ୍ନତି, ରୋଗ ଓ ପୋକ ପରିଚାଳନା ସହ ଧାନରେ ଲୋ-ଲାଇଟ୍ ସହନଶୀଳତା ଉପରେ ଆଲୋଚନା କରିଥିଲେ। ଡ. ମଧୁସ୍ମିତା ପାଣିଗ୍ରାହୀଙ୍କ ନେତୃତ୍ୱରେ ଡ. ଆଲୋକ କୁମାର ପଣ୍ଡା, ଡ. ପ୍ରକାଶ କୁମାର ବେହେରା, ପିଏଚ୍‌ଡି ଗବେଷିକା ମମତା ମହାପାତ୍ର ପ୍ରମୁଖ ପରିଚାଳନା କରିଥିବା ବେଳେ ଅନଲାଇନ୍ କାର୍ଯ୍ୟକ୍ରମର ଟେକ୍ନିକାଲ୍ ସମନ୍ୱୟ ଡ. ଅଂଶୁମାନ ଜେନା ଓ ଡ. ରାଜୀବ କୁମାର ବେହେରା ପରିଚାଳନା କରିଥିଲେ।

## ନାଟକ 'ଶିକସ୍ତ' ମଞ୍ଚସ୍ଥ

ଭୁବନେଶ୍ୱର, ୨୬।୫(ସମିସ): ଗର୍ବ, ଅହଙ୍କାର ଓ ସମ୍ପର୍କକୁ ନେଇ ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି ନାଟକ 'ଶିକସ୍ତ'। ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବର ମଙ୍ଗଳବାର ଚତୁର୍ଥ ସନ୍ଧ୍ୟାରେ 'ନିପା ରଙ୍ଗମଣ୍ଡଳ' ପକ୍ଷରୁ ପ୍ରଦର୍ଶିତ ଏହି ନାଟକର ରଚନା ଭରତେନ୍ଦୁ କାଶ୍ୟପ କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ସୂର୍ଯ୍ୟମୋହନ କୁଳଶ୍ରେଷ୍ଠ। କାର୍ଯ୍ୟକ୍ରମରେ ଅତିଥି ଭାବେ ସାହିତ୍ୟ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା, ଓଡ଼ିଶା ନାଟ୍ୟ ସଂଘର ସମ୍ପାଦତ ସୁଧାଂଶୁ ମୋହନ ଦ୍ୱିବେଦୀ, ସମର ମୁଦୁଲି, ଆଶୁତୋଷ ରଥ, ଅନୁଷ୍ଠାନର ସଭାପତି ସୁଧାକର ପତ୍ରୀ, ସମ୍ପାଦକ ଶୁଭକାନ୍ତ ପାଢ଼ୀ, ରୋଟାରିଆନ୍ ଯଜ୍ଞାଶିଷ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।



## 'ଶିକାର'ର ଟିଜର୍ ରିଲିଜ୍

ଭୁବନେଶ୍ୱର, ୨୬।୫ (ସମିସ): ଚଳିତ ରଜ ଅବସରରେ ଦର୍ଶକଙ୍କୁ ଆକ୍ସନ ସସପେନ୍ସ ସହ ଭରପୂର ମନୋରଞ୍ଜନ ଦେବାକୁ ପ୍ରେକ୍ଷାଳୟକୁ ଆସିବ 'ଶିକାର'। ଅଭିନେତା ଅମ୍ଲାନଙ୍କ ନୂଆ ଓଡ଼ିଆ ଚଳଚ୍ଚିତ୍ର ଏଥର ରଜରେ ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି ଆଜି ଫିଲ୍ମର ଟିଜର ରିଲିଜ୍ ଅବସରରେ ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି। ନିକଟରେ ଫିଲ୍ମର ଫାଷ୍ଟ ଲୁକ୍ ଓ ଷ୍ଟାରକାଷ୍ଟଙ୍କ ଲୁକ୍ ସାମ୍ନାକୁ ଆସିଥିଲା। ପ୍ରଯୋଜନା ସଂସ୍ଥା ମୁନ୍ ଟିଭି ଓ ସିଦ୍ଧାର୍ଥ ଟିଭି ମିଳିତ ଆନୁକୂଲ୍ୟରେ ପ୍ରସ୍ତୁତ ଏହି ସିନେମାର ୧ମିନିଟ୍ ୨୮ ସେକେଣ୍ଡର ଏହି ଟିଜର ରିଲିଜ୍ ହୋଇଛି। ଫିଲ୍ମଟି ଆସନ୍ତା ଜୁନ୍ ୧୨ ତାରିଖରେ ରଜ ଅବସରରେ ମୁକ୍ତିଲାଭ କରିବାକୁ ଥିବା 'ଶିକାର'ର ନିର୍ଦ୍ଦେଶନା ଦେଇଛନ୍ତି ମୃତ୍ୟୁଞ୍ଜୟ ସାହୁ ଏବଂ କାହାଣୀ ଓ ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା। ବୈଦ୍ୟନାଥ ଦାଶ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ କଣ୍ଠଦାନ କରିଛନ୍ତି ଅନ୍ତରା ଚକ୍ରବର୍ତ୍ତୀ, ମଣ୍ଟୁ ଛୁରୀଆ, କ୍ରିଷ୍ଣା ବେଉରା, ଅସୀମା ପଣ୍ଡା। ଏଥିରେ ଅମ୍ଲାନ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିବା ବେଳେ ଏଲିନା ସାମନ୍ତରାୟ ଓକିଲ ଭୂମିକାରେ ନଜର ଆସିଛନ୍ତି। ସେହିପରି ସୁପ୍ରିୟା ନାୟକ, ଅଙ୍କିତ, ତାପସ ସରଘରିଆ, ପ୍ରଦ୍ୟୁମ୍ନ ଲେଙ୍କା, ମଣ୍ଟୁ, ଲିପିକା ଓ ବବି ମିଶ୍ର, ପ୍ରଭାତୀ, ସ୍ମିତା ମହାନ୍ତି, ଅଭିନବ ସିଂ, ଜ୍ଞାନ ହୋଟା, ପୁଷ୍ପା ପଣ୍ଡା ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ତେବେ ଫିଲ୍ମଟି ସମସ୍ତ ବର୍ଗର ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ପ୍ରଯୋଜକ ସଚ୍ଚିକାନ୍ତ ଜେନା ସୂଚନା ଦେଇଛନ୍ତି।

## ଧଉଳିରେ ପର୍ଯ୍ୟଟକଙ୍କ ପାଇଁ ଚାଲିବ ଇଭି ଗାଡ଼ି



ପର୍ଯ୍ୟଟନ ବିକାଶ ପ୍ରକଳ୍ପର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଭୁବନେଶ୍ୱର, ୨୬।୫(ସମିସ):ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ପର୍ଯ୍ୟଟନ ଭବନର ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକର ଅଧ୍ୟକ୍ଷତା କରି ରାଜ୍ୟରେ ଚାଲିଥିବା ବିଭିନ୍ନ ପର୍ଯ୍ୟଟନ ଭିତ୍ତିଭୂମି ପ୍ରକଳ୍ପ, ପର୍ଯ୍ୟଟନ ସ୍ଥଳୀର ବିକାଶମୂଳକ କାର୍ଯ୍ୟ ଏବଂ ପ୍ରଚାର ପ୍ରସାରର ସ୍ଥିତି ଆଲୋଚନା କରିଛନ୍ତି। ଧଉଳି ପର୍ଯ୍ୟଟକମାନଙ୍କୁ ଅଧିକ ସୁବିଧା ଯୋଗାଇଦେବା ପାଇଁ ପର୍ଯ୍ୟଟକ ଓ ସ୍ଥାନୀୟ ଯାତାୟାତ ନିମନ୍ତେ ବୈଦ୍ୟୁତିକ ଯାନ (ଇଭି) ପ୍ରଚଳନ ଉପରେ ଗୁରୁତ୍ୱ ଦେଇଥିଲେ। ଆଗାମୀ ରଥଯାତ୍ରା ଏବଂ ଏଥିପାଇଁ ଆସିବାକୁ ଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର-ପୁରୀ କରିଡର ପାଇଁ ବିଭାଗର ବିଜ୍ଞାପନ ଏବଂ ପ୍ରଚାର ଯୋଜନା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ସେହିପରି ପର୍ଯ୍ୟଟନ ଭିତ୍ତିଭୂମି ତଥା ପୁଞ୍ଜିନିବେଶକୁ ସହଜ କରିବା ପାଇଁ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ ଲ୍ୟାଣ୍ଡ ବ୍ୟାଙ୍କ ଗଠନ ଉପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ ଏକାମ୍ର ବିଧାୟକ ବାବୁ ସିଂହ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଳବନ୍ତ ସିଂହ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ଅକ୍ସ ମମ୍ବୋ ଉଦ୍‌ଯାପନୀ ସନ୍ଧ୍ୟାରେ ଅମନ ତ୍ରିଖା

ବାଲିଅନ୍ତା, ୨୬।୫(ସମିସ): ବାଲିଅନ୍ତା ବ୍ଲକ ଅଧୀନ ରାମଚନ୍ଦ୍ରପୁର ସ୍ଥିତ ଅକ୍ସଫୋର୍ଡ଼ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ବାର୍ଷିକ ଉତ୍ସବ ଅକ୍ସମମ୍ବୋ ୨୦୨୬ ଆଜି ଉଦଯାପିତ ହୋଇଯାଇଛି। ଏନେଇ ଆୟୋଜିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସରକାରଙ୍କ ବାଣିଜ୍ୟ, ପରିବହନ, ଇସ୍ପାତ ଏବଂ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇଥିଲେ। ସିମୁଳିଆ ବିଧାୟକ, ବାଲେଶ୍ୱର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଅକ୍ସଫୋର୍ଡ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ପ୍ରତିଷ୍ଠାତା ପଦ୍ମଲୋଚନ ପଣ୍ଡା ସଭାପତିତ୍ୱ କରିଥିଲେ। ବାଚସ୍ପତି ସୁରମା ପାଢ଼ୀ ପ୍ରମୁଖ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷା ବ୍ୟବସ୍ଥାରେ ସରକାରୀ ସ୍ତରରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। କଲେଜର ଚେୟାର ମ୍ୟାନ ଡାକ୍ତର ଅନୁମାଧବ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ଆକର୍ଷଣର କେନ୍ଦ୍ର ବିନ୍ଦୁ ଥିଲେ ବଲିଉଡ ଗାୟକ ଅମନ ତ୍ରିଖା।

## ବାରଙ୍ଗ ଥାନାରେ 'ଥାର୍ଡ ଡିଗ୍ରୀ'

# ରାଜନୈତିକ ଚାପରେ ମାମଲା ରଫାଦଫା ଉଦ୍ୟମ

ନନ୍ଦନକାନନ/ବାରଙ୍ଗ, ୨୬।୫(ସମସ)

ବାରଙ୍ଗ ଥାନା ପୁଲିସ ଜଣେ ନିରୀହ ଯୁବକଙ୍କୁ ବିନା ଦୋଷରେ ଥାର୍ଡ ଡିଗ୍ରୀ ନିର୍ଯାତନା ଦେଇଥିବା ସଙ୍ଗୀନ ଅଭିଯୋଗ ହେଉଥିବା ବେଳେ ଏହି ଘଟଣାକୁ ଚପାଇ ଦେବା ପାଇଁ ଏବେ ପରିବାର ଉପରେ ପ୍ରବଳ ରାଜନୈତିକ ଚାପ ପଡୁଥିବା ଅଭିଯୋଗ ହୋଇଛି।

■ ସ୍ତ୍ରୀ ଜୀବିତ ଥାଇ ସ୍ୱାମୀକୁ 'ହତ୍ୟାକାରୀ' ସଜାଇବାକୁ ପୁଲିସର ଯୋଜନା

■ ରାକେଶଙ୍କ ପରିବାରକୁ ଦିଆଯାଉଛି ଧମକ



ବାରଙ୍ଗ ଅଞ୍ଚଳର ରାକେଶ ବେହେରାଙ୍କ ପତ୍ନୀ ଦୁଇଟି ସନ୍ତାନକୁ ଛାଡ଼ି କେଉଁଆଡ଼େ ନିଖୋଜ ହୋଇଯାଇଥିବା ବେଳେ ପୁଲିସ ତାଙ୍କୁ ଖୋଜିବା ପରିବର୍ତ୍ତେ ନଦୀ ପଠାରୁ ମିଳିଥିବା ଏକ ଅଜଣା ମହିଳାଙ୍କ ଶବକୁ ତାଙ୍କ ସ୍ତ୍ରୀ ବୋଲି ଦର୍ଶାଇ ରାକେଶଙ୍କୁ ଜୋର୍ ଜବରଦସ୍ତି 'ଅଭିଯୁକ୍ତ' ସଜାଇବାକୁ ବାଧ୍ୟ କରିଥିବା ଅଭିଯୋଗ ଉଠିଥିଲା। ହାଜତ ଭିତରେ ମରଣାନ୍ତକ ମାଡ଼ ଏବଂ ଜଙ୍ଗଲକୁ ନେଇ ଅମାନୁଷିକ ଅତ୍ୟାଚାର କରିବା ଯୋଗୁଁ ରାକେଶଙ୍କ ଅବସ୍ଥା ଅତି ସଂକଟାପନ୍ନ ହୋଇଛି ଏବଂ ସେ କଟକ ବଡ଼ ଡାକ୍ତରଖାନାରେ ଜୀବନ ମରଣ ସହ ଲଢୁଛନ୍ତି। ପୁଲିସର ଏହି ବେଆଇନ ଥାର୍ଡ ଡିଗ୍ରୀ କାର୍ଯ୍ୟାନୁଷ୍ଠାନ ଧରାପଡ଼ିଯିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ସୃଷ୍ଟି ହୋଇଛି।

ଏହି ସାଙ୍ଘାତିକ ଘଟଣା ସାମ୍ନାକୁ ଆସିବା ପରେ ପୁଲିସର ବର୍ବର ଚେହେରାକୁ ଢାଙ୍କିବା ପାଇଁ ଶାସକ ଦଳର କିଛି ପ୍ରଭାବଶାଳୀ ନେତା ନିଜର ରାଜନୈତିକ ଅଭିସନ୍ଧି ରଖି ମଇଦାନକୁ ଓହ୍ଲାଇଛନ୍ତି। ରାକେଶଙ୍କ କିଛି ସମ୍ପର୍କୀୟଙ୍କୁ ନିଜ ସପକ୍ଷକୁ ନେଇ, ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ସମଗ୍ର ଘଟଣାକୁ ଚାପିଦେବା ପାଇଁ ରାଜନେତାମାନେ ଜୋରଦାର ଉଦ୍ୟମ ଚଳାଇଛନ୍ତି। ସବୁଠାରୁ ବିସ୍ଫୋରକ ଅଭିଯୋଗ ଆଣିଛନ୍ତି ରାକେଶଙ୍କ ମା' ଲକ୍ଷ୍ମୀପ୍ରିୟା ବେହେରା। ସେ କହିଛନ୍ତି ଯେ, ପୁଲିସ ପକ୍ଷରୁ ରାକେଶଙ୍କ ବାପାଙ୍କୁ ଫୋନ ଯୋଗେ ସିଧାସଳଖ ଚାପ ପକାଯିବା ସହ କଡ଼ା ଧମକ ଦିଆଯାଇଛି। ସେମାନେ ଯଦି ଏହି ମାମଲାରୁ ଓହରି ନ ଯାଆନ୍ତି, ତେବେ ତାଙ୍କ ପୁଅର ଜୀବନ ପ୍ରତି ବିପଦ ରହିଛି ବୋଲି ପୁଲିସ କହିଛି। ରାକେଶଙ୍କ ପିଇସି ପୁଅ ଭାଇ ଅଭିଷେକ ସ୍ୱାଇଁଙ୍କ ଅଭିଯୋଗ ଅନୁଯାୟୀ, ରାକେଶଙ୍କ ଗୋଡ଼ ହାତ ବାନ୍ଧି ଏକ ନିଛାଟିଆ ଜଙ୍ଗଲକୁ ନିଆଯାଇ ମାଡ଼ ମରାଯିବା ଯୋଗୁଁ ତାଙ୍କ କିଡନୀ ଅଚଳ ହୋଇପଡ଼ିଛି ଏବଂ ଏକ ଦଲାଲ୍ ମାଧ୍ୟମରେ ମେଡିକାଲରେ ଆଡମିଶନ କରାଯାଇ ବର୍ତ୍ତମାନ ତାଙ୍କର କିଡନୀ ଡାଇଲିସିସ୍ କରାଯାଉଛି। ଏହି ଘଟଣାରେ ସବୁଠାରୁ ଚକିତ କଲାଭଳି ତଥ୍ୟ ହେଉଛି, ରାକେଶଙ୍କ ପତ୍ନୀ ରାଜ୍ୟ ବାହାରେ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ନେଇ ପରିବାର ଲୋକଙ୍କୁ ଏବଂ ପୁଲିସକୁ ଭିଡିଓ କଲ୍ କରି ନିଜେ ସୂଚନା ଦେଇସାରିଛନ୍ତି। ଯଦି ସ୍ତ୍ରୀ ଜୀବିତ ଅଛନ୍ତି, ତେବେ ପୁଲିସ କେଉଁ ଚାପରେ ଏବଂ କାହାକୁ ସୁରକ୍ଷା ଦେବା ପାଇଁ ରାକେଶଙ୍କୁ ଜବରଦସ୍ତି ଅଭିଯୁକ୍ତ ସଜାଇବାକୁ ଏତେ ବ୍ୟଗ୍ର ଥିଲା, ତାହା ପ୍ରଶାସନର ସ୍ୱଚ୍ଛତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନ୍ୟାୟ ଦାବିରେ ଶତାଧିକ ମହିଳା ଓ ପୁରୁଷ ଗତକାଲି ବାରଙ୍ଗ ଥାନା ଘେରଉ କରିବା ସହ ବାରଙ୍ଗ-ବାଙ୍କୀ ମୁଖ୍ୟ ରାସ୍ତାକୁ ଦୀର୍ଘ ସମୟ ଧରି ଅବରୋଧ କରିଥିଲେ। ପରିସ୍ଥିତି ଉଗ୍ର ହେବାରୁ ସେଠାରେ ୪ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି। କଟକ ଅତିରିକ୍ତ ଡିସିପି ରଞ୍ଜିତ ପୃଷ୍ଟି ଏବଂ ଅମରେନ୍ଦ୍ର ପଣ୍ଡାଙ୍କ ସମେତ ବହୁ ଉଚ୍ଚପଦସ୍ଥ ଅଧିକାରୀ ଥାନାରେ ଡେରା ପକାଇଛନ୍ତି। କଟକ ଡିସିପି ନିଜେ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ପୀଡ଼ିତ ପରିବାରକୁ ତାଙ୍କ ସହ ଭେଟ ହେବାକୁ ଦିଆଯାଉ ନାହିଁ, ଯାହା ସନ୍ଦେହକୁ ଦ୍ୱିଗୁଣିତ କରୁଛି। ଅନ୍ୟପଟେ କଟକ ଡିସିପି ଏହି ମାମଲାରେ ସଫେଇ ଦେଇ କହିଛନ୍ତି ଯେ କାଠଯୋଡ଼ି ନଦୀରୁ ମହିଳାଙ୍କ ମୃତଦେହ ଜବତ ଘଟଣାରେ କେବଳ ପଚରାଉଚୁରା କରାଯାଉଥିଲା, ହେଲେ ରାକେଶଙ୍କୁ ଥାନାରେ ଅଟକ ରଖାଯାଇ ନ ଥିଲା। ପରିବାର ସଦସ୍ୟଙ୍କ ଜ୍ଞାତସାରରେ ହିଁ ତାଙ୍କର ମେଡିକାଲ ଚିକିତ୍ସା ଚାଲିଛି ଏବଂ ଥାନାରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇ ତଦନ୍ତ ପରେ ଦୋଷୀଙ୍କ ବିରୋଧରେ ଆକ୍ସନ ନିଆଯିବ। ଡିସିପିଙ୍କ ଏହି ବୟାନ ପରେ ଏବେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜନସାଧାରଣ ପ୍ରଶ୍ନ କରୁଛନ୍ତି ଯେ ଯଦି ରାକେଶଙ୍କୁ ଥାନାରେ ଅଟକ ରଖାଯାଇ ନ ଥିଲା, ତେବେ ସେ ହଠାତ୍ ସୁସ୍ଥ ଅବସ୍ଥାରୁ ଏଭଳି ସଂକଟାପନ୍ନ ହୋଇ ମେଡିକାଲ ବେଡ୍‌କୁ ଗଲେ କେମିତି ?

### ପରିବହନ ବିଭାଗ ନିୟମକୁ ଅଣଦେଖା

# ମାଲବାହୀ ଗାଡ଼ିରେ ହେଉଛି ବେଆଇନ ଯାତ୍ରୀ ପରିବହନ



### ■ ବଢୁଛି ଦୁର୍ଘଟଣା ଆଶଙ୍କା, କାର୍ଯ୍ୟାନୁଷ୍ଠାନ ଦାବି

ବାରିପଦା, ୨୬।୫(ସମିସ): ବାରିପଦା ସହରରେ ଖୋଲାଖୋଲି ଉଲ୍ଲଙ୍ଘନ ହେଉଛି ପରିବହନ ନିୟମ। ମାଲବାହୀ ଗାଡ଼ି, ପିକଅପ୍ ଭ୍ୟାନ୍ ଓ ଛୋଟ ମାଲବାହୀ ଗାଡ଼ିରେ ଚାଲିଛି ଯାତ୍ରୀ ପରିବହନ। ପରିବହନ ବିଭାଗ ପକ୍ଷରୁ କଡ଼ା ନିୟମ ଥିବା ସତ୍ତ୍ୱେ ଦିନ ଦ୍ୱିପ୍ରହରରେ ଏଭଳି ବେଆଇନ କାରବାର ଚାଲୁଥିବାରୁ ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠୁଛି। ଯେକୌଣସି ସମୟରେ ଏହା ବଡ଼ ଦୁର୍ଘଟଣାର କାରଣ ହୋଇପାରେ ବୋଲି ସାଧାରଣରେ ଚିନ୍ତା ବଢ଼ିଛି। ଉତ୍ତୋଳିତ ଫଟୋଟି ବାରିପଦା ସହରକୁ ପ୍ରବେଶ କରୁଥିବାର ଚିତ୍ର। ଯେଉଁଠି ମାଲବାହୀ ଗାଡ଼ିରେ ଖୋଲାଖୋଲି ଚାଲିଛି ଯାତ୍ରୀ ପରିବହନ। କେଉଁଠି ପିକଅପ୍ ଭ୍ୟାନର ଡାଲାରେ ବସିଛନ୍ତି ଲୋକେ ତ ଆଉ କେଉଁଠି ଛୋଟ ବାଣିଜ୍ୟିକ ଯାନରେ ଜୀବନକୁ ବିପଦରେ ପକାଇ ଯାତ୍ରୀ ଯାଉଛନ୍ତି। ଯାହା ସମ୍ପୂର୍ଣ୍ଣ ଭାବେ ବେଆଇନ ହୋଇଥିଲେ ମଧ ଏଥିପାଇଁ କାହାରି ଭୟ ନ ଥିବା ଭଳି ଲାଗୁଛି।

ନିୟମ ଅନୁସାରେ ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ସମ୍ପୂର୍ଣ୍ଣ ନିଷିଦ୍ଧ। କାରଣ ଏଭଳି ଯାନରେ ଯାତ୍ରୀଙ୍କ ସୁରକ୍ଷା ପାଇଁ ନ ଥାଏ କୌଣସି ସୁବିଧା। ନାହିଁ ସୁରକ୍ଷିତ ସିଟ୍, ନାହିଁ ଜରୁରିକାଳୀନ ବ୍ୟବସ୍ଥା। ଫଳରେ ସାମାନ୍ୟ ଅସାବଧାନତା କିମ୍ବା ଦୁର୍ଘଟଣା ବେଳେ ବଡ଼ଧରଣର ଜୀବନହାନି ହେବାର ଆଶଙ୍କା ରହିଥାଏ। ସବୁଠୁ ବଡ଼ କଥା ହେଲା, ଏଭଳି ଗାଡ଼ି ସହରର ମୁଖ୍ୟ ରାସ୍ତାରେ ଦିନବେଳେ ଚଳାଚଳ କରୁଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ହେଉନି କଡ଼ା କାର୍ଯ୍ୟାନୁଷ୍ଠାନ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ବଢୁଛି। ଲୋକଙ୍କ ଅଭିଯୋଗ, ଯଦି ଆରମ୍ଭରୁ କଡ଼ା ଚେକିଂ ଓ ଜରିମାନା ଲାଗୁ କରାଯାଏ, ତେବେ ଏଭଳି ବେଆଇନ ପରିବହନ ଉପରେ ରୋକ ଲଗାଯାଇପାରିବ। ଅନ୍ୟପକ୍ଷରେ ଡ୍ରାଇଭର ଓ ଗାଡ଼ି ମାଲିକ ଅଧିକ ଲାଭ ଆଶାରେ ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରୁଥିବାବେଳେ ଯାତ୍ରୀ ମଧ ସଚେତନ ହେଉନାହାନ୍ତି। କେବଳ କିଛି ଟଙ୍କା ବଞ୍ଚାଇବା ପାଇଁ ଜୀବନକୁ ବିପଦରେ ପକାଇ ଯାତ୍ରା କରିବା ଏବେ ଚିନ୍ତାର କାରଣ ପାଲଟିଛି। ଏହାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ବାରିପଦା ଆଞ୍ଚଳିକ ପରିବହନ ଅଧିକାରୀ ଇଂ ପ୍ରଶାନ୍ତ କୁମାର ପରିଡ଼ା। ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚେକିଂ ଚାଲୁ ରହିଛି। ଆମେ ବିଭିନ୍ନ ସ୍ଥାନରେ ଧରପଗଡ଼ କରି ଜରିମାନା ମଧ ଆଦାୟ କରୁଛୁ। କାଁ ଭାଁ ବାଣିଜ୍ୟିକ ଯାନରେ ଏଭଳି ହେଉଥିବା ଅନୁମାନ କରାଯାଉଛି। ଆଗକୁ ଆମେ ଚେକିଂ ବଢ଼ାଇବା ସହ ଏଭଳି ବେଆଇନ ପରିବହନକୁ ସମ୍ପୂର୍ଣ୍ଣ ବନ୍ଦ କରିବୁ। ଯାତ୍ରୀମାନଙ୍କୁ ମଧ ନିବେଦନ କରୁଛୁ, ଏଭଳି ବିପଦପୂର୍ଣ୍ଣ ଯାତ୍ରା କରନ୍ତୁ ନାହିଁ। କାରଣ ସମସ୍ତଙ୍କ ଜୀବନ ବହୁ ମୂଲ୍ୟବାନ ଅଟେ।

## ମାଇନିଂ ଅଫିସରଙ୍କ ନିକଟରୁ ଜବତ ଟ୍ରାକ୍ଟର ଛଡ଼ାଇନେଲେ ଯୁବକ



ବଡ଼ସାହି, ୨୬।୫ (ସମିସ): ବଡ଼ସାହି ଥାନା ଅଧୀନ କେନ୍ଦୁଡିହା ପଞ୍ଚାୟତ ହଳଦୀପଦା ଗ୍ରାମ ନିକଟରେ ବେଆଇନ ବାଲି ଚାଲାଣ କରୁଥିବା ଏକ ଟ୍ରାକ୍ଟରକୁ ମାଇନିଂ ଅଫିସର ଶିବନାଥ ମୁଣ୍ଡାରୀ ଜବତ କରି ବଡସାହି ଥାନାକୁ ନେଉଥିବାବେଳେ ରାସ୍ତାରେ ଜଣେ ଯୁବକ ବାଇକ୍‌ରେ ଆସି ଡ୍ରାଇଭରକୁ କହି ଗାଡ଼ିକୁ ଜୋର୍ ଜବରଦସ୍ତ ବାଲି ଢାଳି ଗାଁ ଭିତରକୁ ନେଇଯାଇଥିଲେ। କୌଣସି ଉପାୟ ନ ପାଇ ଶ୍ରୀ ମୁଣ୍ଡାରୀ ବଡ଼ସାହି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ବିପୁଳ ପରିମାଣର କଫ୍ ସିରପ ଜବତ

କୁଳିଅଣା, ୨୬।୫(ସମିସ): କୁଳିଅଣା ଥାନା ଅନ୍ତର୍ଗତ ୧୮ ନଂ ଜାତୀୟ ରାଜପଥର ବାଲିମୁଣ୍ଡୁଳି ଛକ ନିକଟରେ ଏକ କାରରୁ ବିପୁଳ ପରିମାଣର କଫ୍ ସିରପ କୁଳିଅଣା ପୁଲିସ ଜବତ କରିଥିବା ଜଣାଯାଇଛି। ଆଜି ଭୋର ସମୟରେ ଏକ ଇଣ୍ଡିଗୋ କାର୍ ଯୋଗେ ବାଲେଶ୍ୱରରୁ କୁଳିଅଣା ଅଭିମୁଖେ କଫ ସିରାପ ବୋଝେଇ କରି ଆସୁଥିବାବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସ୍କ୍ୱାର୍ଡ ପିଛା କରି ବଳିମୁଣ୍ଡୁଳି ଛକ ନିକଟରେ ଅଟକାଇଥିଲା ଓ କୁଳିଅଣା ପୁଲିସକୁ ଖବର ଦିଆଯାଇଥିଲା। ଖବର ପାଇ ଥାନା ଆଇଆଇସି ସୁଦୀପ କୁମାର ମହାପାତ୍ର, ଏଏସଆଇ ଗୋଲକ ବିହାରୀ ମିଶ୍ର ସଦଳବଳେ ପହଞ୍ଚି ଗାଡ଼ିକୁ ଜବତ କରିବା ସହିତ ଗାଡ଼ିରେ ଥିବା ତିନି ଜଣଙ୍କ ମଧ୍ୟରୁ ଦୁଇଜଣଙ୍କୁ ଅଟକ ରଖିଥିବାବେଳେ ଅନ୍ୟଜଣେ ଫେରାର ଥିବା ଜଣାଯାଇଛି। ସେମାନେ ହେଲେ ସାନଭାଲିଆଡିହା ଗ୍ରାମର କାଳୁ ଚରଣ ମାଝୀଙ୍କ ପୁଅ ଭାସ୍କର ମାଝୀ (୨୮), ସୌରୀ ଗ୍ରାମର ତୁଳସୀ ପାଣିଙ୍କ ପୁଅ ଶକ୍ତି ପାଣି (୩୦), ଗାଡ଼ି ଚାଳକ ଫେରାର ଅଭିଯୁକ୍ତ ଜଣକ ଟଙ୍ଗାଷୋଲ ଗ୍ରାମର ରାଜକିଶାର ମାଝିଙ୍କ ପୁଅ ସତ୍ୟବାନ ମାଝୀ ଓରଫ ସିପୁନ (୩୪)। ମାଜିଷ୍ଟ୍ରେଟ ଭାବେ କୁଳିଅଣା ତହସିଲଦାର ମାନସ ମଲ୍ଲିକ, ସଦର ଏସଡିପିଓ ପ୍ରଭାତ କୁମାର ମଲ୍ଲିକ, ଡ୍ରଗ୍ସ ଇନ୍ସପେକ୍ଟର ଦିବ୍ୟରଞ୍ଜନ ନାଏକଙ୍କ ଉପସ୍ଥିତିରେ ପେଟିରେ ଥିବା କଫ ସିରାପ ଜବତ କରାଯାଇଥିଲା। ସମୁଦାୟ ୧୮ଟି ପେଟିରେ ୧୮୦୦ ବୋତଲ ନୋଭାଗୋଲଡ଼ କଫ ସିରାପ ରହିଥିବାବେଳେ ନୋଭାଯୋଲ ଡିଆରଏସ ବଟିକା ଏକ ପେଟି ଥିଲା। ଏହାର ଆନୁମାନିକ ମୂଲ୍ୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏ ନେଇ ନାରକୋଟିକ ଆକ୍ଟ ଅନୁଯାୟୀ ମାମଲା ରୁଜୁ ହୋଇଥିବା ଜଣାଯାଇଛି।

## ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ

ରାଇରଙ୍ଗପୁର, ୨୬।୫(ସମିସ): ଅଜାଣତରେ ବ୍ୟାଙ୍କ ଆକାଉଣ୍ଟରୁ ୩୭, ୦୦୦ ଟଙ୍କା ଗାଏବ ହୋଇଛି। ଏନେଇ ବାଦାମପାହାଡ଼ ଥାନା ଅନ୍ତର୍ଗତ ଡୋଭା ଗ୍ରାମର ଶୁଭସ୍ୱପ୍ନା ଗିରି ବାଦାମପାହାଡ଼ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ରାଇରଙ୍ଗପୁର ଶାଖାରେ ଆକାଉଣ୍ଟ ରହିଛି। ଉକ୍ତ ଆକାଉଣ୍ଟରୁ ତାଙ୍କ ଅଜାଣତରେ ପର୍ଯ୍ୟାୟକ୍ରମେ ୩୭, ୦୦୦ ଟଙ୍କା ଉଠାଣ ହୋଇଛି। ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବା ବେଳେ ସେ ଏହା ଜାଣିବାକୁ ପାଇଥିଲେ। ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟକୁ ୟୁପିଆଇ ଜରିଆରେ ଉକ୍ତ ଟଙ୍କା ଯାଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସାଇବର ଠକେଇର ଶିକାର ନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଅଙ୍ଗନବାଡ଼ି କେନ୍ଦ୍ରରୁ ସାମଗ୍ରୀ ଚୋରି

ରାଇରଙ୍ଗପୁର, ୨୬।୫(ସମିସ): ବାଇଦାପୋଷିସ୍ଥ ଅଙ୍ଗନବାଡ଼ି କେନ୍ଦ୍ରରୁ ସାମଗ୍ରୀ ଚୋରି ହୋଇଛି। ଏ ନେଇ ଅଙ୍ଗନବାଡ଼ି କର୍ମୀ ପାନଶ୍ୱରୀ ସୋରେନ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ବାଇଦାପୋଷିର ମାଝୀ ସାହିରେ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ଉକ୍ତ କେନ୍ଦ୍ର ବନ୍ଦ ଥିବାବେଳେ ରାତିରେ ଦୁର୍ବୃତ୍ତ ତାଲା ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରି କରିଛନ୍ତି। ସେ ସକାଳୁ କେନ୍ଦ୍ର ଖୋଲିବା ବେଳକୁ ଘଟଣା ବାବଦରେ ଜାଣିଥିଲେ। ଏ ନେଇ ଥାନାରେ ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଉତ୍କଳ କରାଟେ ସ୍କୁଲ ମୟୂରଭଞ୍ଜ ମୁଖ୍ୟ ଶାଖାରେ ବେଲ୍ଟ ପରୀକ୍ଷା



ବାରିପଦା, ୨୬।୫(ସମିସ): ବାରିପଦାସ୍ଥ ଉତ୍କଳ କରାଟେ ସ୍କୁଲ ମେନ ଡୋଜୋ (ଦାର୍ଗାଡାହି ସ୍ଥିତ ଜୁବ୍‌ଲି ପେଟ୍ରୋଲ ପମ୍ପ ପାଖ) ଠାରେ କରାଟେ ବେଲ୍ଟ ଗ୍ରେଡ଼ିଂ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୨ ଜଣ ପରୀକ୍ଷାର୍ଥୀ ଅଂଶଗ୍ରହଣ କରି କୃତକାର୍ଯ୍ୟ ହୋଇଛନ୍ତି। ଉତ୍କଳ କରାଟେ ସ୍କୁଲର ମୁଖ୍ୟ ତଥା ପ୍ରତିଷ୍ଠାତା ହାନ୍‌ସି ଡ ହରିପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସେନସେଇ ଖାରବେଳ ମଲ୍ଲିକ, ସନ୍ତୋଷ ମହାରଣା, ସୁଶାନ୍ତ ବାରିକ, ଶ୍ରୀକାନ୍ତ ବାରିକ ଓ ରଞ୍ଜନ ପୃଷ୍ଟି ପରୀକ୍ଷା ପରିଚାଳନା କରିଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ବେଲ୍ଟ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## ବସ୍ତା-ଶଙ୍ଖାଭଙ୍ଗା ନୂଆ ରେଳ ଲାଇନ୍ ପାଇଁ ମନ୍ତ୍ରୀଙ୍କ ଚିଠି

ବାରିପଦା, ୨୬।୫(ସମିସ): ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଚିଠି ଲେଖି ୩୫ କିଲୋମିଟର ନୂଆ ରେଳପଥ ନିର୍ମାଣ ପାଇଁ ଅନୁରୋଧ କରିଛନ୍ତି। ସେ ଚିଠିରେ ଲେଖିଛନ୍ତି ଯେ, ବାଲେଶ୍ୱର ଜିଲ୍ଲାର ବସ୍ତାଠାରୁ ମୟୂରଭଞ୍ଜ ଜିଲ୍ଲା ବାରିପଦା ନିକଟ ଶଙ୍ଖାଭଙ୍ଗା ପର୍ଯ୍ୟନ୍ତ ନୂତନ ରେଳ ସଂଯୋଗ ହେଲେ ରାସଗୋବିନ୍ଦପୁର, ଝିଙ୍କିରିଆ, ଚିତ୍ରଡା, ମୋରଡ଼ା ଓ ବାରମାଇଲ ଯୋଡ଼ିହେବ। ଯାହାକି ଆଦିବାସୀ ଅଞ୍ଚଳର ଲୋକଙ୍କ ପାଇଁ ଅତ୍ୟନ୍ତ ଜରୁରୀ। ଏହାଦ୍ୱାରା ଆଦିବାସୀ ଅଞ୍ଚଳର ସମ୍ପର୍କ ବୃଦ୍ଧି ସହିତ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ବଜାର ପାଖକୁ ସହଜ ଯାତାୟାତ, ଜଙ୍ଗଲ ଉତ୍ପାଦ, କୃଷିଜାତ ଦ୍ରବ୍ୟ ଓ ସ୍ଥାନୀୟ ସମ୍ପଦର ପରିବହନ ସୁବିଧା ହେବ। ସେହିପରି ଗ୍ରାମୀଣ ଅର୍ଥନୀତିର ଉନ୍ନତି ଓ ନୂଆ ରୋଜଗାର ସୃଷ୍ଟି ହେବ। ଏହି ଅଞ୍ଚଳ ଦୀର୍ଘଦିନ ଧରି ଯୋଗାଯୋଗ ସମସ୍ୟାର ସମ୍ମୁଖୀନ ହେଉଛି। ଯାହା ଲୋକଙ୍କ ସାମାଜିକ, ଆର୍ଥିକ ଉନ୍ନତିରେ ବାଧା ସୃଷ୍ଟି କରୁଛି। ସେ କେନ୍ଦ୍ର ରେଳ ମନ୍ତ୍ରଣାଳୟକୁ ଯଥାସମ୍ଭବ ଅଧ୍ୟୟନ ଓ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରିବାକୁ ଅନୁରୋଧ କରିଛନ୍ତି। ମନ୍ତ୍ରୀଙ୍କ ଉପରୋକ୍ତ ପ୍ରସ୍ତାବକୁ ସ୍ଥାନୀୟ ଜନପ୍ରତିନିଧି ଓ ଆଦିବାସୀ ଅଞ୍ଚଳର ଲୋକେ ସ୍ୱାଗତ କରିଛନ୍ତି। ଏହା କାର୍ଯ୍ୟକାରୀ ହେଲେ ମୟୂରଭଞ୍ଜ ଜିଲ୍ଲାର ଆର୍ଥିକ ଓ ସାମାଜିକ ବିକାଶରେ ଏକ ମାଇଲଖୁଣ୍ଟ ସାଜିବ ବୋଲି ଆଶା କରାଯାଉଛି।

## ଜାତୀୟ ନାଟ୍ୟ ମହୋତ୍ସବରେ ଅଭିନେତା ନିର୍ଦ୍ଦେଶକ ସମ୍ବର୍ଦ୍ଧିତ




ବାରିପଦା, ୨୬।୫(ସମିସ): ଭୁବନେଶ୍ୱରରେ ବିଦ୍ୟାକନକ ସୃଜନାନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବ-୨୦୨୬ ଅବସରରେ ବାରିପଦାର ପ୍ରତିଷ୍ଠିତ ଅଭିନେତା ନିର୍ଦ୍ଦେଶକ ପରେଶ ସାହୁ (ଖୁଦି ଭାଇ)ଙ୍କୁ 'ବିଦ୍ୟାକନକ ସମ୍ମାନ'ରେ ସମ୍ମାନିତ କରାଯାଇଛି। ମଞ୍ଚ ନାଟକ ପ୍ରତି ତାଙ୍କର ସାଧନା ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଶ୍ରୀ ସାହୁ ଏକାଧାରରେ ଜଣେ ଚଳଚ୍ଚିତ୍ର, ବେତାର, ଆକାଶବାଣୀ, ଦୂରଦର୍ଶନ ଓ ମଞ୍ଚ ଅଭିନେତା ନିର୍ଦ୍ଦେଶକ ଭାବେ ବେଶ ପରିଚିତ। ନିଜର ନିଖୁଣ ଅଭିନୟ ଓ ବଳିଷ୍ଠ ନିର୍ଦ୍ଦେଶନା ପାଇଁ ସେ ଓଡ଼ିଶାର ବିଭିନ୍ନ ନାଟ୍ୟସଂସ୍ଥା ଦ୍ୱାରା ବହୁବାର ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି। ସମ୍ବାଲୁଆ, ନିଶାନ୍ତ, କେନସର, ଛଉ, ସ୍ୱୟମ୍ବର, ଫେରିଆଅ ରାମଚନ୍ଦ୍ର, ନାରଦ ଉବାଚ, ମୁକ୍ତାଲାଭ, ଅଙ୍ଗାର, ଗାଁକୁ ଫେରିଚାଲ, ସ୍ମୃତି ବିସ୍ମୃତି ନାଟକରେ ତାଙ୍କର ସଫଳ ଅଭିନୟ ଓ ନିର୍ଦ୍ଦେଶନା ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ତତ୍‌ସହିତ ଓଡ଼ିଆ ସିନେମା ରଜନୀଗନ୍ଧା, ଗୋପରେ ବଢୁଛି କଳା କହ୍ନେଇ, କଥା ରହିବ କାଳକାଳକୁ ଓ ଜାତୀୟ ଟିଭି ଚାନେଲର ସିରିଏଲ 'ଯେ ପକ୍ଷୀ ଉଡ଼େ ଯେତେ ଦୂର'ରେ ତାଙ୍କର ଅଭିନୟ ଉଲ୍ଲେଖନୀୟ ଓ ନିଜ ଉଦ୍ୟମରେ 'ରୂପାନ୍ତର' ନାମରେ ଏକ ନାଟ୍ୟ ଅନୁଷ୍ଠାନ ପ୍ରତିଷ୍ଠା କରି ସେ ଦୀର୍ଘ ୨୫ ବର୍ଷ ଧରି ବହୁ କଳାକାର ସୃଷ୍ଟି କରିପାରିଛନ୍ତି। ଖବର ପାଇ ବହୁ ନାଟ୍ୟପ୍ରେମୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଉପାନ୍ତ ଅଞ୍ଚଳରେ ପାନୀୟଜଳ ସମସ୍ୟା



କପ୍ତିପଦା, ୨୬।୫ (ସମିସ): ଉପାନ୍ତ ଅଞ୍ଚଳରେ ଘାରିଛି ପାନୀୟଜଳ ସମସ୍ୟା ଚିନ୍ତା। ୪୦ ଡିଗ୍ରୀ ଗରମରେ ପାଣି ଟିକେ ପାଇଁ ଡହଳବିକଳ ହେଉଛନ୍ତି ସାଧାରଣ ଲୋକ। କପ୍ତିପଦା ବ୍ଲକର ଜେଏସ ଜମୁଡିହା ପଞ୍ଚାୟତ ସଦର ପୋଡ଼ାଡିହା ଛକରେ ୫୦ରୁ ଊର୍ଦ୍ଧ୍ୱ ଦୋକାନୀ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବାବେଳେ ସ୍ଥାୟୀ ଭାବେ ବସବାସ କରୁଛନ୍ତି ୭୦ ପରିବାର। ଛକ ନିକଟରେ ଅଛି ଏକ ନଳକୂପ। ଏହି ନଳକୂପ ଉପରେ ନିକଟରେ ଥିବା ବସ୍‌ଷ୍ଟାଣ୍ଡର ଯାତ୍ରୀ ସମେତ ଅଞ୍ଚଳବାସୀ ନିର୍ଭର କରନ୍ତି। ମାତ୍ର ନଳକୂପରୁ ବାହାରୁଥିବା ପାଣି ପେଟ୍ରୋଲର ଭ୍ରମ ସୃଷ୍ଟି କରୁଛି। ପେଟ୍ରୋଲ ଭଳି ଦେଖାଯାଉଥିବା ଗୋଳିଆ ପାଣି, ଯାହାକି ପିଇବା ଉପଯୋଗୀ ନୁହେଁ। ୪୦ ଡିଗ୍ରୀ ଖରାରେ ଡହଳବିକଳ ହୋଇ ଏହି ପାଣିକୁ ପିଇବାକୁ ବାଧ ହେଉଛନ୍ତି ଅଞ୍ଚଳବାସୀ। କାରଣ ପିଇବା ପାଣିର ଅନ୍ୟ କୌଣସି ବିକଳ୍ପ ନ ଥିବାବେଳେ ଏହି ପାଣି ହିଁ ଜୀବନ ଜିଇବାର ଏକମାତ୍ର ଭରସା। ଏହି ଦୂଷିତ ପାଣି ପିଇବା ଦ୍ୱାରା ଅନେକ ସମୟରେ ଅଞ୍ଚଳବାସୀ ରୋଗାକ୍ରାନ୍ତ ହେଉଛନ୍ତି। କିଡ୍‌ନୀ ଭଳି ମାରାତ୍ମକ ରୋଗ ମଧ ବ୍ୟାପୁଛି। ପ୍ରବଳ ଖରା ସାଙ୍ଗକୁ ପାଣି ସମସ୍ୟା ଲୋକଙ୍କୁ କଲବଲ କରୁଥିବାବେଳେ ଜୀବନ ବିକଳରେ ଏହି ପାଣି ପିଇ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପ୍ରଶାସନ ନିକଟରେ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କଲା ପରେ ମଧ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ଆଣିଛନ୍ତି ଅଞ୍ଚଳବାସୀ। ଏ ନେଇ ଆମେ ଆରଡବ୍ଲୁଏସଏସ ବିଭାଗର ଏସଡିଓଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ୍ ରିସିଭ କରି ନ ଥିଲେ।

### କିଷାନ କଂଗ୍ରେସ ପକ୍ଷରୁ ପୁଣି ଦାବିପତ୍ର

## ଜୁନ୍ ୨ରେ ବାରିପଦା-ଉଦଳା ରାଜପଥ ମରାମତି ଦାବିରେ ଆନ୍ଦୋଳନ

ବାରିପଦା, ୨୬।୫(ସମିସ): ବାରିପଦା-ଉଦଳା ୧୯ ନଂ ରାଜ୍ୟ ରାଜପଥ ଶୋଚନୀୟ ଅବସ୍ଥା ପାଇଁ ଜିଲ୍ଲା କିଷାନ କଂଗ୍ରେସ ଜୁନ ୨ ତାରିଖରେ ଆନ୍ଦୋଳନ ଡକରା ଦେଇଛି। ଜିଲ୍ଲାର ପ୍ରମୁଖ ରାସ୍ତାଟି ଅନେକ ଦିନ ଖରାପ ଥିବା ସତ୍ତ୍ୱେ ମରାମତି ହେଉନି। ଯାହାକୁ ନେଇ ମୟୂରଭଞ୍ଜ (ପୂର୍ବ) କିଷାନ କଂଗ୍ରେସ ପକ୍ଷରୁ ଗଭୀର ଉଦବେଗ ପ୍ରକାଶ ପାଇଛି। ଏହି ରାସ୍ତାର ତୁରନ୍ତ ମରାମତି ଦାବି କରି କିଷାନ କଂଗ୍ରେସର ଜିଲ୍ଲା ସଭାପତି ଦୀପକ କୁମାର ଦାଶଙ୍କ ନେତୃତ୍ୱରେ ଗତ ୧୧ ତାରିଖରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ପୂରଣ ନ ହେବାରୁ ପୁଣି ଦାବିପତ୍ର ଦିଆଯାଇ ଆସନ୍ତା ଜୁନ୍ ୨ ତାରିଖରେ ଆନ୍ଦୋଳନ ଡକରା ଦିଆଯାଇଛି।



ବାରିପଦାରୁ ଉଦଳାକୁ ସଂଯୋଗ କରୁଥିବା ଏହି ମୁଖ୍ୟ ରାସ୍ତାଟି ଅତ୍ୟନ୍ତ ବିପଦଜନକ ଅବସ୍ଥାରେ ରହିଛି। ୪୪ କିମି ଦୂର ରାସ୍ତାରେ ବଡ଼ ବଡ଼ ଗାତ ଯୋଗୁଁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟି ଅନେକ ଧନଜୀବନ ହାନି ହେଉଛି। ରାସ୍ତାର ଅବସ୍ଥା ଏତେ ଖରାପ ଯେ ଲୋକେ ଯାତାୟାତ କରିବାକୁ ଭୟ କରୁଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଥିଲା। ପରନ୍ତୁ ଅଭିଯୋଗର ୧୫ ଦିନ ବିତିବା ପରେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଦାବି ଅନୁସାରେ ଜୁନ ୨ ତାରିଖରେ ଉପରୋକ୍ତ ରାସ୍ତାରେ କିଷାନ କଂଗ୍ରେସ ଯାନବାହନ ଚଳାଚଳ ବନ୍ଦ ଡାକରା ଦେଇଛି ବୋଲି ସଭାପତି ଦୀପକ କୁମାର ଦାସ ଜଣାଇଛନ୍ତି। ମଙ୍ଗଳବାର ଏ ନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପୁଣି ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ସଂଗଠନର କର୍ମକର୍ତ୍ତା ରାଜରାସ୍ତାକୁ ଓହ୍ଲାଇବା ସହ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚକଅଖ ବନ୍ଦ କରିବାକୁ ବାଧ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ସନ୍ଧ୍ୟାରାଣୀ ବେହେରାଙ୍କୁ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ



ମୋରଡ଼ା, ୨୬।୫(ସମିସ): ମୋରଡ଼ା ବ୍ଲକର କୋହି ପଞ୍ଚାୟତ ଅନ୍ତର୍ଗତ କୋହି ଗ୍ରାମର ସନ୍ଧ୍ୟାରାଣୀ ବେହେରାଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ ପୁରସ୍କାର ପ୍ରଦାନ କରାଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୩୫ତମ ତିରୋଧାନ ଦିବସ ଉପଲକ୍ଷେ ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ଓ ରାଜୀବ ଗାନ୍ଧୀ ଷ୍ଟଡି ସେଣ୍ଟର ପକ୍ଷରୁ ଜୟଦେବ ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ସମାରୋହରେ ସନ୍ଧ୍ୟାରାଣୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସମାରୋହରେ ରାଜୀବ ଗାନ୍ଧୀ ଛାତ୍ର ଫୋରମର ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ ସଂଯୋଜନା କରିଥିବାବେଳେ ବିଚାରପତି ଜଷ୍ଟିସ୍ ଡି.ପି ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସନ୍ଧ୍ୟାରାଣୀଙ୍କୁ ତାଙ୍କର ନିଷ୍ଠାପର ସ୍ୱେଚ୍ଛାକୃତ କାର୍ଯ୍ୟ ପାଇଁ ଟ୍ରଫି ଓ ମାନପତ୍ର ଦେଇ ସମ୍ମାନିତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ଡ. ପବିତ୍ର ମୋହନ ସାମନ୍ତରାୟ, ରାଜ୍ୟ କଂଗ୍ରେସ ଗଣମାଧ୍ୟମ ସେଲ୍‌ର ଅଧକ୍ଷ ଅରବିନ୍ଦ ଦାସ, ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. କୁମରବର ଦାସ ଓ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସୁରେଶ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରାଣୀ ଯୁବ ରେଡ୍‌କ୍ରସ ସଂସ୍ଥାର ଜଣେ ସ୍ୱେଚ୍ଛାସେବୀ ଭାବେ ବିଭିନ୍ନ ଶିବିରରେ ଯୋଗଦାନ କରି ଜିଲ୍ଲା ଓ ଜିଲ୍ଲା ବାହାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ନିଜ ଜିଲ୍ଲାରେ ଦୁଇଥର ଶ୍ରେଷ୍ଠ ସ୍ୱେଚ୍ଛାସେବୀ ସମ୍ମାନ ଲାଭ କରିଛନ୍ତି। ଏତଦବ୍ୟତୀତ ଗଡ଼ିଆ ଆଞ୍ଚଳିକ ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱବିଦ୍ୟାଳୟ ସ୍ତରରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ନୂଆ-ଓ ଓ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀରେ ପ୍ରତିନିଧିତ୍ୱ କରି ଭିନ୍ନ ଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଛନ୍ତି ଓ ସମ୍ବର୍ଦ୍ଧିତ ହୋଇଛନ୍ତି।

### ଗ୍ରାମ ସଂଯୋଗ ରାସ୍ତା ଶୋଚନୀୟ

# ଖାଲଖମାରେ ଭର୍ତ୍ତି; ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ

### ■ ମରାମତି କରିବାକୁ ମନ ଦେଉନି ଗ୍ରାମ୍ୟ ଉନ୍ନୟନ ବିଭାଗ
### ■ ମାସା ଆର୍ମୀ ପକ୍ଷରୁ ରାସ୍ତା ମରାମତି ଦାବି



ରାଇରଙ୍ଗପୁର, ୨୬।୫(ସମିସ): ବାମନଘାଟି ଉପଖଣ୍ଡ ଅଞ୍ଚଳର ବିଭିନ୍ନ ଗ୍ରାମର ସଂଯୋଗ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ପକ୍କା ରାସ୍ତା କରିବା ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ତିଳେ ହେଲେ ମନନିବେଶ କରୁନାହିଁ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଯାତାୟାତ କରୁଛନ୍ତି। ଉକ୍ତ ସମସ୍ୟା ସମାଧାନ ନିମନ୍ତେ ଗ୍ରାମ ରାସ୍ତାର ମରାମତି ନିମନ୍ତେ ଦାବି ହୋଇଛି। ମାସା ଆର୍ମୀ ସଂଗଠନ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ମାସା ଆର୍ମୀ ବାମନଘାଟି ସଭାପତି ଦାସମାତ ସରେନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ନାଏକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ରାସ୍ତା ନ ଥିବାରୁ ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ବର୍ଷାଦିନରେ ରାସ୍ତା କାଦୁଆ ପଚପଚ ହୋଇପଡୁଛି। ଛାତ୍ରଛାତ୍ରୀ, ରୋଗୀ ଓ ଗ୍ରାମବାସୀ ଅସୁବିଧାରେ ପଡୁଛନ୍ତି। ଆମ୍ବୁଲାନ୍ସ ଗ୍ରାମକୁ ଆସି ପାରୁ ନ ଥିବାରୁ ଖଟିଆରେ ରୋଗୀ ବୁହା ହେଉଛନ୍ତି। ଉକ୍ତ ସମସ୍ୟା ବାବଦରେ ଜାଣି ମଧ ଗ୍ରାମ୍ୟ ଉନ୍ନୟନ ବିଭାଗ ମରାମତି କରୁନାହାଁନ୍ତି। ଦୁର୍ନୀତିରେ ଉବୁଟୁବୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଠିକାଦାରଙ୍କ ଦ୍ୱାରା ପରିଚାଳିତ ହେଉଛି। ତେଣୁ ଠିକାଦାରଙ୍କୁ ସୁହାଇବା ଭଳି ମୋଟା ଅଙ୍କର ପିସି ମିଳୁଥିବା ରାସ୍ତା ନିର୍ମାଣ କରୁଛନ୍ତି। ତାହା ଅତି ନିମ୍ନମାନର କାମ ହେଉଥିବାବେଳେ ନିର୍ମାଣର କିଛିଦିନ ମଧ୍ୟରେ ନଷ୍ଟ ହେଉଛି। ଫଳରେ ଗ୍ରାମବାସୀ ଖାଲଖମା ରାସ୍ତା ଦେଇ ଚଳପ୍ରଚଳ କରିବାକୁ ବାଧ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ବାମନଘାଟି ଅଞ୍ଚଳର ଦୁର୍ଗମ ଗ୍ରାମର ରାସ୍ତା ସମସ୍ୟାକୁ ଗୁରୁତ୍ୱର ସହ ନେଇ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କିମ୍ବା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ସାମିଲ କରାଯାଇ ପକ୍କା କିମ୍ବା ପିଚୁ ରାସ୍ତା ନିର୍ମାଣ ଓ ମରାମତି କରାଯିବା ପାଇଁ ଦାବି କରାଯାଇଛି। ବିଜାତଳା ବ୍ଲକ ଅନ୍ତର୍ଗତ ସରଗଡ଼ା ପଞ୍ଚାୟତର ହାତିଛାଡ ଗ୍ରାମଠାରୁ କଳାଟମକ ମୁଖ୍ୟ ରାସ୍ତାକୁ ୪ କିମି ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ, ବହଳଦା ବ୍ଲକ ଅନ୍ତର୍ଗତ ଯଶିପୁର ପଞ୍ଚାୟତର ଲନ୍ଦାବସା ଆହାର ଟଲାଠାରୁ କୁଦରସାହି ଜାହିରା ଭାୟା ବାଲିଡିହି, ବାବନଝରୀ, ଘୁଟୁଡିହି ଦେଇ ୫ କିମି ପକ୍କା ରାସ୍ତା ନିର୍ମାଣ, ବହଳଦା ବଡପଳସା ପଞ୍ଚାୟତର ବିଂଝୁଆ ଉଚ୍ଚବିଦ୍ୟାଳୟରୁ ଇଚାଘୁଟୁ ସୁନା ପୋଷିଦେଇ ବୁରୁ ପଳସା ପର୍ଯ୍ୟନ୍ତ ୭ କିମି ପକ୍କା ରାସ୍ତା ନିର୍ମାଣ, ବିଶୋଇ ବ୍ଲକ ଅନ୍ତର୍ଗତ ଜୁଡ଼ିଆ ପଞ୍ଚାୟତର ସାରସପଦା ଗ୍ରାମରୁ ଆନ୍ତୁ ସାହିକୁ ୨ କିମି ପର୍ଯ୍ୟନ୍ତ ମାଟି ରାସ୍ତାକୁ ତୁରନ୍ତ ପକ୍କା ରାସ୍ତା ନିର୍ମାଣ କରାଯିବା ନିମନ୍ତେ ଦାବି କରାଯାଇଛି। ମାଟି ରାସ୍ତାକୁ ତୁରନ୍ତ ପକ୍କା ରାସ୍ତା ନିର୍ମାଣ କରାଗଲେ ଗ୍ରାମାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ କ୍ଷେତ୍ରରେ ଉନ୍ନତି ହେବ ବୋଲି ପ୍ରତିନିଧି ଦଳ ମତ ପ୍ରକାଶ କରିଛନ୍ତି। ଏ ଅବସରରେ ସମାୟ ଟୁଡୁ, ବାରିଆଳ ମାଝୀ, ଡମାନ ମାଝୀ, ଲକ୍ଷ୍ମୀଧର ମୁର୍ମୁ, ଦାସମାତ ମୁର୍ମୁ, ଆଲହାଦ ଚରଣ ମୁର୍ମୁ ଓ ମାସା ଆର୍ମୀ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଦୁଇବର୍ଷ ପରେ ବସିଲା ଜିଲ୍ଲା ଯୋଜନା ବୋର୍ଡ ବୈଠକ

ବାଲେଶ୍ୱର,୨୬।୫(ସମିସ)

ଦୀର୍ଘ ଦୁଇ ବର୍ଷ ପରେ ଆଜି ପ୍ରଥମଥର କରି ଜିଲ୍ଲା ଯୋଜନା ବୋର୍ଡର ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଦୀର୍ଘ ଦୁଇ ବର୍ଷ ଧରି ଯୋଜନା ବୋର୍ଡରେ କୌଣସି ଅଧକ୍ଷ ନ ଥିବା ବେଳେ ଜିଲ୍ଲାପାଳଙ୍କ ତତ୍ୱାବଧାନରେ ତାହା ପରିଚାଳିତ ହେଉଥିଲା। ଜିଲ୍ଲାର ଉନ୍ନତି ପାଇଁ ବିଭିନ୍ନ ପ୍ରକଳ୍ପ ହେଉ କିମ୍ବା ଅନ୍ୟାନ୍ୟ କୌଣସି ବିକାଶ ମୂଳକ କାର୍ଯ୍ୟ ତାହା ସମ୍ପୂର୍ଣ୍ଣ ଭାବେ ପଛେଇ ଯାଇଥିଲା। ଯାହାଫଳରେ କୌଣସି ଅର୍ଥ ବ୍ୟୟବରାଦ କରାଯାଇ ପାରୁନଥିଲା। ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅଳ୍ପ କିଛି ଟଙ୍କା ଖର୍ଚ୍ଚ କରାଯାଉଥିଲା। ଏଣୁ ନୂତନ ଅଧକ୍ଷ ନିଯୁକ୍ତ ହେବା ପରେ ଏହା ପ୍ରଥମ ବୈଠକ ବୋଲି ଆଲୋଚନା ହୋଇଥିଲା।

ଆଜି ଜଲ୍ଲା ଯୋଜନା ବୋର୍ଡର ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବିଶେଷ କରି ଜିଲ୍ଲା ଉନ୍ନତି ସହ ବିକାଶ ମୂଳକ କାର୍ଯ୍ୟ କିପରି କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଏହାଛଡା ଦୀର୍ଘ ଦୁଇ ବର୍ଷ ହେବ ସାଂସଦ ଏବଂ ବିଧାୟକ ହାତପାଣ୍ଠି ସଠିକ ଭାବେ ବିନିଯୋଗ କରାଯାଇ ପାରୁନଥିଲା। ଏପରିକି ଜିଲ୍ଲାର ଉନ୍ନତି ପାଇଁ ଆସିଥିବା ଟଙ୍କା ମଧ୍ୟ ପଡିରହିଛି ବୋଲି



ଆଲୋଚନା ହୋଇଥିଲା। ଏଣୁ ସାଂସଦ ଓ ବିଧାୟକ ଉନ୍ନୟନ ପାଣ୍ଠିର କାର୍ଯ୍ୟ ସଠିକ ସମୟରେ କରାଯିବା ସହ ଏହାକୁ ତଦାରଖ କରାଯିବା ପାଇଁ ଆଲୋଚନା ହୋଇଥିଲା। ଏହାବ୍ୟତୀତ ଦୁଇ ବର୍ଷ ମଧ୍ୟରେ ଜିଲ୍ଲା କ୍ଷେତ୍ରରେ ଯାହା ବି କିଛି ହରାଇଛି ତାହାକୁ କିପରି ଭାବେ ସୁଦୃଢ଼ କରାଯାଇ ପାରିବ ତା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲାର ଯୋଜନା ସହ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ପଛେଇଛି। ଏହାଛଡା ଭୋଗରାଇ ନିର୍ବାଚନ ମଣ୍ଡଳୀରେ ୨୫-୨୬ଆର୍ଥିକ ବର୍ଷରେ ବିଧାୟକ ପାଣ୍ଠିରୁ ଟଙ୍କା ଖର୍ଚ୍ଚ ହୋଇପାରି ନାହିଁ। ଯାହାଫଳରେ ସମନ୍ୱୟର ଅଭାବ ହେତୁ ଏହା ହୋଇପାରି ନାହିଁ। ଏହାଛଡା ଇସିଜିଏଫ ଏବଂ ଡିଏମଏଫର କୌଣସି ଅଗ୍ରଗତି ହୋଇପାରି ନଥିବା ବେଳେ ତା ଉପରେ ଆଲୋଚନା ହୋଇଥିଲା। ଏପରିକି ଜିଲ୍ଲାର ଉନ୍ନତି ପାଇଁ ସଠିକ ଭାବେ ପ୍ଲାନିଂ କରାଯିବା ସହ ଅନୁଦାନ ଆଣିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ବାଲେଶ୍ୱର ଜିଲ୍ଲା ହେଉଛି କୃଷି, ଶିଳ୍ପ, ଶିକ୍ଷା ଐତିହ୍ୟ ଓ ସଂସ୍କୃତିର ଜିଲ୍ଲା। ଏହାର

**ସାଂସଦ ଓ ବିଧାୟକ ପାଣ୍ଠିର ସୁବିନିଯୋଗ ନେଇ ଆଲୋଚନା**

ଉନ୍ନତି କରଣ କରାଯିବା ସହ ବେକାର ଯୁବକ ଯୁବତୀମାନଙ୍କୁ କିପରି ରୋଜଗାର ଯୋଗାଇ ଦିଆଯାଇପାରିବ ସେନେଇ ମଧ୍ୟ ଆଲୋଚନା କରାଯାଇଥିଲା। ଜିଲ୍ଲାରେ ଜେଇ ଏବଂ ଏଇମାନଙ୍କର ଅଭାବ ହେତୁ ଉନ୍ନତି ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି ବୋଲି ଆଲୋଚନା ହୋଇଛି। ଏହାଛଡା ଗ୍ରାମାଂଚଳ ଏବଂ ସହରାଂଚଳରେ କିପରି ଅଧିକ ବିକାଶ ହୋଇପାରିବ ସେନେଇ ଆଲୋଚନା ମଧ୍ୟ କରାଯାଇଥିଲା। ଏତଦବ୍ୟତୀତ ଜିଲ୍ଲାରେ ନଦୀବନ୍ଧ ଯୋଜନା ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ଖଣିଜ ସମ୍ପଦ ଲୁଟ ହେଉଛି। ବିଶେଷ ଚୋରା ବାଲି ଓ ପଥର ଚୋରା ଚାଲାଣ ଉପରେ କୌଣସି ଅଙ୍କୁଶ ଲାଗୁ ନଥିବା ବେଳେ ଏହାର କାରବାର ବୃଦ୍ଧି ପାଇଛି। ଏହାଛଡା ପଥର ଚୋରା ଚାଲାଣ ପାଇଁ କରାଯାଉଥିବା ଅହେତୁକ ବ୍ଲାଷ୍ଟିଂ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ଏହାକୁ ନେଇ ଖଣି ବିଭାଗ କୌଣସି ପ୍ରକାର ଉତର ଦେଇନଥିବା ବେଳେ ଚୁପ ରହିଥିବା ଦେଖିବାକୁ ମିଳଇଥିଲା। ଏହାଛଡା ଡ୍ରେନେଜ ସମସ୍ୟା ସାଙ୍ଗକୁ ଜିଲ୍ଲାରେ ବିଗୁଡୁଥିବା ସ୍ୱାସ୍ଥ୍ୟ ବସ୍ଥା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଜିଲ୍ଲାରେ ଆବଶ୍ୟକ ସଂଖ୍ୟାରେ ଡାକ୍ତରଙ୍କ ଅଭାବ ହେତୁ ଚିକିତ୍ସା କ୍ଷେତ୍ରରେ ପଛୁଆ ପଡିଛି। ଏଣୁ ନୂତନ ଡାକ୍ତର ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜିଲ୍ଲାରେ ଏବେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଗତ ଏକ ମାସରେ ସାମ୍ପ୍ରଦାୟିକ ହିଂସାରେ ଜିଲ୍ଲା ଏକ ନମ୍ବର ହୋଇଛି। ଯାହାକୁ ନେଇ ଗୃହରେ ଉଦବେଗ ପ୍ରକାଶ ପାଇଥିଲା। ଏହାଛଡା ଚଳିତ ଧାନ କିଣାରେ ଜିଲ୍ଲାରେ ବହୁ ଅସୁବିଧା ପରିଲିକ୍ଷିତ ହୋଇଥିଲା। ସରକାର କଟନି ଛଟନି ହେବନାହିଁ ସ୍ପଷ୍ଟ ଭାବେ କହିଥିବା ବେଳେ ଜିଲ୍ଲାରେ କିନ୍ତୁ୧୨କେଜିରୁ ଅଧିକ ଧାନ କଟନି ଛଟନି ହେଉଥିବା ନେଇ ଆଲୋଚନା ହୋଇଥିଲା। ଏହାବ୍ୟତିତ ଏହି ଜିଲ୍ଲା ଯୋଜନା ବୋର୍ଡରେ ୨୦ଜଣିଆ କମିଟି ଗଠନ କରିବା ପାଇଁ ରହିଥିବା ନିୟମକୁ ତୁରନ୍ତ ନିର୍ବାଚନ ହେଉ କିମ୍ବା ସିଲେକସନ ମାଧମରେ କରାଯିବ ବୋଲି ପ୍ରକାଶ ପାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଜିଲ୍ଲାପରିଷଦ ଅଧକ୍ଷ ନାରାୟଣ ପ୍ରଧାନ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱନୀ ପାତ୍ର, ସୋର ବିଧାୟକ ମାଧବ ଧଡା, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ବସ୍ତା ବିଧାୟିକା ସୁବାସିନୀ ଜେନା, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ରାଉତ ପ୍ରମୁଖ ମଂଚାସୀନ ଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ବ୍ଲକର ବିଡ଼ିଓ, ତହସିଲଦାରମାନଙ୍କ ସହ ବହୁ ସରକାରୀ ଅଧିକାରୀମାନେ ଯୋଗ ଦେଇଥିଲେ।

## ଓସିଏସ୍ ପରୀକ୍ଷାରେ ସଂଗ୍ରାମ ପ୍ରଧାନଙ୍କ ସଫଳତା



ବାଲେଶ୍ୱର,୨୬।୫ (ସମିସ): ପ୍ରକାଶ ପାଇଛି ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ଫଳ। ଓପିଏସସି ଦ୍ୱାରା ପରିଚାଳିତ ଓସିଏସ ରେଜଲ୍ଟରେ ବାଲେଶ୍ୱର ଜିଲ୍ଲାକୁ ସଫଳତା ମିଳିଛି। ଅଙ୍ଗାରଗଡ଼ିଆ ଅଞ୍ଚଳର ଯୁବକ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ପାଞ୍ଚ ନମ୍ବର ସ୍ଥାନରେ ରହିଛନ୍ତି ସଂଗ୍ରାମ ପ୍ରଧାନ। ଲୋକ ସେବା ମନୋବୃତ୍ତି ନେଇ ଦୀର୍ଘ ବର୍ଷ ଧରି ପରୀକ୍ଷା ଦେଇ ଚାହିଁ ବସିଥିଲେ ପରୀକ୍ଷା ଫଳକୁ। ଆଉ ଆଜି ସଫଳତା ପାଇ ଅନେକ ଖୁସି ଥିବା ସେ ପ୍ରକାଶ କରିଛନ୍ତି। ସବୁ ଶ୍ରେୟ ବାପା ମା'ଙ୍କୁ ଦେଇଛନ୍ତି। ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବା ସବୁ କାର୍ଯ୍ୟକୁ ସଠିକ ଭାବେ କରିବା ପାଇଁ ଚେଷ୍ଟା ଜାରି ରଖିବେ ବୋଲି ସେ କହିଛନ୍ତି।

**● ହୋଲଡିଂ ଟିକସ ପ୍ରତ୍ୟାହାର**

## ପାନୀୟ ଜଳ ଯୋଗାଣ ଓ ଜଳ ନିଷ୍କାସନ ଦାବିରେ ଧାରଣା



ରେମୁଣା, ୨୬।୫ (ସମିସ): ରେମୁଣା ପ୍ରଗତିଶୀଳ ନାଗରିକ ମଞ୍ଚର ଆବାହକ ପ୍ରେମ ରଞ୍ଜନ ପାତ୍ରଙ୍କ ସଭାପତିତ୍ୱରେ ଧାରଣା ଦିଆଯାଇଥିଲା। ରେମୁଣା ଏନ.ଏ.ସି. ୨୦୨୧ ମସିହାରେ ଗଠନ ହେଲା। ଏଠାରେ ସହରୀ ସଭ୍ୟତାର ବିକାଶ ହୋଇନାହିଁ। ଏଥିରେ ବାସ କରୁଥିବା ଲୋକଙ୍କର ଆୟର ଉତ୍ସ ମୁଖ୍ୟତଃ କୃଷି, ଏନ.ଏ.ସି. ଅଞ୍ଚଳରେ ଆବଶ୍ୟକ ଭିତ୍ତିଭୂମିର ବିକାଶ ହୋଇନାହିଁ। ରାସ୍ତା, ରାସ୍ତାର ଆଲୋକୀକରଣ, ପାନୀୟ ଜଳ ଯୋଗାଣ, ଜଳ ନିଷ୍କାସନ ଆଦି ଲୋକ କଲ୍ୟାଣ ମୂଳକ କାର୍ଯ୍ୟ କରାପାରି ନାହିଁ। କିନ୍ତୁ ସରକାର ଲୋକଙ୍କ ଉପରେ ଟିକସ ବସାଇବାରେ ବ୍ୟସ୍ତ। ଟିକସ ବସାଇବା ପୂର୍ବରୁ ନିର୍ବାଚିତ ଏନଏସି କାଉନସିଲ ଓ ଗ୍ରାମ ସଭାର ମତାମତ ନିଆଯାଇନାହିଁ। ଯେଉଁ ଟିକସ ବସାଯାଇଛି ତାହା ଅନ୍ୟ ଏନଏସି ଓ ମ୍ୟୁନିସିପାଲିଟି ତୁଳନାରେ ବହୁତ ଅଧିକ। ଏଠାରେ ଥିବା ଘର ଗୁଡ଼ିକ ବହୁତ ପୁରୁଣା। ଘର ଅନୁସାରେ ଟିକସ ଧାର୍ଯ୍ୟ କରାଯାଇ ନାହିଁ ଓ ତେଣୁ ଉକ୍ତ ଟିକସ ବ୍ୟବସ୍ଥା ଅଗଣତାନ୍ତ୍ରୀକ। ପଞ୍ଚାୟତ ବ୍ୟବସ୍ଥା ଥିବା ବେଳେ ଲୋକଙ୍କ ଅର୍ଥରେ ପାଣି ସ୍ୱଜଳ ଧାରା ଜରିଆରେ ପାନୀୟ ଜଳଯୋଗାଣ ବ୍ୟବସ୍ଥା ହୋଇଥିଲା। ତତ୍‌କାଳୀନ ରାଜ୍ୟ ସରକାର ଘୋଷଣା କରିଥିଲେ ଯେ ଲୋକଙ୍କ ଉପରେ ଜଳକର ବସିବ ନାହିଁ। କିନ୍ତୁ ଏବେ ଜଳକର ଦେବା ସହିତ ନୂତନ ଜଳ ସଂଯୋଗ ପାଇଁ ଟଙ୍କା ଦେବାକୁ ବାଧ କରାଯାଉଛି। ଅପର ପକ୍ଷରେ ସମସ୍ତ ଘରକୁ ପାନୀୟଜଳ ଯୋଗାଇ ଦିଆଯାଇ ନାହିଁ ଏବଂ ଲୋକମାନେ ଆବଶ୍ୟକ ମୁତାବକ ପାଣି ପାଇ ପାରୁନାହାଁନ୍ତି। ଯେତେ ପର୍ଯ୍ୟନ୍ତ ହୋଲ୍ଡିଂ ଟିକସର ପୁନଃ ଆକଳନ କରାଯାଇନାହିଁ ସେତେ ପର୍ଯ୍ୟନ୍ତ ଟିକସ ଧାରିମାନେ ଟିକସ ଦେବେନାହିଁ ବୋଲି ରେମୁଣା ପ୍ରଗତିଶିଳ ନାଗରିକ ମଞ୍ଚ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏଥିରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ପୂର୍ବତନ ସରପଞ୍ଚ ପ୍ରସନ୍ନ କୁମାର ଷଡ଼ଙ୍ଗୀ, ପୂର୍ବତନ ସରପଞ୍ଚ ଅନିରୁଧ ଲେଙ୍କା, ପୂର୍ବତନ ସରପଞ୍ଚ ଅକ୍ଷୟ ରଣା, ପୂର୍ବତନ ସମିତସଭ୍ୟ ହରପ୍ରିୟା ଜେନା, ଦୁଷ୍ମନ୍ତ ଦାସ, ପ୍ରଦୀପ୍ତ କୁମାର ଦାସ, କମଳାକାନ୍ତ ଦାସ, ରବୀନ୍ଦ୍ର ପାତ୍ର, ଗଣେଶ ବିଶ୍ୱାଳ, ମାନସ ରଞ୍ଜନ ସାହୁ, ଦେବବ୍ରତ ମାଝୀ, ନିରଞ୍ଜନ ବେହେରା, ପ୍ରଭାକର ବେହେରା, ସୁମିତ୍ରା ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସିକନ୍ଦର ଖାଁ, ସେକ୍ ରାଜୁ, ସୁଦର୍ଶନ ଆଚାର୍ଯ୍ୟ, ମିନତୀ ସାନ୍ତାରା, ଜୟ ସିଂହ, ସହଯୋଗ କରିଥିଲେ।

## ବାଲେଶ୍ୱର ଜିଲ୍ଲା କଂଗ୍ରେସର ସମୀକ୍ଷା ବୈଠକ

ବାଲେଶ୍ୱର,୨୬।୫ (ସମିସ): ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ଅଖିଳ ଭାରତୀୟ କଂଗ୍ରେସ କମିଟି ର ସମ୍ପାଦକ ମୟୂର ଏସ୍ ଜୟକୁମାର ତଥା ପିସିସି ଉପସଭାପତି ଡ଼ା ଦେବାଶିଷ ପଟ୍ଟନାୟକ



ଓ ପିସିସି ସମ୍ପାଦକ ଦେବାଶିଷ ମହାପାତ୍ରଙ୍କ ଉପସ୍ଥିତିରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ର ସଭାପତି ସତ୍ୟଶିବ ଦାସଙ୍କ ଅଧକ୍ଷତାରେ କଂଗ୍ରେସର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଭାପତି ସତ୍ୟଶିବ ଦାସ ଜିଲ୍ଲା ର ସମସ୍ତ ବ୍ଲକ୍, ପୌରାଞ୍ଚଳ ଓ ନିର୍ବାଚନ ମଣ୍ଡଳୀ ସ୍ତରୀୟ ନେତାଙ୍କ ଉପସ୍ଥିତିରେ ସମସ୍ତ କାର୍ଯ୍ୟପନ୍ଥା ଓ କାର୍ଯ୍ୟଶୈଳୀ ର ବିବରଣୀ ରଖିଥିଲେ। ଜୟ କୁମାର ଏସଆଇଆର ବାବଦରେ ସମ୍ପୂର୍ଣ୍ଣ ତଥ୍ୟ ସମସ୍ତ କର୍ମକର୍ତ୍ତା ମାନଙ୍କୁ ଜଣାଇଥିଲେ ଏବଂ ଆଗକୁ ବିଜେପି ଓ ଆରଏସଏସର ଚକ୍ରାନ୍ତରୁ କେମିତି ଜନସାଧାରଣଙ୍କୁ ବଞ୍ଚାଇହେବ ସେ ଆହ୍ୱାନ କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖିଆଗରେ ରଖି କଂଗ୍ରେସ ତା'ର ରଣନୀତି କେମିତି ପ୍ରସ୍ତୁତ କରିବ ସେ ନେଇ ଉକ୍ତ ବୈଠକରେ ଆଲୋଚନା କରଯାଇଥିଲା। ମଞ୍ଚ ରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠି, ବିଧାୟକ ପ୍ରାର୍ଥୀ ଯଥା ହିମାଂଶୁ ବେହେରା, ସୁବ୍ରତ ଧଡ଼ା, ସୁଦର୍ଶନ ଦାସ (ରାଜୀବ ଗାନ୍ଧୀ ପଂଚାୟତିରାଜ ଯୋଜନାର ରାଜ୍ୟ ଅଧକ୍ଷ) ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ବିଜନ ନାୟକ, ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚଣ୍ଡ ଓ ପୂର୍ବତନ ଜିଲ୍ଲା ସଭାପତି ସଂଜୀବ ଗିରି ଙ୍କ ସମେତ ନୂତନ ଜିଲ୍ଲା ମହିଳା ସଭାନେତ୍ରୀ ଆଇନଜୀବୀ ଉର୍ମିଳା ମାଝୀ ଓ ସରୋଜ ଲେଙ୍କା, ଜିଲ୍ଲା ସାଧାରଣ ସମ୍ପାଦକ ନିଶିତ ବାରିକ, ଦେବଦତ୍ତ ଦାସ, ତୁଷାରକାନ୍ତି ତପସ୍ୱି, ଆଶିଷ ପଟ୍ଟନାୟକ, ବିଜୟ ମହାନ୍ତି ଙ୍କ ସମେତ ସମସ୍ତ ବ୍ଲକ ଓ ପୌରାଞ୍ଚଳ ର ସଭାପତି ତଥା ଜିଲ୍ଲା ର ସମସ୍ତ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ରେଲୱେ ଷ୍ଟେସନ ଓ ଉଡ଼ନ୍ତା ପୋଲ ନିର୍ମାଣ ଲାଗି ସାଂସଦଙ୍କୁ ଦାବିପତ୍ର

ବାଲେଶ୍ୱର,୨୬।୫ (ସମିସ): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଖାନନଗର ପଞ୍ଚାୟତ ବାଙ୍ଗରା ରେଲୱେ ଫାଟକ ନିକଟରେ ରେଲୱେ ଷ୍ଟେସନ ଏବଂ ଉଡନ୍ତା ପୋଲ ନିର୍ମାଣ ଲାଗି ଦୀର୍ଘଦିନ ଧରି ଦାବି ହୋଇଆସୁଛି। ସେହି ଫାଟକ ଦେଇ ବିଭିନ୍ନ ପଞ୍ଚାୟତ ଯଥା ଖାନନଗର, ଗେଙ୍ଗୁଟି, ଶାସଙ୍ଗ, କୁରୁଡା, କସବା, ରସାଲପୁର, ପଦ୍ମପୁର, ବର୍ଦ୍ଧନପୁର ପ୍ରଭୃତି ଅଞ୍ଚଳର ଲକ୍ଷାଧିକ ଲୋକ କର୍ମସଂସ୍ଥାନ ଓ ଜରୁରୀ କାର୍ଯ୍ୟ ପାଇଁ ଯାତାୟାତ କରିବା ସମୟରେ ରେଲୱେ ଫାଟକ ପଡିବା ଯୋଗୁଁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ନିକଟରେ ଅବସ୍ଥିତ ଏବିଏ କଲେଜ, ନୀଳକଣ୍ଠେଶ୍ୱର କଲେଜ, ମର୍ଡର୍ଣ୍ଣ ଇଞ୍ଜିନିୟରିଂ କଲେଜରେ ପଢୁଥିବା ଛାତ୍ରଛାତ୍ରୀମାନେ ପରୀକ୍ଷା ସମୟରେ ଯିବାଆସିବାରେ ମଧ୍ୟ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ରେଲୱେ ଫାଟକ ପଡିବା ଯୋଗୁଁ ରାତି ଅଧରେ ଆମ୍ବୁଲାନ୍ସରେ ରୋଗୀ ସେବା ବାଧାପ୍ରାପ୍ତ ହେବା ଭଳି



ଯାବତୀୟ ଅସୁବିଧା ପାଇଁ ଏବିଷୟରେ ରେଲୱେ ଡି, ଆର, ଏମ୍, ଖଡ଼ଗପୁର, ବାଲେଶ୍?ର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଦାବି ରଖିଥିଲେ ବି କୌଣସି ସୁଫଳ ଏପର୍ଯ୍ୟନ୍ତ ମିଳିନାହିଁ। ୨୭ ଏପ୍ରିଲ ୨୦୨୬ ରେ ଦକ୍ଷିଣ ପୂର୍ବ ରେଳବାଇ ଡି, ଆର, ଏମ୍, ଙ୍କୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରେଲୱେ ଷ୍ଟେସନ ଏବଂ ଉଡନ୍ତା ପୋଲ ନିର୍ମାଣ ଲାଗି ଦାବିପତ୍ର ପ୍ରଦାନ କରାଯାଇଥିଲେ ବି ବହୁ ଦିନର ଦାବି ପୂରଣ ହୋଇପାରି ନାହିଁ। ସେଥିପାଇଁ ଆଜି ସନ୍ଧ୍ୟା ୬ ଘଟିକା ୩୦ ମିନିଟ୍ ସମୟରେ ବାଙ୍ଗରା ରେଳଷ୍ଟେସନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ଦାବିପତ୍ର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସାର୍କିଟ ହାଉସରେ ସାକ୍ଷାତ କରି ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ କ୍ରିୟାନୁଷ୍ଠାନ କମିଟି ସଭାପତି ସତ୍ୟନାରାୟଣ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ନିରଞ୍ଜନ ଦାସ, କୋଷାଧ୍ୟକ୍ଷ ସୁଶାନ୍ତକୁମାର ନାୟକ, ଉପସଭାପତି ଅଞ୍ଜନ ନାୟକ, ଗୋପାଳ କୃଷ୍ଣ ବେହେରା, ଦୀପକ କୁମାର ନାୟକ, ଦୀପକ ନାୟକ, ସୁଧାକର ରାଉତ, ମୁକ୍ତାର ଖାଁ, ଶୁଭ୍ରାଂଶ ରାଉତ, କରୁଣାକର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## 'ଲାଇଟନିଂ ସେଫ୍ ନର୍ଥ ଓଡ଼ିଶା: ମାଷ୍ଟର ଟ୍ରେନର' ଶୀର୍ଷକ କର୍ମଶାଳା

ବାଲେଶ୍ୱର,୨୬।୫(ସମିସ): 'ଲାଇଟନିଂ ସେଫ୍ ନର୍ଥ ଓଡ଼ିଶା:ମାଷ୍ଟର ଟ୍ରେନର' ଶୀର୍ଷକରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରବନ୍ଧନ ପ୍ରାଧିକରଣ (ଓଏସ୍‌ଡିଏମ୍‌ଏ)ର ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନ କରି ଉତ୍ତର ଓଡ଼ିଶାରେ ବଜ୍ରପାତଜନିତ ମୃତ୍ୟୁସଂଖ୍ୟାକୁ ଶୂନ୍ୟରେ ପହଞ୍ଚାଇବା ଲକ୍ଷ୍ୟରେ ଆହ୍ୱାନ ଦେଇଥିଲେ। ଭୂଗୋଳ ବିଭାଗ ପ୍ରଫେସର ନିହାର ରଞ୍ଜନ ରାଉତ ସ୍ୱାଗତ ଭାଷଣ ପ୍ରଦାନ




କରିଥିବା ବେଳେ ପ୍ରଫେସର ମନୋରଞ୍ଜନ ମିଶ୍ର କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଭାସ୍କର ବେହେରା ବିଷୟଭିତ୍ତିକ ମତାମତ ଉପସ୍ଥାପନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ କର୍ମଶାଳାରେ ଯୋଗଦେଇ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାରୁ ଯୋଗଦେଇଥିବା ଅଧିକାରୀମାନଙ୍କୁ କର୍ମଶାଳାରେ ଆଲୋଚିତ ବିଷୟଗୁଡ଼ିକୁ କ୍ଷେତ୍ରସ୍ତରରେ ଫଳପ୍ରଦ ଭାବେ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ଓଏସ୍‌ଡିଏମ୍‌ଏର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ଼କ୍ଟର କମଳ ଲୋଚନ ମିଶ୍ର (ଆଇଏଏସ୍) ଆଭାସୀ ମାଧମରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ଓଏସ୍‌ଡିଏମ୍‌ଏ, ଏନ୍‌ଡିଆରଏଫ୍, ବିଭିନ୍ନ ଜିଲ୍ଲା ଓ ବ୍ଲକ ପ୍ରଶାସନର ଅଧିକାରୀ, ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଓ ଜାତୀୟ ଦୂର-ସଂବେଦନ କେନ୍ଦ୍ର (ଏନ୍‌ଆର୍‌ଏସ୍‌ସି)ର ବିଶେଷଜ୍ଞମାନଙ୍କ ସମେତ ମୋଟ ୧୯୦ ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। 'ଉତ୍ତର ଓଡ଼ିଶାରେ ବଜ୍ରପାତଜନିତ ମୃତ୍ୟୁ ହ୍ରାସ : ପ୍ରମାଣଭିତ୍ତିକ କୌଶଳ ଓ ସମାଧାନ' ବିଷୟରେ ପ୍ରଫେସର ମନୋରଞ୍ଜନ ମିଶ୍ର ଆଲୋଚନା କରିଥିଲେ। ଡ଼କ୍ଟର ଆଲୋକ ତାଓରୀ ଓ ଏନ୍‌ଆର୍‌ଏସ୍‌ସି ଦଳ ପକ୍ଷରୁ ବଜ୍ରପାତ ନିରୀକ୍ଷଣ ଓ ପୂର୍ବାନୁମାନ ପରୀକ୍ଷାର ପ୍ରଦର୍ଶନ କରାଯାଇଥିଲା। ଡ଼କ୍ଟର ଗୋପ କୁମାରଙ୍କ ଦ୍ୱାରା ଯାନ୍ତ୍ରିକ ଭିତ୍ତିକ ବଜ୍ରପାତ ସୁରକ୍ଷା ବ୍ୟବସ୍ଥା ଉପରେ ବ୍ୟାଖ୍ୟାନ ପ୍ରଦାନ କରାଯାଇଥିଲା। ଡ଼କ୍ଟର ସସ୍ମିତା ରାଉତ ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଭୂଗୋଳ ବିଭାଗ ସହକାରୀ ଅଧ୍ୟାପିକା ଡ଼. ସବିତା ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ।

## ଏଫ୍ ଏମ୍ କଲେଜ ୧୯୮୮-୧୯୯୧ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବୈଠକ

ବାଲେଶ୍ୱର,୨୬।୫ (ସମିସ): ଫକୀରମୋହନ ମହାବିଦ୍ୟାଳୟ୧୯୮୮-୧୯୯୧ ବ୍ୟାଚର ଏଫଏମଭିଆନ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ବୈଠକ ତଥା ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସେହି ସମୟରେ ଫକୀର ମୋହନ ମହାବିଦ୍ୟାଳୟର ସୁନାମରେ ଆକର୍ଷିତ ହୋଇ ଝାରସୁଗୁଡା, ଭୁବନେଶ୍ୱର, କଟକ ବାରିପଦା, ଭଦ୍ରକ ଅଞ୍ଚଳର ପଢୁଥିବା ଅନେକ ଛାତ୍ରଛାତ୍ରୀ ଏହି ମିଳନ ଉତ୍ସବରେ ଅଂଶ ଗ୍ରହଣକରି ନିଜର ଖୁସି ବ୍ୟକ୍ତ କରିଥିଲେ। ସବୁବର୍ଷ ଯେପରି ଏହି କାର୍ଯ୍ୟକ୍ରମ ଜାରିରହୁ ସମସ୍ତେ କାମନା କରିଥିଲେ। ଅରୁଣ ରାୟ, ସାହିରୂଲ ହକ, କାମିନିକାନ୍ତ ଚୌଧୁରୀ, କାଜଲ ପାଲ, ପୁଣ୍ୟବ୍ରତ ମହାନ୍ତି ଆଶିଷ ମହାନ୍ତି, ସୌମେନ୍ଦ୍ର ଦାସ, ପ୍ରଜ୍ଞା ପାରମିତା ବିଶ୍ୱାଳ, ପ୍ରତିଭା ନାୟକ, ସସ୍ମିତା କାନୁନଗୋ, ପ୍ରତିଭା ମହାନ୍ତ, ରତ୍ନାକର ସିଂହ, କମଳାକାନ୍ତ ଜେନା, ବଳରାମ ନାୟକ, ପ୍ରଶାନ୍ତ କୁମାର ରାଉତ, ରାଜେନ୍ଦ୍ର ମାଝୀ ପ୍ରମୁଖ ଯୋଗଦେଇ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ଦେବସ୍ଥଳୀ ନିକଟରୁ ଜବରଦଖଲ ଉଚ୍ଛେଦ ଦାବି



ବାଲେଶ୍ୱର,୨୬।୫(ସମିସ): ସଦର ବ୍ଲକ ସାର୍ଥା ଗ୍ରାମରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଏହି ଗ୍ରାମରେ ଥିବା ଏକମାତ୍ର ଶୈବପୀଠ ବାବା ବୈଦ୍ୟନାଥ ମନ୍ଦିର ଓ ହରିହର ଭାଗବତ ଆଶ୍ରମ ସମ୍ମୁଖ ଏବଂ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ପାଇଁ ପୂର୍ବରୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ମଙ୍ଗଳବାର ଗ୍ରାମବାସୀ ଭେଟି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଗ୍ରାମବାସୀ ସୂର୍ଯ୍ୟକାନ୍ତ ମିଶ୍ର, ସରୋଜ କୁମାର ବାରିକ, ଶଶିକାନ୍ତ ବେହେରା, ନିର୍ମଳ ବେହେରା, ଶୁଶିଲ କୁମାର ସାହୁ, ରାମକୃଷ୍ଣ ସାହୁ, ସଞ୍ଜୟ ପରିଡ଼ା, ଅନନ୍ତ ବେହେରା ପ୍ରମୁଖ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନହେଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ଉକ୍ତ ଦେବସ୍ଥଳୀରେ ପ୍ରତ୍ୟେକ ଦିନ ଶୈବ ପୂଜା ଏବଂ ସନ୍ଧ୍ୟାରେ ଭାଗବତ କଥାମୃତ ଓ ଗୀତାପାଠ ହୋଇଥାଏ। ମନ୍ଦିର ସମ୍ମୁଖରେ ଗୟାଧର ବେହେରା ନାମକ ଜଣେ ବ୍ୟକ୍ତି ଏକ ତେଜରାତି ଦୋକାନ କରି ପାନ, ଗୁଟକା, ବିଡି, ସିଗାରେଟ୍ ଆଦି ବିକ୍ରି କରିଆସୁଛନ୍ତି। ସେଠାରେ ବହୁ ଅସାମାଜିକ ବ୍ୟକ୍ତିଙ୍କ ଆଡା ହେଉଛି। ଫଳରେ ମନ୍ଦିରକୁ ଆସୁଥିବା ଭକ୍ତମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ମନ୍ଦିର ପାଶ୍ୱର୍ ତଥା ତାଙ୍କ ତାଙ୍କ ଦୋକାନ ପାଖ ଦେଇ ଗାଁକୁ ଯିବାପାଇଁ ଏକ ସର୍ବସାଧାରଣ ରାସ୍ତା ରହିଅଛି। ଯାହା ଉପରେ ୨ଶହରୁ ଅଧିକ ପରିବାର ନିର୍ଭର କରିଥାନ୍ତି। ଦୋକାନ ଘର ଜବର ଦଖଲ ଓ ସେଥିରୁ ବାହାରିଥିବା ଛପର ଯୋଗୁଁ ସେହି ରାସ୍ତା ଦେଇ ଚାରିଚକିଆ ଯାନ ଯିବାଆସିବା କରିପାରୁ ନାହିଁ। ଏନେଇ ପୂର୍ବରୁ ବାରମ୍ବାର ଆରଆଇ, ସଦର ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏ ସମ୍ପର୍କରେ ଏମ୍ପି, ବିଧାୟକ ଓ ଜିଲାପରିଷଦ ସଭାପତିଙ୍କ ସମେତ ଜିଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମନ୍ଦିର ଦ୍ୱୟର ସାମଗ୍ରିକ ବିକାଶ ପାଇଁ ଜବରଦଖଲ ଉଚ୍ଛେଦ ପାଇଁ ଦାବି ହୋଇଛି।

**ଓଡ଼ିଶାରେ ନାହିଁ ଘରୋଇ ବିଏଡ କଲେଜ**

# ଆନ୍ଧ୍ର, ବଙ୍ଗରୁ ନିରାଶ ହୋଇ ଫେରିଲେ ହଜାର ହଜାର ପିଲା

ବାଲେଶ୍ୱର,୨୫।୬ (ସମିସ)

ଓଡ଼ିଶାରେ ବିଏଡ ସିଟ୍ ସଂଖ୍ୟା ଅତ୍ୟନ୍ତ କମ୍ ଥିବାରୁ ହଜାର ହଜାର ଆଶାୟୀ ଛାତ୍ରଛାତ୍ରୀ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗର ଘରୋଇ କଲେଜ ଉପରେ ନିର୍ଭର କରୁଛନ୍ତି। ଏହାର ଫାଇଦା ନେଇ ପଡୋଶୀ ରାଜ୍ୟର ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଓଡ଼ିଶାର ବିଏଡ ଆଶାୟୀଙ୍କ ଉପରେ ମନମାନି ତଥା ଶୋଷଣ କରୁଥିବା ଅଭିଯୋଗ ହୋଇଛି। ଫଳରେ ଚଳିତ ବର୍ଷ ସେଠାରୁ ହଜାର ହଜାର ପିଲା ନିରାଶ ହୋଇ ଫେରିଛନ୍ତି। ଲକ୍ଷାଧିକ ଟଙ୍କା ଦେଇ ନାମ ଲେଖାଇବା ପରେ ବି ସେମାନଙ୍କୁ ଆଡମିଶନ ମିଳୁନାହିଁ, ଫଳରେ ଛାତ୍ରଛାତ୍ରୀ ଓ ଅଭିଭାବକ ଗଭୀର ମାନସିକ ଦୁଶ୍ଚିନ୍ତାରେ ପଡ଼ିଛନ୍ତି। ପଡୋଶୀ ରାଜ୍ୟରେ ଓଡ଼ିଆ ପିଲା ଅର୍ଥ ଶୋଷଣର ଶିକାର ହୋଇ ଦୁଶ୍ଚିନ୍ତାରେ ରହିଛନ୍ତି। ଓଡ଼ିଶାରେ ବିଏଡ ପଢିବା ପାଇଁ ସରକାରୀ କଲେଜ ଏବଂ ସେଲଫ ଫାଇନାନ୍ସିଂରେ ମାତ୍ର ୨୮୦୦ ସିଟ୍ ରହିଛି। ଏଠାରେ ପ୍ରତିବର୍ଷ ପ୍ରାୟ ୧.୫ ଲକ୍ଷ ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଦେଉଛନ୍ତି। ସେହିପରି ବିଏଡ ଶିକ୍ଷାବର୍ଷ ୨୦୨୬-୨୮ ବର୍ଷ ପାଇଁ ଏବର୍ଷ ଓଡ଼ିଶାରୁ ୧ ଲକ୍ଷ ୧୩ ହଜାର ଛାତ୍ରଛାତ୍ରୀ ଫର୍ମ ଆବେଦନ କରିଛନ୍ତି। ଓଡ଼ିଶାରେ ବିଏଡ ପାଇଁ କୌଣସି ଘରୋଇ କଲେଜ ନ ଥିବାରୁ ଅଧିକାଂଶ ପିଲା ବାଧ ହୋଇ ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ମୁହାଁ ହେଉଛନ୍ତି। ଓଡ଼ିଶାରୁ ପ୍ରତିବର୍ଷ ପ୍ରାୟ ୫୦ ହଜାରରୁ ଅଧିକ ପିଲା ପଡୋଶୀ ରାଜ୍ୟରେ ବିଏଡ ପଢିବା ପାଇଁ ଆବେଦନ କରୁଛନ୍ତି। ସେହିପରି ଉତ୍ତର ଓଡ଼ିଶାର ବାଲେଶ୍ୱର ସମେତ ଭଦ୍ରକ, ମୟୁରଭଞ୍ଜ, କେନ୍ଦୁଝରରୁ ହଜାର ହଜାର ପିଲା ବିଏଡ୍ କରିବା ପାଇଁ ବାହାର ରାଜ୍ୟ ଉପରେ ନିର୍ଭରଶୀଳ। ଅଭିଯୋଗ ଅନୁସାରେ, ପଡ଼ୋଶୀ ରାଜ୍ୟର ଘରୋଇ କଲେଜ କର୍ତ୍ତୃପକ୍ଷ ଓଡ଼ିଆ ଛାତ୍ରଛାତ୍ରୀଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇ ନାମଲେଖା କରୁଛନ୍ତି। ପରେ ଯଦି ଅନ୍ୟ କେହି ଛାତ୍ର ଅଧିକ ଟଙ୍କା ଦିଅନ୍ତି, ତେବେ ପୂର୍ବରୁ ଭର୍ତ୍ତି ହୋଇଥିବା ପିଲାର ନାମ କାଟି ଦିଆଯାଉଛି। ଫଳରେ ଉକ୍ତ ପିଲାର ବିଏଡ ପଢିବାର ସ୍ୱପ୍ନ ଚୁରମାର ହେଉଛି। ଟଙ୍କା ସହ ଶିକ୍ଷାବର୍ଷ ବି ନଷ୍ଟ ହେଉଛି। ଓଡ଼ିଶାରେ ସୁଯୋଗ ନାହିଁ, ବାହାରେ ପିଲାମାନଙ୍କୁ ମିଳୁନି ଭରସା। ଫଳରେ ସେମାନଙ୍କ ଭବିଷ୍ୟତ ଅନ୍ଧାର ଆଡକୁ ଗତି କରୁଛି। ଏ ନେଇ ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି ଯେ ରାଜ୍ୟ ସରକାର ଓଡ଼ିଶାରେ ଘରୋଇ ବିଏଡ କଲେଜ ଖୋଲିବାକୁ ଅନୁମତି ଦିଅନ୍ତୁ। ଏଥିସହିତ ସରକାରୀ ସିଟ୍ ସଂଖ୍ୟା ବୃଦ୍ଧି କରନ୍ତୁ। ଏହାଦ୍ୱାରା ପିଲାମାନେ ପଡ଼ୋଶୀ ରାଜ୍ୟର କଲେଜ କର୍ତ୍ତୃପକ୍ଷଙ୍କ ମନମାନୀ ତଥା ଶୋଷଣରୁ ବର୍ତ୍ତି ପାରିବେ'। ଶିକ୍ଷକ ହେବାକୁ ଆଗ୍ରହୀ ଯୁବପିଢ଼ିଙ୍କ ସଂଖ୍ୟା ବଢୁଥିବା ବେଳେ ସୁଯୋଗ ଅଭାବରୁ ଅନେକଙ୍କ ସ୍ୱପ୍ନ ଅଧାରେ ରହିଯାଉଛି। ଏଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅଭିଭାବକ ଓ ଶିକ୍ଷାବିତ ମହଲରେ ଦାବି ହେଉଛି।

## ରେଳ ଷ୍ଟେସନରେ ମୋବାଇଲ ଚୋର ଗିରଫ, ଫୋନ ଜବତ

ବାଲେଶ୍ୱର,୨୬।୫ (ସମିସ): ଯାତ୍ରୀଙ୍କ ସାମଗ୍ରୀ ଚୋରି ରୋକିବାକୁ ଆରପିଏଫ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଡ୍ରାଇଭରେ ବାଲେଶ୍ୱର ରେଳ ଷ୍ଟେସନରୁ ଜଣେ ଅଭ୍ୟାସଗତ ଚୋରକୁ ଗିରଫ କରାଯାଇଛି। ଗିରଫ ଯୁବକ ହେଉଛନ୍ତି ସିମୁଳିଆ ଥାନା ଅନ୍ତର୍ଗତ ଆନନ୍ଦପୁର ଗ୍ରାମର ମନୋଜ କୁମାର ମାଝୀ। ପ୍ଲାଟଫର୍ମରେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ବେଳେ ଆରପିଏଫ ତାଙ୍କୁ ଅଟକ ରଖିଥିଲା। ଯାଞ୍ଚ ସମୟରେ ତାଙ୍କ ପାଖରୁ ଦୁଇଟି ସିମ୍ କାର୍ଡ ସହ ଗୋଟିଏ ରେଡମି ଆଣ୍ଡ୍ରଏଡ ମୋବାଇଲ ଫୋନ ମିଳିଛି। ପଚରାଉଚରା ବେଳେ ମନୋଜ ଚଳନ୍ତା ଟ୍ରେନ ଓ ପ୍ଲାଟଫର୍ମ ଅଞ୍ଚଳରେ ଯାତ୍ରୀଙ୍କ ମୋବାଇଲ ଚୋରି କରୁଥିବା ମାନିଯାଇଛି। ଜବତ ଫୋନକୁ ନିୟମ ଅନୁଯାୟୀ ସିଜ୍ କରାଯାଇ ଅଭିଯୁକ୍ତଙ୍କୁ ଜିଆରପିଏସ ବାଲେଶ୍ୱରକୁ ହସ୍ତାନ୍ତର କରାଯାଇଛି। ଜିଆରପିଏସ ବିଏନଏସର ସମ୍ପୃକ୍ତ ଧାରାରେ ମାମଲା ରୁଜୁ କରିଛି। ଅପରାଧ ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ ମନୋଜ ଜଣେ ଅଭ୍ୟାସଗତ ଅପରାଧୀ। ପୂର୍ବରୁ ମଧ ସେ ରେଳଯାତ୍ରୀଙ୍କ ମୋବାଇଲ ଚୋରି ସମ୍ପର୍କିତ ଏକାଧିକ ମାମଲାରେ ସମ୍ପୃକ୍ତ ଥିଲା।

# ୬ ଚୋରି ବାଇକ ଜବତ; ୨ ଗିରଫ

ବ୍ରହ୍ମପୁର,୨୬।୫(ସମିସ)



ବ୍ରହ୍ମପୁର ସହର ଓ ଆଖପାଖ ଅଞ୍ଚଳରେ ଚାଲିଥିବା ବାଇକ୍ ଚୋରି ରାକେଟ୍‌ର ପର୍ଦ୍ଦାଫାଶ କରିଛି ବୈଦ୍ୟନାଥପୁର ଥାନା ପୁଲିସ। ଏହି ମାମଲାରେ ପୁଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଖଲ୍ଲିକୋଟ ଥାନା ଅନ୍ତର୍ଗତ କରିନିପଡ଼ା ଉପର ସାହିର କେ. ଉମାକାନ୍ତ ପାତ୍ର (୨୯) ଓ ଚମାଖଣ୍ଡି ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମର ସ୍କ୍ରାପ୍ ବ୍ୟବସାୟୀ ଏସ୍. ନିରଞ୍ଜନ ରେଡ୍ଡୀ (୨୮)। ସୂଚନାଯୋଗ୍ୟ ଯେ, ମେ ୨୫ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଅଭିଯୋଗକାରୀ ରବୀନ୍ଦ୍ର କୁମାର ସାହୁ ନିଜର ଏକ ନୀଳ ରଙ୍ଗର ବାଜାଜ୍ ପଲସର ମୋଟରସାଇକେଲକୁ ବ୍ରହ୍ମପୁର ଜୟପ୍ରକାଶ ନଗର ସ୍ଥିତ ଆକ୍ସିସ୍ ବ୍ୟାଙ୍କ ସାମ୍ନାରେ ରଖି ବ୍ୟାଙ୍କ ଭିତରକୁ ଯାଇଥିଲେ। ମାତ୍ର ୧୫ ମିନିଟ୍ ପରେ ବ୍ୟାଙ୍କରୁ ଫେରି ଦେଖିଲା ବେଳକୁ ସେଠାରେ ବାଇକ୍‌ଟି ନଥିଲା। ଏହାପରେ ସେ ଥାନାରେ ଅଭିଯୋଗ କରିଥିଲେ। ଆଜି କିଛି ଲୋକ ବାଇକ ଚୋର ଉମାକାନ୍ତକୁ ଗିରଫ କରି ପୁଲିସ ଜିମା ଦେଇଥିଲେ। ପୁଲିସ ଥାନାରେ ତାକୁ ପଚରାଉଚରା କରିବା ପରେ ଚୋରି ବାଇକ୍ କାରବାରର ପୁରା ଗୁମର ପଦାକୁ ଆସିଥିଲା । ଅଭିଯୁକ୍ତ ଉମାକାନ୍ତର ସୂଚନା ଆଧାରରେ ପୁଲିସ ମାଣ୍ଡିଆପଲ୍ଲୀ ଛକ ନିକଟରେ ଥିବା ସ୍କ୍ରାପ୍ ବ୍ୟବସାୟ କରୁଥିବା ନିରଞ୍ଜନ ରେଡ୍ଡୀଙ୍କ ଗୋଦାମ ଘରେ ଚଢ଼ାଉ କରିଥିଲା । ସେଠାରୁ ଆଉ ୫ଟି ଚୋରି ବାଇକ୍ ଓ ସ୍କୁଟର ଜବତ କରାଯାଇଥିଲା। ଅଭିଯୁକ୍ତମାନେ ବିଭିନ୍ନ ସ୍ଥାନରୁ ଗାଡ଼ି ଚୋରି କରି ବିକ୍ରି କରିବା ଉଦ୍ଦେଶ୍ୟରେ ଏହି ସ୍କ୍ରାପ୍ ଗୋଦାମରେ ଲୁଚାଇ ରଖୁଥିଲେ ବୋଲି ପୁଲିସ ତଦନ୍ତରୁ ଜଣାପଡିଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ବାଇକ୍ ଚୋରି ରାକେଟ ପଛରେ କେଉଁମାନେ ସଂପୃକ୍ତ ଅଛନ୍ତି ସେ ନେଇ ପୁଲିସ ତଦନ୍ତ ଜାରି ରଖିଛି।

## ଡକାୟତି ଯୋଜନା ପଣ୍ଡ
# ପିସ୍ତଲ, ବୋମା ଓ ଖଣ୍ଡା ଜବତ; ୫ ଗିରଫ

ବ୍ରହ୍ମପୁର,୨୬।୫(ସମିସ)



ବ୍ରହ୍ମପୁର ସହରରେ ଏକ ବଡ଼ ଧରଣର ଡକାୟତି ଯୋଜନାକୁ ପଣ୍ଡ କରିଛି ବଡବଜାର ଥାନା ପୁଲିସ। ଡକାୟତି ପାଇଁ ଯୋଜନା କରୁଥିବା ୫ଜଣ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ମାରାତ୍ମକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଶ୍ରୀରାମ ନଗର ଦ୍ୱିତୀୟ ଲାଇନର ଅଶୋକ ବେହେରା ଓରଫ ବାଙ୍ଗରା ଅଶୋକ(୨୩), କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଆଠଗଡ଼ପାଟଣାର ଶିବଶଙ୍କର ପାତ୍ର(୨୩), ରଘୁପତି ନଗର ତୃତୀୟ ଲାଇନର ଓମ୍ ଦାସ (୨୧), ରାମନଗର ପ୍ରଥମ ଲାଇନର ଏନ୍. ପ୍ରସାଦ ପାତ୍ର(୨୩), ଅଙ୍କୁଶପୁରର କାଳିଆ ସାହୁ(୨୨)। ସୂଚନାପ୍ରକାରେ, ୨୫ ତାରିଖ ବିଳମ୍ବିତ ରାତିରେ ବଡ଼ବଜାର ଥାନା ପୁଲିସ କର୍ମଚାରୀମାନେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ ବ୍ରହ୍ମପୁର ତାଳମେଣ୍ଟ୍ର ଛକ ନିକଟସ୍ଥ ଆଇନାବନ୍ଧ ପୋଖରୀ ହୁଡ଼ାରେ କିଛି ଯୁବକ ଏକାଠି ହୋଇ ଡକାୟତି ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରୁଥିବା ସୂଚନା ମିଳିଥିଲା। ସେହିକ୍ରମରେ ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ସେହି ନିଛାଟିଆ ସ୍ଥାନରେ ଚଢ଼ଉ କରିଥିଲା । ରାତି ପ୍ରାୟ ୩ଟା ୩୦ମିନିଟରେ ପୁଲିସ ଚତୁରତାର ସହ ପୁରା ଅଞ୍ଚଳକୁ ଘେରି ଯାଇଥିଲା। ସେଠାରୁ ଉପରୋକ୍ତ ୫ଜଣ ଅଭିଯୁକ୍ତଙ୍କୁ କାବୁ କରାଯାଇଥିଲା। ସେମାନେ ପୁରୁଣା ବ୍ରହ୍ମପୁର ଗାଁ ସମେତ ଆଖପାଖ ଅଞ୍ଚଳରେ ଡକାୟତି ପାଇଁ ଯୋଜନା କରୁଥିବା ତଦନ୍ତରୁ ଜଣାପଡିଥିଲା। ପୁଲିସ ସେମାନଙ୍କ ନିକଟରୁ ଏକ ସିଙ୍ଗଲ ଶଟ୍ ପିସ୍ତଲ, ୩ଟି ଜୀବନ୍ତ ବୋମା, ୩ଟି ଲୁହା ଖଣ୍ଡା ଓ ଗୋଟିଏ ଲୁହା ରଡ୍, ନମ୍ବର ପ୍ଲେଟ୍ ନଥିବା ୨ଟି ହିରୋ ଗ୍ଲାମର ମୋଟର ସାଇକେଲ, ମଦ ବୋତଲ, ଲଙ୍କା ଗୁଣ୍ଡ, ଟର୍ଚ୍ଚ ଲାଇଟ୍ ଏବଂ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ କରିଥିଲା। ଏନେଇ ବଡ଼ବଜାର ଥାନାରେ ଏକ ମାମଲା(୩୪୭/୨୬) ରୁଜୁ ହୋଇଛି। ସମସ୍ତ ୫ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ କହିଛନ୍ତି।

# ପୁଲିସ କର୍ମଚାରୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଟଳିଗଲା କୋର୍ଟ ବ୍ୟାଙ୍କରେ ବଡ଼ ଅଘଟଣ







ବ୍ରହ୍ମପୁର,୨୬।୫(ସମିସ)

ବ୍ୟକ୍ତିଗତ କାମରେ ଆସିଥିବା ଜଣେ ପୁଲିସ କର୍ମଚାରୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ବ୍ୟାଙ୍କରେ ଟଳିଗଲା ବଡ ଧରଣର ଅଘଟଣ। ଆଜି ଅପରାହ୍ନରେ ସ୍ଥାନୀୟ କୋର୍ଟ ପରିସରରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାର ଟ୍ରାନ୍ସଫର ପ୍ୟାନେଲ ରୁମରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ନିମିଷେକ ମଧ୍ୟରେ ଧୂଆଁ ଚାରିପଟକୁ ବ୍ୟାପିବା ଫଳରେ ସମସ୍ତେ ଆତଙ୍କିତ ହୋଇପଡିଥିଲେ। ତେବେ ସେହି ସମୟରେ ବ୍ୟକ୍ତିଗତ କାମରେ ବ୍ୟାଙ୍କକୁ ଆସିଥିବା ଜନୈକ ପୁଲିସ କର୍ମଚାରୀ ଆଦିତ୍ୟ କୁମାର ସାହୁଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ସେ ସେଠାରେ ଥିବା ଫାୟାର ଏକ୍ସିଙ୍ଗୁଇଜରକୁ ବ୍ୟବହାର କରି ନିଆକୁ ଆୟତ୍ତ କରିଥିଲେ। ପରେ ଖବର ପାଇ ଅଗ୍ନିଶମ କର୍ମଚାରୀ ଓ ସ୍ଥାନୀୟ କୋର୍ଟର କର୍ମଚାରୀଙ୍କ ସମେତ ଉପସ୍ଥିତ ଆଇନଜୀବୀମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହି ସହଯୋଗ କରିଥିଲେ। ପୁଲିସ କର୍ମଚାରୀ ଆଦିତ୍ୟ ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଇଭିଏମ ଷ୍ଟୋରରେ ନିୟୋଜିତ ଥିବା ବେଳେ ସେ ଅଗ୍ନି ନିରାପତ୍ତା ସମ୍ପର୍କିତ ତାଲିମ ନେଇଛନ୍ତି। ଅଗ୍ନିକାଣ୍ଡରେ ଯଦିଓ କୌଣସି କ୍ଷୟକ୍ଷତି ହୋଇନାହିଁ ତଥାପି ଏକ ସୁନିଶ୍ଚିତ ଅଘଟଣରୁ ବର୍ତ୍ତି ଯାଇଥିବା କହିଛନ୍ତି ବ୍ୟାଙ୍କର ଶାଖା ପରିଚାଳକ ମନୋରଂଜନ ସ୍ୱାଇଁ। ବ୍ୟାଙ୍କରେ ୩ଜଣ କର୍ମଚାରୀ ନିୟୋଜିତ ଥିବା ବେଳେ ସମସ୍ତେ ଅଗ୍ନି ନିରାପତ୍ତା ସମ୍ପର୍କିତ ତାଲିମ ନେଇଛନ୍ତି। ବ୍ୟାଙ୍କର ଟ୍ରାନ୍ସଫର ପ୍ୟାନେଲ ରୁମରେ ସଟ ସର୍କିଟ ଯୋଗୁଁ ଏଭଳି ଅଗ୍ନିକାଣ୍ଡ ହୋଇଥିବା ସେ କହିଛନ୍ତି। ତେବେ ଏଭଳି ଏକ ଆକସ୍ମିକ ଅଘଟଣ ସମୟରେ ସମ୍ପୃକ୍ତ ପୁଲିସ କର୍ମଚାରୀଙ୍କ ଉପସ୍ଥିତ ବୁଦ୍ଧି, କୋର୍ଟ କର୍ମଚାରୀ ଓ ଆଇନଜୀବୀଙ୍କ ସହଯୋଗକୁ ସେ ପ୍ରଶଂସା କରିଛନ୍ତି। ତେବେ ଅଘଟଣ ସମୟରେ ବିଦ୍ୟୁତ୍ ବିଭ୍ରାଟ ହୋଇଥିବାରୁ ବଡ ଧରଣର ଅଘଟଣ ଟଳିଯାଇଥିବା ସେ କହିଛନ୍ତି। ଯଦି ବିଦ୍ୟୁତ୍ ସରବରାହ ଥିବା ସମୟରେ ଅଗ୍ନିକାଣ୍ଡ ହୋଇଥାନ୍ତା ତେବେ ଅଗ୍ନିକୁ ପ୍ରଶମନ କରିବା ଅଥବା ଆସବାବ ପତ୍ର ସୁରକ୍ଷିତ ଉଦ୍ଧାର କରିବାରେ ସମସ୍ୟା ହୋଇଥାନ୍ତା।

**ସଟସର୍କିଟ ଯୋଗୁଁ ଅଚାନକ ହୋଇଥିଲା ଅଗ୍ନିକାଣ୍ଡ; କ୍ଷୟକ୍ଷତିରୁ ବଞ୍ଚାଇଦେଲା ବିଦ୍ୟୁତ୍ ବିଭ୍ରାଟ**

# ଶ୍ରଦ୍ଧା ସମର୍ପଣ କଳାକ୍ଷେତ୍ର ପକ୍ଷରୁ ଚଲା ବଣ୍ଟନ

ବ୍ରହ୍ମପୁର,୨୬।୫(ସମିସ)

ଶ୍ରଦ୍ଧା ସମର୍ପଣ କଳା କ୍ଷେତ୍ର ପକ୍ଷରୁ ଗୋଷାଣିନୂଆଗାଁରେ ସାଧାରଣ ଲୋକଙ୍କ ମଧ୍ୟରେ ଚଲା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗ୍ରୀଷ୍ମ ପ୍ରବାହ ଓ ତୀବ୍ର ଖରାକୁ ଦୃଷ୍ଟିରେ ରଖି ସାମାଜିକ ଅନୁଷ୍ଠାନ ପକ୍ଷରୁ ଏଭଳି ନିଷ୍ପତି ହୋଇଛି। ଏହା ସହ ଲୋକମାନଙ୍କୁ ଗ୍ରୀଷ୍ମ ଦାଉରୁ ସୁରକ୍ଷା ଦେବା ଏବଂ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ସେବା କାର୍ଯ୍ୟକ୍ରମ କରାଯାଇଥିଲା। ଏ ଅବସରରେ ଅନୁଷ୍ଠାନର ସଦସ୍ୟମାନେ ବିଭିନ୍ନ ସ୍ଥାନରେ ଲୋକମାନଙ୍କୁ ଚଲା ବଣ୍ଟନ କରିବା ସହ ଗ୍ରୀଷ୍ମ ସମୟରେ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଏହି ମାନବିକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି। କାର୍ଯ୍ୟକ୍ରମରେ ସୁରେଶ ମହାରଣା, ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା, ଗୋପୀନାଥ ବେହେରା, ସୁରଜ୍ କୁମାର ପାଲ, ରାଜ କୁମାର, ଜୟରାମ ମହାରଣା, ବାବୁ ମହାରଣା, ସୁନିଲ କାନ୍ତ ମଲ୍ଲିକ ଓ ବାବୁଲା ବେହେରା ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟମାନେ ସହଯୋଗ କରିଥିଲେ।




# ଟାଟା ପାୱାର ନେତୃତ୍ୱାଧୀନ ଦକ୍ଷିଣ ଓଡ଼ିଶା ଡିସ୍କମ୍‌କୁ ମିଳିଲା ଅନ୍ତର୍ଜାତୀୟ ସୁରକ୍ଷା ପୁରସ୍କାର



ବ୍ରହ୍ମପୁର,୨୬।୫(ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ(ଟିପିଏସ୍‌ଓଡିଏଲ୍)କୁ ବ୍ରିଟିଶ ସେଫ୍ଟି କାଉନସିଲ୍ ଦ୍ୱାରା "ଡିଷ୍ଟିଙ୍କସନ୍' ବର୍ଗରେ ସମ୍ମାନଜନକ ଅନ୍ତର୍ଜାତୀୟ ସୁରକ୍ଷା ପୁରସ୍କାର ୨୦୨୬ପ୍ରଦାନ କରାଯାଇଛି। ଏହି ପୁରସ୍କାର କାର୍ଯ୍ୟକ୍ଷେତ୍ରରେ ସ୍ୱାସ୍ଥ୍ୟ, ନିରାପତ୍ତା ତଥା କର୍ମଚାରୀଙ୍କ କଲ୍ୟାଣ ଭଳି ମାନକରେ ଉଲ୍ଲେଖନୀୟ ପ୍ରଦର୍ଶନ କାରଣରୁ ମିଳିଛି। ଉନ୍ନତ ସୁରକ୍ଷା ପରିଚାଳନା ବ୍ୟବସ୍ଥା ଓ କାର୍ଯ୍ୟ କ୍ଷେତ୍ର ସୁଦୃଢ଼ୀକରଣ ପ୍ରଣାଳୀ ଉପରେ କମ୍ପାନୀ ଗୁରୁତ୍ୱ ଦେଇଛି। କମ୍ପାନୀ କାର୍ଯ୍ୟକ୍ଷେତ୍ରରେ ନିରାପଦାକୁ ସୁନିଶ୍ଚିତ କରିବା ଦିଗରେ କ୍ରମାଗତ ଉଦ୍ୟମ କରୁଥିବା ବେଳେ କର୍ମଚାରୀମାନଙ୍କ ମଧ୍ୟରେ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶକୁ ପ୍ରୋତ୍ସାହିତ କରିଆସୁଛି । ନିୟମିତ ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ, କର୍ମଚାରୀ ପ୍ରଶିକ୍ଷଣ, କ୍ଷେତ୍ରସ୍ତରୀୟ ମନିଟରିଂ ଓ ଦୈନନ୍ଦିନ କାର୍ଯ୍ୟରେ ସୁରକ୍ଷା ନିୟମାବଳୀ ମାଧ୍ୟମରେ ସର୍ବୋତ୍ତମ ସୁରକ୍ଷାକୁ ଲାଗୁ କରାଇବାରେ ସଫଳ ହୋଇଛି। କମ୍ପାନୀର ଏହି ସଫଳତା ସମ୍ପର୍କରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ବ୍ରିଟିଶ ସୁରକ୍ଷା ପରିଷଦ ତରଫରୁ ଏହି ସ୍ୱୀକୃତି ପାଇ ଆମେ ଆନନ୍ଦିତ। ଟିପିଏସ୍‌ଓଡିଏଲ୍ ପାଇଁ ସୁରକ୍ଷା ସଦା ସର୍ବଦା ପ୍ରାଥମିକତାରେ ରହିଆସିଛି। ଉଭୟ କର୍ମଚାରୀ ତଥା ଉପଭୋକ୍ତା ସଂପ୍ରଦାୟଙ୍କ ପାଇଁ ଏକ ନିରାପଦ ତଥା ସୁସ୍ଥ କାର୍ଯ୍ୟକ୍ଷେତ୍ର ସୃଷ୍ଟି କରିବା ଲକ୍ଷ୍ୟରେ କମ୍ପାନୀ କାର୍ଯ୍ୟରତ ରହିଛି। କାର୍ଯ୍ୟସ୍ଥଳୀରେ ନିରାପତ୍ତାକୁ ମଜବୁତ କରିବା ଓ କ୍ଷେତ୍ର କର୍ମଚାରୀ ଓ ବ୍ୟବସାୟ ସହଯୋଗୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଟିପିଏସ୍‌ଓଡିଏଲ୍ କ୍ରମାଗତ ଭାବେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି, ଯାହା କାର୍ଯ୍ୟ ଉତ୍କର୍ଷତା ଓ ଶୂନ୍ୟ କ୍ଷତିର ସଂସ୍କୃତି ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଦୃଢ଼ କରୁଛି।

# ଜିଲ୍ଲାସ୍ତରୀୟ ଶିକ୍ଷା ଓ ଅନୁଭବ ବିନିମୟ କର୍ମଶାଳା

ବ୍ରହ୍ମପୁର,୨୬।୫(ସମିସ): ବିଶ୍ୱ ଖାଦ୍ୟ ସଂସ୍ଥା ପକ୍ଷରୁ ଚାଲୁଥିବା ଓ୍ୱୁଏଟି-ରାଇଜ ପ୍ରକଳ୍ପ ଆନୁକୂଲ୍ୟରେ ଗୋପାଳପୁରଠାରେ ଜିଲ୍ଲାସ୍ତରୀୟ ଶିକ୍ଷା ଓ ଅନୁଭବ ବିନିମୟ କର୍ମଶାଳା ଆୟୋଜିତ ହୋଇଥିଲା। କର୍ମଶାଳାରେ କୃଷି, ଉଦ୍ୟାନ, ପଶୁସମ୍ପଦ, ମତ୍ସ୍ୟ, ନାବାର୍ଡ, ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ବିଭିନ୍ନ ବ୍ଲକର କୃଷି ଓ ଉଦ୍ୟାନ ଅଧିକାରୀ, କୃଷକ ଉତ୍ପାଦକ ସଂଗଠନ ପ୍ରତିନିଧି, ପ୍ରଗତିଶୀଳ କୃଷକ ଓ ଇଫକୋ ସଂଗଠନର ଅଧିକାରୀମାନେ ମଧ୍ୟ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱ ଖାଦ୍ୟ ସଂସ୍ଥା ଓଡିଶା ରାଜ୍ୟ ମୁଖ୍ୟ ହିମାଂଶୁ ବଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେଥିରେ ସଂସ୍ଥାର ଅଧିକାରୀ ସୁଦେଷ୍ଣା ମାୟା ସେନ ଓ ରାଜଶ୍ରୀ ପୁରୋହିତ ମଧ୍ୟ ଉପସ୍ଥିତ ଥିଲେ। ସେମାନେ ପ୍ରକଳ୍ପର କାର୍ଯ୍ୟପ୍ରଗତି ଓ ଗ୍ରାମୀଣ ଜୀବିକା ଉନ୍ନତିରେ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗଞ୍ଜାମ ଜିଲ୍ଲାର ଉଭୟ କୃଷି ବିଜ୍ଞାନ କେନ୍ଦ୍ର ଏହି ପ୍ରକଳ୍ପର ପ୍ରମୁଖ ବୈଷୟିକ ସହଯୋଗୀ ଭାବେ କାର୍ଯ୍ୟ କରୁଛନ୍ତି। ବରିଷ୍ଠ ବୈଜ୍ଞାନିକ ଓ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ ସୁଜିତ୍ କୁମାର ନାଥ ଏବଂ ଡ ସୂତନୁ ଶତପଥୀ ଏହି ପ୍ରକଳ୍ପ ଅଧୀନରେ ବିକଶିତ ବିଭିନ୍ନ ବୈଷୟିକ ସଫଳତା, ମଡେଲ୍ ଓ କୃଷି ନବୀନତା ସମ୍ପର୍କରେ ଉପସ୍ଥାପନା କରିଥିଲେ। କର୍ମଶାଳାରେ ଜଳବାୟୁ ସହନଶୀଳ କୃଷି ପଦ୍ଧତି, ସମନ୍ୱିତ କୃଷି ପ୍ରଣାଳୀ, ପୋଷଣ ସମ୍ବେଦନଶୀଳ ଜୀବିକା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଆର୍ଥିକ ସଶକ୍ତିକରଣ, ପଶୁପାଳନ, ମତ୍ସ୍ୟଚାଷ ଓ ଉଦ୍ୟାନ କ୍ଷେତ୍ରରେ ହୋଇଥିବା କାର୍ଯ୍ୟ ସଫଳତା ବିଷୟରେ ଆଲୋଚନା ହୋଇଥିଲା। ଶେଷରେ ସମସ୍ତ ବିଭାଗ ଓ ସହଯୋଗୀ ସଂସ୍ଥାମାନେ ଏକତ୍ର ହୋଇ ଗ୍ରାମୀଣ ଜୀବିକା ଉନ୍ନତି, ସକ୍ଷମ କୃଷି ଓ କୃଷକଙ୍କ ଆୟବୃଦ୍ଧି ପାଇଁ ଆଗାମୀ ଦିନରେ ଅଧିକ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ବ୍ୟକ୍ତ କରିଥିଲେ।

# ଗୋପାଳପୁର ସମୁଦ୍ରରେ ବୁଡ଼ି ବାଳକ ମୃତ

ବ୍ରହ୍ମପୁର,୨୬।୫(ସମିସ): ଗୋପାଳପୁର ସମୁଦ୍ରରେ ଗାଧୋଉଥିବା ବେଳେ ଜଣେ ବାଳକ ଗଭୀର ପାଣି ଭିତରକୁ ଚାଲି ଯାଇଥିଲେ। ବାଳକ ଜଣକ ଲୋଚାପଡ଼ା ଅଞ୍ଚଳର ଅଭିଷେକ ସାହୁ ବୟସ ୧୮ ବୋଲି ଜଣାପଡ଼ିଛି। ସୂଚନା ପ୍ରକାରେ ଆଜି ମଧ୍ୟାହ୍ନ ପ୍ରାୟ ସାଢେ ଗୋଟେ ସମୟରେ ସେ ଓ ତାର ସାଙ୍ଗ ଅନନ୍ତ ଗୋପାଳ ସାହୁ ଉଭୟ ଗୋପାଳପୁର ବୁଲିବାକୁ ଆସିଥିଲେ। ଉଭୟ ସମୁଦ୍ରରେ ଗାଧୋଉଥିବା ବେଳେ ଅଭିଷେକ ପ୍ରାୟ ଏକ ଶହ ମିଟର ଭିତରକୁ ଚାଲି ଯାଇଥିଲା। ବେଳାଭୂମିରେ ନିୟୋଜିତ ଲାଇଫଗାର୍ଡ ଜି.ଚିଟି ବାବୁ ଓ ଜି.କାଳୀ ବୁଡ଼ି ଯାଉଥିବା ଜାଣି ପାରି ତୁରନ୍ତ ତାଙ୍କୁ ଉଦ୍ଧାର କରିବାକୁ ଯାଇଥିଲେ। ଉଚ୍ଚ ଜୁଆର ଯୋଗୁଁ ବାଳକ ଜଣକ ପ୍ରାୟ ୫ ଶହ ମିଟର ଦୂରତାକୁ ଚାଲିଯାଇଥିଲେ। ଲାଇଫଗାର୍ଡ ଉଦ୍ଧାର କରି କୂଳକୁ ଆଣି ପ୍ରାଥମିକ ଚିକିତ୍ସା କରିଥିଲେ। ଗୁରୁତର ଥିବାରୁ ତାକୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିଲେ। ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ମୃତ ଘୋଷଣା କରିଥିବା ନେଇ ସମ୍ପର୍କୀୟ ଦାଦା ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମୃତଦେହକୁ ମେଡିକାଲ ଶବ ଗୃହରେ ରଖାଯାଇଥିବା ଜଣାପଡ଼ିଛି। ପୁଲିସ କେସ ନଂ ୨୧/୨୬ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି।

## ଦକ୍ଷିଣାଞ୍ଚଳ ଆର୍‌ଡିସିଙ୍କୁ ଏକାଧିକ ଦାୟିତ୍ୱ
# ବାରମ୍ବାର ସ୍ଥଗିତ ହେଉଛି ଗୁରୁତ୍ୱପୂର୍ଣ୍ଣ ବୈଠକ

ବ୍ରହ୍ମପୁର,୨୬।୫(ସମିସ)

ଲୋକଙ୍କ ସରକାରରେ ଅଧିକାରୀଙ୍କ ଘୋର ଅଭାବ। ଏପରିକି ୧୦ଟି ଜିଲ୍ଲାର ଦାୟିତ୍ୱ ସମ୍ଭାଳୁଥିବା ଗୁରୁତ୍ୱପୂର୍ଣ୍ଣ ପଦବୀରେ ମଧ୍ୟ ନାହାନ୍ତି ଅଧିକାରୀ। ହଁ ଆମେ କହୁଛୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିସନରଙ୍କ କାର୍ଯ୍ୟାଳୟ କଥା। ଏଠାରେ ଅବସ୍ଥାପିତ ବରିଷ୍ଠ ପ୍ରଶାସକ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଗତ ଫେବୃଆରୀରୁ ମିଳିଛି ପଶ୍ଚିମାଞ୍ଚଳର ରାଜସ୍ୱ କମିସନର ସହିତ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ। ଫଳରେ ଜଣେ ଅଧିକାରୀଙ୍କ ମୁଣ୍ଡରେ ରାଜ୍ୟର ପ୍ରାୟ ୨୦ଟି ଜିଲ୍ଲାର ଦାୟିତ୍ୱ ରହିଛି। ଯାହାଫଳରେ ସେ ନିଜ ଦାୟିତ୍ୱ ସଠିକ ଭାବେ ସମ୍ପାଦନ କରିବାରେ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳୁଛି। ଏସବୁ ଦାୟିତ୍ୱକୁ ବାଦ ଦେଇ ଦକ୍ଷିଣାଞ୍ଚଳ ରାଜସ୍ୱ କମିସନର ଭାବେ ସେ ରାଜ୍ୟସ୍ତରୀୟ ଜାଲ ଜାତିଗତ ପ୍ରମାଣପତ୍ର ଯାଞ୍ଚ କମିଟିର ଅଧ୍ୟକ୍ଷ ଅଛନ୍ତି। ୨୦୧୦ମସିହାରୁ ମୋଟ ୧୪୬୬ଟି ଜାଲ ଜାତିଗତ ପ୍ରମାଣପତ୍ର ଅଭିଯୋଗ ରହିଥିବା ବେଳେ ସେଥି ମଧ୍ୟରୁ ଦିର୍ଘ ୧୬ବର୍ଷ ମଧ୍ୟରେ ଅର୍ଥାତ୍ ବର୍ତ୍ତମାନ ସୁଦ୍ଧା ମାତ୍ର ୬୮୭ଟି ମାମଲା ବା ଅଭିଯୋଗର ସମାଧାନ ହୋଇପାରିଛି। ଅବଶିଷ୍ଟ ୭୭୯ଟି ମାମଲାର ଶୁଣାଣି ନହୋଇ ପଡିରହିଛି। ଇତି ମଧ୍ୟରେ ବହୁ ଅଭିଯୋଗକାରୀ ଓ ଯେଉଁମାନଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଛି ସେମାନଙ୍କର ଦେହାନ୍ତ ଅଥବା ଅବସର ଗ୍ରହଣ ହୋଇସାରିଥିବା ଜଣାପଡିଛି। ଗତ ଫେବୃଆରୀ ଓ ମାର୍ଚ୍ଚ ମାସରେ ନିୟମିତ ଭାବେ ଏହି ଜାଲ ଜାତିଗତ ପ୍ରମାଣ ଯାଞ୍ଚ କମିଟି ବୈଠକ ବସି ଅନେକ ମାମଲାର ସମାଧାନ ହୋଇଥିଲା। ତେବେ ଦକ୍ଷିଣାଞ୍ଚଳ ରାଜସ୍ୱ କମିସନରଙ୍କୁ ଏକାଧିକ ବା ଅତିରିକ୍ତ ଦାୟିତ୍ୱ ପ୍ରଦାନ ପରେ ସମସ୍ୟା ବଢିଯାଇଛି। ଏବଂ ଏଥିପାଇଁ ଚଳିତ ମାସ ୬ତାରିଖରେ ହେବାକୁ ଥିବା ଯାଞ୍ଚ କମିଟି ବୈଠକକୁ ଶେଷ ସମୟରେ ସ୍ଥଗିତ କରିବାକୁ ପଡିଥିବା ବେଳେ ବର୍ତ୍ତମାନ ୨୯ତାରିଖରେ ହେବାକୁ ଥିବା ବୈଠକକୁ ମଧ୍ୟ ସ୍ଥଗିତ ରଖିବାକୁ ପଡିଛି। ଗତ ୬ତାରିଖରେ ଆଭାସିରେ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ ଯୋଗୁଁ ଏବଂ ଆସନ୍ତା ୨୯ତାରିଖରେ ଜିଲ୍ଲା ଉନ୍ନୟନ ସମନ୍ୱୟ ତଥା ପରିଚାଳନା ବୈଠକ ଏବଂ ମହିଳା ଦକ୍ଷତା ବିକାଶ ସମ୍ପର୍କିତ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ବୈଠକ ହେବାକୁ ଥିବାରୁ ବ୍ରହ୍ମପୁର ଠାରେ ପ୍ରସ୍ତାବିତ ଜାଲ ଜାତିଗତ ପ୍ରମାଣପତ୍ର ଯାଞ୍ଚ କମିଟି ବୈଠକକୁ କ୍ରମାଗତ ଦ୍ୱିତୀୟ ଥର ପାଇଁ ସ୍ଥଗିତ ରଖିବାକୁ ପଡିଛି। ତେବେ ଆଗାମୀ ବୈଠକ କେବେ ହେବ ସେନେଇ କୌଣସି ଦିନ ଧାର୍ଯ୍ୟ ହୋଇନଥିବା ସୂଚନା ମିଳିଛି। ବର୍ତ୍ତମାନ ଯାଞ୍ଚ କମିଟିରେ କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାର ମୋଟ ୩୩ଜଣଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗର ଶୁଣାଣି କରାଯାଇ ଅନ୍ୟୁନ ୧୭ଟି ମାମଲାରେ ଚୂଡାନ୍ତ ରାୟ ଆସିଥାନ୍ତା। ଅଭିଯୋଗକାରୀ ଓ ଯାହାଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଛି ଉଭୟ ପକ୍ଷଙ୍କୁ ଯାଞ୍ଚ କମିଟି ଆଗରେ ହାଜର ହେବାକୁ ପଡୁଛି। ବାରମ୍ବାର ବୈଠକ ସ୍ଥଗିତ ରହିବା ଫଳରେ ଦୂରଦୂରାନ୍ତରୁ ଆସୁଥିବା ଲୋକଙ୍କୁ ଅଯଥାରେ ଖର୍ଚ୍ଚାନ୍ତ ହେବା ସହିତ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗ ହୋଇଛି। ଏସବୁ ଦୃଷ୍ଟିରୁ ଲୋକଙ୍କ ସରକାର ଲୋକଙ୍କ ସମସ୍ୟାକୁ ତଥା ସରକାରୀ ବ୍ୟବସ୍ଥାରେ ସୁଧାର ଆଣିବାକୁ ଯାଇ ତୁରନ୍ତ ଅଧିକାରୀଙ୍କ ନିଯୁକ୍ତି ଦେଇ ଅଭାବ ଜନିତ ସମସ୍ୟା ଉପରେ ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି।

- **ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳ ରାଜସ୍ୱ କମିସନର ସହ ପଶ୍ଚିମଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଦାୟିତ୍ୱ**
- **କ୍ରମାଗତ ଦୁଇଥର ସ୍ଥଗିତ ହେଲାଣି ରାଜ୍ୟସ୍ତରୀୟ ଜାଲ୍ ଜାତିଗତ ପ୍ରମାଣପତ୍ର ଯାଞ୍ଚ କମିଟି ବୈଠକ**
- **ଅଯଥା ହଇରାଣ ଓ ଖର୍ଚ୍ଚାନ୍ତ ହେଉଛନ୍ତି ଅଭିଯୋଗକାରୀ, ଚିନ୍ତାରେ କର୍ମଚାରୀ ଓ ଜନସାଧାରଣ**



ଦନ୍ତା ମୃତ୍ୟୁ ଘଟଣା

# ଅନ୍ୟ ମୁଣ୍ଡରେ ଅଠା ବୋଳିଦେଲା ବନ ବିଭାଗ

ବଲାଙ୍ଗିର,୨୬।୫(ସମିସ)

ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍‌ରେ ଏକ ଦନ୍ତାହାତୀ ମୃତ୍ୟୁ ଘଟଣାକୁ ନେଇ ଯାହା ସନ୍ଦେହ କରାଯାଉଥିଲା ତାହା ହିଁ ହୋଇଛି। ଏହି ଘଟଣାରେ ବନ ବିଭାଗ ନିଜ ବିଭାଗର କର୍ମଚାରୀ, ଅଧିକାରୀଙ୍କୁ ଖସାଇ ଦେଇଛି। ବିଦ୍ୟୁତ୍ ବିଭାଗ ଅଧିକାରୀ ଓ ଯେଉଁ କାଜୁ ବଗିଚାରେ ହାତୀର ମୃତ୍ୟୁ ଘଟିଥିଲା ସେହି କାଜୁ ବଗିଚା ମାଲିକଙ୍କ ମୁଣ୍ଡରେ ଦୋଷ ଲଦି ଦେଇଛି। ଯଦି ବିଦ୍ୟୁତ ସଂସ୍ପର୍ଶରେ ଆସି ହାତୀ ମୃତ୍ୟୁ ଘଟିଛି ତେବେ ଏଥିରେ ଚାଷୀର କେଉଁଠି ଭୁଲ୍ ରହିଲା ତାହା ପ୍ରଶ୍ନ ଉଠିଛି। ଏହି ଘଟଣାରେ ଚାଷୀଙ୍କୁ ଫସାଇବାକୁ ଉଦ୍ୟମ ଆଶଙ୍କା ବୋଲି 'ସକାଳ'ରେ ଖବର ପ୍ରକାଶ ପାଇଥଲା। ଏବେ ବନ ବିଭାଗ ପକ୍ଷରୁ ଦିଆଯାଇଥିବା ତଦନ୍ତ ରିପୋର୍ଟରେ ଏହି ଆଶଙ୍କା ସତ ହୋଇଛି। ଏହାକୁ ନେଇ ଏବେ ବନ ବିଭାଗ ବିବାଦରେ।

ବଲାଙ୍ଗିର ଜିଲ୍ଲା ମୁରିବାହାଲ ଫରେଷ୍ଟ ରେଞ୍ଜ ଅଧୀନ ଚାନୁଟମାଲ ଗାଁର ଚାଷୀ ସଞ୍ଜୀବ ପୁଟେଲଙ୍କ କାଜୁ ବଗିଚାରୁ ଏପ୍ରିଲ ୩୦ ତାରିଖରେ ଏକ ଦନ୍ତା ହାତୀର ମୃତଦେହ ଉଦ୍ଧାର ହୋଇଥିଲା।

**ଚାନୁଟମାଲ ଗାଁ କାଜୁ ବଗିଚାରୁ ମୃତଦେହ ମିଳିଥିଲା**
**ବିଭାଗୀୟ ଅଧିକାରୀଙ୍କୁ କ୍ଲିନ୍ ଚିଟ୍**
**କାଜୁ ବଗିଚା ମାଲିକ, ବିଦ୍ୟୁତ୍ ବିଭାଗକୁ ଦୋଷ**



ଏହି ଅଞ୍ଚଳରେ କିଛି ମାସ ହେଲା ୫୦ରୁ ଅଧିକ ହାତୀ ରହିଥିବା ବେଳେ ଦନ୍ତାଟି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିବା ଜଣାପଡିଥିଲା। ନିଜେ ଡିଏଫଓ ଅଜିତ ବିଶି ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ପଚରାଉଚୁରା କରିଥିଲେ। ଏହି ସମୟରେ ଚାଷୀ ଜଣକ ମାର୍ଚ୍ଚ ୩ ତାରିଖରୁ ତାଙ୍କ ବିଦ୍ୟୁତ୍ ସରବରାହ ବନ୍ଦ ଥିବା କହିଥିଲେ। କେବୁଲ ସମସ୍ୟା ଥିବାରୁ ଲାଇନ କଟାଯାଇଥିବା ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ମଧ୍ୟ ସୂଚନା ଦେଇଥିଲେ। ସମସ୍ତ ସୂଚନା ସଂଗ୍ରହ କରି ଡିଏଫଓ ତଦନ୍ତ କରି ଫେରିବା ପରେ ପରେ ହିଁ ବିଦ୍ୟୁତ୍ ବିଭାଗର ଅବହେଳାକୁ ହାତୀ ମୃତ୍ୟୁ ଘଟଣାରେ ବନ ବିଭାଗ ଦାୟୀ କରିଥିଲା। ତେବେ ଯଦି ସରବରାହ ବନ୍ଦ ଥିଲା ତେବେ ହାତୀଟି ବିଦ୍ୟୁତ୍ ସଂସ୍ପର୍ଶରେ କେମିତି ଆସିଲା ବୋଲି ପ୍ରଶ୍ନ ଉଠିଛି। ଚାଷୀ ତାଙ୍କ ବିଦ୍ୟୁତ୍ ସମସ୍ୟା ରହିଥିବା ମାର୍ଚ୍ଚ ୩ରୁ ଅନଲାଇନରେ ଅଭିଯୋଗ କରିଥିଲେ; ଯାହାକି ତଦନ୍ତ ପରେ ସ୍ପଷ୍ଟ ହୋଇପାରିବ ଅର୍ଥାତ ଚାଷୀ ମିଛ କହିବା ଅସମ୍ଭବ। ହଁ ବିଦ୍ୟୁତ୍ କଟାଯାଇଥିଲା ନା ନାହିଁ ତାହା ବିଦ୍ୟୁତ୍ ବିଭାଗ କର୍ମଚାରୀ ସଂପୃକ୍ତ ଅଞ୍ଚଳର ଲାଇନମ୍ୟାନ ଓ କନିଷ୍ଠ ଯନ୍ତ୍ରୀଙ୍କ ବୟାନ ଉପରେ ନିର୍ଭର କରୁଛି। ଏହି ସବୁ କାରଣରୁ ବନ ବିଭାଗ ବିବାଦରୁ ବଞ୍ଚିବା ପାଇଁ ବିଦ୍ୟୁତ୍ ବିଭାଗ ଉପରେ ଦୋଷ ଲଦିଦେଇ ନିଜ ବିଭାଗ କର୍ମଚାରୀଙ୍କୁ ଖସାଇବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଏହା ଏବେ ସତ ହୋଇଛି। ତଦନ୍ତ ରିପୋର୍ଟ ଅନୁସାରେ ଏହି ଘଟଣା ପାଇଁ ଚାଷୀ, ବିଦ୍ୟୁତ୍ ବିଭାଗର ୨ ଜଣ କର୍ମଚାରୀଙ୍କ ନାମରେ ବନ ବିଭାଗ ମାମଲା କରିଛି। ଏପରିକି ସେମାନେ କୁଆଡେ ଫେରାର ଥିବାରୁ ତାଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଛି। ତେବେ ସତରେ କ'ଣ ଏହି ଘଟଣାରେ କେବଳ ସଂପୃକ୍ତ ତିନି ଜଣଙ୍କ ହିଁ ଦୋଷ ରହିଛି ବୋଲି ପ୍ରଶ୍ନ ଉଠିଛି। ବନ ବିଭାଗ କର୍ମଚାରୀ, ଅଧିକାରୀଙ୍କ କ'ଣ କୌଣସି ଦୋଷ ନାହିଁ। ଆଜି ପର୍ଯ୍ୟନ୍ତ କାହିଁକି କୌଣସି ବନ ବିଭାଗ କର୍ମଚାରୀ କିମ୍ବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି ଲୋକେ ପ୍ରଶ୍ନ ଉଠାଇଛନ୍ତି। ଆଜି ପର୍ଯ୍ୟନ୍ତ ଜିଲ୍ଲାରେ ହୋଇଥିବା ହାତୀ ମୃତ୍ୟୁ ମାମଲାଗୁଡ଼ିକରେ ପ୍ରଥମେ ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥାଏ; କିନ୍ତୁ ଏହି ମାମଲାରେ ବନ ବିଭାଗର ଅଜବ ନୀତି ସାମ୍ନାକୁ ଆସିଛି। ଯଦି ବିଭାଗୀୟ କର୍ମଚାରୀ ଓ ଅଧିକାରୀ ଅବହେଳା ପ୍ରଦର୍ଶନ କରିନାହାନ୍ତି ତେବେ ଏହି ହାତୀର ଗତିପଥ ବିଷୟରେ କେମିତି କେହି କିଛି ସୂଚନା ଦେଇପାରି ନ ଥିଲେ ତାହା ମଧ୍ୟ ପ୍ରଶ୍ନ ଉଠିଛି। ଯଦି ହାତୀଟି ପଲରେ ଥିଲା ତେବେ ସେ କିଭଳି ବିଚ୍ଛିନ୍ନ ହେଲା ତାହା ମଧ୍ୟ ପ୍ରଶ୍ନର ବିଷୟ। ଯଦି ହାତୀ ଏକୁଟିଆ ଥିଲା ତେବେ ତାହାର ଗତିବିଧି ଉପରେ କିଏ ନଜର ରଖିଥିଲା, ସେହି ସମୟରେ ସୁରକ୍ଷା ପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଥିଲା ତାହା ମଧ୍ୟ ପ୍ରଶ୍ନ ଘେରରେ। ହାତୀ ମୃତ୍ୟୁ ମାମଲା ଏକ ସମ୍ବେଦନଶୀଳ ଘଟଣା। ଏହି ଘଟଣାରେ କେବଳ ଦୋଷ ଲଦିଦେଇ ବନ ବିଭାଗ ଖସିଯିବାକୁ ଉଦ୍ୟମ କରୁଛି।

## ବିଶେଷ ଜନଜାତି ସଚେତନତା ଅଭିଯାନ

ବଲାଙ୍ଗିର,୨୬।୫(ସମିସ): ବଲାଙ୍ଗିର ଜିଲ୍ଲା ଆଗଲପୁର ପଞ୍ଚାୟତ ସମିତି ବୈଠକ ଗୃହଠାରେ ଭାରତ ସରକାରଙ୍କ ବିଶେଷ ଜନଜାତି ସଚେତନତା ଅଭିଯାନ "ଜନ ଭାଗିଦାରୀ - ସବୁଠାରୁ ଦୂର, ସବୁଠାରୁ ପ୍ରଥମେ'ର ସମାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୂରଦୂରାନ୍ତ ଏବଂ ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଜନଜାତି ସମୁଦାୟର ସର୍ବାଙ୍ଗୀନ ବିକାଶ ଏବଂ ସେମାନଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚାଇବା ଲକ୍ଷ୍ୟରେ ଏହି ବିଶେଷ ଅଭିଯାନ ଆରମ୍ଭ କରାଯାଇଥିଲା। ଜିଲ୍ଲାପାଳ ଗୌରଓ ଶିୱାଜୀ ଇସଲୱାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାପନ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ବଲାଙ୍ଗିର ଉପଜିଲ୍ଲାପଳ ଆଲୋକ କୁମାର ପଟେଲ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ସହ ଜିଲ୍ଲାର ସମସ୍ତ ମୁଖ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଜନଜାତି ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବା ଉପରେ ବିସ୍ତୃତ ସମୀକ୍ଷା ଓ ଆଲୋଚନା କରାଯାଇଥିଲା। ସ୍ଥାନୀୟ ଜନସାଧାରଣ ଓ ଜନପ୍ରତିନିଧିମାନଙ୍କ ସକ୍ରିୟ ସହଭାଗିତା ଯୋଗୁଁ ଏହି ଅଭିଯାନ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ହୋଇରହିନାହିଁ; ବରଂ ଏକ ସଫଳ ଜନ ଆନ୍ଦୋଳନର ରୂପ ନେଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶ କରାଯାଇଛି। ଏହି ଅଭିଯାନକୁ ସଫଳ କରିବାରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ସରକାରୀ କର୍ମଚାରୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶାସନ ତରଫରୁ ପ୍ରଶଂସା କରାଯାଇଥିଲା। ତେବେ ଏହି ଅଭିଯାନରତ ୧୮ ତାରିଖରୁ ଜିଲ୍ଲାପାଳଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ସୋମବାର ପର୍ଯ୍ୟନ୍ତ ସମସ୍ତ ଜାନଜାତି ବହୁଳ ଧରତି ଆବା ଗ୍ରାମ ଉତ୍କର୍ଷ ଅଭିଯାନ ଗ୍ରାମରେ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅଭିଯାନ ସମୟରେ ୧୬୫ଟି ସ୍ଥାନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୨୧,୭୯୯ ଜଣଙ୍କ ଚିକିତ୍ସା କରାଯାଇଥିଲା। ୨୧୮୦ ଜଣଙ୍କ ସିକିଲସେଲ ପରୀକ୍ଷା କରାଯାଇଥିଲା। ୬୨୦ ଜଣଙ୍କୁ ଯକ୍ଷ୍ମା ରୋଗର ଚିହ୍ନଟ କରାଯାଇଥିଲା। ସମୁଦାୟ ଜିଲ୍ଲାରେ ୬୪ ଜଣଙ୍କର ଆଧାର କାର୍ଡ, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୨୮ ଜଣଙ୍କୁ ଅନ୍ତର୍ଭୁକ୍ତ, ୩୫୪ ଜଣଙ୍କୁ ଆୟୁଷ୍ମାନ ଭାରତ କାର୍ଡ, ୮ ଜଣଙ୍କୁ କିଷାନ ସମ୍ମାନନିଧି ଯୋଜନାରେ ସାମିଲ, ୭ ଜଣଙ୍କୁ କିଷାନ କ୍ରେଡିଟ କାର୍ଡ, ୧୩୧ ଜଣଙ୍କୁ ଭତ୍ତା ପ୍ରଦାନ, ୨୦୯ ଜଣଙ୍କୁ ରେସନ କାର୍ଡ, ୬୨ ଜଣଙ୍କୁ ପୋଷଣ ବାଟିକା ଓ ୬୦ ଜଣଙ୍କୁ ଜବ କାର୍ଡ ବଣ୍ଟନ କରାଯାଇଥିଲା।

# କଣ୍ଟାବାଞ୍ଜିରେ ବେଧଡ଼କ କ୍ରିକେଟ ବେଟିଂ

କଣ୍ଟାବାଞ୍ଜି,୨୬।୫(ସମିସ): ଭାରତରେ ଯେତେବେଳେ ଆଇପିଏଲ କ୍ରିକେଟ ମ୍ୟାଚ ଚାଲେ ସେତେବେଳେ ବଲାଙ୍ଗୀର ଜିଲ୍ଲାର କଣ୍ଟାବାଞ୍ଜି ସହର ଚର୍ଚ୍ଚାକୁ ଆସିଥାଏ। ଏଠାରେ ବେଧଡକ ଭାବେ କୋଟି କୋଟି ଟଙ୍କାର କ୍ରିକେଟ୍ ସଟା ବା ବେଟିଂର ବେଆଇନ ପତିଆରା ସାମ୍ରାଜ୍ୟ ଚାଲେ। ଯେଉଁ ସାମ୍ରାଜ୍ୟ ଓଡ଼ିଶା ସହ ଛତିଶଗଡ଼ ରାଜ୍ୟକୁ ନିୟନ୍ତ୍ରଣ କରେ। କଣ୍ଟାବାଞ୍ଜି ସହରରେ କିଛି ଯୁବକ ଢେର୍ ଦିନ ହେଲା ସଟା ଗଦିଦାର ସାଜିଛନ୍ତି। ସେମାନେ ଲୋକଙ୍କ ସହ ପ୍ରତ୍ୟେକ ଦିନ ଆଇପିଏଲ କ୍ରିକେଟ ମ୍ୟାଚକୁ ନେଇ କୋଟି କୋଟି ଟଙ୍କାର କ୍ରିକେଟ୍ ସଟା ବା ବେଟିଂ କରୁଛନ୍ତି। ସେମାନେ କେତେଜଣ ଯୁବକଙ୍କୁ ଏହି ବେଆଇନ କାରବାର ନିୟୋଜିତ କରିଛନ୍ତି। ସିଧାସଳଖ ଏମାନେ ଇଣ୍ଟରନେଟ ମାଧ୍ୟମରେ ଏହି କାରବାର ଚଳାଉଛନ୍ତି। ଇଣ୍ଟରନେଟରେ ସଟା ବା ବେଟିଂର ଏକ ସ୍ୱତନ୍ତ୍ର ସାଇଟ୍ ତିଆରି କରି ସେମାନେ ଆଇଡି ଦେଉଛନ୍ତି; ଯେଉଁ ଆଇଡିରେ ଜଣେ ଲକ୍ଷାଧିକ ଟଙ୍କା ପ୍ରତ୍ୟେକ ଦିନ ବେଟିଂରେ ଲଗାଇଥାଏ। ଏହି ବେଟିଂ ଲଗାଇ ଅନେକ ଲୋକ ଲକ୍ଷାଧିକ ଟଙ୍କା ହରାଇଥାନ୍ତି। ମାନସିକ ସ୍ଥିତି ମଧ୍ୟ ହରାଇଥିବା ନଜିର ରହିଛି। ଏଭଳିକି ଆତ୍ମହତ୍ୟା ଭଳି ନିଷ୍ପତ୍ତି ମଧ୍ୟ ନେଇ ଥିବା ଅଭିଯୋଗ ହୋଇଛି।

**■ ସବୁ ଜାଣି ମଧ୍ୟ ପୁଲିସ ଚୁପ୍**
**■ ସହଯୋଗ କରୁଛନ୍ତି ଅସାଧୁ କର୍ମଚାରୀ**

ଏହି ଘଟଣାକୁ ନେଇ କଣ୍ଟାବାଞ୍ଜି ପୁଲିସ ପାଖରେ ସବୁ ଖବର ଅଛି; ହେଲେ ପୁଲିସ କୌଣସି କ୍ରିକେଟ ସଟା ଗଦିଦାରକୁ ଗିରଫ କରୁନାହିଁ। ଅନ୍ୟପକ୍ଷରେ ଏହି ବେଆଇନ କାରବାରରେ କଣ୍ଟାବାଞ୍ଜି ଥାନାର କିଛି ପୁଲିସ କର୍ମଚାରୀ ସହଯୋଗ କରୁଥିବା ମଧ୍ୟ ଅଭିଯୋଗ ହେଉଛି। କଣ୍ଟାବାଞ୍ଜିର ଆଶିଷ ନାମକ ଜଣେ ଯୁବକ ସଟା ଗଦିଦାର ସାଜିଛି। ସେ ଜୟପୁରରେ ରହୁଛି; ହେଲେ କଣ୍ଟାବାଞ୍ଜିରେ ଏହି କାରବାର କରିବାକୁ କିଛି ଯୁବକଙ୍କୁ ରଖିଛି। ସେହିପରି କଣ୍ଟାବାଞ୍ଜି ସହରର ଏକ ଘରୋଇ ଇଂରାଜୀ ବିଦ୍ୟାଳୟ ପାଖରେ ଆଉ ଏକ ସଟା ଗଦିଦାର ଯୁବକ ଏକ ଭଡ଼ା ଘରେ ଅଫିସ କରିଥିଲା। ପୁଲିସ ଚଢଉ କରି ବିଭିନ୍ନ ପ୍ରକାରର ବ୍ୟାଙ୍କ୍ ପାସବୁକ, ଲାପଟପ୍ ଜବତ କରିଥିଲା; ହେଲେ ମାଷ୍ଟର ମାଇଣ୍ଡକୁ ଧରିବାକୁ ବିଫଳ ହୋଇଥିଲା। ଏବେ ସେହି ସଟା ଗଦିଦାର ଯୁବକ ଜଣକ ମଧ୍ୟ କଣ୍ଟାବାଞ୍ଜିରେ ବେଧଡକ ଭାବେ ଏହି କାରବାର ଚଳାଇଛି। ଗତ କିଛି ଦିନ ତଳେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ତାକୁ କାବୁ କରିବାକୁ ଖୋଜୁଥିଲା। ଏବେ ସେ କଣ୍ଟାବାଞ୍ଜି ଛାଡ଼ି ଫେରାର ମାରିଛି। ତା ଦ୍ୱାରା ନିୟୋଜିତ ଥିବା ଯୁବକମାନେ ସଟା ବେଟିଂ କାରବାର ଚଳାଉଛନ୍ତି। କଣ୍ଟାବାଞ୍ଜି ସହରରେ ଦିନ ଦୁଇ ପ୍ରହରରେ ଏହିଭଳି ବେଆଇନ କାରବାର ଚାଲଛି। କାହା ସ୍ୱାର୍ଥରେ କଣ୍ଟାବାଞ୍ଜି ପୁଲିସ ହାତବାନ୍ଧି ବସିଛି ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ତେବେ ଜୟପୁର ଓ କଣ୍ଟାବାଞ୍ଜିରେ ରହି ଏହି ବେଆଇନ କାରବାର ଚଳାଉଥିବା ସେହି ବ୍ୟକ୍ତିଙ୍କ ବିରୋଧରେ ପୁଲିସ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ରହିଲା।

## ବାଲି ଚାଲାଣବେଳେ ୨ ଗିରଫ; ଟ୍ରାକ୍ଟର ଜବତ

କଣ୍ଟାବାଞ୍ଜି,୨୬।୫(ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ପୁଲିସ ବାଲି ମହଖଣ୍ଡରେ ଚୋରା ଚାଲାଣ ଅଭିଯୋଗରେ ୨ଟି ଟ୍ରାକ୍ଟର ଜବତ କରିଛି। ଏହି ଘଟଣାରେ ୨ ଜଣକୁ ଗିରଫ କରିଛି। ଗିରଫ ବ୍ୟକ୍ତି ଦ୍ୱୟ ହେଲେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଅଧୀନ ଚନାବେଡା ଗାଁର ପରମା ଭୋଇ, ବୋଡ଼େନ ଥାନା ଅଧୀନ କର୍ଲାକୋଟ ଗାଁର ସୁନିଲ ହେର୍ଣ୍ଣା ବୋଲି ତୁରେକେଲା ଥାନା ଅଧିକାରୀ ରାକେଶ ବେହେରା ପ୍ରକାଶ କରିଛନ୍ତି।



## ଅବସରପ୍ରାପ୍ତ କିରାଣି ଚିନ୍ତାମଣି ଷଡ଼ଙ୍ଗୀଙ୍କ ପରଲୋକ

ବଲାଙ୍ଗୀର,୨୬।୫(ସମିସ): ବଲାଙ୍ଗୀର ସହର ଗାନ୍ଧୀନଗରପଡ଼ା ବାସିନ୍ଦା ତଥା ଶିକ୍ଷା ବିଭାଗର ଅବସରପ୍ରାପ୍ତ କିରାଣି ଚିନ୍ତାମଣି ଷଡ଼ଙ୍ଗୀଙ୍କ ୭୩ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ବିୟୋଗ ଖବର ପ୍ରକାଶ ପାଇବା ପରେ ଶିକ୍ଷା ମହଲ ସହ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶ୍ରୀ ଷଡ଼ଙ୍ଗୀ ନିଜର ଦୀର୍ଘ କର୍ମମୟ ଜୀବନରେ ଜୟପାଟଣା, ପାଟଣାଗଡ, ବଲାଙ୍ଗୀର, ସୋନପୁର ଓ ଦେଓଗାଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ କିରାଣି ଭାବେ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ। କର୍ତ୍ତବ୍ୟନିଷ୍ଠା, ସରଳ ବ୍ୟବହାର ଓ ସହଯୋଗୀ ମନୋଭାବ ପାଇଁ ସେ ସମସ୍ତଙ୍କ ନିକଟରେ ପ୍ରିୟ ଥିଲେ। ଦେଓଗାଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟରୁ ସେ ବ୍ଲକ୍ ଆକାଉଣ୍ଟାଣ୍ଟ ଭାବେ ଅବସର ଗ୍ରହଣ କରିଥିଲେ। ବହୁ ଶିକ୍ଷକ, କର୍ମଚାରୀ, କିରାଣି ଓ ସ୍ଥାନୀୟ ବ୍ୟକ୍ତିବିଶେଷ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ଥାନୀୟ ବିଭୁତିପଡ଼ା ଶ୍ମଶାନ ଘାଟରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ଜିତେନ୍ଦ୍ର ମୁଖାଗ୍ନି ଦେଇଥିଲେ।



## ବୃଦ୍ଧାଙ୍କ ଶବ ସତ୍କାର କଲେ ସ୍ୱେଚ୍ଛାସେବୀ

ବଲାଙ୍ଗିର,୨୬।୫(ସମିସ): ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ଜଣେ ଅସହାୟ ବୃଦ୍ଧାଙ୍କ ଅନ୍ତିମ ସଂସ୍କାର କରିଛନ୍ତି। କଂସାରୀ ପଡ଼ାର ବାସନ୍ତୀ ଡାଙ୍ଗ (୭୦)ଙ୍କ ବିଳମ୍ବିତ ରାତିରେ ପରଲୋକ ଘଟିଥିଲା। ବିଧବା ବୋହୂ ଓ ନାତିନାତୁଣୀଙ୍କ ପକ୍ଷେ ଶବ ସତ୍କାର କରିବା ସମ୍ଭବ ହୋଇ ନ ଥିଲା। କାନ୍ଦବୋବାଳିରେ ଘର ଫାଟି ପଡିଥିଲା। ସମସ୍ତେ ଅସହାୟ ହୋଇ ବସିଥିଲେ। ଏହି ଦୁଃଖଦ ଖବର ପାଇ ସ୍ଥାନୀୟ କାଉନସିଲର ଇଶ୍ମତ ଅରା ଖାନ୍ ଓ ପୂର୍ବତନ କାଉନସିଲର ମୁନ୍ନା ଖାନ୍ ପହଞ୍ଚିଥିଲେ। ପରିବାରର ଏଭଳି ଅସହାୟ ସ୍ଥିତି ଦେଖି ସେମାନେ ତୁରନ୍ତ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ସହ ଯୋଗାଯୋଗ କରିଥିଲେ। ଖବର ପାଇବା ମାତ୍ରେ ସଂଗଠନର ସଦସ୍ୟମାନେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଶବ ସତ୍କାର ଦାୟିତ୍ୱ ନେଇଥିଲେ।



## ଶିଶୁ ସୁରକ୍ଷା ଯୋଜନା ପ୍ରସ୍ତୁତି ଉପରେ ତାଲିମ




ବଲାଙ୍ଗିର,୨୬।୫(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ୍‌ରେ ଅରୁଣା ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ମିଳିତ ଅନୁକୂଲ୍ୟରେ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନେଇ ଶିଶୁ ସୁରକ୍ଷା ନିମନ୍ତେ ପଞ୍ଚାୟତସ୍ତରୀୟ ଯୋଜନା ପ୍ରସ୍ତୁତି ତାଲିମ ଉପରେ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଅରୁଣ ଖୁଆସ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଡିଓ ଅକ୍ଷୟ ପାଣି ଉ‡ ଯୋଗଦେଇ ଶିଶୁମାନଙ୍କ ପାଇଁ ଥିବା ଗ୍ରାମ ପଞ୍ଚାୟତ ବିକାଶ ପାଣ୍ଠିର ୫ ପ୍ରତିଶତ ଯୋଜନା ଖର୍ଚ୍ଚ ପାଇଁ କହିଥିଲେ। ଅତିରିକ୍ତ ବିଡିଓ କେ.ସି. ମାନସିଂ ଉପସ୍ଥିତ ଥିଲେ। ପ୍ରମୋଦ ବଗର୍ତ୍ତି ତାଲିମର ଲକ୍ଷ୍ୟ, ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବହୀ ଅଧିକାରୀମାନଙ୍କ ଭୂମିକା, ଦାୟିତ୍ୱ ଉପରେ କହିଥିଲେ। ଆଶୀର୍ବାଦ ଯୋଜନା, ଗ୍ରୀନ ପାସେଜ, ପୃଷ୍ଠପୋଷକତା ସହାୟତା ରାଶି, ଯଶୋଦା ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଲୋଇସିଂହା ବ୍ଲକ୍‌ର ୧୭ ପଞ୍ଚାୟତର ସରପଞ୍ଚ, ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ସିଡିପିଓ ରଜନୀ ରାଣୀ ମେହେର ବାଲ୍ୟ ବିବାହ ଉପରେ ସଚେତନ କରିଥିଲେ। ଅଙ୍ଗନବାଡି କର୍ମୀ ପଦ୍ମିନୀ ବିଭାରଙ୍କୁ ଉପଜିଲ୍ଲାପାଳ ଆଲୋକ ପଟେଲ ସମ୍ବର୍ଦ୍ଧିତ କରିଥିଲେ।

## ଯୁବକଙ୍କୁ ଅପହରଣ, ଲୁଟ୍ ଅଭିଯୋଗରେ ୪ ଗିରଫ





ବଲାଙ୍ଗିର,୨୬।୫(ସମିସ): ବଲାଙ୍ଗିର ଜିଲ୍ଲା ପୁଇଁତଲା ପୁଲିସ ଏକ ଲୁଟ୍ ଓ ଅପହରଣ ମାମଲାରେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏମାନେ ହେଲେ ଲଖପାଲିର ଅଙ୍କିତ କୁମାର ଶର୍ମା, ସୁଦପଡ଼ାର ବିକି ଓରଫ ନାରାୟଣ ସାହୁ, ଓମ୍ ଓରଫ ଓମନାଥ ବନଛୋର ଏବଂ ନିପୁନ ସ୍ୱାଇଁ। ବିଲେଇସରଡ଼ା ଗ୍ରାମର ଅଶ୍ୱିନୀ ପଣ୍ଡାଙ୍କ ଅଭିଯୋଗ ଅନୁସାରେ ସେହି ଗାଁର ଅନିଲ ପଣ୍ଡା ଟାଙ୍କୁଲପଦର ରେଳ କ୍ରସିଂ ଦେଇ ବ୍ଲକ୍ କାର୍ଯ୍ୟାଳୟରୁ କାମ ସାରି ଘରକୁ ଯାଉଥିଲେ। ସେଠାରେ ୪ ଅଭିଯୁକ୍ତ ଅନିଲଙ୍କୁ ଅଟକାଇ ମାଡ଼ ମାରିବାସହ ଅପହରଣ କରି ନେଇଥିଲେ। ତାଙ୍କ ମୋବାଇଲ୍ ଫୋନ୍, ପର୍ସ ଏବଂ ସ୍କୁଟି ଲୁଟି ନେଇଥିଲେ। ମୋବାଇଲ୍ ପାସୱାର୍ଡ ନେଇଯାଇ ଏକ ସିଏସସି କେନ୍ଦ୍ର ମାଧ୍ୟମରେ ଅନିଲଙ୍କ ଖାତାରୁ ୮୦ ହଜାର ଟଙ୍କା ଉଠାଇ ନେଇଥିଲେ। ଅଭିଯୋଗ ପରେ ପୁଲିସ ଅନିଲଙ୍କୁ ଉଦ୍ଧାର କରିଛି। ସେମାନେ ଲୁଟ୍ କରିଥିବା ଫୋନ୍, ୫୯ ହଜାର ଟଙ୍କା, ସ୍କୁଟି, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଗୋଟିଏ ପର୍ସ, ଗୋଟିଏ ବୁଲେଟ୍ ଏବଂ ଘଟଣାରେ ବ୍ୟବହୃତ ଗୋଟିଏ ମରଣାସ୍ତ୍ର ଜବତ ହୋଇଛି।

■ ତୁରେକେଲାରେ ବନ ବିଭାଗର ମନମୁଖୀ କାର୍ଯ୍ୟ

## ନର୍ସରୀରେ ପଡ଼ି ପଡ଼ି ମରିଗଲା ହଜାର ହଜାର ଚାରା

କଣ୍ଟାବାଞ୍ଜି,୨୬।୫(ସମିସ): ଦିନକୁ ଦିନ ଜଙ୍ଗଲ ଧ୍ୱଂସ ହେଉଛି। ଏହାଫଳରେ ଜୀବଜନ୍ତୁ ଜନବସତି ମୁହାଁ ହେଉଛନ୍ତି। ଏଣୁ ଜଙ୍ଗଲ ସୃଷ୍ଟି ପାଇଁ ବନ ବିଭାଗ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛି। ନର୍ସରୀ କରି ବିଭିନ୍ନ ପ୍ରକାରର ଚାରା ତିଆରି କରିବା ପାଇଁ ସରକାରୀ ରାଜକୋଷରୁ ଲକ୍ଷାଧିକ ଟଙ୍କା ଅନୁଦାନ ଆସୁଛି; କିନ୍ତୁ ଦାୟିତ୍ୱରେ ଥିବା ବନ ବିଭାଗ ଅଧିକାରୀ କମ୍ ଚାରା ତିଆରି କରି ଅଧିକ ଚାରା ଦର୍ଶାଉଛନ୍ତି। ସେହି ଚାରା ମଧ୍ୟ ଜଙ୍ଗଲରେ ଲଗାଉ ନାହାନ୍ତି। ନର୍ସରୀ ପକାଇ ରଖୁଥିବାରୁ ତାହା ମରି ଯାଉଛି। ତୁରେକେଲାରେ ଏହା ଦେଖିବାକୁ ମିଳିଛି। ତୁରେକେଲା ବ୍ଲକର ମହଖଣ୍ଡ, ବଡବାଙ୍କି, ମହୁଲପାଟି, ପାଟିମାଲ, ଲର୍କି ଗାଁରେ ବନ ବିଭାଗ ପକ୍ଷରୁ ନର୍ସରୀ କରାଯାଇଛି। ଏଠାରେ ବିଭିନ୍ନ ପ୍ରକାରର ମୂଲ୍ୟବାନ ବୃକ୍ଷର ଚାରା ତିଆରି କରାଯାଇଥାଏ। ଏଥିପାଇଁ ପ୍ରତି ବର୍ଷ ସରକାରୀ ରାଜକୋଷରୁ ଲକ୍ଷାଧିକ ଟଙ୍କା ମଧ୍ୟ ଖର୍ଚ୍ଚ ହୋଇଛି; କିନ୍ତୁ ଜଙ୍ଗଲରେ ସେତେ ମାତ୍ରାରେ ଚାରା ରୋପଣ କରାଯାଏନି। ଏଣୁ ରେଞ୍ଜର ଓ ବନପାଳଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହି ସମସ୍ତ ନର୍ସରୀରେ ହଜାର ହଜାର ଚାରା ଗ୍ରୀଷ୍ମ ପ୍ରବାହ ସମୟରେ ରକ୍ଷଣାବେକ୍ଷଣ ନ କରିବା ଫଳରେ ଚାରା ସବୁ ମରି ଯାଇ ସରକାରୀ ଟଙ୍କା ମାଟିରେ ମିଶି ଯାଇଛି।



## ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ କ୍ୟାମ୍ପ କୋର୍ଟ



ବଲାଙ୍ଗିର,୨୬।୫(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ୍ ଆଇସିଡିଏସ ସମ୍ମିଳନୀ କକ୍ଷରେ ବ୍ଲକ୍‌ସ୍ତରୀୟ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ୨୦୨୫ରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଦ୍ୱାରା ସର୍ଭେ ଅନୁସାରେ ପିତୃମାତୃ ହିନ ଶିଶୁଙ୍କୁ ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଥିଲା। ଲୋଇସିଂହା ବ୍ଲକ୍‌ର ସିଡିପିଓ ରଜନୀ ରାଣୀ ମେହେରଙ୍କ ତତ୍ତ୍ୱାବଧାନରେ ଚିହ୍ନଟ ହୋଇଥିବା ୮ ଶିଶୁଙ୍କ ଅଭିଭାବକଙ୍କୁ ହାଜର କରାଯାଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କର୍ମୀ ବାଳମୁକୁନ୍ଦ ଭିତିରିଆ, ରାକେଶ ପୁଟେଲ୍ ଉପସ୍ଥିତ ଥିଲେ। କିଶୋର ନ୍ୟାୟ ଆଇନ୍ ଅଧୀନ ଫର୍ମ ୧୭, ଫର୍ମ ୨୦ ପୂରଣ କରାଯାଇଥିଲା।

# ଦୁର୍ଘଟଣାରେ ଅସୁସ୍ଥ ବ୍ୟକ୍ତିଙ୍କୁ ଭେଟିଲେ ନରସିଂହ

ବଲାଙ୍ଗିର,୨୬।୫(ସମିସ): ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ବଲାଙ୍ଗିର ୯ ନମ୍ବର ୱାର୍ଡ ଗୋକୁଳଧାମ ଲୋକଙ୍କ ସମସ୍ୟା ଶୁଣିଛନ୍ତି। ବିଶେଷ କରି ସମ୍ବଲପୁର ରୋଡ୍‌କୁ ସଂଯୋଗ ହୋଇଥିବା ଗୋକୁଳଧାମ ରାସ୍ତାରେ ବହୁ ଯାନବାହନ ଚଳାଚଳ ହେଉଥିବାରୁ ଏହି ଅଞ୍ଚଳଟି ଦୁର୍ଘଟଣା ପ୍ରବଣ ଅଞ୍ଚଳ ଭାବେ ବେଶ ପରିଚିତ। କିଛି ଦିନ ପୂର୍ବରୁ ଗୋକୁଳଧାମର ହିମାଂଶୁ ଶେଖର ପଣ୍ଡା ନାମକ ଜଣେ ଯୁବକ ସାନ୍ଧ୍ୟ ଭ୍ରମଣ ସମୟରେ ଭୟଙ୍କର ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସେ ଭୁବନେଶ୍ୱରରୁ ଚିକିତ୍ସା ହୋଇ ଫେରିବା ପରେ ଘରେ ରହିଛନ୍ତି। ଶ୍ରୀ ମିଶ୍ର ହିମାଂଶୁଙ୍କ ଘରକୁ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପ.ରି ବୁଝିଥିଲେ। ପୂର୍ବରୁ ମଧ୍ୟ ସେହି ସମାନ ଅଞ୍ଚଳରେ ଦୁର୍ଘଟଣା ଘଟି ଅନେକ ଧନ ଜିବନ ହାନି ହୋଇଛି। ତେଣୁ ଗୋକୁଳଧାମରୁ ସମ୍ବଲପୁର ଜାତୀୟ ରାଜପଥକୁ ସଂଲଗ୍ନ ରାସ୍ତାରେ ସ୍ପିଡ୍‌ବ୍ରେକର କିମ୍ବା ସ୍ଥାନାନ୍ତର ହୋଇପାରୁଥିବା ବ୍ୟାରିକେଡ୍ ଲଗାଇବାର ବ୍ୟବସ୍ଥା କରାଇବାକୁ ଶ୍ରୀ ମିଶ୍ରଙ୍କ ଆଗରେ ସ୍ଥାନୀୟ ବାସିନ୍ଦା ଦାବି କରିଥିଲେ। ଏହା ସହ ବିଜୁଳି ଖୁଣ୍ଟଗୁଡିକରେ ଲାଇଟ ଜଳୁ ନ ଥିବାରୁ ଅଞ୍ଚଳ ଅନ୍ଧକାର ହୋଇଯାଉଥିବା, ଡ୍ରେନ ଗୁଡିକରେ ଢାଙ୍କୁଣି ନ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା, ଗୋକୁଳଧାମର କିଛି ଅଞ୍ଚଳରେ ଟେଣ୍ଡର ସରି ଯାଇଥିବା ସତ୍ତ୍ୱେ ରାସ୍ତା କାମ ଆରମ୍ଭ ହୋଇ ନ ଥିବା ଏବଂ ଗୋକୁଳଧାମ ଅଞ୍ଚଳରେ ଯାଇଥିବା ୩୩ କେଭି ବିଦ୍ୟୁତ୍ ତାର ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଆଲୋଚନା ବେଳେ ଶ୍ରୀ ମିଶ୍ରଙ୍କୁ ଲୋକେ ଅନୁରୋଧ କରିଥିଲେ। ଶ୍ରୀ ମିଶ୍ର ଦୁର୍ଘଟଣା ଓ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ବଲାଙ୍ଗିର ଆରକ୍ଷୀ ଅଧୀକ୍ଷକଙ୍କୁ ଫୋନ ଯୋଗେ ଦୁର୍ଘଟଣା ପ୍ରବଣ ରାସ୍ତାରେ ବ୍ୟାରିକେଡ୍ ବ୍ୟବସ୍ଥା କରିବାକୁ କହିଥିଲେ। ପୁଲିସ ଅଧୀକ୍ଷକ ପଦକ୍ଷେପ ନେବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ପୌର ନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ରାସ୍ତା ନିର୍ମାଣ ଓ ଡ୍ରେନରେ ଢାଙ୍କୁଣି ବ୍ୟବସ୍ଥା କରିବା ଏବଂ ବିଦଦ୍ୟୁତ୍ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ୩୩ କେଭି ତାର ଶୀଘ୍ର ସ୍ଥାନାନ୍ତର କରିବାକୁ ଶ୍ରୀ ମିଶ୍ର ଫୋନ କରି କହିଥିଲେ। ଉଭୟ ଅଧିକାରୀ ଏହି ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଆଲୋଚନା ବେଳେ ଗୋକୁଳଧାମର ଶିରିଶ ଚନ୍ଦ୍ର ହୋତା, ଗୌରହରି ଦାଶ, ଦିଲୀପ ଦାଶ, ସନ୍ତୋଷ ଦାଶ, ଅମ୍ବରିଶ ଦାଶ, ଛେଲାରାମ ଜେସୱାଲ, ଲିଙ୍ଗରାଜ ମେହେର, ବିକାଶ ହୋତା, ହିମାଂଶୁ ପଣ୍ଡା, ବାସୁଦେବ ନାଥ, ଆଦର୍ଶ ଅଗ୍ରୱାଲ ଏବଂ ଶୁଭ୍ରାଂଶୁ ଶେଖର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ବେଲପଡ଼ା ବ୍ଲକ୍‌ରେ ଉତ୍କଟ ପାଣି ସମସ୍ୟା

# ବ୍ଲକ୍ ଅଫିସ ସମ୍ମୁଖରେ ମାଠିଆ ଭାଙ୍ଗି ପ୍ରତିବାଦ

ପାଟଣାଗଡ଼,୨୬।୫(ସମିସ)

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ବେଲପଡା ବ୍ଲକ୍ ଅଞ୍ଚଳରେ ପାଣି ସମସ୍ୟା ଉତ୍କଟ ହୋଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବ୍ଲକର ବିଭିନ୍ନ ଗାଁରେ ପାଣି ଅଭାବରୁ ଲୋକେ ତହଳ ବିକଳ ହେଉଛନ୍ତି। ଏନେଇ ବ୍ଲକ ପ୍ରଶାସନକୁ ଲୋକେ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳୁନି। ଏଣୁ ମଙ୍ଗଳବାର କୋଶଲ ମୁକ୍ତି ମୋର୍ଚ୍ଚା ନେତୃତ୍ୱରେ ବ୍ଲକର ଶେଷ ସୀମାନ୍ତ ଗାଁ ଯୁବା ପଞ୍ଚାୟତର ନାଗଫେଣା ଗାଁଠାରୁ ବିଭିନ୍ନ ଗାଁର ମହିଳାମାନେ ଖାଲି ମାଠିଆ ଧରି ପଦଯାତ୍ରାରେ ବାହାରିଥିଲେ। ଦୀର୍ଘ ୨୦ କିମି ଚାଲି ଚାଲି ଯାଇ ଏମାନେ ବ୍ଲକ୍ ଅଫିସକୁ ପହଞ୍ଚି ଥିଲେ। ସେଠାରେ ମାଠିଆ ଭାଙ୍ଗି ପ୍ରତିବାଦ କରିଥିଲେ। ବ୍ଲକ୍ ଅଫିସ ସମ୍ମୁଖରେ ଏକ ପ୍ରତିବାଦ ସଭା କରିଥିଲେ। କୋଶଲ ମୁକ୍ତି ମୋର୍ଚ୍ଚାର ସଦସ୍ୟ ଓ ବିଭିନ୍ନ ଗାଁରୁ ଆସିଥିବା ମହିଳା ସରକାର ଓ ପ୍ରଶାସନ ବିରୋଧରେ ନାରାବାଜି ସହ ବିଷୋଦଗାର କରିଥିଲେ। ପ୍ରତି ଗାଁରେ ବସୁଧା ଯୋଜନାରେ ହୋଇଥିବା ଜଳ ଯୋଗାଣ ପ୍ରକଳ୍ପ ଥିଲେ ସୁଦ୍ଧା ନିମ୍ନମାନର କାମ ଯୋଗୁଁ ତାହା ଅଚଳ ହୋଇପଡିଛି। ସରକାର ଜଳ ଯୋଗାଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିଲେ ମଧ୍ୟ ସ୍ଥାନୀୟ ଅଧିକାରୀଙ୍କ ଖମାଖିଆଲି ମନୋଭାବ ଯୋଗୁଁ ପ୍ରକଳ୍ପ ଗୁଡିକ ଅଚଳ ହୋଇ ରହିଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ତେଣୁ ବାଧ ହୋଇ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିବାକୁ ପଡୁଛି। ବ୍ଲକ ଅଞ୍ଚଳର ଲୋକେ ପାଣି ପାଇଁ ତ୍ରାହି ତ୍ରାହି ଡାକୁଛନ୍ତି ବୋଲି ମତ ପ୍ରକାଶ ପାଇଥିଲା। ତେବେ ବିଡ଼ିଓ ରାଜେଶ ମେହେର ଆନ୍ଦୋଳନ ସ୍ଥଳକୁ ନ ଆସିବାରୁ ଆନ୍ଦୋଳନକାରୀ ଅଫିସ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଶେଷରେ ବିଡ଼ିଓ ପହଞ୍ଚି ୭ ଦିନ ମଧ୍ୟରେ ଜଳ ଯୋଗାଣର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ଆନ୍ଦୋଳନ ପାଇଁ କୋଶଲ ମୁକ୍ତି ମୋର୍ଚ୍ଚାର ସିପୁନ ଖମାରୀ, ଜନାର୍ଦ୍ଦନ ସିଂ, ଜିତୁ ନାଏକ, ଚନ୍ଦ୍ରକାନ୍ତି ସେଠଙ୍କ ସହ ଖାଲିପଥର, ନାଗଫେଣା ସହ ବିଭିନ୍ନ ଗାଁର ପୁରୁଷ ଓ ମହିଳା ଉପସ୍ଥିତ ଥିଲେ।




**● ଗାଁରୁ ୨୦ କିମି ପଦଯାତ୍ରାରେ ଆସିଲେ**
**● ବିଡ଼ିଓଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ**

● ଛତା ଓ ବାଲିଚନ୍ଦ୍ରପୁର ବିଦ୍ୟୁତ୍ ସେକ୍ସନର ଅବହେଳା

## ଲୋ-ଭୋଲଟେଜ ଓ ବାରମ୍ବାର ବିଦ୍ୟୁତ୍ କାଟ୍‌ରେ ଲୋକେ ହନ୍ତସନ୍ତ

ପଞ୍ଚୁପାଣ୍ଡବ,୨୬।୫(ସମିସ):ଡେରାବିଶ ବ୍ଲକ୍ ଅନ୍ତର୍ଗତ ଛତା ବିଦ୍ୟୁତ୍ ସେକ୍ସନରେ ଲୋ ଭୋଲଟେଜକୁ ନେଇ ବାରମ୍ବାର ଅଭିଯୋଗ ହେଉଥିବାବେଳେ ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ବିଦ୍ୟୁତ୍ ସେକ୍ସନରେ ବାରମ୍ବାର ବିଦ୍ୟୁତ୍ ଯୋଗୁଁ ଲୋକେ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ସରକାର ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେକ ଜାଗାରେ ଲୋ-ଭୋଲଟେଜ ଦ୍ୱାରା ଏସି ଚାଲିବା ତ ଦୂରର କଥା ଫ୍ୟାନ ଘୁରୁ ନ ଥିବା ଅଭିଯୋଗ ହେଉଛି। ସେହିପରି ଡେରାବିଶ ବ୍ଲକର କେତେକ ଗ୍ରାମରେ ବାଲିଚନ୍ଦ୍ରପୁର ବିଦ୍ୟୁତ୍ ସେକ୍ସନର ଅହରହ ବିଦ୍ୟୁତ୍ କାଟ ହେଉଥିବାବେଳେ ଲୋକେ ହନ୍ତସନ୍ତ ହେବା ସହ କେତେକ କୁକୁଡ଼ା ଫାର୍ମରେ ହଜାର ହଜାର କୁକୁଡ଼ା ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହେଉଛି। ଏହାକୁ ନେଇ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରିଥିଲେ ସୁଦ୍ଧା କେହି କର୍ଣ୍ଣପାତ କରି ନ ଥିବା ଅଭିଯୋଗ ହେଉଛି। ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

● ବଳଦେବଜୀଉ ମନ୍ଦିରରେ ଶ୍ରୀମୁଖ ସିଂହାର ନୀତି

## ବୁଧବାର ୩ ଘଣ୍ଟା ସାଧାରଣ ଦର୍ଶନ ବନ୍ଦ

କେନ୍ଦ୍ରାପଡ଼ା,୨୬।୫(ସମିସ): କେନ୍ଦ୍ରାପଡ଼ାର ପ୍ରସିଦ୍ଧ ବଳଦେବଜୀଉ ମନ୍ଦିରରେ ଆସନ୍ତା ୨୭ ତାରିଖ ବୁଧବାର ମହାପ୍ରଭୁଙ୍କ ଶ୍ରୀମୁଖ ସିଂହାର ନୀତି ଅନୁଷ୍ଠିତ ହେବ। ଏହି ଅବସରରେ ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ତିନିଘଣ୍ଟା ଧରି ସର୍ବସାଧାରଣଙ୍କ ଦର୍ଶନ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜୟ ମଙ୍ଗଳା ଆଳତି ନୀତି ସମ୍ପନ୍ନ ପରେ ଚିତ୍ରକର ସେବାୟତ ରତ୍ନ ସିଂହାସନକୁ ଯାଇ ମହାପ୍ରଭୁଙ୍କ ଶ୍ରୀମୁଖ ସିଂହାର ନୀତି ସମ୍ପାଦନ କରିଥା'ନ୍ତି। ଏହା ଏକ ଗୁପ୍ତ ଓ ଗୁରୁତ୍ୱପୂର୍ଣ୍ଣ ନୀତି ହୋଇଥିବାରୁ ଏହି ସମୟରେ ଭକ୍ତଙ୍କ ସାଧାରଣ ଦର୍ଶନ ବନ୍ଦ ରହିଥାଏ। ମନ୍ଦିର ପ୍ରଶାସନିକ ଅଧିକାରୀ ବଳଭଦ୍ର ପତ୍ରୀ ଏ ନେଇ ସୂଚନା ଦେଇଥିବାବେଳେ ଭକ୍ତଙ୍କୁ ନୀତି ସମୟକୁ ଧ୍ୟାନରେ ରଖି ଦର୍ଶନ ପାଇଁ ଆସିବାକୁ ଅନୁରୋଧ କରାଯାଇଛି।

## ଚୋରି ବାଇକ୍ ଉଦ୍ଧାର

ଡେରାବିଶ, ୨୬।୫(ସମିସ): ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଲୁଣାନଦୀ କୂଳ ବେଲମାଳ ମଠ ନିକଟରୁ ଚୋରି ହୋଇଥିବା ଏକ ବାଇକ୍‌କୁ ନଛିପୁର ଗ୍ରାମରୁ ଉଦ୍ଧାର କରାଯାଇ



ଗାଡ଼ି ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ପାଣିଓଳା-୨ ଗ୍ରାମର ମନୋରଞ୍ଜନ ପରିଡ଼ା ଗତକାଲି ସନ୍ଧ୍ୟାରେ ବେଲମାଳ ମଠ ନିକଟରେ କେନ୍ଦ୍ରାପଡ଼ା କେନାଲ ବନ୍ଧ ଉପରେ ବାଇକ୍ ରଖି ମଠକୁ ପୂଜା କରିବାକୁ ଯାଇଥିବାବେଳେ କେହି ଚୋରି କରିନେଇଥିଲା। ମନୋରଞ୍ଜନ ଖୋଜି ନ ପାଇ ଆଜି ଚାନ୍ଦୋଳ ଫାଣ୍ଡିରେ ଅଭିଯୋଗ କରିଥିଲେ। ଆଜି ଦିନ ୧୦ଟାରେ ମନୋରଞ୍ଜନଙ୍କ ବାଇକ୍‌ର ନମ୍ବର ପ୍ଲେଟ ଖୋଲାଯାଇ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ନଛିପୁର ଗ୍ରାମର ଅନନ୍ତ ସାହୁଙ୍କ ଆମ୍ବତୋଟାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ନଛିପୁର ଗ୍ରାମର ଦୁଇ ୱାର୍ଡ଼ ସଭ୍ୟ ବିଜୟ ନାଥ ଓ ଅସିତ ଦାସ ଚାନ୍ଦୋଳ ଫାଣ୍ଡି ପୁଲିସକୁ ଅବଗତ କରିଥିଲେ। ଫାଣ୍ଡି ଅଧିକାରୀ ପ୍ରତାପ ରଥ ପହଞ୍ଚି ଗାଡ଼ି ଜବତ କରି ଫାଣ୍ଡିକୁ ଆଣିଥିଲେ। ପରେ ଫାଣ୍ଡି ଅଧିକାରୀ ଶ୍ରୀ ରଥ ଗାଡ଼ି ମାଲିକ ମନୋରଞ୍ଜନଙ୍କୁ ଖବର ଦେଇଥିଲେ। ମନୋରଞ୍ଜନ ଗାଡ଼ିର କାଗଜପତ୍ର ଫାଣ୍ଡିରେ ଦାଖଲ କରି ଗାଡ଼ିକୁ ନିଜ ହେପାଜତକୁ ନେଇଥିବା ଜଣାପଡ଼ିଛି।

● ହାଟସାହିରେ ସିରିଜ୍ ଚୋରି

## ୩ ଚୋରଙ୍କୁ ଧରି ପୁଲିସ ଜିମାଦେଲେ ଗାଁ ଲୋକ

ରାଜକନିକା,୨୬।୫(ସମିସ): ରାଜକନିକା ଥାନା ଅନ୍ତର୍ଗତ ହାଟସାହି ଗାଁରେ ଗତ ତିନିଦିନ ଧରି ଲଗାତର ଚୋରି ହୋଇଥିବାବେଳେ ଗାଁ ଲୋକେ ୩ ଜଣ ଚୋରଙ୍କୁ ଧରି ପୁଲିସ ଜିମା ଦେବା ପରେ ପୁଲିସ ଚୋରି ଘଟଣାରେ ଅଧିକ ଖୋଳତାଡ଼ ଜାରି ରଖିଛି। କଣ୍ଡିଆ ଫାଣ୍ଡିରେ ଅଭିଯୋଗ ମୁତାବକ, ହାଟସାହି ଗାଁର ବିଭିନ୍ନ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଥିବା ନେଇ ନିୟମିତ ଅଭିଯୋଗ ହୋଇଆସିଛି। ଏହି ଚୋରି ଘଟଣାରେ ୩ ଜଣଙ୍କୁ ସନ୍ଦେହଜନକ ଭାବେ ଗାଁ ଲୋକ କାବୁ କରିବା ପରେ ପୁଲିସକୁ ହସ୍ତାନ୍ତର କରିଥିଲେ। ଏସବୁ ଚୋରି ଘଟଣାରେ ଚୋରମାନେ ଏକ ନିଶାଯୁକ୍ତ କେମିକାଲ ବ୍ୟବହାର କରି ଶୋଇଥିବ ଅବସ୍ଥାରେ ଘର ଲୋକଙ୍କୁ ଶୁଙ୍ଘାଇ ବେହୋସ କରି ଘରୁ ଲୁଟ କରୁଥିବା ଘରର ଲୋକ କହିଛନ୍ତି। ଏହି ସନ୍ଦିଗ୍ଧଙ୍କୁ ପୁଲିସ ପଚରାଉଚରା କରି ଚୋରି ହୋଇଥିବା ଟଙ୍କା ଓ ଅନ୍ୟ ସାମଗ୍ରୀ ଜବତ କରୁଥିବା ଅନୁସନ୍ଧାନରୁ ଜଣାପଡ଼ିଛି।

## ସାଇ ମନ୍ଦିର ପ୍ରତିଷ୍ଠାତାଙ୍କ ପରଲୋକ



ପଟ୍ଟାମୁଣ୍ଡାଇ,୨୬।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଛରା ପଞ୍ଚାୟତ ବାଛରା ଗ୍ରାମର ସମାଜସେବୀ, ପୂର୍ବତନ ତହସିଲ କର୍ମଚାରୀ, ସାଇ ମନ୍ଦିର ପ୍ରତିଷ୍ଠାତା ତଥା ପୂର୍ବତନ ସରପଞ୍ଚ ସମୀର ପ୍ରଧାନଙ୍କ ପିତା ଅମୂଲ୍ୟ ପ୍ରଧାନଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ସେ ବାଛରା ସାଇମନ୍ଦିର ଓ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିଥିଲେ। ଶ୍ରୀ ପ୍ରଧାନ ସରକାରୀ ଚାକିରିରୁ ଅବସର ପରେ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ମର ଶରୀରକୁ ବାଛରା ଗାଁ ପରିକ୍ରମା କରାଯାଇଥିଲା। ଏଥିରେ ବରିଷ୍ଠ ସମାଜସେବୀ ବରାହ ଚରଣ ସାମଲ, ପୂର୍ବତନ ସରପଞ୍ଚ ସୁଧାଂଶୁ ସାମଲ ଓ ଜୟନ୍ତୀ ମଲିକ, ପୂର୍ବତନ ସମିତି ସଭ୍ୟ ଶ୍ରୀକାନ୍ତ ବେହୁରା, ଜ୍ୟୋତିକାନ୍ତ ବେହୁରା, ସଂଗ୍ରାମ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ଜ୍ୟେଷ୍ଠ ପୁତ୍ର ମିହିର ପ୍ରଧାନ ମୁଖାଗ୍ନି ଦେଇଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, କିଶୋର ତରାଇ, ଅଲେଖ ଜେନା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

ଗରଦପୁର ତହସିଲରେ ସେବା ବିପର୍ଯ୍ୟସ୍ତ

# ମାସେ ହେଲା ସାର୍ଟିଫିକେଟ୍ କାମ ବାଧାପ୍ରାପ୍ତ; ଲୋକେ ଅସନ୍ତୋଷ

ଗରଦପୁର,୨୬।୫(ସମିସ)

ଗରଦପୁର ତହସିଲ କାର୍ଯ୍ୟାଳୟରେ ଅବ୍ୟବସ୍ଥା ଚରମ ସୀମାରେ ପହଞ୍ଚିଥିବା ଅଭିଯୋଗ ହେଉଛି। ପ୍ରାୟ ଏକମାସ ହେଲା ଆୟ, ଜାତି, ବାସିନ୍ଦା ଓ ଅନ୍ୟାନ୍ୟ ସାର୍ଟିଫିକେଟ୍ ପ୍ରସ୍ତୁତି କାର୍ଯ୍ୟ ପ୍ରଭାବିତ ହୋଇଥିବାରୁ ସାଧାରଣ ଲୋକେ ହନ୍ତସନ୍ତ ହେଉଛନ୍ତି। ତହସିଲରେ କର୍ମଚାରୀ ଅଭାବ, ଅଧିକାରୀ ବଦଳି ଓ ପ୍ରଶାସନିକ ଅସ୍ଥିରତା ଯୋଗୁଁ ଏହି ପରିସ୍ଥିତି ସୃଷ୍ଟି ହୋଇଥିବା ଚର୍ଚ୍ଚା ହେଉଛି।

ସକାଳୁ ସକାଳୁ ତହସିଲ କାର୍ଯ୍ୟାଳୟ ଆଗରେ ଲମ୍ବା ଲାଇନ୍ ଦେଖିବାକୁ ମିଳୁଛି। ଦୂରଦୂରାନ୍ତରୁ ଲୋକେ ଜମିଜମା କାଗଜପତ୍ର, ଆଫିଡେଭିଟ୍ ଓ ବିଭିନ୍ନ ପ୍ରମାଣପତ୍ର ପାଇଁ ଆସୁଥିଲେ ମଧ୍ୟ ସମୟରେ କାମ ହେଉ ନ ଥିବାରୁ ନିରାଶ ହୋଇ ଫେରୁଛନ୍ତି। ଦିନ ୧୨ଟା ପୂର୍ବରୁ କୌଣସି କାର୍ଯ୍ୟ ସଠିକ ଭାବେ ଆରମ୍ଭ ହେଉ ନ ଥିବା ଅଭିଯୋଗ ମଧ୍ୟ ଆସୁଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଅତିରିକ୍ତ ତହସିଲଦାରଙ୍କ ବଦଳି ପରେ ପରିସ୍ଥିତି ଆହୁରି ଖରାପ ହୋଇଛି। ଅନେକ ଫାଇଲ ଦିନ ଦିନ ଧରି ପଡ଼ିରହୁଥିବାବେଳେ ଲୋକଙ୍କୁ ବାରମ୍ବାର କାର୍ଯ୍ୟାଳୟ ଚକ୍କର କାଟିବାକୁ ପଡୁଛି। କେହି ସଠିକ୍ ସୂଚନା ନ ଦେବାରୁ ସାଧାରଣ ଲୋକ ଅଧିକ ହଇରାଣ ହେଉଛନ୍ତି। ଜମି ନାମଜାରି, ରେକର୍ଡ ସଂଶୋଧନ, ପଟ୍ଟା ଯାଞ୍ଚ ଓ ଅନଲାଇନ ଆବେଦନ କାର୍ଯ୍ୟ ମଧ୍ୟ ପ୍ରଭାବିତ ହୋଇଥିବାରୁ ଚାଷୀ ଓ ସାଧାରଣ ଲୋକଙ୍କ ଅସୁବିଧା ବଢ଼ିଛି। ଛାତ୍ରଛାତ୍ରୀ ଠିକ୍ ସମୟରେ ସାର୍ଟିଫିକେଟ୍ ନ ପାଇବାରୁ ଶିକ୍ଷା ଓ ବୃତ୍ତି ଆବେଦନରେ ଅସୁବିଧା ଭୋଗୁଥିବା ଜଣାପଡ଼ିଛି। ଅସହ୍ୟ ଗରମ ମଧ୍ୟରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିବାରୁ ବୃଦ୍ଧ ଓ ମହିଳାମାନେ ଅଧିକ କଷ୍ଟ ଭୋଗୁଛନ୍ତି। ଯଦି ଏହି ସମୟରେ କାହାର ଅସୁସ୍ଥତା କିମ୍ବା ଅଘଟଣ ଘଟେ, ତାହା ପାଇଁ ଦାୟୀ କିଏ ରହିବେ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ତହସିଲରେ ତୁରନ୍ତ ପର୍ଯ୍ୟାପ୍ତ କର୍ମଚାରୀ ନିଯୁକ୍ତି, ସୁଚାରୁ କାର୍ଯ୍ୟ ବ୍ୟବସ୍ଥା ଓ ସାଧାରଣ ଲୋକଙ୍କୁ ସମୟ ମଧ୍ୟରେ ସେବା ଯୋଗାଇବାକୁ ଏବେ ଦାବି ଜୋର ଧରିଛି।

● ସରକାର ବେଫିକର, ଭତ୍ତା ହିତାଧିକାରୀ ହନ୍ତସନ୍ତ

## ୩ ମାସ ହେଲା ବ୍ୟାଙ୍କରୁ ଭତ୍ତା ପାଉଥିବା ହିତାଧିକାରୀ ବଞ୍ଚିତ

ଡେରାବିଶପଞ୍ଚୁପାଣ୍ଡବ,୨୬।୫(ସମିସ): ରାଜ୍ୟ ସରକାରଙ୍କ ବେଫିକର ମନୋଭାବ ଯୋଗୁଁ ଭତ୍ତା ହିତାଧିକାରୀଙ୍କୁ ମିଳୁନି ଭତ୍ତା ଟଙ୍କା। ମାସେ ନୁହେଁ କି ଦୁଇମାସ ନୁହେଁ, ତିନିମାସ ପୂରିବାକୁ ବସିଲାଣି ଡେରାବିଶ ବ୍ଲକର ହଜାର ହଜାର ହିତାଧିକାରୀ ସେମାନଙ୍କ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଯେଉଁ ହିତାଧିକାରୀ ବିଭିନ୍ନ ବ୍ୟାଙ୍କରୁ ସେମାନଙ୍କ ଆକାଉଣ୍ଟ ଯୋଗେ ଭତ୍ତା ଟଙ୍କା ପାଉଥିଲେ, ସେମାନଙ୍କର ଏଭଳି ସମସ୍ୟା ଦେଖାଦେଇଥିବା ଜଣାପଡ଼ିଛି। ଡେରାବିଶ ବ୍ଲକର ୨୬ଟି ପଞ୍ଚାୟତରେ ଥିବା ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ପ୍ରାୟ ୭ ହଜାରରୁ ଅଧିକ ହିତାଧିକାରୀ ନିଜ ଆକାଉଣ୍ଟରୁ ଭତ୍ତା ଟଙ୍କା ପାଉଥିଲେ। କିନ୍ତୁ ତିନିମାସ ପୂରିବାକୁ ବସିଲାଣି ଏ ପର୍ଯ୍ୟନ୍ତ ଜମାଖାତାକୁ ଟଙ୍କା ଆସି ନ ଥିବା ଅଭିଯୋଗ ହେଉଛି। ଭତ୍ତା ଟଙ୍କା ପାଇଁ ହିତାଧିକାରୀ ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ନିରାଶ ହୋଇଥିବାବେଳେ ସରକାରଙ୍କ ଅବହେଳାକୁ ନେଇ ବୟସ୍କ ଲୋକ ସରକାରଙ୍କୁ ସମାଲୋଚନା କରିଛନ୍ତି।

ପାଞ୍ଚମାସ ପୂର୍ବେ ଗ୍ରାମ୍ୟ ବ୍ୟାଙ୍କରେ ଆଇଏଫ୍ଏସସି କୋଡ ପରିବର୍ତ୍ତନକୁ ନେଇ ସମସ୍ୟା ହୋଇଥିବା ଯୋଗୁଁ ତିନିମାସ ହିତାଧିକାରୀ ଟଙ୍କା ପାଇଁ ହନ୍ତସନ୍ତ ହୋଇଥିଲେ। ବିଭିନ୍ନ ପଞ୍ଚାୟତରେ ଲୋକଙ୍କୁ ଭତ୍ତା ଟଙ୍କା ହାତରେ ବଣ୍ଟାଯାଇଥିବାବେଳେ ଜମାଖାତା ଥିବା ହିତାଧିକାରୀଙ୍କ ଖାତାକୁ ଟଙ୍କା ନ ଆସିବାରୁ ହିତାଧିକାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୂର୍ବ ସରକାର ଅମଳରେ ପ୍ରତି ମାସର ପ୍ରଥମ ସପ୍ତାହରେ ଭତ୍ତା ଟଙ୍କା ଆସୁଥିବାବେଳେ ବର୍ତ୍ତମାନର ସରକାରଙ୍କ ଅବହେଳା ପାଇଁ ୩ ମାସ ପୂରୁଛି, କିନ୍ତୁ ଭତ୍ତା ମିଳୁନାହିଁ। ଏ ସମ୍ପର୍କରେ ବ୍ୟାଙ୍କ ଅଧିକାରୀ ଚୌଧରୀ ଦୀପକଙ୍କୁ ପଚାରିବାରୁ ସେ କହିଛନ୍ତି ଏ ସମସ୍ୟା ରାଜ୍ୟ ସାରା ଚାଲିଛି। ସମସ୍ୟାର କାରଣ କ'ଣ ଆମେ ଅବଗତ ନୋହୁଁ ବୋଲି କହିଛନ୍ତି।

## ନୃତ୍ୟଶିଳ୍ପୀ ସମ୍ପୂର୍ଣ୍ଣାଇନ୍ଦୁ ପାଣି ପାଇଲେ ଜାତୀୟ ଯୁବ ପ୍ରତିଭା ବୃତ୍ତି



କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ, ୨୬।୫(ସମିସ): ଓଡ଼ିଶାର ସର୍ବବୃହତ ପଞ୍ଚ କଳା କେନ୍ଦ୍ର ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡମେକର୍) ନୃତ୍ୟଶିଳ୍ପୀ ସମ୍ପୂର୍ଣ୍ଣାଇନ୍ଦୁ (ସିଞ୍ଜନ) ପାଣି କେନ୍ଦ୍ର ସରକାରଙ୍କ ମର୍ଯ୍ୟାଦାଜନକ ସିସିଆରଟି ବରିଷ୍ଠ ଜାତୀୟ ଯୁବ ପ୍ରତିଭା ବୃତ୍ତି ଲାଭ କରିଛନ୍ତି। ନୃତ୍ୟଗୁରୁ ଲିଙ୍ଗରାଜ ପ୍ରଧାନଙ୍କ ଶିକ୍ଷାଦାନ ସହିତ ଗଡମେକର୍ ପ୍ରତିଷ୍ଠାତା ନିର୍ଦ୍ଦେଶକ ଗୀତିକବି ତଥା ଗୁରୁଶ୍ରୀ ସୁଶାନ୍ତ ପାଣି ଓ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ବିଜୟ କୁମାର ଜେନାଙ୍କ ମାର୍ଗଦର୍ଶନରେ ଏଭଳି ବିରଳ ସମ୍ମାନ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ମୁମ୍ବାଇସ୍ଥ ନୀତା-ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ରଠାରୁ ଆରମ୍ଭ କରି ଆନ୍ତର୍ଜାତିକ କୋଣାର୍କ ନୃତ୍ୟ ମହୋତ୍ସବ ପର୍ଯ୍ୟନ୍ତ ସର୍ବତ୍ର ନିଜ ଧୁରୀଣ କଳାପାଟବତା ପ୍ରଦର୍ଶନ କରିଥିବା ସମ୍ପୂର୍ଣ୍ଣାଇନ୍ଦୁ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ଜଣେ ସ୍ୱୀକୃତିପ୍ରାପ୍ତ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ। ନିଜ କୃତିତ୍ୱର ନିଦର୍ଶନ ସ୍ୱରୂପ ସମ୍ପୂର୍ଣ୍ଣାଇନ୍ଦୁ ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟ ମହୋତ୍ସବ, ଧଉଳି-କଳିଙ୍ଗ ନୃତ୍ୟ ମହୋତ୍ସବ, କୋଣାର୍କ ନୃତ୍ୟ-ସଙ୍ଗୀତ ମହୋତ୍ସବ, ନୂଆଦିଲ୍ଲୀ ବିଶ୍ୱ ବାଣିଜ୍ୟ ମେଳା ଓ ବିଶ୍ୱ ସାଂସ୍କୃତିକ ମହୋତ୍ସବ, ଗୌହାଟୀ ଓଡ଼ିଶା ପର୍ବ, କୋଲକାତା ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, ଉତ୍କଳ ରଥଯାତ୍ରା ମହୋତ୍ସବ, ଟାଟାନଗର ଓ ବରୋଦା ଉତ୍କଳ ଦିବସ ସମାରୋହ ଆଦି ସହିତ ସମଗ୍ର ଓଡ଼ିଶାର ୩୦ଟି ଜିଲ୍ଲା ଓ ସୁପ୍ରସିଦ୍ଧ ଜିଲ୍ଲା ମହୋତ୍ସବରେ ନୃତ୍ୟ ପରିବେଷଣ କରି ସ୍ୱନାମ ଅର୍ଜନ କରିଛନ୍ତି। ବଡ଼ମୂଳବସନ୍ତ ନସିପୁର ନିବାସୀ ସୁଶାନ୍ତ ପାଣି ଓ ଓଡ଼ିଶୀ ସଙ୍ଗୀତ ବିଶାରଦା ଅଞ୍ଜଳି ପାଣିଙ୍କ କନ୍ୟା ସିଞ୍ଜନ୍ ସମ୍ପୂର୍ଣ୍ଣା ମାତ୍ର ୬ବର୍ଷ ବୟସରେ ପଶ୍ଚିମବଙ୍ଗର ରିଶଡାଠାରେ ଚମତ୍କାର ନୃତ୍ୟ ପରିବେଷଣ କରି ପଦ୍ମଶ୍ରୀ ବାବା ବଳିଆଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡମେକର୍) ଓ ପରେ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଦୁଇ ଦଶନ୍ଧି ଧରି ନିରବଚ୍ଛିନ୍ନ ନୃତ୍ୟଶିକ୍ଷା ଲାଭ ସହିତ ମନୋଜ୍ଞ ପରିବେଷଣ କରି ସେ ଆଜି ସ୍ୱନାମଧନ୍ୟା। ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀରୁ 'ନୃତ୍ୟଶାସ୍ତ୍ରୀ' ଓ ପ୍ରାଚୀନ କଳା କେନ୍ଦ୍ର (ଚଣ୍ଡିଗଡ)ରୁ 'ନୃତ୍ୟ ବିଶାରଦ' ଉପାଧି ସହିତ ସମ୍ପୂର୍ଣ୍ଣାଇନ୍ଦୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରୁ ବିପିଏ ଡିଗ୍ରୀ ଲାଭ କରିଛନ୍ତି। ସେ ଭବିଷ୍ୟତରେ ଜଣେ ବିଶ୍ୱ ବିଖ୍ୟାତ ନୃତ୍ୟଶିଳ୍ପୀ ହେବାକୁ ଲକ୍ଷ୍ୟ ରଖିଛନ୍ତି।

## ପଟ୍ଟାମୁଣ୍ଡାଇ ପୁଲିସର ଫ୍ଲାଗମାର୍ଚ୍ଚ



ପଟ୍ଟାମୁଣ୍ଡାଇ,୨୬।୫(ସମିସ): କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ ଓ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ନିର୍ଦ୍ଦେଶରେ ଆସନ୍ତା ଇଦୁଲ ଫିତରକୁ ଆଖି ଆଗରେ ରଖି ସହରରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ପକ୍ଷରୁ ଆଜି ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ସହରରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଏଏସଆଇ ସୁମନ୍ତ ସେଠୀଙ୍କ ନେତୃତ୍ୱରେ ସଶସ୍ତ୍ର ପୁଲିସ ବାହିନୀ ଫ୍ଲାଗମାର୍ଚ୍ଚ କରି ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ଉପରେ ସତର୍କ ଦୃଷ୍ଟି ରଖିବା ସହିତ କୌଣସି ଗଣ୍ଡଗୋଳ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାର୍ତ୍ତା ଦେଇଥିଲେ।

## ଅବଧି ଶେଷ ଔଷଧ ଘଟଣାର ତଦନ୍ତ ଆରମ୍ଭ

କେନ୍ଦ୍ରାପଡ଼ା,୨୬।୫(ସମିସ): ସରକାରୀ ମେଡିକାଲରେ ରୋଗୀଙ୍କୁ ଅବଧି ଶେଷ ଔଷଧ ଦିଆଯାଇଥିବା ଘଟଣା ପ୍ରକାଶ ପାଇବା ପରେ ପ୍ରଶାସନିକ ସ୍ତରରେ ଚଞ୍ଚଳତା ସୃଷ୍ଟି ହୋଇଛି। ଘଟଣାକୁ ଗୁରୁତର ସହ ନେଇ ଜିଲ୍ଲାପାଳ ସମ୍ପୃକ୍ତ ଫାଇଲ ମଗାଇଥିବା ସୂଚନା ମିଳିଛି। ଏଥିସହ କେଉଁ କର୍ମଚାରୀଙ୍କ ଅବହେଳା କିମ୍ବା ଦାୟିତ୍ୱହୀନତା ପାଇଁ ରୋଗୀଙ୍କୁ ଏଭଳି ମେଡିସିନ ଦିଆଗଲା, ସେନେଇ ତଦନ୍ତ ଆରମ୍ଭ ହୋଇଛି। ରୋଗୀଙ୍କୁ ଦିଆଯାଇଥିବା ଔଷଧର ମିଆଦ ସମାପ୍ତ ହୋଇଥିବା ଅଭିଯୋଗ ଆସିବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଚରାଉଚରା ଚାଲିଛି। ଔଷଧ କେମିତି ଷ୍ଟୋରରୁ ବାହାରିଲା, କିଏ ରୋଗୀଙ୍କୁ ଦେଲା ଓ ଯାଞ୍ଚ ପ୍ରକ୍ରିୟାରେ କେଉଁଠି ତ୍ରୁଟି ହେଲା, ତାହାର ତଦନ୍ତ କରାଯାଉଛି। ଏହି ଘଟଣାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାରୀ ହସ୍ପିଟାଲରେ ରୋଗୀଙ୍କ ଜୀବନ ସହ ଏଭଳି ଖେଳ ଅମାନବୀୟ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ତୁରନ୍ତ ଦୋଷୀ କର୍ମଚାରୀଙ୍କୁ ଚିହ୍ନଟ କରି କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଜୋର ଧରିଛି। ସ୍ୱାସ୍ଥ୍ୟ ସେବାରେ ଏଭଳି ଅବହେଳା ଆଗାମୀ ଦିନରେ ବଡ଼ ବିପଦ ଡାକି ଆଣିପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ତଦନ୍ତ ରିପୋର୍ଟ ଆସିବା ପରେ ପ୍ରଶାସନ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି।

**ଫାଇଲ ମଗାଇଲେ ଜିଲ୍ଲାପାଳ, ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

● ନାବାଳିକା କଲେଜ ଛାତ୍ରୀ ଅପହରଣ ଘଟଣା

## ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନାର ଦ୍ୱାରସ୍ଥ ହେଲେ ଅଭିଭାବକ



ରାଜକନିକା,୨୬।୫(ସମିସ): ରାଜକନିକା ଥାନା ଅନ୍ତର୍ଗତ ଭାରିଗଦା ଗ୍ରାମର ଜଣେ ବ୍ୟକ୍ତିଙ୍କ କଲେଜ ପଢୁଆ ନାବାଳିକା ଝିଅ ଗତ ୨୩ ତାରିଖ ଦିନ ନିଖୋଜ ହୋଇଥିବା ନେଇ ୨୪ ତାରିଖରେ ରାଜକନିକା ଥାନାରେ ଏତଲା ଦେଇଥିଲେ। ତାଙ୍କ ଝିଅକୁ ଆଳି ଥାନା ଅନ୍ତର୍ଗତ ଆୟତପୁର ଗ୍ରାମର ନରେଶ ନାୟକ ଅପହରଣ କରି ନେଇଥିବା ସେ ଜାଣିବାକୁ ପାଇ ଜଣାଇଥିଲେ। ଥାନାରେ ଏତଲା ଦେବାର ୩ ଦିନ ପରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଆଜି ଝିଅର ଅଭିଭାବକ ଥାନାରେ ପହଞ୍ଚି ତୁରନ୍ତ ଝିଅକୁ ଉଦ୍ଧାର କରିବାକୁ ଦାବି କରିଥିଲେ। ନାବାଳିକାକୁ ଅପହରଣ କରିଥିବା ଯୁବକଙ୍କ ସମ୍ପର୍କରେ ତଥ୍ୟ ଥିବାରୁ ପୁଲିସ ମାମଲା ରୁଜୁ କରି ଖୋଜାଖୋଜି କରୁଥିବା ସୂଚନା ଦେଇଛି। ନାବାଳିକା ଅପହରଣ ନେଇ ବଢୁଥିବା ଅପରାଧ ପାଇଁ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

● ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ଫଳ ପ୍ରକାଶ

## ବିଶ୍ୱଜିତ ପଣ୍ଡାଙ୍କୁ ୮୫ତମ ର୍ୟାଙ୍କ୍



କେନ୍ଦ୍ରାପଡ଼ା/ରାଜକନିକା,୨୬।୫(ସମିସ): ଅଦମ୍ୟ ଇଚ୍ଛାଶକ୍ତି, ନିରନ୍ତର ପରିଶ୍ରମ ଓ ଆତ୍ମବିଶ୍ୱାସ ଥିଲେ ସଫଳତା ନିଶ୍ଚିତ ମିଳେ, ଏହାକୁ ସତ୍ୟ ପ୍ରମାଣିତ କରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ନମତରା ଗ୍ରାମର ଯୁବକ ବିଶ୍ୱଜିତ ପଣ୍ଡା। ଓଡ଼ିଶା ପବ୍ଲିକ ସର୍ଭିସ କମିଶନ ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ସେ ରାଜ୍ୟ ସ୍ତରରେ ୮୫ତମ ର୍ୟାଙ୍କ୍ ହାସଲ କରି ନିଜ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ତାଙ୍କ ସଫଳତାକୁ ନେଇ ରାଜକନିକା ଅଞ୍ଚଳରେ ଖୁସିର ପରିବେଶ ସୃଷ୍ଟି ହୋଇଛି। ସାଧାରଣ ପରିବାରରୁ ଆସିଥିବା ବିଶ୍ୱଜିତ ପ୍ରାଥମିକ ଓ ମାଟ୍ରିକ ଶିକ୍ଷା ନମତରା ହାଇସ୍କୁଲରୁ ସମାପ୍ତ କରିଥିଲେ। ପରେ ଯାଜପୁରର ବ୍ୟାସନଗର କଲେଜରେ +୨ ପଢିବା ସହ ସିଂହପୁର ଖରସ୍ରୋତା ମହାବିଦ୍ୟାଳୟରୁ ବିଜ୍ଞାନରେ ସ୍ନାତକ ଶିକ୍ଷା ଗ୍ରହଣ କରିଥିଲେ। ପରେ ସେ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାକୁ ଜୀବନର ଲକ୍ଷ୍ୟ କରି ନିରନ୍ତର ପ୍ରସ୍ତୁତି ଜାରି ରଖିଥିଲେ। ପୂର୍ବରୁ ପାଞ୍ଚଥର ଚେଷ୍ଟା କରିଥିଲେ ମଧ୍ୟ ସଫଳତା ମିଳି ନ ଥିଲା। ହାର୍ ନ ମାନି ଶେଷ ସୁଯୋଗରେ ସେ ସଫଳତା ହାସଲ କରି ସମସ୍ତଙ୍କୁ ଚକିତ କରିଛନ୍ତି। ବିଶ୍ୱଜିତଙ୍କ ବାପା ବଟକୃଷ୍ଣ ପଣ୍ଡା ଜଣେ ଅବସରପ୍ରାପ୍ତ ଶିକ୍ଷକ। ବିଶ୍ୱଜିତଙ୍କ ସଫଳତା ପରେ ଅଞ୍ଚଳର ବିଭିନ୍ନ ସଂଗଠନ, ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## କୃତୀ ଛାତ୍ର ଦିବ୍ୟଆଦର୍ଶଙ୍କୁ ସମ୍ବର୍ଦ୍ଧନା



ଡେରାବିଶ,୨୬।୫(ସମିସ): ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ପଥରପଡ଼ା ଗ୍ରାମର ଜଗନ୍ନାଥ ସାହୁ ଓ ରୋଜିସ୍ମିତା ସାହୁଙ୍କ ପୁଅ ଦିବ୍ୟଆଦର୍ଶ ସାହୁ କଟକର ଏକ ଘରୋଇ ବିଦ୍ୟାଳୟରୁ +୨ ବିଜ୍ଞାନରେ ୯୨ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଶୁଭେଚ୍ଛାରୁ ସୁଅ ଛୁଟିବାରେ ଲାଗିଛି। ସମବାୟବିତ୍ ମଧୁସୂଦନ ଘଡ଼େଇ, ଚାନ୍ଦୋଳ ପଞ୍ଚାୟତ ସଭାପତି ଦେବରାଜ ମହାପାତ୍ରଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଦିବ୍ୟଙ୍କ ଘରେ ପହଞ୍ଚି ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି। ସେ ତାଙ୍କର ସଫଳତାର ଶ୍ରେୟ ପିତାମାତା, ପରିବାର ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦେଇଥିବାବେଳେ ଭବିଷ୍ୟତରେ ସେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବେ ବୋଲି କହିଛନ୍ତି।

## ପୋଡ଼ିଗଲା ୨ ବଖରା ଘର

ଡେରାବିଶ,୨୬।୫(ସମିସ): ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ନୀଳକଣ୍ଠପୁର-୧ ଗ୍ରାମରେ ରୋଷେଇ ଚୁଲିରୁ ଅଗ୍ନିକାଣ୍ଡ ଘଟି ଗ୍ରାମର ଭାଗ୍ୟଧର ଜେନାଙ୍କ ଦୁଇବଖରା ଘର ପୋଡ଼ିଯାଇଛି। ମଧ୍ୟାହ୍ନ ରୋଷେଇ ଚାଲିଥିବାବେଳେ ଚୁଲିରୁ ନିଆଁ ଉଠି ନୁଆଁଣିଆ ଚାଳଘରକୁ ବ୍ୟାପିଯାଇଥିଲା। ଭାଗ୍ୟଧର ଡାକ ପକାଇବାରୁ ଗ୍ରାମବାସୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଭାଗ୍ୟଧରଙ୍କ ବର୍ଷକର ଆହାର, ଆସବାବପତ୍ର ସମେତ ସର୍ବସ୍ୱ ପୋଡ଼ିଯାଇଥିଲା। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ପହଞ୍ଚି ଭାଗ୍ୟଧରଙ୍କ ପରିବାରକୁ ପାଲ ପ୍ରଦାନ କରିବା ସହିତ କ୍ଷୟକ୍ଷତିର ଆକଳନ କରି ଫେରିଛନ୍ତି। ଭାଗ୍ୟଧରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସମାଜସେବୀ ଗଗନ ଧଳ ଦାବି କରିଛନ୍ତି।

**ଦାଦା ହତ୍ୟା ଘଟଣା**

## ୪ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

କେନ୍ଦ୍ରାପଡ଼ା,୨୬।୫(ସମିସ)



କେନ୍ଦ୍ରାପଡ଼ା ସହରରେ ଘଟିଥିବା ଚର୍ଚ୍ଚିତ ଦାଦା ହତ୍ୟା ଘଟଣାରେ ଟାଉନ ଥାନା ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଏବେବି ପୁଲିସ ଗିରଫରୁ ଦୂରରେ ରହିଛି। ଥାନା ସନ୍ନିକଟରେ ଘଟିଥିବା ଏହି ହତ୍ୟାକାଣ୍ଡ ପରେ ସୁରକ୍ଷା ବ୍ୟବସ୍ଥା ଓ ପୁଲିସର ତତ୍ପରତାକୁ ନେଇ ସାଧାରଣରେ ଅନେକ ପ୍ରଶ୍ନ ଉଠିଛି। ଗିରଫ ହୋଇଥିବା ଅଭିଯୁକ୍ତ ଗୋଧି ଓରଫ ପ୍ରକାଶ ବାରିକ (୨୮), ତାଙ୍କ ପତ୍ନୀ ପୂଜାରିଣୀ ବାରିକ (୨୬), ପାର୍ବତୀ ବାରିକ (୪୦) ଓ ମମତା ଓରଫ ମାମା ବାରିକ(୨୮)। ସମସ୍ତଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ହିମାଂଶୁ ବାରିକ ଏ ପର୍ଯ୍ୟନ୍ତ ଫେରାର ରହିଥିବାରୁ ପୁଲିସର ତଦନ୍ତକୁ ନେଇ ସନ୍ଦେହ ପ୍ରକାଶ ପାଉଛି।

ସୂଚନା ମୁତାବକ, କେନ୍ଦ୍ରାପଡ଼ା ଟାଉନ ଥାନା ନିକଟରେ ବାବୁଲା ବାରିକ ନାମକ ଜଣେ ବ୍ୟକ୍ତିଙ୍କୁ ପଥରରେ ଛେଚି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଥିଲା। ମୃତକଙ୍କ ପୁତୁରା ହିମାଂଶୁ ବାରିକ ଏହି ହତ୍ୟାର ମୁଖ୍ୟ ଅଭିଯୁକ୍ତ ବୋଲି ପୁଲିସ କହିଥିଲା। ଏହି ମାମଲାରେ ୮ ଜଣଙ୍କ ନାମ ଥିବାବେଳେ କେବଳ ୪ ଜଣଙ୍କୁ ଗିରଫ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ଏପର୍ଯ୍ୟନ୍ତ ଫେରାର ଥିବାରୁ ଘଟଣାକୁ ନେଇ ସାଧାରଣ ଲୋକଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଥାନା ନିକଟରେ ଏପରି ଘଟଣା ଘଟିବା ସହ ଅଭିଯୁକ୍ତ ଫେରାର ହୋଇଯିବା ପୁଲିସର କାର୍ଯ୍ୟଦକ୍ଷତାକୁ ପ୍ରଶ୍ନ ଉଠିଛି। ଏ ପଟେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ଚଢ଼ଉ ଜାରି ରଖିଥିବା ସୂଚନା ମିଳିଛି।

## ଦୁର୍ବୃତ୍ତଙ୍କ ଆକ୍ରମଣରେ ମହିଳାଙ୍କ ମୁଣ୍ଡ ଫାଟିଲା

ମହାକାଳପଡ଼ା,୨୬।୫(ସମିସ): ମାର୍ଶାଘାଇ ଥାନା ଅନ୍ତର୍ଗତ ତିଖିରି ପଞ୍ଚାୟତ ବାଲିସୁଆଁ ଗ୍ରାମର ପ୍ରଦୀପ କୁମାର ଚୌଧୁରୀଙ୍କ ପତ୍ନୀ କୁନିଲତା ଚୌଧୁରୀଙ୍କୁ କେହି ଜଣେ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଛି। ଆକ୍ରମଣରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହିତ ୧୧ଟି ଷ୍ଟିଚ୍ ପଡ଼ିଛି। ୨୫ ତାରିଖ ରାତିରେ ଲାଇନ୍ ନ ଥିବାରୁ କୁନିଲତା କବାଟ ଆଉଜେଇ ଘରେ ଶୋଇଥିଲେ। ରାତି ପ୍ରାୟ ୧ ଘଟିକା ସମୟରେ କେହି ଜଣେ ଦୁର୍ବୃତ୍ତ ତାଙ୍କ ମୁଣ୍ଡକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା। ସେ ଉଠିପଡ଼ି ଚିତ୍କାର କରିବାରୁ ଆକ୍ରମଣ କରିଥିବା ବ୍ୟକ୍ତି ଦୌଡ଼ି ପଳାଇଥିଲା। ପାଟି ଶୁଣି ସାହି ଲୋକ ଉଠି ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ଚିକିତ୍ସାଳୟକୁ ପଠାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। କୁନିଲତାଙ୍କ ଏକମାତ୍ର ପୁଅ ବିଦେଶରେ ରହୁଥିବାରୁ ତାଙ୍କ ପୁତୁରା ବିଜ୍ଞାନ ସ୍ୱାଇଁ ଆଜି ଏ ନେଇ



ମାର୍ଶାଘାଇ ଥାନାରେ ଏତଲା ଦେଇଛନ୍ତି। ପୁଲିସ ଏତଲା ଆଧାରରେ ତଦନ୍ତ କରୁଥିବା ଜଣାପଡ଼ିଛି।

# ଶ୍ରୀକ୍ଷେତ୍ର ସିଟି

୨୬/୫/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୧୦,୬୬୧/-
ସୁନା:୦୦.୯୫୦ ଗ୍ରାମ୍
ରୁପା: ୨୧.୬୦୦ ଗ୍ରାମ୍



# ମୁକ୍ତାକାଶ ପାଇବ ନୂଆରୂପ; ଅନ୍ନପୂର୍ଣ୍ଣା କେବେ?




ପୁରୀ,୨୬।୫(ସମିସ): ଶ୍ରୀକ୍ଷେତ୍ର ପୁରୀର ସାଂସ୍କୃତିକ ପରିଚୟର ଦୁଇସ୍ତମ୍ଭ ଥିଲା ମୁକ୍ତାକାଶ ରଙ୍ଗମଞ୍ଚ ଓ ଅନ୍ନପୂର୍ଣ୍ଣା ଥିଏଟର। ଗୋଟିଏ ଭଙ୍ଗାଯାଇ ନୂଆରୂପ ପାଇବାକୁ ଯାଉଥିବାବେଳେ ଅନ୍ୟଟି ମହାବାତ୍ୟା ଏବଂ ପରବର୍ତ୍ତୀ ସମୟରେ ଫନୀ ପରଠୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି କଳାକାରଙ୍କ ଦୀର୍ଘଶ୍ୱାସର କାରଣ ପାଲଟିଛି। ବର୍ଷ ବର୍ଷ ଧରି ଅସୁରକ୍ଷିତ ହୋଇପଡ଼ିଥିବା ମୁକ୍ତାକାଶ ରଙ୍ଗମଞ୍ଚକୁ ପୁରୀ ମହାନଗର ନିଗମ ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇଛି। ଓଡ଼ିଶୀ, ଗୋଟିପୁଅ, ଲୋକନୃତ୍ୟଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମର ମଞ୍ଚ ପାଲଟିଥିବା ଏହି ରଙ୍ଗମଞ୍ଚ କିଛିବର୍ଷ ହେବ ବିପଦସଙ୍କୁଳ ଅବସ୍ଥାକୁ ଚାଲିଆସିଥିଲା। ଅଶି ଦଶକରେ ଗଢ଼ି ଉଠିଥିବା ମୁକ୍ତାକାଶ ମଞ୍ଚ ସ୍ଥିତି ଏମିତି ହୋଇଯାଇଥିଲା ଯେ କୌଣସି ମୁହୂର୍ତ୍ତରେ ଏହା ଭୁଶୁଡ଼ିପଡ଼ିବା ଆଶଙ୍କା କରାଯାଉଥିଲା। ଶେଷରେ ଗତ ଡିସେମ୍ବର ମାସରୁ ଏଠାରେ ସବୁ ପ୍ରକାର କାର୍ଯ୍ୟକ୍ରମକୁ ବନ୍ଦ କରିଦେଇଥିଲେ ପୌର କର୍ତ୍ତୃପକ୍ଷ। ଏବେ ପୁରୁଣା ଢାଞ୍ଚାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ନୂଆ ନିର୍ମାଣ କାମ ଆରମ୍ଭ ହୋଇଛି। ରଥଯାତ୍ରା ପୂର୍ବରୁ ଏହାକୁ ନୂଆରୂପ ଦେବାର ଲକ୍ଷ୍ୟ ରଖାଯାଇଛି। ପୁରୀ ମହାନଗର ନିଗମ କହିବା ଅନୁଯାୟୀ, ନୂଆ ମୁକ୍ତାକାଶ ରଙ୍ଗମଞ୍ଚ ଅଧିକ ସୁରକ୍ଷିତ, ଆଧୁନିକ ଓ ସମସ୍ତ ସୁବିଧା ସମ୍ପନ୍ନ ହେବ। ଏହି ଖବର କଳାକାର ଓ ଶିଳ୍ପୀମାନଙ୍କ ମଧ୍ୟରେ ନୂଆ ଉତ୍ସାହ ଭରିଛି। ଖୁବ୍‌ଶୀଘ୍ର ଏଠି ପୁଣି ନୃତ୍ୟ, ଗୀତ ଓ ବାଦ୍ୟର ଧୂନ୍ ଶୁଭିବ ବୋଲି ଆଶା କରିଛନ୍ତି। ମୁକ୍ତାକାଶ ପାଇଁ ଖୁସି ଥିଲେ ବି ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ଅବସ୍ଥା କଳାକାରଙ୍କୁ ବ୍ୟଥିତ କରୁଛି। କାରଣ ଅନ୍ନପୂର୍ଣ୍ଣା ହେଉଛି ଓଡ଼ିଶା ମଞ୍ଚ ନାଟକର ଅନ୍ତୁଡ଼ିଶାଳ। ଦିନ ଥିଲା ସଞ୍ଜ ନଇଁଲେ ନାଟ୍ୟପ୍ରେମୀଙ୍କ ପାଦ ପଡୁଥିଲା ଅନ୍ନପୂର୍ଣ୍ଣା ଥିଏଟରରେ। କେତେବେଳେ ହସ, କାନ୍ଦ ତ ଆଉ କେତେବେଳେ ଛାତିଥରା ସଂଳାପରେ ଦୁଲୁକୁଥିଲା ମଞ୍ଚ ପରିସର। ରାଜ୍ୟବ୍ୟାପୀ ଚହଳ ସୃଷ୍ଟି କରିଥିବା ଅନ୍ନପୂର୍ଣ୍ଣା ଥିଏଟର ଆଜି ଶ୍ରୀହୀନ। ବାସ୍ତବଧର୍ମୀ ନାଟକ ଲାଗି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏହି ମଞ୍ଚ ଆଜି ନିରବ।

ଏକଦା ମନୋରଞ୍ଜନର ଖୋରାକ୍ ଯୋଗାଇଥିବା ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଆଜି ନିଜ ଅସ୍ତିତ୍ୱକୁ ନେଇ ସଂଘର୍ଷ କରୁଛି। ୧୯୯୯ ମହାବାତ୍ୟା ଏବଂ ପରବର୍ତ୍ତୀ ସମୟରେ ୨୦୧୯ର ଫନୀ ବାତ୍ୟା ଏହାକୁ ସମ୍ପୂର୍ଣ୍ଣ ଧରାଶାୟୀ କରିଦେଇଥିଲା। ଏହାର ପୁନରୁଦ୍ଧାର ପାଇଁ ୨୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା, ଯାହା ସମୁଦ୍ରକୁ ଶଙ୍ଖେ ଥିଲା। ମଝିରେ ଯାହା ବି ଅନୁଦାନ ମିଳିଥିଲା ତାହା ଧରାଶାୟୀ ଅନ୍ନପୂର୍ଣ୍ଣାକୁ ଠିଆ ହେବାକୁ ବଳ ଦେଇ ନ ଥିଲା। ୭ ବର୍ଷ ହେବ ଅନ୍ନପୂର୍ଣ୍ଣା ଶେଷ ନିଃଶ୍ୱାସ ଛାଡୁଛି କହିଲେ ଭୁଲ୍ ହେବ ନାହିଁ। ନାଟ୍ୟ ଓ ମଞ୍ଚ କଳାକାରମାନେ ବାରମ୍ବାର ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଧାରଣା, ସ୍ମାରକପତ୍ର ଦେଇଛନ୍ତି। ପ୍ରଶାସନ ପକ୍ଷରୁ ଏକାଧିକଥର ସ୍ଥିତି ଯାଞ୍ଚ ହୋଇଛି। ପୂର୍ବ ସରକାର ସମୟରେ ୧୪ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ଜମିକୁ ନେଇ କାମ ଆରମ୍ଭ ହୋଇପାରି ନ ଥିଲା। ୨୦୨୪ରେ ଓବିସିସିକୁ ଜମି ହସ୍ତାନ୍ତର ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ସରକାର ଚିଠି ଲେଖିଥିଲେ। ଏହି ପ୍ରକ୍ରିୟା ଭିତରେ ବଦଳି ଯାଇଥିଲା ସରକାର। ଏହାପରେ ତଳକୁ ଚାପି ହୋଇଯାଇଥିଲା ଅନ୍ନପୂର୍ଣ୍ଣା ଫାଇଲ୍। ନୂଆ ସରକାରଙ୍କ ସମୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର ଏବଂ କିଛି କଳାକାର, ନାଟ୍ୟପ୍ରେମୀ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଏକାଧିକଥର ଆଲୋଚନା କରିଛନ୍ତି। ଏ ପର୍ଯ୍ୟନ୍ତ ଶ୍ରୀମନ୍ଦିର ପ୍ରଶାସନ ଜମି ହସ୍ତାନ୍ତର କରି ନ ଥିବାବେଳେ ଓବିସିସି ମଧ୍ୟ ମ୍ୟାପ୍ ଫାଇନାଲ କରିପାରୁ ନାହିଁ।

ଏ ସମ୍ପର୍କରେ ବଦ୍ରି ମିଶ୍ର କୁହନ୍ତି, ପୁରୀ ହେଉଛି ପର୍ଯ୍ୟଟନର ସହର। କୋଲକାତା ଭଳି ପୁରୀରେ ଥିଏଟର ଏକ ଆବଶ୍ୟକତା। ଏଣୁ ସରକାର ଏଥିପାଇଁ ଦୃଢ଼ ଇଚ୍ଛାଶକ୍ତି ସହ ଆଗେଇ ଆସିବା ଉଚିତ୍। ଅନ୍ନପୂର୍ଣ୍ଣାର ପୁନରୁଦ୍ଧାର ନେଇ ମନ୍ତ୍ରୀଙ୍କୁ ଦିଆଯାଇଥିବା ପ୍ରସ୍ତାବରେ ତଳେ ଏକ ବଡ଼ ପାର୍କିଂସ୍ଥଳ, ତା' ଉପରେ ଏକ ଗୋଲେଇ ବଜାର ଓ ତା' ଉପରେ ରଙ୍ଗମଞ୍ଚ ପାଇଁ କୁହାଯାଇଛି। ଏହାର କିଛି ଆୟ ଉତ୍ତର ପାର୍ଶ୍ୱ ମଠ ଓ କିଛି ଆୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ କଳାକାରମାନଙ୍କ ପାଇଁ ବ୍ୟବସ୍ଥା କରିବାକୁ ମଧ୍ୟ ପ୍ରସ୍ତାବ ଦେଇଛୁ। ଦୁଇମନ୍ତ୍ରୀ, ମୁଖ୍ୟ ପ୍ରଶାସକ ଏବଂ ଜିଲ୍ଲାପାଳଙ୍କ ଉପରେ ବିଶ୍ୱାସ ରହିଛି ବୋଲି ଶ୍ରୀ ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ଅନ୍ନପୂର୍ଣ୍ଣାକୁ ନେଇ ସରକାରୀ ଉଦାସିନତା କଳାକାରଙ୍କୁ ମର୍ମାହତ କରିଛି। ଶ୍ରୀକ୍ଷେତ୍ର କେବଳ ଧର୍ମ ନୁହେଁ, କଳା ଓ ସଂସ୍କୃତିର ପୀଠ। ମୁକ୍ତାକାଶ ଓ ଅନ୍ନପୂର୍ଣ୍ଣା ଏହାର ଦୁଇଆଖି। ଗୋଟିଏ ଆଖିରେ ଆଲୋକ ଫେରୁଥିବାବେଳେ ଆର ଆଖିଟି କେବେ ଚିକିମିକି ଉଠିବ, ତାକୁ ହିଁ ଚାହିଁ ବସିଛନ୍ତି ହଜାର ହଜାର ନାଟ୍ୟପ୍ରେମୀ, କଳାକାର ଓ ମଞ୍ଚପ୍ରେମୀ।

## ରଥଖଳାରୁ...

# ପାର୍ଶ୍ୱଦଣ୍ଡାର ଚଉପଟ କାମ ଜାରି



### ରଥ ନିର୍ମାଣର ସମୀକ୍ଷା କଲେ ମୁଖ୍ୟ ପ୍ରଶାସକ

ପୁରୀ,୨୬।୫(ସମିସ): ରଥ ଖଳରେ ଚାଲିଛି ତିନିରଥ ନିର୍ମାଣ। ପାଞ୍ଚ ଦଣ୍ଡାର ଆଗ ଆଣି ଏବଂ ପଛ ଆଣି ମୁହାଁଟ ସଂଯୋଗ ହେବ। ଉଭୟ ପାର୍ଶ୍ୱରେ ୬ଟି ଲେଖାଏଁ କୁଡୁକା ସଂଯୋଗ ହୋଇ ଖଞ୍ଜାଯିବ ପାର୍ଶ୍ୱ ଦଣ୍ଡା। ଏହାପରେ ପାଞ୍ଚ ଦଣ୍ଡା ପ୍ରତି କୋଣରେ ୪ଟି ଲେଖାଏଁ ଗୁଜ, ଆସୁଆରି ଉଠି, ଗୁଜ ଏବଂ ଆସୁଆରି ଉପରେ ଉପର ମୁହାଁଟି ସଂଯୋଗ ହୋଇ ରଥର ଫ୍ରେମ୍ ପ୍ରସ୍ତୁତ ହେବ। ରଥ ଖଳା ପାର୍ଶ୍ୱରେ କରତୀ ସେବକମାନେ ନନ୍ଦିଘୋଷ ରଥ ପୋଲ ଗୟଳର ଚିରଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ରୂପକାର ସେବକମାନେ ତିନିରଥର ୩୩ଟି ସାଲ ଗୁଜର ରୂପ ଖୋଦେଇ କାର୍ଯ୍ୟ ଶେଷ କରି ତିନିରଥର ୮ଟି ଲେଖାଏଁ ତୀଖ ଗୁଜରେ ସିଂହ ବିରଳ ରୂପ ଖୋଦେଇ ସହ ପଲିସ୍ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନିରଥର ଦଣ୍ଡା କଣ୍ଟା, ଗରଗରା କଣ୍ଟା ନିର୍ମାଣ ଶେଷ କରି ଗୟଳ କଣ୍ଟା, ନଦା କଣ୍ଟା ନିର୍ମାଣ କରୁଛନ୍ତି। ମହାପ୍ରଭୁଙ୍କ ରଥ ନିର୍ମାଣ ରଥ ଖଳାରେ ଜାରି ରହିଥିବାବେଳେ ମଙ୍ଗଳବାର ଅପରାହ୍ଣରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ରଥ ଖଳାକୁ ଯାଇ ରଥ ନିର୍ମାଣ କାର୍ଯ୍ୟ ତଦାରଖ କରିଛନ୍ତି। ତେବେ ବାହାର ରଥ ଖଳାରେ ଚାଲିଥିବା ରଥ ନିର୍ମାଣ କାର୍ଯ୍ୟର ଅଗ୍ରଗତିକୁ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ନିର୍ମାଣ କାର୍ଯ୍ୟ ଚାଲୁଥିବାବେଳେ ଜନସାଧାରଣ ତଥା ନିର୍ମାଣକାରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇଛନ୍ତି ମୁଖ୍ୟ ପ୍ରଶାସକ। ନିର୍ମାଣ କାର୍ଯ୍ୟସ୍ଥଳକୁ ଯେପରି କୌଣସି ବାହାର ବ୍ୟକ୍ତିବିଶେଷ ପ୍ରବେଶ ନ କରନ୍ତି ଧ୍ୟାନ ଦେବା ସହ ନିର୍ମାଣ କାର୍ଯ୍ୟ ପାଇଁ ନିର୍ମାଣସ୍ଥଳକୁ କାଠ ସରଞ୍ଜାମ ଆସୁଥିବାବେଳେ ସତର୍କତାର ସହ ସୁରକ୍ଷା ବ୍ୟବସ୍ଥା ନେଇ କାର୍ଯ୍ୟ ସମ୍ପାଦନ କରିବାକୁ ଗୁରୁତ୍ୱ ଦେଇଛନ୍ତି। ସେହିପରି ଦୋଳବେଦୀ କମାରଶାଳ ପରିଦର୍ଶନରେ ଯାଇ ଓଝା କମାର ସେବକମାନେ କେଉଁ କେଉଁ କଣ୍ଟା ପ୍ରସ୍ତୁତ ଶେଷ ହୋଇଛି ବୁଝିବା ସହ ରଥ ନିର୍ମାଣ ପାଇଁ ଆବଶ୍ୟକଠାରୁ କିଛି ଅଧିକ କଣ୍ଟା ନିର୍ମାଣ କରି ମହଜୁଦ ରଖିବାକୁ ପରାମର୍ଶ ଦେଇଛନ୍ତି।

# ରଥଯାତ୍ରାରେ ଇସ୍କନକୁ ବିରୋଧ ହେବ

ପୁରୀ,୨୬।୫(ସମିସ): ଅଦିନିଆ ରଥଯାତ୍ରାକୁ ନେଇ ଇସ୍କନ ବାରମ୍ବାର ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଆଘାତ ପହଞ୍ଚାଉଛି। ଶ୍ରୀମନ୍ଦିର ପ୍ରଶାସନ, ଗଜପତି ଓ ଶଙ୍କରାଚାର୍ଯ୍ୟ ଯେତେ ଯାହା ଆଲୋଚନା କଲେ ଏବଂ ଚିଠି ଲେଖିଲେ ମଧ୍ୟ ସେମାନେ ବିଭିନ୍ନ ସମୟରେ ଅମାନିଆ ହେଉଛନ୍ତି। ନିକଟରେ ଲଣ୍ଡନଠାରେ ଅନୁଷ୍ଠିତ ଅଦିନିଆ ରଥଯାତ୍ରା, ବିଶ୍ୱଦେବତା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ସିଧାସଳଖ ଅପମାନିତ କରୁଛି। ତେଣୁ ଆସନ୍ତା ରଥଯାତ୍ରାରେ ଇସ୍କନର ବିଭିନ୍ନ କାର୍ଯ୍ୟକ୍ରମକୁ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ଓଡ଼ିଶା ପକ୍ଷରୁ ତୀବ୍ର ବିରୋଧ କରାଯିବ ବୋଲି ଘୋଷଣା କରିଛନ୍ତି ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର। ସରକାର, ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନର ବାରମ୍ବାର ତାଗିଦ୍ ସତ୍ତ୍ୱେ ଇସ୍କନ ଶୁଣୁନାହିଁ। ଗତ ରଥଯାତ୍ରାରେ ଇସ୍କନ ସହଯୋଗରେ ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହାକୁ କାହିଁକି ଅନୁମତି ଦିଆଯାଉଛି ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି। ରଥଯାତ୍ରାରେ ଓଡ଼ିଶାର ଶତାଧିକ ଅନୁଷ୍ଠାନ ଖାଦ୍ୟ ବଣ୍ଟନ କରନ୍ତି। ସେମାନଙ୍କ ପାଇଁ ଏ ବର୍ଷ ସରକାର ଅଙ୍କୁଶ ଲଗାଇଥିବାବେଳେ କିପରି ଇସ୍କନକୁ ଅନୁମତି ଦିଆଯିବ ସେ ନେଇ ପ୍ରଶ୍ନ କରିଛନ୍ତି। ଯଦି ସରକାର କିଛି ପଦକ୍ଷେପ ନ ନିଅନ୍ତି ତେବେ ସଂଗଠନ ଅଦାଲତକୁ ଯିବ ବୋଲି କହିଛନ୍ତି।

# ବ୍ରିକ୍ସ ସମ୍ମିଳନୀ ପାଇଁ ପ୍ରଶାସନର ପ୍ରସ୍ତୁତି

ପୁରୀ,୨୬।୫(ସମିସ): ପ୍ରଥମଥର ପାଇଁ ଓଡ଼ିଶା ତଥା ପୁରୀରେ ଅନୁଷ୍ଠିତ ହେବାକୁ ଯାଉଛି ବ୍ରିକ୍ସ ସମ୍ମିଳନୀ। ହୋଟେଲ ତାଜ୍‌ରେ ଜୁନ୍ ୩ରୁ ୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏଭଳି ଏକ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ କିପରି ସଫଳତାର ସହ ଶେଷ ହେବ ସେଥିଲାଗି ଜିଲ୍ଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଦେଇଛି। ବ୍ରିକ୍ସ ସଦସ୍ୟଙ୍କ ପାଇଁ ଆତିଥ୍ୟତା ଓ ସୁରକ୍ଷାକୁ ଦିଆଯିବ ଗୁରୁତ୍ୱ। ଉକ୍ତ ସ୍ଥାନରେ ଟ୍ରାଫିକ୍ ସୁପରିଚାଳନା, ସାଧାରଣ ଲୋକଙ୍କ ଯାତାୟାତ ପାଇଁ ବ୍ୟବସ୍ଥା କରାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କଟକଣା ନ ଥିବା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଛନ୍ତି। ବିଶ୍ୱ ବିପର୍ଯ୍ୟୟ ପରିଚାଳନା ସୂତ୍ର ପାଇଁ ପୁରୀରେ ହେବ ବ୍ରିକ୍ସ ରାଷ୍ଟ୍ର ସମୂହର ବୈଠକ। ବ୍ରିକ୍ସ ରିଡକ୍ସନ ୱାର୍କିଂ ଗ୍ରୁପ୍‌ର ଦ୍ୱିତୀୟ ବୈଷୟିକ ସମ୍ମିଳନୀରେ ବ୍ରାଜିଲ୍, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଚାଇନା, ଇରାନ, ରୁଷିଆ, ସାଉଦି ଆରବ ଆଦି ଦେଶରେ ପ୍ରତିନିଧି ଯୋଗଦେବେ। ଓଡ଼ିଶାକୁ ପ୍ରଥମଥର ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ବୈଷୟିକ ବୈଠକର ଆୟୋଜନ ଭାବେ ଚୟନ କରାଯାଇଛି। ବିପର୍ଯ୍ୟୟ ପରିଚାଳନା, ପ୍ରତିରୋଧ କ୍ଷମତା ବୃଦ୍ଧି ସମ୍ପର୍କରେ ହେବ ଆଲୋଚନା। ତେବେ ଏଥିପାଇଁ ପୁରୀରେ ପ୍ରସ୍ତୁତି ଆରମ୍ଭ ହୋଇଛି। ସୁରକ୍ଷା, ସ୍ୱଚ୍ଛତା ତଥା ଆତିଥେୟତାକୁ ଗୁରୁତ୍ୱ ଦିଆଯାଇଛି। ସମ୍ମିଳନୀରେ ଯୋଗଦେବାକୁ ଥିବା ସମସ୍ତ ଦେଶର ପ୍ରତିନିଧିମାନଙ୍କ ଆତିଥେୟତା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି ବୋଲି ଜିଲ୍ଲାପାଳ ଶ୍ରୀ ପରିଡ଼ା କହିଛନ୍ତି। ଅନ୍ୟପକ୍ଷରେ ପୁଲିସ ବିଭାଗ ମଧ୍ୟ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଇଛି। ହୋଟେଲ ତାଜ୍ ରିସର୍ଟ ଆଖାପଖ ଅଞ୍ଚଳକୁ ସୁରକ୍ଷା ବଳୟରେ ରଖାଯିବ। ପ୍ରୋଟୋକଲ ଅନୁଯାୟୀ ପ୍ରତିନିଧି ଅତିଥିମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ। ଏଥିପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଉଛି ବୋଲି ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି।

# ୧୫୭ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ; ମହିଳାଙ୍କ ସମେତ ୨ ଗିରଫ

ପୁରୀ,୨୬।୫(ସମିସ): ପୁରୀ ଜିଲ୍ଲାରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ଉ କରାଯାଉଛି। ବେଆଇନ ନିଶାଦ୍ରବ୍ୟ ଜବତ ହେଉଥିବାବେଳେ ଏହି ବେଆଇନ କାରବାରରେ ଜଡ଼ିତ ଅଭିଯୁକ୍ତ ବି ଗିରଫ ହେଉଛନ୍ତି। ତଥାପି ବେଆଇନ ନିଶା କାରବାରର ମାତ୍ରା କମୁନାହିଁ। ବିଶେଷକରି ଗଞ୍ଜେଇ ଏବଂ ବ୍ରାଉନ୍‌ସୁଗର କାରବାର ବଢୁଛି। ଏହି କ୍ରମରେ ମଙ୍ଗଳବାର ଅବକାରୀ ବିଭାଗକୁ ମିଳିଛି ସଫଳତା। ଦୁଇଟି ମାମଲାରେ ମୋଟ୍ ୧୫୭ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିଥିବାବେଳେ ଜଣେ ମହିଳାଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ବ୍ରହ୍ମଗିରି ଥାନା ଅନ୍ତର୍ଗତ ଭଗବାନପୁରର ଅବକାରୀ ପୁଲିସ ୬୬ ଗ୍ରାମ୍ ବ୍ରାଉନ୍‌ସୁଗର (ଆନୁମାନିକ ମୂଲ୍ୟ ୭ଲକ୍ଷ ଟଙ୍କା) ଜବତ କରିଥିବା ବେଳେ ପ୍ରେମଲତା ସେଠୀଙ୍କୁ ଗିରଫ କରିଛି। ଏ ନେଇ ଏକ ମାମଲା ରୁଜୁ କରାଯାଇଛି। ସେହିପରି କୁମ୍ଭାରପଡ଼ା ଥାନା ତଳନୂଆସାହିର ଓମ୍ ପ୍ରକାଶ ରାଓଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କଠାରୁ ୯୦ ଗ୍ରାମ୍ (ଆନୁମାନିକ ମୂଲ୍ୟ ପ୍ରାୟ ୧୦ଲକ୍ଷ ଟଙ୍କା) ବ୍ରାଉନ୍‌ସୁଗର ଜବତ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ କରିଛି ଅବକାରୀ ପୁଲିସ।

# ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବିଚ୍‌ରେ ଏଟିଭି ପାଟ୍ରୋଲିଂ

ପୁରୀ,୨୬।୫(ସମିସ): ପର୍ଯ୍ୟଟକମାନଙ୍କ ସୁରକ୍ଷା, ଆଇନଶୃଙ୍ଖଳା ରକ୍ଷା ଏବଂ ପୁରୀ ବେଳାଭୂମିରେ ଶାନ୍ତିପୂର୍ଣ୍ଣ ପରିବେଶ ବଜାୟ ରଖିବା ଉଦ୍ଦେଶ୍ୟରେ ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶରେ ବିଚ୍ ପାଟ୍ରୋଲିଂ ଅଭିଯାନ କରାଯାଇଥିଲା। ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଏହି ପାଟ୍ରୋଲିଂ ଅଭିଯାନରେ ସମୁଦ୍ରକୂଳ ଥାନାଧିକାରୀ ମାନସ ଚକ୍ର, ଟାଉନ୍ ଥାନାଧିକାରୀ ଗୋକୁଳ ରଞ୍ଜନ ଦାସ, ଟ୍ରାଫିକ୍ ଆଇଆଇସି ସଙ୍ଗୀତା ଦାଶ, ବଳିଆପଣ୍ଡା ଥାନାଧିକାରୀ ସୁନୀଲ ଯାଦବ ଏବଂ ତାଳବଣିଆ ଥାନାଧିକାରୀ ଅଭିନବ ମିଶ୍ରଙ୍କ ସହ ଅନ୍ୟ କର୍ମଚାରୀ ସାମିଲ୍ ହୋଇଥିଲେ। ପୁରୀ ବେଳାଭୂମିକୁ ପ୍ରତିଦିନ ହଜାର ହଜାର ଭକ୍ତ, ପର୍ଯ୍ୟଟକ ଆସିଥା'ନ୍ତି। ବିଶେଷକରି ସନ୍ଧ୍ୟା ଓ ରାତ୍ରି ସମୟରେ ବେଳାଭୂମିରେ ଗହଳି ହେଉଥିବାରୁ ସେଠାରେ ଅପରାଧମୂଳକ କାର୍ଯ୍ୟକଳାପ, ଅସାମାଜିକ ତତ୍ତ୍ୱଙ୍କ ଗତିବିଧି, ଅସଦାଚରଣ ଓ ଅନ୍ୟାନ୍ୟ ଅପ୍ରୀତିକର ଘଟଣାକୁ ରୋକିବା ନିମନ୍ତେ ଏହି ସ୍ୱତନ୍ତ୍ର ପାଟ୍ରୋଲିଂ କରାଯାଇଥିଲା। ଏହି ସମୟରେ ପୁଲିସ ଅଧିକାରୀମାନେ ବେଳାଭୂମିର ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ବୁଲିଥିଲେ। ବିଶେଷଭାବେ ଏଟିଭି ଯାନ ମାଧ୍ୟମରେ ପାଟ୍ରୋଲିଂ ଫଳରେ ପୁଲିସ ଭିଡ଼ ଜାଗାରେ ଶୀଘ୍ର ପହଞ୍ଚି ପର୍ଯ୍ୟଟକମାନଙ୍କୁ ସୁରକ୍ଷା ଓ ସହାୟତା ପ୍ରଦାନ କରିପାରୁଛି। ଏହି ସମୟରେ ଅଧିକାରୀମାନେ ପର୍ଯ୍ୟଟକମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା, ଅଭିଯୋଗ ଓ ମତାମତ ଶୁଣିଥିଲେ। ପର୍ଯ୍ୟଟକମାନଙ୍କୁ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ସଚେତନତାମୂଳକ ପରାମର୍ଶ ମଧ୍ୟ ଦିଆଯାଇଥିଲା। ବିଶେଷତଃ ରାତି ସମୟରେ ସତର୍କ ରହିବା, ଅଜଣା ବ୍ୟକ୍ତିଙ୍କ ସହ ଅତ୍ୟଧିକ ସମ୍ପର୍କ ନ ରଖିବା, ମୂଲ୍ୟବାନ ସାମଗ୍ରୀ ସୁରକ୍ଷିତ ଭାବେ ରଖିବା, ଶିଶୁମାନଙ୍କୁ ଏକାକି ନ ଛାଡ଼ିବା, ସମୁଦ୍ରର ବିପଜ୍ଜନକ ଅଞ୍ଚଳକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଥିଲା। ସେଥିସହ ସମୁଦ୍ରରେ ସ୍ନାନ ସମୟରେ ଲାଇଫ୍‌ଗାର୍ଡ ଏବଂ ସତର୍କତା ସୂଚନାକୁ ମାନିବାକୁ ମଧ୍ୟ ସଚେତନ କରାଯାଇଥିଲା। ଏହାସହ ବେଳାଭୂମିରେ ଥିବା ଦୋକାନୀ, ହୋଟେଲ ବ୍ୟବସାୟୀ ଏବଂ ସ୍ଥାନୀୟ ଲୋକଙ୍କୁ ମଧ୍ୟ ସନ୍ଦେହଜନକ ବ୍ୟକ୍ତି କିମ୍ବା ଅସାମାଜିକ ଗତିବିଧି ଦେଖିଲେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ ଅନୁରୋଧ କରାଯାଇଥିଲା। ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ଓ ସହଯୋଗ ବଢ଼ାଇ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜଭୁତ କରିବା ପାଇଁ ଏହି ପ୍ରୟାସ କରାଯାଇଛି। ପୁଲିସ ଦ୍ୱାରା ବେଳାଭୂମିରେ ନିୟମିତ ପାଟ୍ରୋଲିଂ, ମୋବାଇଲ ଭ୍ୟାନ୍ ମୁତୟନ ଜାରି ରହିଛି। ପର୍ଯ୍ୟଟକମାନେ ପୁଲିସର ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ। ପୁଲିସର ସକ୍ରିୟ ଉପସ୍ଥିତି ଦ୍ୱାରା ସେମାନେ ଅଧିକ ସୁରକ୍ଷିତ ଅନୁଭବ କରୁଥିବା କହିଥିଲେ।

● ଶୃଙ୍ଖଳିତ ରଥଯାତ୍ରାକୁ ଗୁରୁତ୍ୱ

# ଗୁଣ୍ଡିଚା ମନ୍ଦିର ନିକଟରେ ହେବ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର

ପୁରୀ,୨୬।୫(ସମିସ): ଆଗକୁ ରଥଯାତ୍ରା। ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରା ଦେଖିବା ଲାଗି ପୁରୀକୁ ଲକ୍ଷ ଲକ୍ଷ ଭକ୍ତ ଆସିବେ। ତେଣୁ ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରି ଏକ ଭଲ ଅନୁଭୂତି ନେଇ ଫେରିବେ ତା' ଉପରେ ଗୁରୁତ୍ୱ ଦେଉଛି ପ୍ରଶାସନ। ଗତବର୍ଷ ରଥଯାତ୍ରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବିବାଦପୂର୍ଣ୍ଣ ରହିଥିଲା। ଏପରି କି, ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦଳାଚକଟା ହୋଇ ୩ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାର ଯେଭଳି ପୁନରାବୃତ୍ତି ନ ହୁଏ ସେଥିପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଯଥେଷ୍ଟ ପୂର୍ବରୁ ବ୍ୟାପକ ପଦକ୍ଷେପ ନେଉଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଦଇତାପତି ନିଯୋଗ ସଭାପତି ଓ ସମ୍ପାଦକଙ୍କ ସହ ଜିଲ୍ଲାପାଳଙ୍କ ବୈଠକ ହୋଇଛି। ଆଗାମୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା, ବିଶେଷକରି ସ୍ନାନ ପୂର୍ଣ୍ଣମୀଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଶୃଙ୍ଖଳିତ ନୀତିକାନ୍ତି, ଭକ୍ତଙ୍କ ଦର୍ଶନ ଉପରେ ଗୁରୁତ୍ୱାରୋପ କରିଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ସେହିପରି ରଥ ଉପରେ ଶ୍ରୀବିଗ୍ରହଙ୍କ ପହୁଡ଼ ହେଲେ ଡାକବାଜି ଯନ୍ତ୍ର ଯୋଗେ ସୂଚନା ଦିଆଯିବ। ଏଥିସହ ସହରର ବିଭିନ୍ନ ସ୍ଥାନରେ ୮୦ରୁ ଊର୍ଦ୍ଧ୍ୱ ଏଲ୍‌ଇଡି ସ୍କ୍ରିନ୍ ଯୋଗେ ସୂଚନା ପ୍ରଦାନ କରାଯିବ। ସବୁ ବିଭାଗକୁ ନେଇ ଗୁଣ୍ଡିଚା ମନ୍ଦିର ନିକଟରେ ହେବ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର। ସିଙ୍ଗଲ୍ ପ୍ରବେଶ ଓ ପ୍ରସ୍ଥାନ ରାସ୍ତା ରହିବ। ଗୁଣ୍ଡିଚା ମନ୍ଦିର ଭିତରେ ଦର୍ଶନ ପାଇଁ ରାମ୍ପ୍ ବ୍ୟବସ୍ଥା କରାଯିବ। ଏ ନେଇ ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ଗୁଣ୍ଡିଚା ମନ୍ଦିର ଉତ୍ତର ଦ୍ୱାର ପଟେ ଦର୍ଶନ ପାଇଁ ଚାରୋଟି ସ୍ୱତନ୍ତ୍ର ଧାଡ଼ି କରିବାକୁ ଦଇତାପତି ନିଯୋଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିବା ସେ କହିଛନ୍ତି।

# ଏସ୍‌ସିଏସ୍ କଲେଜ ପରୀକ୍ଷା ଫଳ ପ୍ରକାଶିତ

● ବୈଶାଖୀ ପ୍ରିୟଦର୍ଶିନୀ ଜେନା ଶ୍ରେଷ୍ଠ ସ୍ନାତକ
● କଳାରେ ଆଶୁତୋଷ, ବାଣିଜ୍ୟରେ ଲିପ୍‌ସିତା ପ୍ରଥମ

ପୁରୀ,୨୬।୫(ସମିସ): ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ) ସ୍ୱୟଂଶାସିତ ମହାବିଦ୍ୟାଳୟ ଶେଷ ବର୍ଷର ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ଫଳ ପ୍ରକାଶ ପାଇଛି। ୨୦୨୨-୨୩ ଶିକ୍ଷାବର୍ଷରେ ସ୍ନାତକ ଛାତ୍ରଛାତ୍ରୀଙ୍କ ପାସ୍‌ହାର ପୂର୍ବ ବର୍ଷଠାରୁ ସନ୍ତୋଷଜନକ ହୋଇଛି ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦ୍ୱିବେଦୀ କହିଛନ୍ତି। ମୋଟ ୯୯୯ ଜଣ ସ୍ନାତକ ପରୀକ୍ଷା ଦେଇଥିବାବେଳେ ୮୧୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ୍‌ହାର ରହିଛି ୮୧.୯୮ ପ୍ରତିଶତ। ଛାତ୍ରୀ ବୈଶାଖୀ ଜେନା ସର୍ବାଧିକ ୨୪୩୨ ନମ୍ବର ରଖି ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି। ସ୍ନାତକ କଳାରେ ପାସ୍‌ହାର ଗତବର୍ଷ ୮୦ ପ୍ରତିଶତରୁ କମ୍ ରହିଥିବାବେଳେ ଚଳିତବର୍ଷ ୮୩.୭୫ ପ୍ରତିଶତ ରହିଛି। ସ୍ନାତକ କଳାରେ ୫୫୪ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୩୭ ଜଣ ଡିଷ୍ଟିଙ୍କ୍‌ସନ ସହ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ନୃତତ୍ତ୍ୱ ବିଭାଗର ଛାତ୍ର ଆଶୁତୋଷ କର ୨୪୧୯ ନମ୍ବର ରଖି କଳାରେ ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି। ଚଳିତବର୍ଷ ବିଜ୍ଞାନ ସ୍ନାତକରେ ୨୬୬ ଜଣ ପରୀକ୍ଷା ଦେଇଥିବାବେଳେ ପାସ୍‌ହାର ୯୧.୮୯ ପ୍ରତିଶତ ରହିଛି। ଗଣିତ ଅନର୍ସରେ ଛାତ୍ରୀ ବୈଶାଖୀ ପ୍ରିୟଦର୍ଶିନୀ ଜେନା ୨୪୩୨ ମାର୍କ ରଖି ଶ୍ରେଷ୍ଠ ବିଜ୍ଞାନ ସ୍ନାତକ ହୋଇଛନ୍ତି। ବାଣିଜ୍ୟରେ ୧୭୯ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ୫୪ ଜଣ ଡିଷ୍ଟିଙ୍କ୍‌ସନ ସହ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଲିପ୍‌ସିତା ମହାରଣା ୨୨୭୩ ନମ୍ବର ରଖି ବାଣିଜ୍ୟରେ ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି। ଏଥିସହ ୨୦୨୪-୨୫ ଶିକ୍ଷାବର୍ଷରେ ନାମ ଲେଖାଇଥିବା ସ୍ନାତକୋତ୍ତର ଶିକ୍ଷାର୍ଥୀଙ୍କ ପରୀକ୍ଷା ଫଳ ପ୍ରକାଶ ପାଇଛି। ୧୭ଟି ବିଭାଗରେ ୩୩୪ ଜଣ ପରୀକ୍ଷା ଦେଇଥିବାବେଳେ ୨୭୫ ଜଣ ବିଦ୍ୟାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ମୋଟ ୮୨.୩ ପ୍ରତିଶତ ବିଦ୍ୟାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିସହ ଚାରି ବର୍ଷିଆ ବିଇଡି ପାଠ୍ୟକ୍ରମ, ଦୁଇ ବର୍ଷିଆ ବିଇଡି ପାଠ୍ୟକ୍ରମ, ଏମ୍‌ବିଏ ପାଠ୍ୟକ୍ରମର ମଧ୍ୟ ପରୀକ୍ଷା ଫଳ ପ୍ରକାଶ ପାଇଛି। ସ୍ନାତକୋତ୍ତର ବାଣିଜ୍ୟ ପାଠ୍ୟକ୍ରମର ଏଫ୍‌ସି ଫଳାଫଳ ମଧ୍ୟ ପ୍ରକାଶ ପାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦ୍ୱିବେଦୀ କହିଛନ୍ତି, ଗତବର୍ଷ ଅପେକ୍ଷା ଚଳିତ ବର୍ଷ କୃତକାର୍ଯ୍ୟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢ଼ିଛି। ମେଧାବୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ମହାବିଦ୍ୟାଳୟର ୱେବ୍‌ସାଇଟ୍‌ରୁ ପରୀକ୍ଷା ଫଳାଫଳ ଦେଖିବା ପାଇଁ ପରୀକ୍ଷା ନିୟନ୍ତ୍ରକ ଡ. ଗୁରୁଚରଣ ନାୟକ ସୂଚନା ଦେଇଛନ୍ତି।

ନୂଆରୂପ ନେଉଛି ଗୁଣ୍ଡିଚା ମନ୍ଦିର

# ଉନ୍ନତିମୂଳକ କାମର ତଦାରଖ କଲେ ମୁଖ୍ୟ ପ୍ରଶାସକ



ପୁରୀ,୨୬।୫(ସମିସ): ନୂଆରୂପ ନେଉଛି ମହାପ୍ରଭୁଙ୍କ ଆଡ଼ପ ମଣ୍ଡପ ଗୁଣ୍ଡିଚା ମନ୍ଦିର। ଚଳିତ ରଥଯାତ୍ରା ପୂର୍ବରୁ ଗୁଣ୍ଡିଚା ମନ୍ଦିରର ନୂଆରୂପ ଦେଖିବେ ଶ୍ରଦ୍ଧାଳୁ। ତେବେ ଚାଲିଥିବା କାମର ସ୍ଥିତି କ'ଣ ଏବଂ ଆଉସବୁ କ'ଣ କାମ ବାକିରହିଛି ସେ ସବୁର ଅନୁଧ୍ୟାନ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ମଙ୍ଗଳବାର ପୂର୍ବାହ୍ଣରେ ବରିଷ୍ଠ ଅଧିକାରୀମାନଙ୍କ ସହ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରି ଚାଲିଥିବା କାର୍ଯ୍ୟର ତଦାରଖ କରିଛନ୍ତି। ମନ୍ଦିର ପରିସରରେ ପାଚେରି ନିର୍ମାଣ କାମ ଦ୍ରୁତ ଗତିରେ ଚାଲିଛି। ତିନିପାର୍ଶ୍ୱ ପାଚେରିରେ ଖଣ୍ଡୋଲାଇଟ୍ ଆଚ୍ଛାଦିତ କରାଯାଉଛି। ଉତ୍ତର ପାର୍ଶ୍ୱରେ ଥିବା ପୁରୁଣା ଗୁମୁଟକୁ ଭାଙ୍ଗି ସେଠାରେ ନୂଆ ଗୁମୁଟ ନିର୍ମାଣ କରାଯାଉଛି। ମନ୍ଦିର ଭିତରେ ତୁଣିଆ ମହଲ, ବଲ୍ଲଭ ଘର, ରୋଷଶାଳା କାମ ଚାଲିଛି। ଭିତର ଚକଡ଼ାର ପଥର ବଦଳାଯାଇ ନୂଆ ପଥର ଲଗାଯାଉଥିବା ବେଳେ ଅନ୍ୟାନ୍ୟ ନବୀକରଣ କାମ ଚାଲିଛି। ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ପାଚେରି କାମ, ନୂଆ ଗୁମୁଟ ନିର୍ମାଣ ସମେତ ମନ୍ଦିର ଭିତରେ ଚାଲିଥିବା ନବୀକରଣ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ସବୁ କାମର ଗୁଣବତ୍ତା ଓ ସମୟସୀମା ଉପରେ ଗୁରୁତ୍ୱ ଦେଇଛନ୍ତି।

ଅନ୍ୟପକ୍ଷରେ ଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ଦର୍ଶନ ପ୍ରାୟ ୬ ବର୍ଷ ହେବ ବନ୍ଦ ରହିଛି। ରଥଯାତ୍ରା ସମୟରେ ମହାପ୍ରଭୁ ଆଡ଼ପ ମଣ୍ଡପରେ ବିଜେ କଲାବେଳେ କେବଳ ୯ ଦିନ ପାଇଁ ଭକ୍ତମାନେ ଦର୍ଶନ କରିପାରୁଛନ୍ତି। ବାକି ସମୟରେ ଶ୍ରଦ୍ଧାଳୁଙ୍କୁ ମନ୍ଦିର ଭିତରକୁ ପ୍ରବେଶ ଅନୁମତି ମିଳୁନାହିଁ। ବର୍ଷତମାମ ଗୁଣ୍ଡିଚା ମନ୍ଦିର ଖୋଲିବା ପାଇଁ ବିଭିନ୍ନ ସଂଗଠନ, ସେବାୟତ ଓ ଭକ୍ତମାନେ ଦୀର୍ଘଦିନ ଧରି ଦାବି କରିଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ଗୁଣ୍ଡିଚା ମନ୍ଦିର ଖୋଲିବା ପାଇଁ ଏସ୍‌ଓପି ପ୍ରସ୍ତୁତ ସରିଛି। ଯେହେତୁ ଉନ୍ନତୀକରଣ କାମ ଚାଲିଛି ତେଣୁ ଏହା ସରିବା ପରେ ଏବଂ ସୁରକ୍ଷା ଦୃଷ୍ଟିରୁ ସବୁକିଛି ଠିକ୍ ଅଛି ବୋଲି ନିଶ୍ଚିତ ହେଲେ ଖୋଲିବା ବ୍ୟବସ୍ଥା ହେବ। ଏ ନେଇ ଶ୍ରୀମନ୍ଦିର ପରିଚାଳନା କମିଟି ଏବଂ ସେବାୟତ ନିଯୋଗ ସହ ପରାମର୍ଶ ପରେ ଖୋଲାଯିବ। ଏତଦ୍‌ବ୍ୟତୀତ ଶରଧାବାଲିର ମଧ୍ୟ ଉନ୍ନତୀକରଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ତେବେ ମୁଖ୍ୟ ପ୍ରଶାସକଙ୍କ ମନ୍ତବ୍ୟରୁ ଯାହା ଜଣାପଡୁଛି ନୀଳାଦ୍ରି ବିଜେ ପରେ ହିଁ ଭକ୍ତଙ୍କ ପାଇଁ ଖୋଲିପାରେ ଗୁଣ୍ଡିଚା ମନ୍ଦିର।

ଯୁବକଙ୍କ ତଣ୍ଟି କାଟି ହତ୍ୟା ମାମଲା

# ୭ ଅଭିଯୁକ୍ତ ଗିରଫ; ଅନ୍ୟଙ୍କୁ ଖୋଜୁଛି ପୁଲିସ





ପୁରୀ,୨୬।୫(ସମିସ): ବ୍ରହ୍ମଗିରି ବ୍ଲକ୍ ବାଲିହରଚଣ୍ଡୀ ମନ୍ଦିର ନିକଟ କାଜୁ ଜଙ୍ଗଲରେ ଗତ ୨୪ ତାରିଖ ସନ୍ଧ୍ୟାରେ ଜଣେ ଯୁବକଙ୍କୁ ତଣ୍ଟି କାଟି ହତ୍ୟା କରାଯାଇଥିଲା। ମୃତକ ହେଲେ ଜଗନ୍ନାଥପାଟଣା ଗାଁର ଲିପୁ ଜେନା। ଏହି ବୀଭତ୍ସ ହତ୍ୟାକାଣ୍ଡ ମାମଲାରେ ସଦର ଥାନା ପୁଲିସ ୭ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ନରସିଂହପାଟଣାର ଅମିୟ ମାଣିଆ, ମଣ୍ଟୁ ଦାସ, ଦିବାକର ଦାସ, ଶାନ୍ତନୁ ଭୋଇ, ପ୍ରଶାନ୍ତ ସେଠୀ, ରାକେଶ ବେହେରା ଓ ସନ୍ତୋଷ ଦାସ ବୋଲି ମଙ୍ଗଳବାର ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ପ୍ରତୀକ୍ ସିଂ। ହତ୍ୟାକାଣ୍ଡ ସମ୍ପର୍କରେ ଏସ୍‌ପି ଶ୍ରୀ କହିଛନ୍ତି, କାଜୁ ଜଙ୍ଗଲକୁ ନେଇ ନରସିଂହପାଟଣା ଓ ଜଗନ୍ନାଥ ପାଟଣା ଗାଁ ମଧ୍ୟରେ ବିବାଦ ଲାଗି ରହିଥିଲା। କିନ୍ତୁ ମୃତକ ଲିପୁ ଓରଫ କାଳୁ ଜେନା ସହ ଅଭିଯୁକ୍ତଙ୍କ ମଧ୍ୟରେ ପୂର୍ବରୁ ବିଭିନ୍ନ ସମୟରେ ବିବାଦ ଓ କଥା କଟାକଟି ହୋଇଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କ ଭିତରେ ଆପୋଷ ସମାଧାନ ହୋଇଥିଲା। ଘଟଣା ଦିନ ଅଭିଯୁକ୍ତମାନେ କାଜୁ ଜଙ୍ଗଲ ନିକଟ ଏକ ଜାଗାରେ ବସିଥିଲେ। ସେହି ବାଟଦେଇ ଲିପୁ ଯାଉଥିବାବେଳେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଓ ପାଟିତୁଣ୍ଡ ହୋଇଥିଲା। ଲିପୁ ସେମାନଙ୍କୁ କମେଣ୍ଟ ମାରିଥିଲେ। ପାଟିତୁଣ୍ଡ ପରେ ଲିପୁ ପଳାଇଯାଇଥିଲେ। ସେ ଫେରିଲେ ତାଙ୍କୁ ଆକ୍ରମଣ କରିବା ଲାଗି ଅଭିଯୁକ୍ତମାନେ ଯୋଜନା କରିଥିଲେ। ଲିପୁ ଘରକୁ ଫେରୁଥିବାବେଳେ ୧୦ ଜଣ ଅଭିଯୁକ୍ତ ତାଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିଲେ। ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ବ୍ରହ୍ମଗିରି, ସଦର ଥାନା ପୁଲିସ ସହ ଏସ୍‌ଡିପିଓ ଓ ଅତିରିକ୍ତ ଏସ୍‌ପି ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏକ ସ୍ୱତନ୍ତ୍ର ଟିମ୍ ଚଢ଼ଉ କରି ୨୪ ଘଣ୍ଟା ମଧ୍ୟରେ ୭ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଏସ୍‌ପି କହିଛନ୍ତି। ଅଭିଯୁକ୍ତଙ୍କଠାରୁ ଗୋଟିଏ ଛୁରି, ଲୁହା ରଡ୍, ବିୟର ବୋତଲ, ୩ଟି ମୋବାଇଲ୍ ଫୋନ୍, ୬ଟି ମୋଟର ସାଇକଲ ଜବତ କରାଯାଇ ତଦନ୍ତ ଚାଲିଛି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ପୁଲିସ ପକ୍ଷରୁ ଚଢ଼ଉ କରାଯାଉଛି। ଆବଶ୍ୟକ ହେଲେ ଗିରଫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ। ତେବେ ତଦନ୍ତ ସମ୍ପୂର୍ଣ୍ଣ ହେଲା ପରେ ଚାର୍ଜଶିଟ୍ ଦାଖଲ କରାଯିବ। ହତ୍ୟା ଘଟଣାର ସମସ୍ତ ତଥ୍ୟ, ପ୍ରମାଣ ସଂଗ୍ରହ କରାଯାଇଛି। ଉଭୟ ଗାଁରେ ଭୟର ବାତାବରଣ ଥିବାରୁ ପୁଲିସ ମୁତୟନ କରାଯାଇଛି ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି।

**ଜଳ ଯୋଗାଣର କରୁଣ ଚିତ୍ର**

# ଖାଲି ପଡ଼ିଛି ଉଚ୍ଚ ଟାଙ୍କି; ଭଗ୍ନ ଅବସ୍ଥାରେ ପାଣି ଟ୍ୟାପ୍

ବାରିକପୁର,୨୬।୫(ସମିସ)

ତହ ତହ ଖରା ଝାଞ୍ଜିକୁ ବୃଦ୍ଧି ପାଉଛି ପ୍ରବଳ ଗ୍ରୀଷ୍ମ ପ୍ରବାହ। ଅନେକ ସ୍ଥାନରେ ସୃଷ୍ଟି ହୋଇଛି ଉତ୍କଟ ପାନୀୟ ଜଳ ସଙ୍କଟ। ଠିକ୍ ଏତିକି ବେଳେ ଭଣ୍ଡାରିପୋଖରୀ ଅଞ୍ଚଳରେ ପାନୀୟ ଜଳଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଦିଗହରା ହୋଇଥିବା ବେଳେ ବିଭିନ୍ନ ପ୍ରକଳ୍ପର ନବୀକରଣ ତଥା ମରାମତି କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଛି। ଗ୍ରୀଷ୍ମ ଜନିତ ଜଳ ସଙ୍କଟ ଏଡ଼ାଇବାକୁ ସରକାର ଗୁରୁତ୍ୱ ଦେଉଥିବାବେଳେ ପ୍ରତ୍ୟେକ ବର୍ଷ କିନ୍ତୁ ଏଠାରେ ସମସ୍ୟା ଲାଗିରହିଛି। କୋଟିକୋଟି ଟଙ୍କା ଖର୍ଚ୍ଚ ହୋଇ ଜଳଯୋଗାଣ ପ୍ରକଳ୍ପମାନ ନିର୍ମାଣ ହୋଇଥିଲେ ସୁଦ୍ଧା ସେଗୁଡ଼ିକ କେବେ କାର୍ଯ୍ୟକାରୀ ହେବ ତାକୁ ନେଇ ଅନିଶ୍ଚିତତା ଦେଖାଦେଇଛି।

ସୂଚନା ମୁତାବକ, ଗ୍ରାମାଞ୍ଚଳରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ବ୍ଲକ୍‌ର ଆଖୁଆପଦା ବୈତରଣୀ ଆନିକଟଠାରେ ପ୍ରାୟ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇ ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲେ ମଧ୍ୟ ତାହା ଏଯାଏଁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇପାରି ନାହିଁ। ଆନିକଟଠାରେ







କେବଳ ଜଳ ବିଶୁଦ୍ଧୀକରଣ ଗୃହ ଓ ପ୍ରକଳ୍ପ ନିର୍ମାଣ ତଥା ପରିଚାଳନା ଦାୟିତ୍ୱ ନେଇଥିବା କମ୍ପାନୀ କାର୍ଯ୍ୟାଳୟ ନିର୍ମାଣ ହୋଇ ବିଭିନ୍ନ ସ୍ଥାନକୁ ପାଇପ୍ ବିଛାଯାଇଛି। ଦୀର୍ଘ ବର୍ଷ ବିତିଯାଇଥିଲେ ସୁଦ୍ଧା କାର୍ଯ୍ୟ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବା ବେଳେ ପ୍ରକଳ୍ପ ନାଁରେ ନଦୀରୁ ପାଣି ଆସି ଆଖପାଖ ନାଳରେ ବୋହିଯାଉଛି। ନାମକୁ ମାତ୍ର ସରକାରୀ ଖାତା କଲମରେ ପ୍ରକଳ୍ପ ଚାଲୁଥିବା ଦର୍ଶାଯାଇ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ହେଉଥିବାବେଳେ ବିଭାଗୀୟ ଅଧିକାରୀଙ୍କ ସ୍ୱଚ୍ଛତାକୁ ନେଇ ଉଠିଛି ବଡ଼ ପ୍ରଶ୍ନବାଚୀ। କାମ ତଦାରଖ କରୁଥିବା ବିଭାଗର ଯନ୍ତ୍ରୀମାନେ ପ୍ରକଳ୍ପ ଚଲାଇବା ପାଇଁ ସତେଯେମିତି ଅକ୍ଷମତା ପ୍ରକାଶ କରିଛନ୍ତି। କେବଳ କାମ ଆଉ ବିଲ୍ ମଧ୍ୟରେ ଦାୟିତ୍ୱ ସୀମିତ ରହୁଥିବାବେଳେ ଲୋକେ ପାଣି ପାଉନାହାନ୍ତି। ଉକ୍ତ ମେଗା ପ୍ରକଳ୍ପକୁ ଛାଡ଼ିଦେଲେ ପ୍ରତ୍ୟେକ ପଞ୍ଚାୟତରେ ବିକଳ୍ପ ଯୋଜନା ଆଧାରରେ ନିର୍ମାଣ ହୋଇଥିବା ଉଚ୍ଚକ୍ଷମତା ସମ୍ପନ୍ନ ପାଣି ଟାଙ୍କି ବର୍ଷ ବର୍ଷ ଧରି ଅଚଳାବସ୍ଥାରେ ପଡ଼ିରହିଛି। ଖୋଳାଯାଇଥିବା ବୋର୍‌ୱେଲ୍‌ରୁ ସେଥିରେ ପାଣି ସଂରକ୍ଷିତ କରାଯାଉ ନାହିଁ କି ଟ୍ୟାପ୍ ଯୋଗେ ଜଳ ଯୋଗାଣ ହେଉନାହିଁ। ପାଣିଟାଙ୍କି ସଦାସର୍ବଦା ଖାଲି ରହୁଛି। ନିର୍ମାଣ ହୋଇଥିବା ଟ୍ୟାପ୍ କେଉଁଠି ମାଟିରେ ମିଶିଗଲାଣି ତ ପୁଣି କେଉଁଠି ପଡ଼ିଥିବା ନିମ୍ନମାନର ପାଇପ୍ ଫାଟି ଜଳ ଯୋଗାଣ ବ୍ୟବସ୍ଥା ନଷ୍ଟ ହୋଇଗଲାଣି। ଖରାଦିନ ଆସିଲେ ରକ୍ଷଣାବେକ୍ଷଣ ନାଁରେ ଜିଲ୍ଲା ପାନୀୟ ଜଳ ଯୋଗାଣ ବିଭାଗ ଏଥିରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି କେବଳ ଠିକାଦାର ପୋଷଣ କରୁଥିବାବେଳେ ବ୍ଲକ୍‌ବାସୀ କିନ୍ତୁ ବର୍ଷ ବର୍ଷ ଧରି ପାଇପ୍ କିମ୍ବା ଟ୍ୟାପ୍ ଯୋଗେ ପାଣି ମୁନ୍ଦାଏ ପାଇପାରୁ ନାହାନ୍ତି। ପୂର୍ବ ଭଳି ଏବେ କେବଳ ନଳକୂଅ ହିଁ ଲୋକମାନଙ୍କ ସାହା ଭରସା ପାଲଟିଛି। ୨୩ଟି ପଞ୍ଚାୟତ ଅଞ୍ଚଳରେ ପାନୀୟ ଜଳ ଯୋଗାଣର ଏଭଳି କରୁଣ ଚିତ୍ର ପ୍ରତ୍ୟେକ ବର୍ଷ ଦେଖିବାକୁ ମିଳୁଥିବାବେଳେ ବ୍ୟବସ୍ଥାଗତ ପ୍ରଶାସନିକ ତ୍ରୁଟି ଯୋଗୁଁ ଜନସାଧାରଣ ସରକାରୀ ଯୋଜନାରୁ ଉପକୃତ ହେଉ ନ ଥିବା ଜଣାପଡ଼ିଛି।

**● ଘଟୁଛି ନିୟମିତ ଦୁର୍ଘଟଣା**

## ୧ କିମି ଯାଏଁ ରାସ୍ତାକଡ଼ରେ ଲାଇନ୍ ଲାଗିଛି ମାଲ୍‌ବୋଝେଇ ଟ୍ରକ୍

ଭଦ୍ରକ,୨୬।୫(ସମିସ): ରସ୍ତାକଡ଼ରୁ ବେଆଇନ ପାର୍କିଂ ଉଚ୍ଛେଦ ଲାଗି ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ପରିବହନ ବିଭାଗ ଏ ଦିଗରେ ଅଭିଯାନ ଆରମ୍ଭ କରିଛି। ଏପରିସ୍ଥଳେ ଭଦ୍ରକ ସହର ଉପକଣ୍ଠ ରାଢିଆଠାରେ ଫେକର ବେଦାନ୍ତ କମ୍ପାନୀକୁ ଆସୁଥିବା ଶହଶହ ମାଲ୍‌ବୋଝେଇ ଟ୍ରକ୍ ରାସ୍ତାକଡ଼ରେ ଲମ୍ବା ଲାଇନ୍ ଲଗାଇ ରହି ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛନ୍ତି। ସୂଚନାଯୋଗ୍ୟ, ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାଢିଆଠାରେ ବେଦାନ୍ତ ଫେକର କମ୍ପାନୀର ମୁଖ୍ୟ ଫାଟକଠାରୁ ଭଦ୍ରକ-ଆନନ୍ଦପୁର ସଂଯୋଗ କରୁଥିବା ରାଜ୍ୟ ରାଜପଥର ଦୁଇ ପାର୍ଶ୍ୱରେ ବେଦାନ୍ତ କମ୍ପାନୀକୁ ଆସୁଥିବା ମାଲ୍‌ବୋଝେଇ ଟ୍ରକ୍ ୧ କିଲୋମିଟର ପର୍ଯ୍ୟନ୍ତ ରାସ୍ତାରେ ଗାଡ଼ି ପାର୍କିଂ କରି ଛିଡ଼ା ହୋଇ ରହୁଛି। ଫଳରେ



ଦୈନିକ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି ଓ ଆଗକୁ ଦୁର୍ଘଟଣା ସମ୍ଭାବନା ବଢ଼ିବାରେ ଲାଗିଛି। ତେବେ ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ଆଞ୍ଚଳିକ ପରିବହନ ବିଭାଗ ନିରବ ନ ରହି ପ୍ରତିକାର କରିବାକୁ ଦାବି ହୋଇଛି।

**ମିଳୁନି କେନ୍ଦ୍ରୀୟ ଭତ୍ତା**

## ଧାମନଗର ବ୍ଲକ୍‌ର ୯ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ହନ୍ତସନ୍ତ

ଦୋବଲ,୨୬।୫(ସମିସ): ରାଜ୍ୟରେ ସାମାଜିକ ସୁରକ୍ଷା ଅଧୀନରେ ବିଭିନ୍ନ ପ୍ରକାରର ଭତ୍ତା ପ୍ରଦାନ କରାଯାଉଥିବା ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମିଳୁଥିବା ଭତ୍ତା ବନ୍ଦ ଯୋଗୁଁ ଧାମନଗର ବ୍ଲକ୍‌ରେ ପ୍ରବଳ ଜନଅସନ୍ତୋଷ ପ୍ରକାଶ ପାଇଛି। ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର ଓ ଆଧାର ଏନାବୁଲ୍‌ଡ ପେମେଣ୍ଟ ସିଷ୍ଟମ୍ ମାଧ୍ୟମରେ ମିଳୁଥିବା ଏହି ଭତ୍ତା ଟଙ୍କା ଗତ ଦୁଇ ମାସ ହେଲା ହିତାଧିକାରୀଙ୍କ ବ୍ୟାଙ୍କ କିମ୍ବା ପୋଷ୍ଟାଲ ଆକାଉଣ୍ଟକୁ ଆସୁନାହିଁ। ଫଳରେ ଭତ୍ତା ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିବା ବୃଦ୍ଧବୃଦ୍ଧା, ବିଧବା ଓ ଭିନ୍ନକ୍ଷମମାନେ ହଇରାଣ ହେଉଛନ୍ତି। ଏହି ଭତ୍ତା ବନ୍ଦ ହେବା କାରଣରୁ ଗ୍ରାମାଞ୍ଚଳରେ ଏକ ଅଜବ ସାମାଜିକ ସମସ୍ୟା ସୃଷ୍ଟି ହୋଇଛି। ଗୋଟିଏ ପରିବାରରେ ୨ ପ୍ରକାରର ହିତାଧିକାରୀ ରହିଥିବାବେଳେ ସ୍ୱାମୀ ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନାରେ ନଗଦ ଟଙ୍କା ପାଉଛନ୍ତି, ମାତ୍ର ସ୍ତ୍ରୀ କେନ୍ଦ୍ରୀୟ ଯୋଜନାରେ ଥାଇ ୨ମାସ ହେଲା ଟଙ୍କାଟିଏ ପାଇନାହାନ୍ତି। ଏହାକୁ ନେଇ ପରିବାର ସଦସ୍ୟଙ୍କ ମଧ୍ୟରେ ଅବିଶ୍ୱାସ ଓ ମନୋମାଳିନ୍ୟ ସୃଷ୍ଟି ହେଉଛି, ଯାହା ସାମାଜିକ ସ୍ଥିତିକୁ ବିଗାଡୁଛି। ବିଶେଷ କରି ଅସହାୟ ବୃଦ୍ଧବୃଦ୍ଧାମାନେ ଗଭୀର ମାନସିକ ଚିନ୍ତାରେ ଗତି କରୁଛନ୍ତି। ଧାମନଗର ବ୍ଲକ୍‌ରେ ମୋଟ ଦୁଇ ପ୍ରକାରର ଭତ୍ତା ବ୍ୟବସ୍ଥା ଚାଲିଛି। ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନାରେ ଏଠାରେ ୧୭ ହଜାର ୧୭୯ ଜଣ ହିତାଧିକାରୀ ଅଛନ୍ତି। ସେମାନଙ୍କୁ ପ୍ରତି ମାସ ୧୫ ତାରିଖ 'ଜନସେବା ଦିବସ'ରେ ପଞ୍ଚାୟତ କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ ଓ ୱାର୍ଡ ମେମ୍ବରଙ୍କ ଉପସ୍ଥିତିରେ ନିୟମିତ ନଗଦ ଟଙ୍କା ବଣ୍ଟନ କରାଯାଉଛି। କେବେ କେବେ ଏଥିରେ ୫-୭ ଦିନ ବିଳମ୍ବ ହେଲେ ମଧ୍ୟ ସେମାନେ ଟଙ୍କା ପାଉଛନ୍ତି। ଅପରପକ୍ଷେ, କେନ୍ଦ୍ର ସରକାରଙ୍କ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ୯,୨୮୬ ଜଣ ହିତାଧିକାରୀ ରହିଛନ୍ତି। ଯେଉଁମାନେ ସମ୍ପୂର୍ଣ୍ଣ ଭାବେ ବ୍ୟାଙ୍କ ଖାତା ଉପରେ ନିର୍ଭରଶୀଳ ଏବଂ ଏବେ ସେମାନେ ହିଁ ଦୁର୍ଦ୍ଦଶା ଭୋଗୁଛନ୍ତି।

**● ୩୦ରୁ ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ**

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ

ଭଦ୍ରକ,୨୬।୫(ସମିସ): ରାଜ୍ୟରେ ଆସନ୍ତା ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟକ୍ରମର ସୁପରିଚାଳନା ନେଇ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଲନଙ୍କ ଅଧ୍ୟକ୍ଷତାରେ ଆଭାସୀ (ଭର୍ଚୁଆଲ୍) ମାଧ୍ୟମରେ ଆୟୋଜିତ ଏହି ବୈଠକରେ ସମସ୍ତ ଜିଲ୍ଲାର ନୋଡାଲ ଅଫିସର, ଡେପୁଟି କଲେକ୍ଟର (ନିର୍ବାଚନ) ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଡିଆଇପିଆର୍‌ଓ) ମାନେ ସାମିଲ୍ ହୋଇଥିଲେ। ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ଆସନ୍ତା ଏସ୍‌ଆଇଆର୍ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ସମସ୍ତ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ତ୍ରୁଟି ସଂଶୋଧନ ଏବଂ ସ୍ଥାନାନ୍ତରଣ ପ୍ରକ୍ରିୟାକୁ କିପରି ସରଳୀକରଣ କରାଯାଇପାରିବ, ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅଭିଯାନରେ କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍ ନ ପଡ଼ନ୍ତି, ସେଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ସେ କହିଛନ୍ତି। ଭୋଟର ତାଲିକାର 'ସ୍ୱତନ୍ତ୍ର ସଘନ ସଂଶୋଧନ' ସମୟରେ ବିଏଲ୍‌ଓମାନେ ଘରକୁ ଘର ବୁଲି ସର୍ଭେ ପ୍ରକ୍ରିୟାକୁ ସ୍ୱଚ୍ଛ, ସରଳ ଓ ଗୁଜବମୁକ୍ତ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ଜିଲ୍ଲା ଅଧିକାରୀଙ୍କୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ସୋସିଆଲ ମିଡିଆରେ ଏସ୍‌ଆଇଆର୍‌କୁ ନେଇ ପ୍ରସାରିତ ହେଉଥିବା ଯେକୌଣସି ଅପପ୍ରଚାରର ତୁରନ୍ତ ମୁକାବିଲା କରିବାକୁ ଏହି ଆଭାସୀ ବୈଠକରେ ଚେତାବନୀ ଦିଆଯାଇଛି।

ଭୋଟର ତାଲିକା ପ୍ରସ୍ତୁତି ପାଇଁ ଉଦ୍ଦିଷ୍ଟ ସମସ୍ତ ଗଣନା ଫର୍ମକୁ ସ୍ଥାନୀୟ ଓଡ଼ିଆ ଭାଷାରେ ଉପଲବ୍ଧ କରାଯିବ, ଯାହାଦ୍ୱାରା ଗ୍ରାମାଞ୍ଚଳର ସାଧାରଣ ଲୋକେ ଏହାକୁ ସହଜରେ ବୁଝିପାରିବେ। ଏହା ସହିତ ଘରକୁ ଘର ବୁଲି ହେବାକୁ ଥିବା ଗଣନା କାର୍ଯ୍ୟକ୍ରମ ବିଷୟରେ ଲୋକଙ୍କୁ ସଚେତନ କରାଯିବ, ଯେପରି ସେମାନେ ନିଜ ସଠିକ୍ ତଥ୍ୟ ପ୍ରଦାନ କରିବେ। ଜନସାଧାରଣଙ୍କ ସହାୟତା ପାଇଁ ୧୯୫୦ ଟୋଲ୍ ଫ୍ରି ନିର୍ବାଚନ ହେଲ୍ପଲାଇନ ନମ୍ବରର ବ୍ୟାପକ ପ୍ରଚାର କରାଯିବ। ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରତ୍ୟେକ ଜିଲ୍ଲାରେ ନିର୍ବାଚନ ବିଭାଗ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଡେପୁଟି କଲେକ୍ଟର (ନିର୍ବାଚନ) ଓ ନୋଡାଲ ଅଫିସରମାନଙ୍କୁ ପରାମର୍ଶ ଦିଆଯାଇଛି। ଏହି ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଲନଙ୍କ ସମେତ ଡେପୁଟି ସିଇଓ ଡ. ଲକ୍ଷ୍ମୀପ୍ରସାଦ ସାହୁ ଓ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ତିହିଡ଼ି ବିଜେଡି ପକ୍ଷରୁ ନୂତନ ତହସିଲ୍‌ଦାରଙ୍କୁ ସ୍ୱାଗତ



ତିହିଡ଼ି,୨୬।୫(ସମିସ): ତିହିଡ଼ି ତହସିଲ୍‌ଦାର ଜୟଦ୍ରଥ ଆଚାର୍ଯ୍ୟଙ୍କ ବଦଳି ପରେ ଏବେ ତିହିଡ଼ି ମାଟିରେ ପାଦ ଥାପିଛନ୍ତି ନୂତନ ତହସିଲ୍‌ଦାର ସୁଭାଶିଷ୍ ସାହୁ। ତିହିଡ଼ି ତହସିଲ୍ କାର୍ଯ୍ୟାଳୟରେ ଗତ ୧୮ ତାରିଖରେ ସେ ଆନୁଷ୍ଠାନିକ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। କାର୍ଯ୍ୟାଳୟରେ ପହଞ୍ଚିବା ପରେ ତହସିଲ୍‌ର ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସ୍ୱାଗତ କରିଥିଲେ। ଏହି ଅବସରରେ ମଙ୍ଗଳବାର ତିହିଡ଼ି ବିଜୁ ଜନତା ଦଳ ପକ୍ଷରୁ ନୂତନ ତହସିଲ୍‌ଦାରଙ୍କୁ ସ୍ୱାଗତ କରିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି ବିଜେଡି ସଭାପତି ସୁରେନ୍ଦ୍ର ନାୟକ, କୀର୍ତ୍ତନ ରାଉତ, ସଂଗ୍ରାମ କେଶରୀ ଦାସ, ଗଣେଶ ନାୟକ, ଅନିରୁଦ୍ଧ ବାରିକ ପ୍ରମୁଖ। ଏହା ପୂର୍ବରୁ ସେ ବାଲେଶ୍ୱର ଜିଲ୍ଲାରେ ଦୀର୍ଘ ୩ ବର୍ଷ ଧରି ଡେପୁଟି କଲେକ୍ଟର ଭାବେ ସଫଳତାର ସହ ନିଜର ଦାୟିତ୍ୱ ତୁଲାଇଛନ୍ତି। ଜଣେ ଦକ୍ଷ ଏବଂ ଯୁବ ପ୍ରଶାସକ ଭାବେ ତାଙ୍କର ପ୍ରଶାସନିକ ଅଭିଜ୍ଞତା ଆଗାମୀ ଦିନରେ ତିହିଡ଼ି ଅଞ୍ଚଳର ରାଜସ୍ୱ ମାମଲା ଏବଂ ସ୍ଥାନୀୟ ଜନସାଧାରଣଙ୍କ ସମସ୍ୟାର ସମାଧାନ କରିବାରେ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି।

## ବସ୍‌କୁ ଧକ୍କା ଦେଲା ଟ୍ରକ୍; ୪ ଆହତ



ବାରିକପୁର,୨୬।୫(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଛତାବର ଟୋଲ୍ ଗେଟ୍ ଅନତିଦୂରରେ ଥିବା ଢାବା ନିକଟରେ ଏକ ଯାତ୍ରୀବାହୀ ବସ୍‌କୁ ଗୋଟିଏ ବାଲି ବୋଝେଇ ଟ୍ରକ୍ ଧକ୍କା ଦେଇଛି। ଫଳରେ ୪ ଜଣ ଆହତ ହୋଇଛନ୍ତି। ପ୍ରାପ୍ତ ସୂଚନା ମୁତାବକ, ଗତ ସୋମବାର ରାତି ପ୍ରାୟ ୨ଟା ସମୟରେ ସମ୍ବଲପୁରରୁ ଏକ ଯାତ୍ରୀବାହୀ ବସ୍ କୋଲକାତା ଅଭିମୁଖେ ଯାଉଥିଲା। ଢାବା ନିକଟରେ ବିଶ୍ରାମ ନେବା ପାଇଁ କିଛି ସମୟ ଯାତ୍ରୀମାନେ ରହିଥିବାବେଳେ ବେଆଇନ ବାଲି ବୋଝେଇ ଟ୍ରକ ବସ୍ ପଛପଟୁ ଧକ୍କା ଦେଇଥିଲା। ଫଳରେ ଟ୍ରକ୍ ଡ୍ରାଇଭର ସହ ୩ ଜଣ ଯାତ୍ରୀ ଆହତ ହୋଇଛନ୍ତି। ପ୍ରାୟ ସମସ୍ତ ବସ୍ ଯାତ୍ରୀ ଢାବା ଭିତରେ ଥିବା ଯୋଗୁଁ ଏକ ବଡ଼ ଦୁର୍ଘଟଣା ଟଳିଯାଇଛି। ସ୍ଥାନୀୟ ଲୋକେ ଓ ପୁଲିସ ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଛନ୍ତି। ନିଶାସକ୍ତ ଅବସ୍ଥାରେ ଟ୍ରକ୍ ଡ୍ରାଇଭର ଗାଡ଼ି ଚାଳନା କରୁଥିବା ଯୋଗୁଁ ଏଭଳି ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

## କାର୍‌ରେ ଗୋରୁ ଚାଲାଣ; ପୁଲିସର ଚଢ଼ଉ



ଧାମନଗର,୨୬।୫(ସମିସ): ଧାମନଗର ପୁଲିସ ତରଫରୁ ଏନ୍‌ଏସି ଅଞ୍ଚଳରେ ଗୋରୁ ଚାଲାଣ ଅଭିଯୋଗରେ ଏକ ଜାଇଲୋ ଗାଡ଼ି ଉପରେ ଚଢ଼ଉ କରାଯାଇ ଗାଡ଼ି ଜବତ ସହ ଗୋଟିଏ ଗୋରୁକୁ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରୁ ଗାଡ଼ି ଚାଳକ ଫେରାର୍ ହୋଇଯାଇଥିବା ବେଳେ ପୁଲିସ ତାହାର ତଦନ୍ତ ଜାରି ରଖିଛି। ପୁଲିସ ସୂଚନା ଅନୁଯାୟୀ, ଦୋବଲ ପଟରୁ ଧାମନଗର ଅଭିମୁଖେ ଏକ ଜାଇଲୋ ଗାଡ଼ିରେ ଅବୈଧ ଭାବେ ଗୋରୁ ଚାଲାଣ ହେଉଥିବା ନେଇ ପୁଲିସକୁ ଖବର ମିଳିଥିଲା। ଖବର ପାଇ ପୁଲିସ ତୁରନ୍ତ ଚଢ଼ଉ କରିଥିଲା। ପୁଲିସକୁ ଦେଖି ଗାଡ଼ି ଚାଳକ ଥାନା ନିକଟ ମୁଲଣା ସାହି ଗ୍ରାମ ଭିତରକୁ ଗାଡ଼ି ନେଇ ପଳାଇବାକୁ ଉଦ୍ୟମ କରିଥିଲା। ତେବେ ପୁଲିସ ପିଛା କରିବାରୁ ସେବାଶ୍ରମ ନିକଟରେ ଚାଳକ ଗାଡ଼ି ଛାଡ଼ି ଫେରାର୍ ହୋଇଯାଇଥିଲା। ପରେ ପୁଲିସ ଗାଡ଼ି ଯାଞ୍ଚ କରିବାବେଳେ ଭିତରୁ ଗୋଟିଏ ଗୋରୁ ଉଦ୍ଧାର କରିଥିଲା। ଗାଡ଼ିକୁ ଜବତ କରାଯାଇ ଥାନାକୁ ଅଣାଯିବା ସହ ଫେରାର୍ ଚାଳକର ସନ୍ଧାନରେ ପୁଲିସ ତଦନ୍ତ ଚାଲୁ ରଖିଛି। ତେବେ ଧାମନଗର ଥାନା କେସ୍ ନଂ ୨୩୦/୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ସୁବ୍ରଜିତ ଦାଶଙ୍କଠାରୁ ସୂଚନା ମିଳିଛି।

## ଭତ୍ତା ଟଙ୍କାକୁ କେନ୍ଦ୍ର କରି ବାପା-ଭାଇଙ୍କ ମାଡ଼ରେ ଝିଅ ଗୁରୁତର

ଦୋବଲ,୨୬।୫(ସମିସ): ଦୋବଲ ନିକଟସ୍ଥ ଆନନ୍ଦପୁର ପଞ୍ଚାୟତ ଅଧୀନ ପାହାଡ଼ପୁର ଗ୍ରାମରେ ଭତ୍ତା ଟଙ୍କାକୁ କେନ୍ଦ୍ର କରି ଝିଅ ଗୌରମଣୀ ସେଠୀଙ୍କୁ ତାଙ୍କ ବାପା ନୀଳମଣି ସେଠୀ ଓ ଭାଇ ଅର୍ଜୁନ ସେଠୀ ମିଶି ମାଡ଼ମାରି ଗୁରୁତର କରିଥିବା ନେଇ ଧାମନଗର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଗୌରମଣୀ ସେଠୀ ସୋମବାର ପଞ୍ଚାୟତ କାର୍ଯ୍ୟାଳୟରୁ ଭତ୍ତା ଟଙ୍କା ନେଇ ଘରକୁ ଫେରୁଥିବାବେଳେ ପରିବାର ମଧ୍ୟରେ କୌଣସି କଥା କଟାକାଟି ହୋଇଥିଲା। ପରେ ବାପା ନୀଳମଣି ସେଠୀ ଓ ଭାଇ ଅର୍ଜୁନ ସେଠୀ ଉତ୍ତେଜିତ ହୋଇ ତାଙ୍କୁ ମାଡ଼ ମାରିଥିବା



ଅଭିଯୋଗ ହୋଇଛି। ଏଥିରେ ଗୌରମଣୀଙ୍କ ହାତ ଭାଙ୍ଗିଯାଇଥିବା ସହ ସେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଏହାସହ ଗୌରମଣୀଙ୍କ ଭତ୍ତା ଟଙ୍କା ଓ ବହିକୁ ମଧ୍ୟ ଚିରି ଦେଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଏହା ସହ ବୃଦ୍ଧା ମାଆକୁ ମାଡ଼ ମାରିଥିବା ଅଭିଯୋଗରେ ଦର୍ଶାଯାଇଛି। ପରେ ତାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଚିକିତ୍ସାଳୟକୁ ନେଇଥିବା ସୂଚନା ମିଳିଛି। ଏନେଇ ଧାମନଗର ଥାନାରେ ଅଭିଯୋଗ ହୋଇଛି।

## କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଧୂଷୁରୀ,୨୬।୫(ସମିସ): ଧାମନଗର ବ୍ଲକ୍ ପାଳସାହି ପଞ୍ଚାୟତର ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିକଟରେ ଥିବା "ବାବାମଣି କୋଚିଂ ସେଣ୍ଟର'ରେ +୨ କଳାରେ ଅଧ୍ୟୟନ କରୁଥିବା ୪୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୩ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି କୃତୀ ଛାତ୍ରଛାତ୍ରୀଙ୍କୁ ସୋମବାର ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଅନୁଷ୍ଠାନର ପ୍ରତିଷ୍ଠାତା ବିଜୟ କୁମାର ପରିଡ଼ା ଅଧ୍ୟକ୍ଷତା କରିଥିଲେ। ସାମ୍ବାଦିକ ଦୀପ୍ତି ରଞ୍ଜନ ନାୟକ, ଅନୁଷ୍ଠାନର ନିର୍ଦ୍ଦେଶକ ଦୁଃଶାସନ ସାହୁ, ଶିକ୍ଷକ ନିର୍ମଳ ପହି, ପ୍ରଶାନ୍ତ ନାୟକ, ପୂର୍ଣ୍ଣଚନ୍ଦ୍ର ପତି, ପ୍ରିୟଦର୍ଶନୀ ନାୟକ ପ୍ରମୁଖ ଛାତ୍ରଛାତ୍ରୀଙ୍କ ଏପରି ସଫଳତାରେ ଖୁସିବ୍ୟକ୍ତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଛାତ୍ରୀ ମୋନାଲିସା ମଲ୍ଲିକ ୫୪୫, କାବେରୀ ବାରିକ ୫୩୮ ଓ ଝୁନୁଲତା ପରିଡ଼ା ୫୨୧ ନମ୍ବର ରଖି କୋଚିଂ ସେଣ୍ଟରର ନାଁ ବଢ଼େଇଥିବାରୁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

## ନିର୍ବାଚନମଣ୍ଡଳୀ ଠିକାଦାର ସଂଘ ବୈଠକ

ବାରିକପୁର,୨୬।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଆଖୁଆପଦା ଜଳସମ୍ପଦ ବିଭାଗ ଡାକବଙ୍ଗଳାଠାରେ ନିର୍ବାଚନମଣ୍ଡଳୀ ସ୍ତରୀୟ ଠିକାଦାର ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଦ୍ୱିତୀୟ ବୈଠକରେ ବରିଷ୍ଠ ସଦସ୍ୟ ତଥା ଓଡ଼ିଶା ଠିକାଦାର ସଂଘ ଉପସଭାପତି ସଞ୍ଜୀବ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ସରକାରଙ୍କ ସ୍ଥିରୀକୃତ ମୂଲ୍ୟଠାରୁ କେହି ଠିକାଦାର କମ୍ କରି ଟେଣ୍ଡର ପକାଇବେ ନାହିଁ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା। ଉନ୍ନୟନମୂଳକ କାର୍ଯ୍ୟ ପରିଚାଳନା କରୁଥିବା ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳସମ୍ପଦ, ଗ୍ରାମ୍ୟ ଜଳଯୋଗାଣ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ଡ୍ରେନେଜ୍ ପ୍ରମୁଖ ବିଭାଗଗୁଡ଼ିକ ସରକାରୀ ନୀତିନିୟମ ଅନୁଯାୟୀ



ଯେଉଁ ଟେଣ୍ଡର ଡାକୁଛନ୍ତି ସେଥିରେ ସିଡ୍ୟୁଲ୍ ମୂଲ୍ୟଠାରୁ ଠିକାଦାର କମ୍‌ରେ ଟେଣ୍ଡର ପକାଇବେ ନାହିଁ ବୋଲି ପରାମର୍ଶ ଦିଆଯାଇଛି। ଏହାଛଡ଼ା ଅନୁସୂଚିତ ଜାତି ଓ ଜନଜାତି ଠିକାଦାରମାନେ ଟେଣ୍ଡର ପ୍ରକ୍ରିୟାରେ ପାରଦର୍ଶିତା ଘୋଷଣାନାମା ନ ଦେବାକୁ ସଂଘ ନିଷ୍ପତ୍ତି ନେଇଛି। ଜନହିତକାରୀ କାର୍ଯ୍ୟର ସଠିକ୍ ମାନ ରକ୍ଷା ପାଇଁ ଏଭଳି ନିଷ୍ପତ୍ତି ହୋଇଥିବା ଠିକାଦାର ସଂଘ ପକ୍ଷରୁ କୁହାଯାଇଛି। ଆୟୋଜିତ ବୈଠକରେ ବ୍ଲକ୍ ସଭାପତି ଲଳିତ ରାଉତ, ସମ୍ପାଦକ ଗିରିଶ ଚନ୍ଦ୍ର ସାମଲ, ବିଷ୍ଣୁମୋହନ ପଣ୍ଡା, ସୁବାସ ଚନ୍ଦ୍ର ଜେନା, ମଦନମୋହନ ଭାରତୀ, ନରନାରାୟଣ ପରିଡ଼ା, ସତ୍ୟବ୍ରତ ପତି, ଜ୍ୟୋତିରଞ୍ଜନ ପତି, ମିଳନ ଜେନା, ବସନ୍ତ ବେହେରା, ଶିବବ୍ରତ ରାଉତ, ଉଦୟ ନାରାୟଣ ଜେନା, ଦୀପକ ଦାସ, ପର୍ଶୁରାମ ପଣ୍ଡା ପ୍ରମୁଖ ୧୦୦ରୁ ଅଧିକ ଠିକାଦାର ଯୋଗଦେଇଥିଲେ।

**ଜବରଦଖଲରେ ଧୂଷୁରୀ ମୁଖ୍ୟ ରାସ୍ତା**

## ସଞ୍ଜ ହେଲେ ଯାତାୟାତ ଠପ୍

ଅସୁରାଳି,୨୬।୫(ସମିସ): ଧାମନଗର ବ୍ଲକ୍‌ର ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ଧୂଷୁରୀ ବଜାରରେ ଏବେ ଟ୍ରାଫିକ୍ ସମସ୍ୟା ଚରମ ସୀମାରେ ପହଞ୍ଚିଛି। ଭଦ୍ରକ-ଆଖଣ୍ଡଳମଣି ମୁଖ୍ୟ ରାସ୍ତା ଉପରେ ଦିନକୁ ଦିନ ବଢୁଥିବା ଅବରୋଧ ଓ ଜନଗହଳି ଯୋଗୁଁ ସାଧାରଣ ଯାତ୍ରୀଙ୍କଠାରୁ ଆରମ୍ଭ କରି ରୋଗୀ ଓ ଛାତ୍ରଛାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧୂଷୁରୀ ନିକଟବର୍ତ୍ତୀ ପ୍ରାୟ ୨୦ଟି ଗ୍ରାମ ସମେତ ତିହିଡ଼ି ଓ ଯାଜପୁର ସୀମାନ୍ତ ଅଞ୍ଚଳର ହଜାର ହଜାର ଲୋକ ଏହି ବଜାର ଉପରେ ନିର୍ଭରଶୀଳ। ମାତ୍ର ପରିବା ହାଟ ପାଇଁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ନ ଥିବାରୁ ବ୍ୟବସାୟୀମାନେ ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱକୁ ମାଡ଼ି ବସୁଛନ୍ତି। କିଛି ବ୍ୟବସାୟୀ ସରକାରୀ ଜମିକୁ ଜବରଦଖଲ କରି ସ୍ଥାୟୀ ଦୋକାନ ଘର କରିଥିବାବେଳେ ଉଠା ଦୋକାନୀମାନେ ରାସ୍ତା ଉପରେ ପସରା ମେଲାଇବା ଫଳରେ ଯାତାୟାତ ପାଇଁ ସ୍ଥାନ ରହୁ ନାହିଁ। ରାସ୍ତାର ଦୁଇ ପାର୍ଶ୍ୱରେ ସାଇକଲ, ବାଇକ୍ ରହୁଥିବାରୁ ଭିଡ଼କୁ ଦ୍ୱିଗୁଣିତ କରୁଛି। ଟ୍ରାଫିକ୍ ସମସ୍ୟା ଏଭଳି ଜଟିଳ ହୋଇଛି ଯେ, ହରଡ଼ଘାଇ ପୋଲ ପାଖରୁ ବସ୍‌ଷ୍ଟାଣ୍ଡ, ସେଠାରୁ ହାଇସ୍କୁଲ ଛକ ଏବଂ ଧୂଷୁରୀ ବଜାର ମୁଖ୍ୟ ଛକରୁ ଥାନା ପର୍ଯ୍ୟନ୍ତ ରାସ୍ତା ଅତିକ୍ରମ କରିବାକୁ ଗାଡ଼ିଗୁଡ଼ିକୁ ୨୦ରୁ ୩୦ ମିନିଟ୍ ସମୟ ଲାଗୁଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଛୋଟବଡ଼ ଦୁର୍ଘଟଣା ନିତିଦିନିଆ ଘଟଣା ପାଲଟିଛି।

ଧୂଷୁରୀ ମୁଖ୍ୟ ଛକରେ ସ୍ୱତନ୍ତ୍ର ଟ୍ରାଫିକ୍ ବ୍ୟବସ୍ଥା ନ ଥିବାରୁ ପ୍ରତ୍ୟେକ ଦିନ ରାସ୍ତା ପାର୍ ସମୟରେ ଦୁର୍ଘଟଣା ଘଟୁଛି। ପୁଲିସ ଓ ସ୍ଥାନୀୟ ପ୍ରଶାସନ ସବୁ ଦେଖୁଥିଲେ ମଧ୍ୟ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଧୂଷୁରୀକୁ ବ୍ଲକ୍ ମାନ୍ୟତା ଦେବା ପାଇଁ ଦାବି ହେଉଥିବାବେଳେ ଏହି ମୌଳିକ ସମସ୍ୟାର ସମାଧାନ ନ ହେବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏହାରି ଭିତରେ ସରକାର ଧୂଷୁରୀକୁ ଏନ୍‌ଏସି ମାନ୍ୟତା ଦେଇଛନ୍ତି। ଯାହାଫଳରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଧୂଷୁରୀରେ ହୋଇପାରିବ। ଧୂଷୁରୀର ସମସ୍ୟା ବିଷୟରେ ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତିଙ୍କୁ ପଚାରିବାରୁ ସେ କହିଛନ୍ତି, ବାସନ୍ତୀ ପଡ଼ିଆ ନିକଟରେ ଆର୍‌ଏମ୍‌ସି ଦ୍ୱାରା ହାଟ ପିଣ୍ଡି କାର୍ଯ୍ୟ ଚାଲିଛି। ବର୍ଷାଦିନ ପୂର୍ବରୁ ପରିବା ହାଟ ଉକ୍ତ ସ୍ଥାନକୁ



ସ୍ଥାନାନ୍ତରିତ ହେବ ଏବଂ ପରିବା ହାଟ ପାଇଁ ବଜାରରେ ଯେଉଁ ଟ୍ରାଫିକ୍ ସମସ୍ୟା ଉପୁଜିଛି ତାହା ସମାଧାନ ହେବ। ସେହିପରି ଧୂଷୁରୀ ଅଞ୍ଚଳର ବରିଷ୍ଠ ସମାଜସେବୀ ଚତୁର୍ଭୁଜ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଖୁବ୍‌ଶୀଘ୍ର ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଧୂଷୁରୀ ବଜାରରେ ଏକ ସ୍ଥାୟୀ ବସ୍‌ଷ୍ଟାଣ୍ଡ ହେବ। ବସ୍‌ଷ୍ଟାଣ୍ଡ ନ ଥିବାରୁ ରାସ୍ତା ଉପରେ ବସ୍ ଛିଡ଼ା ହେଉଥିବାରୁ ଭିଡ଼ ହେଉଛି। ତେଣୁ ବସ୍‌ଷ୍ଟାଣ୍ଡ ଅନ୍ୟତ୍ର ହେଲେ ରାସ୍ତାର ଟ୍ରାଫିକ୍ ସମସ୍ୟା ନିୟନ୍ତ୍ରଣ ହେବା ସହିତ ଧୂଷୁରୀ ବଜାରର ସମସ୍ତ ସମସ୍ୟା ସମାଧାନ ହେବ।

## ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତୀକରଣ ଶିବିର



ଭଦ୍ରକ,୨୬।୫(ସମିସ): ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତୀକରଣ ଶିବିର ତଥା ସାଇବର ସଚେତନତା ବିଷୟରେ ଏରେଇଁ ଗ୍ରାମ ପଞ୍ଚାୟତର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅତିଥିଭାବେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମୋନାଲିସା ପଣ୍ଡା, ସାଇବର ସେଲ ଅଧ୍ୟକ୍ଷ ଦୟାନିଧି ଦାସ, ଭଦ୍ରକ ଜିଲ୍ଲା ଏଫ୍‌ଏଲ୍‌ସି ଅଶ୍ୱିନୀ କୁମାର ନାୟକ, ଲିଡ୍ ବ୍ୟାଙ୍କ୍ ସିଏଫ୍‌ଏଲ୍, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଅଧିକାରୀ ମନୋଜ କୁମାର ଦାସ, ସିଡିପିଓ, ଭଦ୍ରକ ଓ ଏରେଇ ପଞ୍ଚାୟତର ସରପଞ୍ଚ ଯୋଗଦେଇଥିଲେ। ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସଭା ପରିଚାଳନା କରିଥିଲେ ଓ ପିଲାମାନଙ୍କୁ ସଞ୍ଚୟର ମହତ୍ତ୍ୱ ଜଣାଇବା ସହ ଆର୍ଥିକ ସାକ୍ଷରତା ମାଧ୍ୟମରେ ସମାଜ ଗଢ଼ିବା ପାଇଁ ଅନୁପ୍ରାଣିତ କରିଥିଲେ। ସାଇବର ସେଲ ଅଧ୍ୟକ୍ଷ ସଭାରେ ଯୋଗଦେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଅଙ୍ଗନବାଡ଼ି କର୍ମୀ ଓ ବରିଷ୍ଠ ନାଗରିକମାନଙ୍କୁ ସାଇବର ଅପରାଧୀମାନଙ୍କ ଶିକାରରୁ ବଞ୍ଚିବାର ଉପାୟ ବୁଝାଇଥିଲେ। ଏଫ୍‌ଏଲ୍‌ସି ଓ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍ ମ୍ୟାନେଜର ବ୍ୟାଙ୍କରେ ଉପଲବ୍ଧ ଥିବା ସମସ୍ତ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲା ଡାକ ବିଭାଗର ଅଧିକାରୀ ଡାକଘରେ ଉପଲବ୍ଧ ସମସ୍ତ ସଞ୍ଚୟ ଯୋଜନାଗୁଡ଼ିକ ସମ୍ବନ୍ଧରେ ଜଣାଇଥିଲେ। ସଭାରେ ଯୋଗଦେଇଥିବା ବ୍ୟକ୍ତିମାନଙ୍କୁ ସଞ୍ଚୟ ପାଇଁ ଅନୁପ୍ରାଣିତ କରିଥିଲେ ଓ ଚିଟ୍‌ଫଣ୍ଡ ଠକେଇର ଶିକାର ନ ହେବାକୁ ପରାମର୍ଶ ଦେଇଥିଲେ।